୫୬

# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ନଭେମ୍ବର ୨୭/୨୦୧୯ (୨୦ ପୃଷ୍ଠା+ ସାହିତ୍ୟାୟନ) Sambalpur, Wednesday, November 27 / 2019 ★★

୧୫ଶ ଭାଗ ୩୩୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



**କପିଳ ଦେବ ସ୍ୱତନ୍ତ୍ର ଅତିଥି**

ବାରବାଟୀ ଷ୍ଟାଡିୟମରେ ହେବାକୁଥିବା ଭାରତ-ୱେଷ୍ଟଇଣ୍ଡିଜ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚରେ କିମ୍ବଦନ୍ତୀ ଖେଳାଳି କପିଳ ଦେବ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେବେ। ୧୮

୧୦ **ପୁଣି ହାର୍ଦ୍ଦିକ୍-ଉର୍ବଶୀ ଲିଙ୍କଅପ୍**

ବଲିଉଡ୍ ନାୟିକା ଉର୍ବଶୀ ରୌଟେଲା ନିଜର ଏକ ଫଟୋ ଅଫିସିଆଲ୍ ଇନ୍ଷ୍ଟାଗ୍ରାମରେ ଶେୟାର କରିଥିଲେ। ହାର୍ଦ୍ଦିକଙ୍କ ପୋଜ୍ ଭଳି ଏହା ହୋଇଥିବାରୁ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।



# ଖେଳ ଆରମ୍ଭ ହେଲା

ସବୁ ଭାବୁଥିଲେ ଯେ, ମୋଦି-ଶାହ ମେଣ୍ଟ ଏ ଦେଶରେ ସବୁଠାରୁ ଚତୁର ଏବଂ ଦକ୍ଷ। କୁହାଯାଉଥିଲା ଯେ ଅସମ୍ଭବକୁ ସମ୍ଭବ କରିପାରୁଛନ୍ତି ଅମିତ୍ ଶାହ, କାରଣ ହାରିଯିବା ପରେ ମଧ୍ୟ ଗୋଆ, କର୍ନାଟକ ଆଦି ରାଜ୍ୟରେ କିଣାବିକା କରି ସରକାର ଗଠନ କରିବାରେ କରିତ୍‌କର୍ମା ଭାବେ ଦେଖାଯାଉଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ଉତ୍ତରପ୍ରଦେଶର ଦାୟିତ୍ୱ ବହନ କରିଥିବା ଅମିତ୍ ଶାହଙ୍କ ଉପରେ ଅନେକ ବହି ମଧ୍ୟ ଲେଖାଯାଇଥିଲା। କିଛିଲୋକ ଅତି ବେଶି ଆଗୁଆ ହୋଇ ତାଙ୍କୁ ଆଧୁନିକ ଚାଣକ୍ୟ ଆଖ୍ୟା ଦେଇଥିଲେ। କିନ୍ତୁ ମହାରାଷ୍ଟ୍ର ରାଜନୀତିରେ ଫଡ୍‌ନବିସଙ୍କ ସମେତ ଉଭୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ ବାସ୍ତବ ଦକ୍ଷତାର ପ୍ରମାଣ ମିଳିଗଲା। କ୍ଷମତାର ଅପବ୍ୟବହାର କରି ଜୋରଜବରଦସ୍ତ କରାଇ ନେବାର ଆଭିମୁଖ୍ୟ ଭାରତ ଭଳି ଏକ ଗଣତାନ୍ତ୍ରିକ ଦେଶରେ ସର୍ବଦା ସଫଳ ହୁଏ ନାହିଁ। ଇନ୍ଦିରା ଗାନ୍ଧୀଙ୍କ ରାଜନୀତିକୁ କଠୋର ଭାଷାରେ ସମାଲୋଚନା କରିଆସୁଥିବା ଭାଜପା ଏବେ ସେହି ନୀତି ଆପଣାଇ ଭାରତର ସମଗ୍ର ରାଜନୈତିକ ଖେଳପଡିଆକୁ ମାଡିବସିବାର ଚେଷ୍ଟା ଏକ ବିରାଟ ବିଫଳତାର ସମ୍ମୁଖୀନ ହୋଇଛି। ଏବେ ଶିବସେନା-ଏନ୍‌ସିପି-କଂଗ୍ରେସ ମେଣ୍ଟ ବା ମହାବିକାଶ ଅଘାଡି ମେଣ୍ଟର ଯଦି ସରକାର ହୁଏ, ତେବେ ତାହା କେତେଦିନ ତିଷ୍ଠିବ କହିବା ଅତ୍ୟନ୍ତ କଷ୍ଟକର। ସମ୍ଭବତଃ ୬ ମାସରୁ ବର୍ଷକ ମଧ୍ୟରେ ସେହି ମେଣ୍ଟ ଭାଙ୍ଗିଯାଇପାରେ। ଅନ୍ୟପଟେ ଶରଦ ପାୱାରଙ୍କ ଖେଳ ଦେଖି ମନେହେଉଛି ଯେ, ଏହି ମେଣ୍ଟ ସମ୍ପୂର୍ଣ୍ଣ ୫ ବର୍ଷ ପୂରଣ କରିବାର ଶକ୍ତି ରଖିଥାଇପାରେ। ସେ ବିଷୟରେ ଏବେ କହିବା ଅସମ୍ଭବ। କିନ୍ତୁ ଗୋଟିଏ କଥା ପ୍ରମାଣିତ ହେଉଛି ଯେ, ସମ୍ପୂର୍ଣ୍ଣ ଖେଳ ପାୱାର ପରିବାରର 'ପାୱାର୍‌ପ୍ଲେ'ରେ ହୋଇଗଲା। ଏହା ବିଶେଷ ଭାବରେ କୌତୂହଳ ସୃଷ୍ଟିକରୁଛି, କାରଣ ଦେବେନ୍ଦ୍ର ଫଡ୍‌ନବିସ ତାଙ୍କ ନିଜର ଶକ୍ତି ଜାଣିପାରିବା ପୂର୍ବରୁ ତାଙ୍କ ଦ୍ୱାରା ନିଯୁକ୍ତ ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାର ନିଜର ଇସ୍ତଫା ୨୬ ନଭେମ୍ବରରେ ପ୍ରଦାନ କରିଦେଲେ। ପରିସ୍ଥିତି ଏଭଳି ହେଲା ଯେ, ଦୁଇଦିନ ପୂର୍ବରୁ ଶପଥ ନେଇଥିବା ଫଡ୍‌ନବିସ ପଛରେ ପଡିଗଲେ ଏବଂ ଅଜିତ୍‌ଙ୍କ ଇସ୍ତଫା ପରେ ନିଜେ ଇସ୍ତଫା ଦେଲେ। ଏହା ସ୍ପଷ୍ଟ ପ୍ରମାଣ କରିଦେଲା ଯେ, ଭାଜପା ତା'ର ବୁଦ୍ଧି ହରାଇବସିଛି।

**ତଥାଗତ ସତପଥୀ**

ପାୱାର ପରିବାରର ନାଟକରେ ଅଜିତ୍‌ଙ୍କ ସ୍ପଷ୍ଟ ଲାଭ ହେଲା। ଜଳସେଚନ ମନ୍ତ୍ରୀ ଥିବାବେଳେ ୭୦ ହଜାର କୋଟି ଟଙ୍କାର ଦୁର୍ନୀତି ସହ ସମ୍ପୃକ୍ତ ଥିବା ଅଜିତ୍ ନିଜ ବିରୋଧରେ ଥିବା ୯ଟି ମାମଲାରୁ ତତ୍‌କ୍ଷଣାତ୍ ମୁକ୍ତି ପାଇଗଲେ। ଅନ୍ୟପଟେ ସେହି ନାଟକର ମଧ୍ୟାନ୍ତରରେ ଶରଦ ପାୱାରଙ୍କ ସହଧର୍ମିଣୀ ପ୍ରତିଭା ପାୱାର ଆଗେଇ ଆସିଲେ ଅଜିତ୍‌ଙ୍କୁ ପୁନର୍ବାର ପରିବାର ଭିତରକୁ ଡାକିନେବାକୁ। ଭାଜପା କେବଳ ଯେ ବଦନାମ ହେଲା ତା' ନୁହେଁ, ବୁଦ୍ଧିର ଅଭାବ ସହିତ ଅତ୍ୟଧିକ କ୍ଷମତାଲୋଭ ତାହାକୁ ସାଧାରଣରେ ନିନ୍ଦିତ କଲା। ଅଜିତ୍‌ଙ୍କ ବିରୋଧରେ ସଙ୍ଗିନ ମାମଲା ପ୍ରତ୍ୟାହୃତ କରି ଭାଜପା ତା'ର ନୈତିକତା ସମ୍ପର୍କରେ ଦେଇ ଆସୁଥିବା ସବୁ ଭାଷଣକୁ ମିଥ୍ୟା ପ୍ରମାଣିତ କଲା। ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ସଂଖ୍ୟା ଜଣାପଡିଥିବା ସତ୍ତ୍ୱେ ଅର୍ଥଲୋଭ ଦେଖାଇ ବିଧାୟକ ଆଣିବାର ବିଫଳ ପ୍ରଚେଷ୍ଟା ଭାଜପାର କଳାଧନବିରୋଧୀ ଆଭିମୁଖ୍ୟକୁ ଅସତ୍ୟ ପ୍ରମାଣିତ କରିଛି। ମୋଟାମୋଟି ଦେଖିଲେ ଏହି ନାଟକରେ ସବୁଠାରୁ ଲାଭ ହେଲା ଅଜିତ୍ ଓ ପାୱାର ପରିବାରର । ମହାରାଷ୍ଟ୍ରରେ ସରକାର ଯଦି ଗଢି ତାହାକୁ କିଛିବର୍ଷ ପାଇଁ ରଖିପାରିଲେ ସମ୍ପୃକ୍ତ ୩ ଅଣ-ଭାଜପା ଦଳର ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଲକ୍ଷ୍ମୀଭଣ୍ଡାରର ଅଭାବ ରହିବ ନାହିଁ। ଏହି ଭଣ୍ଡାର ପାଇଁ ବ୍ୟାକୁଳତା ପଦାରେ ପକାଇଦେଇଥିବା ଭାଜପା ଅନେକ ପରିମାଣରେ କ୍ଷତି ସହିବ।

ସବୁଠାରୁ ବୃହତ୍ ଓ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଏହି ନାଟକରେ ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହିବାର ୨ଟି ସାମ୍ବିଧାନିକ ପଦବୀର ମର୍ଯ୍ୟାଦା ଧୂଳିସାତ୍ ହୋଇଯାଇଛି। ଦେଶର ରାଷ୍ଟ୍ରପତି ହେଉଛନ୍ତି ସମ୍ବିଧାନର ମୁଖ୍ୟ ରକ୍ଷକ। ସେହି ବହି ବଳରେ ବଳୀୟାନ୍ ଦେଶର ରାଷ୍ଟ୍ରପତି ଓ ରାଜ୍ୟର ରାଜ୍ୟପାଳ ଉଭୟେ ଖୋଲାଖୋଲି ପକ୍ଷପାତିତା କରିଥିବାରୁ ଏକ ବିରାଟକାୟ ସାମ୍ବିଧାନିକ ଝଡ଼ ସୃଷ୍ଟି ହୋଇଛି। କରଦାତାଙ୍କ ଅର୍ଥରୁ ବଡ଼ ଆଡ଼ମ୍ବରରେ ରହି ପ୍ରବଳ ମାତ୍ରାରେ ଦରମା ନେଉଥିବା ଏହି ପଦବୀର ଏବକାର ଅଧିକାରୀ କୋବିନ୍ଦ ଓ କୋଶିୟାରୀ ରାତିଅଧିଆ ରାଷ୍ଟ୍ରପତି ଶାସନ ଜାରି, ବଡିଭୋରରୁ ପ୍ରତ୍ୟାହାର ଏବଂ ସକାଳ ୮ଟାରେ ରାଜ୍ୟପାଳଙ୍କ ଦ୍ୱାରା ଶପଥ ଦିଆଇବା ଭାରତୀୟ ସମ୍ବିଧାନ ସମ୍ପର୍କରେ କେତେକ ମୌଳିକ ପ୍ରଶ୍ନ ସୃଷ୍ଟି କରୁଛି। ଇନ୍ଦିରା ଗାନ୍ଧୀ ଅବିକଳ ଏହିଭଳି କାର୍ଯ୍ୟ କରୁଥିଲେ ବୋଲି ଏବେ ଭାଜପା ସମାଲୋଚନା କରୁଛି। କିନ୍ତୁ ନିଜେ ବିନା କ୍ୟାବିନେଟ ବୈଠକରେ ଜଣିକିଆ ନିଷ୍ପତ୍ତିକୁ ରାଷ୍ଟ୍ରପତି ମାନିନେଇ ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଜାରି ଓ ତାହାକୁ ପ୍ରତ୍ୟାହାର କରିବା ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କଲା। କୌଣସି ସାମ୍ବିଧାନିକ ପରାମର୍ଶ ଲୋଡିବାକୁ ତାଙ୍କର ମନେ ପଡ଼ିଲା ନାହିଁ। ଏଠାରେ ତାଙ୍କର ଯୋଗ୍ୟତା ସମ୍ପର୍କରେ ପ୍ରଶ୍ନ ଉଠିପାରେ। ଅନୁରୂପଭାବେ କୋଶିୟାରୀଙ୍କ ଶପଥ ଦିଆଇବା ପୂର୍ବରୁ ବିଧାୟକଙ୍କ ସଂଖ୍ୟା ଗଣତି କରିବା ବିଷୟ ମନେ ପଡିଲା ନାହିଁ। ହୁଏତ ବୟସର ପ୍ରଭାବରେ ଏ ଦୁହେଁ ସ୍ମୃତିଶକ୍ତି ସମ୍ପୂର୍ଣ୍ଣ ଭାବେ ହରାଇ ବସିଛନ୍ତି।

ଏଭଳି ସ୍ଥଳେ ଆମେରିକା ଭଳି ଦେଶରେ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଇମ୍ପିଚ୍‌ମେଣ୍ଟ ବା ମହାଭିଯୋଗ ନିଶ୍ଚିତ ଆରମ୍ଭ ହୋଇଯାଇ ଥାଆନ୍ତା। ଏକ ଉଡ଼ା ଖବର ଯୋଗୁ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ବିରୋଧରେ ମହାଭିଯୋଗ ଅଣାଯାଇଛି। ତେବେ ଭାରତରେ ୫ ବର୍ଷ ପାଇଁ ରାଜନୈତିକ କ୍ଷମତା ହାସଲ କରିପାରିଥିବା ବ୍ୟକ୍ତିଙ୍କର ନୈତିକତାକୁ ସେହି ସମୟ ଭିତରେ ପ୍ରଶ୍ନ କରିହୁଏ ନାହିଁ।

## ■ ମହାରାଷ୍ଟ୍ରରେ ଭାଜପା ଖେଳ ଶେଷ

# ପରାଜୟ ପୂର୍ବରୁ ପଳାୟନ

**ବାଟ ବତାଇଲେ ସୁପ୍ରିମକୋର୍ଟ**

- ଆଜି ସନ୍ଧ୍ୟା ୫ଟା ସୁଦ୍ଧା ଆସ୍ଥାଭୋଟ ନିର୍ଦ୍ଦେଶ ଦେଇଥିଲେ ସର୍ବୋଚ୍ଚ ଅଦାଲତ
- ଅଜିତ ପାୱାରଙ୍କ ପରେ ଦେବେନ୍ଦ୍ର ଫଡ୍‌ନବିସଙ୍କ ଇସ୍ତଫା
- ମୁଖ୍ୟମନ୍ତ୍ରୀ ହେବେ ଉଦ୍ଧବ ଠାକ୍‌ରେ
- ନଭେମ୍ବର ୨୮ରେ ଶିବାଜୀ ପାର୍କରେ ଶପଥଗ୍ରହଣ
- ଏନ୍‌ସିପିରୁ ଜୟନ୍ତ, କଂଗ୍ରେସରୁ ବାଲାସାହେବ ଉପମୁଖ୍ୟମନ୍ତ୍ରୀ
- ଭାଜପାର କାଳିଦାସ କୋଲମ୍ବକର ପ୍ରୋଟେମ୍ ସ୍ପିକର ନିଯୁକ୍ତ

**୭୯ ଘଣ୍ଟାର କ୍ଷମତା**

୨୩.୧୧.୨୦୧୯



ଶପଥ

୨୬.୧୧.୨୦୧୯



ଇସ୍ତଫା

ନୂଆଦିଲ୍ଲୀ/ମୁମ୍ବାଇ,୨୬।୧୧

ମହାରାଷ୍ଟ୍ରରେ କ୍ଷମତା ଦଖଲ ପାଇଁ ଚାଲିଥିବା ଭାଜପାର ସଂଖ୍ୟାଖେଳ ଶେଷ ହୋଇଯାଇଛି। ବୁଧବାର ସନ୍ଧ୍ୟା ୫ଟା ସୁଦ୍ଧା ଆସ୍ଥାଭୋଟର ସମ୍ମୁଖୀନ ହୋଇ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବା ପାଇଁ ମଙ୍ଗଳବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବାରୁ ପ୍ରଥମେ ଉପମୁଖ୍ୟମନ୍ତ୍ରୀ ପଦରୁ ଅଜିତ ପାୱାର ଓ ପରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଇସ୍ତଫା ଦେଇଛନ୍ତି। ଶକ୍ତିପରୀକ୍ଷାରେ ପରାଜୟ ସୁନିଶ୍ଚିତ ଜାଣି ଅପଦସ୍ତ ହେବା ଭୟରେ ଉଭୟେ ନିଜ ନିଜ ପଦ ଛାଡ଼ିଦେଇଥିବା କୁହାଯାଉଛି। ଶିବସେନା ନେତୃତ୍ୱରେ ତଥା ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଓ କଂଗ୍ରେସକୁ ନେଇ ଗଠିତ ମହାବିକାଶ ଅଘାଡ଼ି ସରକାର ଗଠନ ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଘଟଣାକ୍ରମ ପଥ ପରିଷ୍କାର କରିଛି। ଡିସେମ୍ବର ୧ରେ ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେ ମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରିବେ। ଏନ୍‌ସିପିର ଜୟନ୍ତ ପାଟିଲ ଓ କଂଗ୍ରେସର ବାଲାସାହେବ ଥୋରାଟ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ ବୋଲି ସୂତ୍ରରୁ ପ୍ରକାଶ। ଅନ୍ୟପକ୍ଷରେ ସୁପ୍ରିମକୋର୍ଟଙ୍କ ରାୟ ମୁତାବକ ଆସ୍ଥାଭୋଟ କରାଇବା ପାଇଁ ରାଜ୍ୟପାଳ ଭଗତ ସିଂ କୋଶିୟାରୀ ବରିଷ୍ଠ ଭାଜପା ବିଧାୟକ କାଳିଦାସ କୋଲମ୍ବକରଙ୍କୁ ପ୍ରୋଟେମ୍ ସ୍ପିକର(କାମଚଳା ବାଚସ୍ପତି) ☞ପୃଷ୍ଠା-୧୫

**ଆଜିର ମନ୍ତବ୍ୟ**

" ସାମ୍ବିଧାନିକ ନୈତିକତାକୁ ସମସ୍ତେ ମାନି ଚଳିବା ଉଚିତ।

**-ରାମନାଥ କୋବିନ୍ଦ, ରାଷ୍ଟ୍ରପତି**

**କିଛି ତଥ୍ୟ**

ଚଳିତ ବର୍ଷ ସେପ୍ଟେମ୍ବରରେ ୧୨.୨୩ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହୋଇଛି।

**- ଇଏସ୍‌ଆଇସି ପେରୋଲ ଡାଟା**





Vencobb FRESH CHICKEN

26.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 85 | 139 | 149 |
| CTC | 84 | 137 | 147 |
| DKL | 85 | 139 | 149 |
| BDK | 83 | 136 | 146 |
| BLS | 84 | 137 | 147 |
| ANG | 85 | 139 | 149 |
| BHM | 81 | 133 | 143 |

*Conditions Apply

Issued in the Interest of Consumers


# 'ରତ୍ନଭଣ୍ଡାର ଖୋଲିବା ପାଇଁ ପ୍ରସ୍ତାବ ନାହିଁ'

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଶେଷଥର ପାଇଁ ୧୯୮୫ ଜୁଲାଇ ୧୪ରେ ଖୋଲାଯାଇଥିଲା। ସେହି ସମୟର ଗଣନାନୁଯାୟୀ, ଭଣ୍ଡାର ଘରେ ୪୫୪ ଗୋଟି ସୁନା ଅଳଙ୍କାର ଓ ଅନ୍ୟାନ୍ୟ ଜିନିଷ ୧୨,୮୩୪ ଭରି ୧୩/୪ ଅଣା(ମୂଲ୍ୟବାନ ପଥର ସହିତ) ରହିଛି। ଆଇନ ମନ୍ତ୍ରୀ ପ୍ରତାପ ଜେନା ମଙ୍ଗଳବାର ବିଧାନସଭାରେ ଉପରୋକ୍ତ ତଥ୍ୟ ରଖିଛନ୍ତି। ଜଟଣୀ ବିଧାୟକ ସୁରେଶ ରାଉତରାୟଙ୍କ ଏକ ଅଣତାରକା ପ୍ରଶ୍ନ ନଂ-୧୮୧୦ର ଲିଖିତ ଉତ୍ତର ରଖି ସେ ଏହା କହିଛନ୍ତି। ସେହିପରି ଭଣ୍ଡାର ଘରେ ୨୩୬ ଗୋଟି ରୁପା ଅଳଙ୍କାର ଓ ଅନ୍ୟାନ୍ୟ ଜିନିଷ ବାବଦରେ ୧୮,୮୧୫ଟି ଓ ୬ ଅଣା ଭରି(ମୂଲ୍ୟବାନ ପଥର ସହ) ରହିଛି। ଉପରୋକ୍ତ ସାମଗ୍ରୀ ମଧ୍ୟରୁ ୮ ଗୋଟି ସୁନା ମୂର୍ତ୍ତି, ୬ ରୁପା ବାସନ/ମୂର୍ତ୍ତି ବିଭିନ୍ନ କାରଣରୁ ଓଜନ ହୋଇ ପାରି ନ ଥିବାରୁ ଏହାର ପରିମାଣ ଆକଳନ କରାଯାଇନାହିଁ। ତଥ୍ୟ ରଖାଯାଇଥିବା ସାମଗ୍ରୀ ଓଜନ ମଧ୍ୟରେ ଏହି ଅଳଙ୍କାରଗୁଡିକର ଓଜନ ଅନ୍ତର୍ଭୁକ୍ତ କରାଯାଇନାହିଁ। ବର୍ତ୍ତମାନ ଅଳଙ୍କାରଗୁଡିକର ତନଖି ପାଇଁ ରତ୍ନଭଣ୍ଡାର ଖୋଲିବା ପାଇଁ କୌଣସି ପ୍ରସ୍ତାବ ନ ଥିବା ମନ୍ତ୍ରୀ ଲିଖିତ ଉତ୍ତରରେ ସ୍ପଷ୍ଟ କରିଛନ୍ତି। ୧୯୭୮ ମେ ୧୩ରୁ ସେହି ବର୍ଷ ଜୁଲାଇ ୨୩ ମଧ୍ୟରେ ତାଲିକା କରାଯାଇଥିବା ସୁନା, ରୁପା ସାମଗ୍ରୀ ଇତ୍ୟାଦି ସୁରକ୍ଷିତ ଥିବା କୁହାଯାଉଛି। ନିକଟ ଅତୀତରେ ସୁପ୍ରିମକୋର୍ଟ ଶ୍ରୀଜଗନ୍ନାଥ ମନ୍ଦିରର ସ୍ଥାବର ଅସ୍ଥାବର ସମ୍ପତ୍ତି ସମ୍ପର୍କିତ ତଥ୍ୟ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ମନ୍ତ୍ରୀଙ୍କ ଉତ୍ତରରେ ଗଣାଯିବା ନେଇ କୌଣସି ସୂଚନା ନାହିଁ। ଏହାକୁ ନେଇ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କହିଛନ୍ତି ଯେ, ଦୀର୍ଘବର୍ଷ ପୂର୍ବେ ଅଳଙ୍କାର ଗଣତି କରାଯାଇଥିଲା। ତେଣୁ ବର୍ତ୍ତମାନ ସମୟରେ ଗଣତି କରାଯିବାର ଆବଶ୍ୟକତା ରହିଛି। ଗଣନା ଅନୁଯାୟୀ ସାମଗ୍ରୀ ଅଛି ନା ନାହିଁ, ତାହା ଜାଣିବା ଦରକାର ବୋଲି ପ୍ରଦୀପ୍ତ କହିଛନ୍ତି।

# ଅକାମୀ ହେବନି ୧୫ ବର୍ଷର ପୁରୁଣା ଗାଡ଼ି

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)

୧୫ ବର୍ଷିଆ ପୁରୁଣା ଗାଡି ଅକାମୀ ହୋଇଯିବ। ସେସବୁ ଗାଡିକୁ ରାସ୍ତାରୁ ହଟାଇ ଦିଆଯିବା ନେଇ ଯେଉଁ ଚର୍ଚ୍ଚା ହେଉଥିଲା ସେଥିରେ ବିରାମ ଲାଗିଛି। ବର୍ତ୍ତମାନ ସୁଦ୍ଧା ଏ ନେଇ କୌଣସି ନିୟମ ହୋଇ ନାହିଁ। ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ଟୁଇଟ୍ ଯୋଗେ ସ୍ପଷ୍ଟ କରାଯାଇଛି। ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ଘରୋଇ ଯାନବାହନ(ଅଣଯାତ୍ରୀ ପରିବହନ)ଗୁଡିକର ରେଜିଷ୍ଟ୍ରେଶନ ସାର୍ଟିଫିକେଟ(ଆରସି)କୁ ନବୀକରଣ କରାଯାଇ ପାରିବ। ତେବେ ଯାତ୍ରୀବାହୀ/ମାଲ ପରିବହନ ଯାନବାହନଗୁଡିକର ଫିଟ୍‌ନେସ ସାର୍ଟିଫିକେଟ ଯେ ପର୍ଯ୍ୟନ୍ତ ବୈଧ ରହିଛି ସେ ଯାଏ ଗାଡିର ପଞ୍ଜୀକରଣ ବଳବତ୍ତର ରହିବ ବୋଲି ଏସ୍‌ଟିଏ ପକ୍ଷରୁ କୁହାଯାଇଛି।

## ପିଏମ୍‌ଜିଏସ୍‌ୱାଇକୁ ନେଇ ଗୃହରେ ଉଦ୍‌ବେଗ

# ଠକ ଠିକାଦାର ହେବେ କଳାତାଲିକାଭୁକ୍ତ

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)ରେ ରାସ୍ତା ନିର୍ମାଣକୁ ନେଇ ମଙ୍ଗଳବାର ବିଧାନସଭାରେ ଉଦ୍‌ବେଗ ପ୍ରକାଶ ପାଇଛି। ରାଜସ୍ୱ ଗ୍ରାମକୁ ହିସାବକୁ ନିଆଯାଇଥିବାରୁ ଉକ୍ତ ଯୋଜନାରେ ଅନେକ ବଡ଼ ବଡ଼ ଗ୍ରାମକୁ ମଧ୍ୟ ରାସ୍ତା ନିର୍ମାଣ ହୋଇପାରୁନାହିଁ। ଜନସାଧାରଣ ଯିବା ଆସିବା କରିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ସରକାର ପିଏମ୍‌ଜିଏସ୍‌ୱାଇ ଗାଇଡ୍‌ଲାଇନରେ ପରିବର୍ତ୍ତନ କରିବା ପାଇଁ କେନ୍ଦ୍ରକୁ ଅନୁରୋଧ କରନ୍ତୁ। ନଚେତ୍ ସେହି ସବୁ ଗ୍ରାମଗୁଡିକର ରାସ୍ତା ସଂଯୋଗ କରିବା ପାଇଁ ବ୍ୟବସ୍ଥା କରନ୍ତୁ। ଉଭୟ ବିରୋଧୀ ଏବଂ ଶାସକ ଦଳର ସଭ୍ୟମାନେ ମଙ୍ଗଳବାର ପ୍ରଶ୍ନୋତ୍ତର ବେଳେ ହଲାପଟା କରିଥିଲେ। ବିଜେଡି ସଭ୍ୟ ଅନନ୍ତ ଦାସ ମୂଳ ପ୍ରଶ୍ନରେ ପଚାରିଥିଲେ ଯେ, ପିଏମ୍‌ଜିଏସ୍‌ୱାଇରେ ରାସ୍ତା ନିର୍ମାଣ ପାଇଁ ଗାଇଡଲାଇନ୍ ହୋଇଥିଲେ ମଧ୍ୟ ରାଜ୍ୟରେ ଅନେକ ବଡ଼ ବଡ଼ ଗ୍ରାମରେ ଏକାଧିକ ପଡା ଗ୍ରାମ ଓ ହାମଲେଟ୍ ପାଇଁ ରାସ୍ତା ନିର୍ମାଣ କରାଯାଇପାରୁନାହିଁ। ସରକାର ଏ ଦିଗରେ କ'ଣ ପଦକ୍ଷେପ ନେଇଛନ୍ତି ଗୃହକୁ ଜଣାନ୍ତୁ ବୋଲି ସେ କହିଥିଲେ। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ କହିଥିଲେ ପିଏମ୍‌ଜିଏସ୍‌ୱାଇ ନିୟମ ଅନୁଯାୟୀ, ☞ପୃଷ୍ଠା-୧୫






ହଜାର ଥର ଅକୃତକାର୍ଯ୍ୟ ହେଲେ ମଧ୍ୟ ଚେଷ୍ଟା ଛାଡ଼ିବାର ନୁହେଁ, ଉଦ୍ୟମ ହରାଇବାର ନୁହେଁ, ତା'ହେଲେ ସଫଳତା ଆସିବ ହିଁ ଆସିବ।
- ସ୍ୱାମୀ ବିବେକାନନ୍ଦ

# କାମ୍ପା ଫଣ୍ଡରେ ଓଡ଼ିଶାକୁ ମିଳିଲା ୫୯୩୩ କୋଟି

## ଜଙ୍ଗଲରେ ଗଛ ଅଛି କି ନାହିଁ ସରକାର ଯାଇ ଦେଖିଆସନ୍ତୁ: ବିରୋଧୀ

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)



କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଓ ଯୋଜନା କର୍ତ୍ତୃପକ୍ଷ(କାମ୍ପା)ରେ ୨୦୦୬-୦୭ରୁ ୨୦୧୯ ଫେବୃୟାରୀ ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କଠାରୁ ୫୯୩୩ କୋଟି ୯୮ ଲକ୍ଷ ଟଙ୍କା ପାଇଛନ୍ତି। ଯୋଜନା କାର୍ଯ୍ୟକାରୀ ହେବାଠାରୁ ୨୦୦୯-୧୦ରୁ ୨୦୧୭-୧୮ ମଧ୍ୟରେ କେନ୍ଦ୍ର ସରକାର ଆଡ୍‌ହକ କାମ୍ପା ପାଣ୍ଠିରୁ ୨୦୬୪ କୋଟି ୧୫ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ସମୁଦାୟ ଅର୍ଥରୁ ବିଭିନ୍ନ କାର୍ଯ୍ୟକ୍ରମରେ ୨୬୧୧ କୋଟି ୫୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲ ମଙ୍ଗଳବାର ପ୍ରଶ୍ନୋତ୍ତର ବେଳେ ମୂଳ ପ୍ରଶ୍ନରେ କହିଥିଲେ ଯେ କାମ୍ପା ଯୋଜନା କାର୍ଯ୍ୟକାରୀ ହେବାଠାରୁ ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାର କେତେ ଅର୍ଥ ଦେଇଛନ୍ତି। ଏହାକୁ କିଭଳି ଖର୍ଚ୍ଚ କରାଯାଇଛି। ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ, ମୋହନ ମାଝି, ବିଜେଡି ସଭ୍ୟ ପ୍ରତାପ କେଶରୀ ଦେବ ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ଖର୍ଚ୍ଚ ବିଳମ୍ବ ହେବାର କାରଣ କ'ଣ। ଆମ୍ବ ଗଛ ଜାଗାରେ ଆମ୍ବଡ଼ା ଗଛ ଲଗାଇଲେ ତା'ର ଲାଭ କ'ଣ। ଆମାଜନ ଜଙ୍ଗଲ ଜଳିବା ପରେ ବାୟୁମଣ୍ଡଳରୁ ୨୦% ଅମ୍ଳଜାନ ନଷ୍ଟ ହୋଇଛି। ଏହାକୁ ଭରଣା କରିବା ପାଇଁ ଜଙ୍ଗଲ ବିଭାଗ କି ପଦକ୍ଷେପ ନେଇଛି। ମହାନଦୀ କୂଳର ଏକ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ କେତେ ଗଛ ଲଗାଯାଇଛି। ଜଙ୍ଗଲରେ ଗଛ ବଞ୍ଚିଛି କି ନାହିଁ ସେ କଥା ସରକାର ଦେଖିଛନ୍ତି କି। ବିଭାଗୀୟ ଅଧିକାରୀଙ୍କୁ ପଠାଇ ସେଗୁଡ଼ିକୁ ଦେଖିବେ କି ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ ଯେ ଜଙ୍ଗଲର ବୃଦ୍ଧି, ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ସୁରକ୍ଷା ଓ ପରିବେଶ ରକ୍ଷା ପାଇଁ କାମ୍ପା ପାଣ୍ଠିକୁ ବିନିଯୋଗ କରାଯାଉଛି। ରାଜ୍ୟର ବିଭିନ୍ନ ଜଙ୍ଗଲରେ ବ୍ୟାପକ ବୃକ୍ଷରୋପଣ ହେଉଛି। ୨୦୦୯-୧୭ ମଧ୍ୟରେ କେନ୍ଦ୍ର ସରକାର ଉକ୍ତ ଯୋଜନାରେ ୨୬୪୪.୧୫ କୋଟି ଟଙ୍କା ଦେଇଥିଲେ। ଚଳିତ ବର୍ଷ ଅଗଷ୍ଟ ମାସରେ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବୈଠକ ଡାକିଥିଲେ। ଏହି ବୈଠକ ପରେ କେନ୍ଦ୍ର ସରକାର ୫୯୩୩.୯୮ କୋଟି ଟଙ୍କା ଦେଇଛନ୍ତି। ଏହି ଅର୍ଥକୁ ଖର୍ଚ୍ଚ କରିବା ପାଇଁ ବାର୍ଷିକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଦେବାଶ୍ରୀତା ପଣ୍ଡା



ପିଙ୍କୁ ଥାଟି

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ନୀଳଗିରି ଏନ୍‌ଏସିର ୩ଟି ଉଚ୍ଚ ସ୍ଥାନକୁ ପାନୀୟ ଜଳ ଯୋଗାଇ ଦିଆଯିବ

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର ପାଣି ଉଠୁ ନ ଥିବା ୩ଟି ଉଚ୍ଚ ସ୍ଥାନ ଟିମିନି ଭାଟି, ଅଳେଇଚଣ୍ଡୀ ଏବଂ ଡାହଣିମରାକୁ ୫ଟି ପ୍ରଡକ୍ସନ ୱେଲ୍ ମାଧ୍ୟମରେ ପାଣି ଯୋଗାଇ ଦିଆଯିବ। ଏ ନେଇ ସରକାର ବିଧିବଦ୍ଧ ନିଷ୍ପତ୍ତି ନେଇଛନ୍ତି। ମଙ୍ଗଳବାର ପ୍ରଶ୍ନୋତ୍ତର ବେଳେ ଏହି ସୂଚନା ଦେଇଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ।

ଭାଜପା ସଭ୍ୟ ସୁକାନ୍ତ ନାୟକ ମୂଳ ପ୍ରଶ୍ନରେ ପଚାରିଥିଲେ ଯେ ନୀଳଗିରି ସହରକୁ ୪୭ କୋଟି ଟଙ୍କାରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ଯେଉଁ ଡିପିଆର ତିଆରି ହୋଇଥିଲା ତାହାକୁ ଚଳିତ ବର୍ଷ ଆରମ୍ଭ କରିବା ପାଇଁ ବ୍ୟବସ୍ଥା କରିବେ କି । ମନ୍ତ୍ରୀ କହିଥିଲେ, ନୀଳଗିରି ସହରକୁ ସୋନ ନଦୀରୁ ଜଳ ଉତ୍ତୋଳନ କରି ପାନୀୟ ଜଳ ଯୋଗାଣ ପାଇଁ ୪୩.୦୧ କୋଟି ଟଙ୍କାର ଏକ ଚିଠା ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ କରାଯାଇଥିଲା। ଏହି ଡିପିଆର ବୈଷୟିକ ମୂଲ୍ୟାୟନ ସମୟରେ ଜଳ ସମ୍ପଦ ବିଭାଗର ୱାଟର ଆଲୋକେଶନ କମିଟିଙ୍କ ରିପୋର୍ଟ ଅନୁସାରେ ଜଳ ଉତ୍ସ ସ୍ଥାନରୁ ନିର୍ଦ୍ଧାରିତ ଜଳର ଆବଶ୍ୟକତା ପୂରଣ କରାଯାଇପାରିଲା ନାହିଁ। ତେବେ ୧୯ ହଜାର ୮୦୦ ଜନସଂଖ୍ୟା ବିଶିଷ୍ଟ ଏହି ସହର ପାଇଁ ମୁଣ୍ଡ ପିଛା ୭୦ ଲିଟର ହିସାବରେ ଦୈନିକ ୧.୪୦ ଏମ୍‌ଏଲଡି ଜଳର ଆବଶ୍ୟକତା ଥିବା ବେଳେ ବର୍ତ୍ତମାନ ୧୯ଟି ପ୍ରଡକ୍ସନ ୱେଲ୍ ମାଧ୍ୟମରେ ଦୈନିକ ମୁଣ୍ଡ ପିଛା ୧୧୧ ଲିଟର ହିସାବରେ ମୋଟ ୨.୨ ଏମ୍‌ଏଲଡି ଜଳ ଯୋଗାଇ ଦିଆଯାଇଛି। ଯେଉଁ ଉଚ୍ଚସ୍ଥାନଗୁଡ଼ିକ ଠିକ୍ ଭାବେ ଜଳ ଯୋଗାଣ ହୋଇପାରୁ ନାହିଁ ସେ ନେଇ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ

# ୧୬ ବିଭାଗରେ ନିଯୁକ୍ତ ହେବେ ୨୮୯ ଅଧ୍ୟାପକ

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟଗୁଡ଼ିକରେ ଖାଲିଥିବା ଅଧ୍ୟାପକ ପଦବୀ ପୂରଣ ଦିଗରେ ସରକାର ପଦକ୍ଷେପ ନେଇଛନ୍ତି। ଏଥିପାଇଁ ବିଭାଗ ଦ୍ୱାରା ରାଜ୍ୟ ସିଲେକ୍‌ଶନ୍ ବୋର୍ଡକୁ ୮୩୩ ଅଧ୍ୟାପକ ପଦବୀ ପୂରଣ ନିମନ୍ତେ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା। ଏନେଇ ବୋର୍ଡ ଦ୍ୱାରା ପଦବୀ ପୂରଣ ପାଇଁ ପ୍ରକ୍ରିୟା ଜାରି ରହିଛି। ଇତି ମଧ୍ୟରେ ୯ ବିଭାଗରେ ୨୯୯ ଅଧ୍ୟାପକ ପଦବୀ ପୂରଣ ହୋଇସାରିଛି। ଏଥର ୧୬ ବିଭାଗର ୨୮୯ ଯୋଗ୍ୟ ବିବେଚିତ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ବିଭିନ୍ନ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ନିଯୁକ୍ତି ଦିଆଯିବ। ନବନିଯୁକ୍ତ ଅଧ୍ୟାପିକା ଓ ଅଧ୍ୟାପକଙ୍କ ପାଇଁ ଭୁବନେଶ୍ୱରସ୍ଥିତ ସୂଚନା ଭବନରେ ଏକ ଦିଗଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଆସନ୍ତା ୨୮ ତାରିଖ ସକାଳ ୧୦ଟା ୩୦ ମିନିଟ୍‌ରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେବେ। ନବନିଯୁକ୍ତ ଅଧ୍ୟାପକମାନଙ୍କ ମଧ୍ୟରୁ ବାଣିଜ୍ୟରେ ୨ ଜଣ, ରାଜନୀତି ବିଜ୍ଞାନରେ ୨, ଇଂଲିଶରେ ୯୫, ଗଣିତରେ ୩୮, କମ୍ପ୍ୟୁଟର ସାଇନ୍ସରେ ଜଣେ, ତେଲୁଗୁରେ ଜଣେ, ଷ୍ଟାଟିଷ୍ଟିକ୍ସରେ ଜଣେ, ହିନ୍ଦୀରେ ୭, ହୋମ୍ ସାଇନ୍ସରେ ୭, ସାଇକୋଲୋଜିରେ ୮, ଏଜୁକେଶନ୍‌ରେ ୨୯, ଉର୍ଦ୍ଦୁରେ ଜଣେ, ସଂସ୍କୃତରେ ୨୨, ପଦାର୍ଥ ବିଜ୍ଞାନରେ ୩୪, ପ୍ରାଣୀ ବିଜ୍ଞାନରେ ୨୯ ଏବଂ ସୋସିଓଲୋଜିରେ ୧୨ଜଣ ଏହି ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ଯୋଗଦେବେ।

# ରାଜ୍ୟରେ ଜଙ୍ଗଲ ପରିମାଣ ୫୧, ୩୪୫ ବର୍ଗ କି.ମି.

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ଓଡ଼ିଶାରେ ସମ୍ପୂର୍ଣ୍ଣ ଜଙ୍ଗଲର ପରିସୀମା ୫୧ ହଜାର ୩୪୫ ବର୍ଗ କି.ମି. ରହିଛି। ୨୦୧୪ ମସିହା ପୂର୍ବରୁ ଏହା ୫୦ ହଜାର ୩୪୭ ବର୍ଗ କି.ମି. ରହିଥିଲା। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମଙ୍ଗଳବାର ବିଧାନସଭାରେ ଲିଖିତ ଉତ୍ତର ଦେଇ ଏହା କହିଛନ୍ତି। ଭାଜପା ବିଧାୟକ ବିଷ୍ଣୁ ଚରଣ ସେଠୀଙ୍କ ଅଣତାରକା ପ୍ରଶ୍ନ ନଂ.୧୯୦୨ର ଉତ୍ତର ଦେଇ ସେ ଏହା କହିଛନ୍ତି।

ଡେରାଡୁନସ୍ଥିତ ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ଉପଗ୍ରହ ଜରିଆରେ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳର ସର୍ବେକ୍ଷଣ କରାଯାଇଛି। ପ୍ରତି ଦୁଇ ବର୍ଷରେ ଏହିପରି ସର୍ବେକ୍ଷଣ କରାଯାଇ ଜଙ୍ଗଲର ପରିମାଣ ପ୍ରକାଶ କରାଯାଇଥାଏ। ବିଭିନ୍ନ ଯୋଜନାରେ ୨୦୧୪-୧୫ରୁ ଚଳିତ ଅକ୍ଟୋବର ଶେଷ ସୁଦ୍ଧା ୨୪୯୮.୭୦ ହେକ୍ଟରରେ ଚାରା ରୋପଣ କରାଯାଇଥିବା ମନ୍ତ୍ରୀ ଉତ୍ତର ଦେଇଛନ୍ତି।

### ୨୯୪୪ ପଦବୀ ଖାଲି

ଜଙ୍ଗଲ ଓ ପରିବେଶ ବିଭାଗରେ ଅଧିକାଂଶ ପଦବୀ ଖାଲି ପଡ଼ିଛି। ମଞ୍ଜୁରୀପ୍ରାପ୍ତ ୫୩୭୩ ବନରକ୍ଷୀ ପଦବୀ ମଧ୍ୟରୁ ୧୮୨୭ଟି ଖାଲି ପଡ଼ିଛି। ସେହିପରି ୬୭୪ ବନପାଳ, ୪୮ ଉପବନାଞ୍ଚଳ ଅଧିକାରୀ, ୨୧୯ ବନାଞ୍ଚଳ ଅଧିକାରୀ ଏବଂ ୧୭୬ ସହକାରୀ ବନ ସଂରକ୍ଷକ ପଦବୀ ଖାଲି ପଡ଼ିଛି। ଏହିପରି ଭାବେ ଗତ ସେପ୍ଟେମ୍ବର ଶେଷ ସୁଦ୍ଧା ମୋଟ ୨୯୪୪ ପଦବୀ ଖାଲି ପଡ଼ିଛି। ଅଣତାରକା ପ୍ରଶ୍ନ ନଂ-୧୯୩୨ର ଉତ୍ତର ରଖି ମନ୍ତ୍ରୀ ଆରୁଖ ଗୃହରେ ଏହି ତଥ୍ୟ ଦେଇଛନ୍ତି।





ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ




# ପ୍ରମୋଦ ସାହୁ ବରଖାସ୍ତ

**ଭୁବନେଶ୍ୱର, ୨୬ା୧୧(ବ୍ୟୁରୋ):** କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟି ଲିଃ ସଭାପତି ପଦରୁ ପ୍ରମୋଦ ସାହୁଙ୍କୁ ବରଖାସ୍ତ କରାଯାଇଛି। ଆଇଏଏସ୍ ଅଧିକାରୀ ତଥା ଆରସିଏସ୍ ବିଭୂତି ଭୂଷଣ ପଟ୍ଟନାୟକ ଓଡ଼ିଶା କୋ-ଅପରେଟିଭ ସୋସାଇଟି ଆକ୍ଟ-୧୯୬୨ ଅଧୀନ କ୍ଷମତା ବଳରେ ପ୍ରମୋଦଙ୍କୁ ବରଖାସ୍ତ କରିଛନ୍ତି। ସେହିପରି ସୋସାଇଟିର ଉପସଭାପତିଙ୍କୁ ସଭାପତି ଦାୟିତ୍ୱରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କିତ ଏକ ନିର୍ଦ୍ଦେଶନାମା ମଙ୍ଗଳବାର ରେଜିଷ୍ଟ୍ରାର ଅଫ୍ କୋଅପରେଟିଭ ସୋସାଇଟି ପକ୍ଷରୁ ପ୍ରକାଶ ପାଇଛି।


## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
## 'ଅକଳରେ ଅର୍ଥନୀତି'

ଧରିତ୍ରୀର ୪୬ତମ ଜନ୍ମଦିନ ଅବକାଶରେ ପ୍ରକାଶ ପାଉଛି ଆକର୍ଷଣୀୟ ବାର୍ଷିକ ବିଶେଷାଙ୍କ। ଆର୍ଥିକ ମାନ୍ଦାବସ୍ଥାକୁ ନେଇ ପରିକଳ୍ପିତ ଏହାର ପ୍ରଚ୍ଛଦ ପ୍ରସଙ୍ଗ 'ଅକଳରେ ଅର୍ଥନୀତି'। ଏଥି ସହିତ ରହିଛି ଜନଜୀବନ, ରାଜନୀତି, ବିଜ୍ଞାନ ଓ ସାହିତ୍ୟକୁ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ଫିଚର, ଆକର୍ଷଣୀୟ ଗଳ୍ପ, ପ୍ରବନ୍ଧ ଏବଂ କବିତା। କ୍ରୀଡ଼ା ଜଗତର ୩ଜଣ ପ୍ରଖ୍ୟାତ ଖେଳାଳି- ଦୂତୀ ଚାନ୍ଦ, ପ୍ରମୋଦ ଭଗତ, ଅମିତ ରୋହିଦାସଙ୍କ ସହିତ ଅନନ୍ୟ ସାକ୍ଷାତ୍କାର। ଭାରତର ଭାଷାନୀତି, ଧ୍ୱଂସର ପ୍ରାରମ୍ଭିକ ପର୍ଯ୍ୟାୟରେ ଆମେ, ପୃଥିବୀ ବାହାରେ କେହି ଅଛି କି, ଯୁଦ୍ଧ: ପଥର ଫିଙ୍ଗାରୁ ମହାକାଶ, ୩୭୦ର ବ୍ୟବଚ୍ଛେଦ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ସ୍ପେସ୍‌ରେସ୍, ନୋବେଲ ପୁରସ୍କାର ୨୦୧୯, ଶରଣାର୍ଥୀ ସଙ୍କଟରେ ବିଶ୍ୱ, ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ@ ନୂଆ ଠିକଣା ଏବଂ ସିନେମା ଓଡ଼ିଆ ନାୟିକା ଅଣଓଡ଼ିଆ ଭଳି ବହୁ ତଥ୍ୟଧର୍ମୀ ଲେଖାରେ ସମୃଦ୍ଧ ଏହାର କଳେବର। ସମଗ୍ର ୧୨୦ ପୃଷ୍ଠା ରଙ୍ଗୀନ୍ ଓ ସଚିତ୍ର।




ଧରିତ୍ରୀ ବିତରକଙ୍କ ପାଖରେ ବିଶେଷାଙ୍କ ଉପଲବ୍ଧ ହେବ

**ମୂଲ୍ୟ: ଟ ୮୦/-**

**ଯୋଗାଯୋଗ: ସମ୍ବଲପୁର:** ନରୋତ୍ତମ ଜେନା (୯୪୩୮୦୯୮୩୫୫), ମନୋଜ ମହାନ୍ତି (୭୦୦୮୫୦୬୮୧୦)
ଦୂରଭାଷ: ୦୬୬୪-୨୫୮୦୧୦୧/୨୫୪୯୩୦୨


# ପୁଣି ବିଧାନସଭାରେ ଉଠିଲା ମହାନଦୀ ଜଳବିବାଦ ପ୍ରସଙ୍ଗ

**ଭୁବନେଶ୍ୱର,୨୬ା୧୧(ବ୍ୟୁରୋ)**



- କହିବାକୁ ନ ଦେବାରୁ ବିରୋଧୀଙ୍କ ହଟ୍ଟଗୋଳ
- ବୁଧବାର ଯାଏ ଗୃହ ମୁଲତବୀ
- ବିଧାନସଭାରେ ଆଗତ ହେଲା ଜିଏସ୍‌ଟି ବିଲ୍-୨୦୧୯

ବିଧାନସଭାରେ ପୁଣି ଉଠିଲା ମହାନଦୀ ଜଳ ବିବାଦ ପ୍ରସଙ୍ଗ। ଏହି ପ୍ରସଙ୍ଗ ଶାନ୍ତ ପଡ଼ିବା ନେଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ମଙ୍ଗଳବାର ବିଧାନସଭା ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ନରସିଂହ କହିଛନ୍ତି ଯେ ଗତ ନିର୍ବାଚନ ପରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସମ୍ପୂର୍ଣ୍ଣ ବଦଳି ଯାଇଛି। ଗତ ଅଧିବେଶନରେ ମହାନଦୀ ଜଳ ବିବାଦକୁ ନେଇ ଶାସକ ଦଳ ଗୃହକୁ ଉଠାଉଥିଲେ ପକାଉଥିଲେ। ମାତ୍ର ଚଳିତ ଅଧିବେଶନରେ କେନ୍ଦ୍ର କଥା ଆଉ ଉଠାଉନାହାନ୍ତି। ଏ ବିଷୟରେ ପୂରା ଚୁପ୍ ହୋଇଯାଇଛନ୍ତି। ମହାନଦୀରେ ବର୍ଷକୁ ୪ମାସ ପାଣି ଆସୁଛି। ଖରାଦିନେ ଯେତିକି ପାଣି ଆସିବା କଥା ତାହା ଆସୁନାହିଁ। ସମୁଦ୍ର ପାଣି ନଦୀକୁ ପଶି ଆସୁଛି। ମହାନଦୀରୁ ପାଣି ନ ଗଲେ ସମୁଦ୍ରରୁ ଲୁଣିପାଣି ନଦୀକୁ ପଶିଆସିବ। ମହାନଦୀ ଜଳ ବିବାଦର ବର୍ତ୍ତମାନ ସ୍ଥିତି କ'ଣ। ଟ୍ରିବ୍ୟୁନାଲରେ ଏହା କେତେଦୂର ଆଗେଇଛି। ତୁରନ୍ତ ଏହା ଗୃହକୁ ଜଣାନ୍ତୁ ବୋଲି ନରସିଂହ ଦାବି କରିଥିଲେ। ଏଥିସହ ସେ କେନ୍ଦ୍ରୀୟ ସମବାୟ ବ୍ୟାଙ୍କଗୁଡ଼ିକର ଅଡିଟ୍ ରିପୋର୍ଟ ଗୃହରେ ଉପସ୍ଥାପନ କରିବା ଲାଗି ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦ୍ରବ୍ୟ ଓ ସେବା ଟିକସ(ଜିଏସଟି) ବିଲ୍ ଗୃହରେ ଗୃହୀତ କରିବା ପୂର୍ବରୁ ଏ ବିଷୟରେ ଭଲ ଭାବେ ଆଲୋଚନା ହେବା ଆବଶ୍ୟକ ବୋଲି ନରସିଂହ କହିଥିଲେ।

ଶୂନ୍ୟକାଳରେ କହିବାକୁ ସୁଯୋଗ ନ ମିଳିବାରୁ ବିରୋଧୀ ଭାଜପା ସଦସ୍ୟ ଗୃହରେ ପ୍ରବଳ ହଟ୍ଟଗୋଳ କରିଥିଲେ। ଏପରି କି ଗୃହର ମଧ୍ୟଭାଗକୁ ଆସି ହୋହଲ୍ଲା କରିଥିଲେ। ପାଟିତୁଣ୍ଡ ମଧ୍ୟରେ ଉପବାଚସ୍ପତି ରଜନୀକାନ୍ତ ସିଂ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଓଡ଼ିଶା ରାଜ୍ୟ ଅର୍ଥ ନିଗମ ଓ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ନିଗମର ୨୦୧୯-୨୦ ବାର୍ଷିକ ରିପୋର୍ଟ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କୁ ଓଡ଼ିଶା ବିଧାନସଭା କାର୍ଯ୍ୟ ପରାମର୍ଶଦାତା କମିଟିଙ୍କ ରିପୋର୍ଟ ଗୃହରେ ଉପସ୍ଥାପନ କରିବାକୁ କହିଥିଲେ। ଏଥିସହ ଜିଏସ୍‌ଟି ବିଲ୍-୨୦୧୯କୁ ଗୃହରେ ଆଗତ କରିବା ଲାଗି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ କହିଥିଲେ। ପାଟିତୁଣ୍ଡକୁ ଦେଖି ଉପବାଚସ୍ପତି ଗୃହକୁ ୧୨ଟା ୭ରୁ ବୁଧବାର ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

## ଏଟି ଚିଟ୍‌ଫଣ୍ଡ ମାମଲା

# ଆଶୀର୍ବାଦଙ୍କୁ ଜାମିନ ମିଳିଲା

**କଟକ ଅଫିସ,୨୬ା୧୧**



ଅର୍ଥତତ୍ତ୍ୱ(ଏଟି) ଚିଟ୍‌ଫଣ୍ଡ ମାମଲାରେ ସିବିଆଇ ଦ୍ୱାରା ଗିରଫ ହୋଇଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କୁ ମଙ୍ଗଳବାର ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଦେଢ଼ଲକ୍ଷ ଟଙ୍କାର ୨ଜଣ ଜାମିନଦାରଙ୍କ ସହ ଅଦାଲତରେ ପାସ୍‌ପୋର୍ଟ ଜମା ଦେବା ଓ ସାକ୍ଷୀମାନଙ୍କୁ ପ୍ରଭାବିତ ନ କରିବା ପାଇଁ ହାଇକୋର୍ଟ ସର୍ତ୍ତ ରଖିଛନ୍ତି। ଏବେ ଆଶୀର୍ବାଦ ସିବିଆଇ ହେପାଜତରେ ଥାଇ କଟକ ଏସ୍‌ସିବି ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଗତ ୨୦ତାରିଖରେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଦେବବ୍ରତ ଦାସଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ।

ମାମଲାର ବିବରଣୀରୁ ପ୍ରକାଶ, ଓଡ଼ିଶା ରଣଜୀ କ୍ରିକେଟ ଦଳର ପ୍ରାୟୋଜକ ହେବା ପାଇଁ ଅର୍ଥତତ୍ତ୍ୱ ଓ ଓଡ଼ିଶା କ୍ରିକେଟ ଆସୋସିଏଶନ ମଧ୍ୟରେ ୧ କୋଟି ଟଙ୍କାର ଚୁକ୍ତି ହୋଇଥିଲା। ତେବେ ଏ ବାବଦରେ ଅର୍ଥତତ୍ତ୍ୱ ତିନୋଟି କିସ୍ତିରେ ମୋଟ୍ ୭୫ଲକ୍ଷ ଟଙ୍କା ଦେଇଥିଲା। ସେହିପରି ୨୦୧୧ରେ ଅନୁଷ୍ଠିତ ଓଡ଼ିଶା ପ୍ରିମିୟର ଲିଗ୍(ଓପିଏଲ୍)ର ପ୍ରାୟୋଜକ ଥିଲା ଅର୍ଥତତ୍ତ୍ୱ। ପରବର୍ତ୍ତୀ ସମୟରେ ଏହି ଚିଟ୍‌ଫଣ୍ଡ ସଂସ୍ଥା ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ବହୁ ଜମାକାରୀଙ୍କ କୋଟିକୋଟି ଟଙ୍କା ହଡପ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ତଦନ୍ତ ସିବିଆଇ କରୁଥିବାବେଳେ ଅର୍ଥତତ୍ତ୍ୱ ସହ ତତ୍କାଳୀନ ଓସିଏ ସମ୍ପାଦକ ଆଶୀର୍ବାଦଙ୍କ ଲିଙ୍କ୍ ଥିବା ଜାଣିବାକୁ ପାଇଥିଲା। ପରେ ଆଶୀର୍ବାଦ ବହୁବାର ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡ଼ି)ରେ ହାଜର ହୋଇଥିଲେ। ସେହିପରି ସିବିଆଇ ପକ୍ଷରୁ ମଗାଯାଇଥିବା ବିଭିନ୍ନ କାଗଜପତ୍ର ଆଶୀର୍ବାଦ ଏବଂ ଓସିଏ ତରଫରୁ ଦାଖଲ କରାଯାଇଥିଲା। ତେବେ ଗତ ସେପ୍ଟେମ୍ବର ୧୯ ତାରିଖ ସକାଳେ ସିବିଆଇ ଆଶୀର୍ବାଦଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। ଆଶୀର୍ବାଦଙ୍କ ପକ୍ଷରୁ ଆଇନଜୀବୀ ପ୍ରଭୁପ୍ରସନ୍ନ ବେହେରା ଓ ପ୍ରଣୟ ଦାସ ଏହି ମାମଲା ପରିଚାଳନା କରୁଛନ୍ତି।





For Institutional and Bulk Sales please write to bhubaneshwar@heromotocorp.com

**ଅଥରାଇଜ୍‌ଡ ଡିଲର: ବରଗଡ଼:** ଆକାଶ ହୀରୋ - 7799766396. **ଭବାନୀପାଟନା :** ଅରୁନ୍ଧତୀ ହୀରୋ - 7799766385. **ବଲାଙ୍ଗିର:** ଅରୁନ୍ଧତୀ ହୀରୋ - 7799766327. **ଝାରସୁଗୁଡ଼ା:** ବିଜୟଲକ୍ଷ୍ମୀ ହୀରୋ - 7799766368. **ରାଉରକେଲା:** ଦୁଆ ହୀରୋ - 7799766391. **ସମ୍ବଲପୁର: ଶ୍ରୀ** ଶ୍ୟାମ ହୀରୋ - 7799766356. **ସୋନପୁର:** ଜୟ ଜଗ୍ୱାନ ହୀରୋ - 7799766419. **ସୁନ୍ଦରଗଡ଼:** ରୋବୋଟେକ୍ ହୀରୋ - 8448183659. **ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ବାମରା:** ଚୌଧୁରି ହୀରୋ - 9938274720. **ବରପାଲି:** ଦୁର୍ଗା ମୋଟର୍ସ- 9861265979. **ବେଲପାହାଡ଼:** ବର୍ଷା ମୋଟର୍ସ - 9437058417. **ବୌଧ:** ବନ୍‌ସଲ ଅଟୋ - 9437062948. **ବ୍ରଜରାଜନଗର:** ବୀନା ମୋଟର୍ସ - 9861078290. **ଦେବଗଡ଼ :** ଜିନ୍ଦାଲ ମୋଟର୍ସ - 9437056659. **କୁଚିଣ୍ଡା:** ଶ୍ରୀ ବିମଳା ମୋଟର୍ସ - 7008407979. **କାନ୍ତାବାନଜି:** ଆଶୀର୍ବାଦ ମୋଟର୍ସ - 9937535770. **ନୂଆପଡ଼ା:** ମାରୁତି ଅଟୋ - 9937928818, 7381199999. **ପଦ୍ମପୁର:** ଦେବେଶ ମୋଟର୍ସ - 9437253970. **ରାଜଖଡ଼ିଆଳ:** ଜଗଦମ୍ବା ଅଟୋ କମ୍ପାଇନ - 9937302262. **ରାଜଗାଙ୍ଗପୁର:** କେଡିଆ ଆଣ୍ଡ କେଡିଆ - 9437152881. **ସୁନ୍ଦରଗଡ଼:** ଯମୁନା ମୋଟର୍ସ - 9861078290. **ଟିଟିଲାଗଡ଼:** ସ୍ନେହା ମୋଟର୍ସ - 9437570237.



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ, କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଲାଞ୍ଚନେଇ ଧରାପଡ଼ିଲେ କନିଷ୍ଠ ଯନ୍ତ୍ରୀ

ନିଆଳି,୨୬।୧୧(ଡି.ଏନ୍.ଏ.)

ନିଆଳି ବ୍ଲକରେ କାର୍ଯ୍ୟ କରୁଥିବା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ବିଦ୍ୟୁଲତା ରାଉତ ମଙ୍ଗଳବାର ୩୦ହଜାର ୧୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସେ ଏହି ଟଙ୍କା ଝାଡ଼ଖଣ୍ଡର ଠିକାଦାର ମହମ୍ମଦ୍ ମୋଜାମିଲ୍ ଶେଖ୍‌ଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ସୂଚନା ଅନୁଯାୟୀ, ଠିକାଦାର ଶେଖ୍ ସ୍ୱଚ୍ଛଭାରତ ଯୋଜନାରେ ଏହି ବ୍ଲକର ବିଭିନ୍ନ ପଞ୍ଚାୟତରେ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ପାଇଖାନା ନିର୍ମାଣ କରୁଥିଲେ। ପ୍ରାୟ ୪୩ଟି ପାଇଖାନା ନିର୍ମାଣ ପରେ ବିଲ୍ କରିବା ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରାଉତଙ୍କୁ କହିଥିଲେ। ୫ ଲକ୍ଷ ୧୬ହଜାର ଟଙ୍କାର ବିଲ୍ ପାସ କରିବା ପାଇଁ କନିଷ୍ଠ ଯନ୍ତ୍ରୀ ରାଉତ ଠିକାଦାର ଶେଖ୍‌ଙ୍କୁ ୩୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଶେଖ୍ ଭିଜିଲାନ୍ସର ଦ୍ୱାରସ୍ଥ ହେବା ସହ ଅଭିଯୋଗ କରିଥିଲେ। ମଙ୍ଗଳବାର ପ୍ରାୟ ଅପରାହ୍ନ ୩ଟାରେ କନିଷ୍ଠ ଯନ୍ତ୍ରୀ ରାଉତଙ୍କୁ ଶେଖ୍ ପୂର୍ବ ଦାବି ମୁତାବକ ୩୦ହଜାର ଶହେ ଟଙ୍କା ଦେଉଥିବା ବେଳେ ଭିଜିଲାନ୍ସର ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଲାଞ୍ଚ ଟଙ୍କା ତାଙ୍କ ନିକଟରୁ ଜବତ କରାଯାଇଥିଲା।

# ଲାଞ୍ଚ ନେବାବେଳେ କୃଷି ବିଭାଗ କିରାଣି ଗିରଫ

ସମ୍ବଲପୁର,୨୬।୧୧(ବ୍ୟୁରୋ)




ସମ୍ବଲପୁର ଭିଜିଲାନ୍ସ ହତାରେ ଧରାପଡିଥିବା କୃଷି ବିଭାଗ କିରାଣି (ବାମ)। ଭିଜିଲାନ୍ସ ଜବତ କରିଥିବା ଟଙ୍କା ।

ସାର ଓ କୀଟନାଶକ ଔଷଧ ଦୋକାନ ଲାଇସେନ୍ସ ଦେବା ପାଇଁ ୭ ହଜାର ଲାଞ୍ଚ ନେଉଥିବା ବେଳେ ମଙ୍ଗଳବାର ସମ୍ବଲପୁର ଜିଲା କୃଷି ବିଭାଗ କିରାଣି ସଚ୍ଚିଦାନନ୍ଦ ଡୋରା ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ସନ୍ଧ୍ୟାରେ ତାଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ, ଝାରସୁଗୁଡା ଜିଲା କୋଲାବିରା ଥାନା ଗଞ୍ଜେରମାଲ ଗ୍ରାମର ଖୁସିରାମ ଛତ୍ରିଆ କୀଟନାଶକ ଓ ସାର ଦୋକାନ ଲାଇସେନ୍ସ ପାଇଁ ସମ୍ବଲପୁର କୃଷି ବିଭାଗରେ ଆବେଦନ କରିଥିଲେ। ହେଲେ ତାଙ୍କ କାମ ହୋଇ ପାରୁ ନ ଥିଲା। କିରାଣି ଡୋରା ଜାଣି ଶୁଣି କାମକୁ ଅଟକାଇ ରଖିଥିଲେ । ଶେଷରେ ୭ ହଜାର ଟଙ୍କା ଦେଲେ ଫାଇଲ କାମ ହେବ ବୋଲି ସେ କହିଥିଲେ । ଏଥିରେ ଖୁସିରାମ ରାଜି ହେବା ସହିତ ସମ୍ବଲପୁର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ପୂର୍ବ ପ୍ରସ୍ତୁତି ଅନୁସାରେ ମଙ୍ଗଳବାର ମଧ୍ୟାହ୍ନ ୧୨ଟା ସମୟରେ ଖୁସିରାମ ମୁଦିପଡା ସ୍ଥିତ କୃଷି ବିଭାଗ ଅଫିସକୁ ଯାଇଥିଲେ ଏବଂ କିରାଣି ଡୋରାଙ୍କୁ ୧୪ଟି ୫ଶହ ଟଙ୍କିଆ ମୋଟ ୭ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ପହଞ୍ଚି କିରାଣି ଡୋରାଙ୍କଠାରୁ ରାସାୟନିକ ପ୍ରଲେପ ଦିଆଯାଇଥିବା ଟଙ୍କା ଜବତ କରିବା ସହିତ ତାଙ୍କୁ ଗିରଫ କରିଥିଲେ ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ବନ୍ଧୁକାରକ ବୁଧଙ୍କ ପ୍ରଭାବରେ ଯେଉଁମାନେ ପାଖ ମାଡୁ ନ ଥିଲେ ଆଜି ସେହିମାନେ ନିଜ ତରଫରୁ ମିଶିବା ପାଇଁ ଆଗେଇ ଆସିବେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସାଙ୍ଗକୁ ସ୍ନାୟବିକ ଦୁର୍ବଳତା କେତେକାଂଶରେ ଦୂର ହେବ। କର୍ମକ୍ଷେତ୍ରରେ ପୁରୁଣା କଥାକୁ ନେଇ ସହକର୍ମୀଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ।

**ବୃଷ** କେତେକ କ୍ଷେତ୍ରରେ ପରିସ୍ଥିତି ଏପରି ହେବ ଯେ ଆପଣ ନିଜର ସମ୍ପର୍କୀୟ ବ୍ୟକ୍ତିମାନେ ଦୂରେଇ ଯାଉଥିବାରୁ ପର ଲୋକଙ୍କୁ ଆପଣାର କରିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରର ଚାପ ବୃଦ୍ଧି ପାଇବା କାରଣରୁ ଆଜି ଅଫିସ୍ କାର୍ଯ୍ୟରେ ବେଶି ବ୍ୟସ୍ତ ରହିବେ। ଚେଷ୍ଟା କରୁଥିବା ବ୍ୟବସାୟିକ କାମରେ ଆଂଶିକ ସଫଳତା ମିଳିବ।

**ମିଥୁନ** ନିଜ ଘର କଥା ଚିନ୍ତାକରି ମନ ଭଲ ରହିବ ନାହିଁ, କିନ୍ତୁ ବାହାରେ ଅନ୍ୟମାନେ ଆପଣଙ୍କୁ ଖୋଜିବେ କିଛି ସାହାଯ୍ୟ ଆଶାନେଇ। ଯେଉଁମାନଙ୍କ ପାଇଁ ଆପଣ ଅତୀତରେ ବହୁତ ଉପକାର କରିଥିଲେ, ସେହିମାନେ ସମସ୍ୟା ସୃଷ୍ଟି କରିପାରନ୍ତି। ହଜିଯାଇଥିବା ଜିନିଷ ଆଜି ସନ୍ଧ୍ୟାରେ ପାଇବେ। କର୍ମକ୍ଷେତ୍ରରେ ସହକର୍ମୀ ସହାନୁଭୂତି ପ୍ରଦର୍ଶନ କରିପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ ପରିସ୍ଥିତି ସହ ଟକ୍କର ଦେଇ ଆଗକୁ ଆଗକୁ ବଢ଼ିବା ସକାଶେ ଚେଷ୍ଟା ଅବ୍ୟାହତ ରଖିଲେ ସଫଳତା ଅବଶ୍ୟ ପାଇବେ। କିଏ ଭଲ କହୁ କିମ୍ବା ନ କହୁ ଆପଣ ଯେମିତି ଚିନ୍ତା କରୁଛନ୍ତି, ଠିକ୍ ସେହିପରି ହିଁ କରନ୍ତୁ ଦେଖିବେ ସବୁ ଠିକ୍ ହୋଇଯିବ। ଶିଳ୍ପ, ବାଣିଜ୍ୟ, ପରିବହନ, ବ୍ୟବସାୟ, ଗବେଷଣା, ଆଇନ ଅଦାଲତରେ ସଫଳତା ପାଇବେ।

**ସିଂହ** ପ୍ରତିକୂଳ ସମୟ ଲାଗି ରହିଥିଲେ ମଧ୍ୟ ବହୁତ ଦିନରୁ ଚେଷ୍ଟା କରୁଥିବା କାମରେ ଆଜି କେତେକାଂଶରେ ସଫଳତା ମିଳିପାରେ। ବାଲ୍ୟବନ୍ଧୁ କିମ୍ବା କୌଣସି ବୟସ୍କ ବ୍ୟକ୍ତିଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଆଣିଦେବ । ପାରିବାରିକ ଜୀବନରେ ବୁଝାମଣା ନେଇ ଅଶାନ୍ତି ଦେଖାଦେଇପାରେ। ନୂତନ ଘର, ଗାଡି କିମ୍ବା କିଛି ଯାନ୍ତ୍ରିକ ଜିନିଷ କିଣିବା ପାଇଁ ମନ ବଳାଇ ପାରନ୍ତି ।

**କନ୍ୟା** ନିଜର ଦୃଢ ମନୋବଳ ହେତୁ କର୍ମକ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବାରେ ଅସୁବିଧା ହେବ ନାହିଁ। ବେପରୁଆ ଚାଲିଚଳନ ଓ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ପୂର୍ବରୁ ଶତ୍ରୁତା କରୁଥିବା ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ସମସ୍ୟା ରହିବ।

**ତୁଳା** ଯେଉଁ ଭଳି ଚିନ୍ତା କରୁଛନ୍ତି, ଠିକ୍ ସେହିପରି ହିଁ ହେବ ଏବଂ ଆପଣଙ୍କର କୌଣସି କାମ ଅଟକିବ ନାହିଁ। ଆର୍ଥିକ ସ୍ଥିତି ବେଶ୍ ମଜଭୁତ ରହିବ ଏବଂ କୌଣସି ଯୁବକ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ନୂତନ ଯାନ ବାହନ କିମ୍ବା ଦ୍ରବ୍ୟଲାଭରୁ ଖୁସୀ ହେବେ। ପ୍ରତ୍ୟେକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବିଛା** କୌଣସି ଏକ ସାଧାରଣ କଥାକୁ କେନ୍ଦ୍ର କରି ପ୍ରିୟ ବନ୍ଧୁଟି ମୁହଁ ଫେରାଇ ନେଇପାରନ୍ତି। ନିଜ ଲୋକଙ୍କ ସହ କଳହକୁ ନେଇ ଅଶାନ୍ତି ଲାଗିରହିବ, ମାତ୍ର ବାହାରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ଊଣା ହେବ ନାହିଁ। କଳା, ସାହିତ୍ୟ, ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ଆଜିର ଦିନଟି ପ୍ରତ୍ୟେକ ଦୃଷ୍ଟିକୋଣରୁ ଖୁସୀ ଓ ଆନନ୍ଦରେ ଅତିବାହିତ କରିବେ। ବନ୍ଧୁମାନଙ୍କ ଆଦରବୋଳା କଥାରେ ସବୁ ଦୁଃଖ ଓ କଷ୍ଟକୁ ଭୁଲି ଯାଇପାରନ୍ତି। ନୂତନ ଯୋଜନା, ଅବହେଳିତ କାମ, ବାକି ରହିଥିବା ଟଙ୍କା ପଇସା, କୌଣସି ଆଲୋଚନା, ଆନୁଷ୍ଠାନିକ କାମ ପ୍ରଭୃତିରେ ସଫଳତା ମିଳିବ।

**ମକର** କର୍ମକ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ଅସୁବିଧା ହେବ ନାହିଁ, କିନ୍ତୁ ଅଧିକାଂଶ ସମୟ ଅସ୍ଥିରତା ଲାଗି ରହିବ। ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ସାମାଜିକ ସ୍ତରରେ ପ୍ରଶଂସା ଓ ପ୍ରୋତ୍ସାହନ ଲାଭ କରି ମନୋବଳ ବୃଦ୍ଧି ପାଇବ। ଦୀର୍ଘ ସମୟଧରି ବନ୍ଧୁଙ୍କୁ ପ୍ରତୀକ୍ଷା କରି ରହିବାଜନିତ ଯନ୍ତ୍ରଣା ତୀବ୍ର ହେବ।

**କୁମ୍ଭ** ଅଧିକାଂଶ ସମୟ ମନ ଅସ୍ଥିର ରହିବ, ମାତ୍ର ଆର୍ଥିକ ଦୁରବସ୍ଥା ଦୂରେଇ ଯିବାରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ନୂଆ ଯୋଜନା ଉପରେ ଗୁରୁତ୍ୱ ଦେବେ, ଏଥିପାଇଁ ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡିବ। ସଭା ସମିତି, ଚୁକ୍ତିପତ୍ର, ପରିବହନ ଓ ନିର୍ମାଣ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ମୀନ** ହଠାତ୍ ନିକଟ ସମ୍ପର୍କୀୟମାନେ କୌଣସି ଆଲୋଚନା ସକାଶେ ଡାକି ପାରନ୍ତି। ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ, ଯାହା କି ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ପିଲାମାନଙ୍କ ଆଚରଣ ଓ କାର୍ଯ୍ୟକଳାପ ନାପସନ୍ଦ କରିପାରନ୍ତି। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

ଆଜି ମାର୍ଗଶିର ଶୁକ୍ଳ ପ୍ରତିପଦା ବୁଧବାର, ଶ୍ରୀମନ୍ଦିରରେ ଶେଷ ଦୀପାବଳି ଉତ୍ସବ ସମାପ୍ତ, ଶ୍ରୀଜୀଉଙ୍କର ଶ୍ରାଦ୍ଧବେଶ, ନନ୍ଦ, ଯଶୋଦା, ଦେବକୀ, ବସୁଦେବ, ଇନ୍ଦ୍ରଦ୍ୟୁମ୍ନ ଏବଂ ରାଣୀ ଗୁଣ୍ଡିଚାଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ନଭେମ୍ବର ୨୭ ତାରିଖ, ସକାଳ ଘ.୮।୫୨ମି. ପରେ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୭।୩୪ମି. ଗତେ ଘ.୮।୧୭ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦।୧୪ମି. ଗତେ ଘ.୧୧।୩୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ.୧୨।୫୬ମି. ଗତେ ଘ.୨।୧୭ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




## BRIDE WANTED

ଛାଡ଼ପତ୍ର ପାଇଥିବା ଶିକ୍ଷକଙ୍କ ପାଇଁ ବ୍ରାହ୍ମଣ କନ୍ୟାପାତ୍ରୀ ଆବଶ୍ୟକ। କନ୍ୟା ସିଧା କଥା ହୋଇପାରିବେ। ଯୋଗାଯୋଗ: 9583045929. D-15433

39 ବର୍ଷୀୟା ବରପାତ୍ର ପାଇଁ OBC ପାତ୍ରୀ ଆବଶ୍ୟକ। 7653970770. D-15391

Handsome Sundhi boy 31, 5'7", Industrialist, required House wife. 9437555525. D-15426

Son age 29 B.Tech, M.Tech, Phd Degree from NIT working Scientist/Research Govt. of India Brahmin, 8144589551. D-15435

ଡାଇମଣ୍ଡ କମ୍ପାନୀ, ସୁରଟରେ ଚାକିରୀ କରୁଥିବା 35 ବର୍ଷୀୟ ବରପାତ୍ର ପାଇଁ, ଯେ କୌଣସି ଜାତିର କନ୍ୟାପାତ୍ରୀ ଆବଶ୍ୟକ। ଯୋଗାଯୋଗ: 9348544047, 9238600228. D-15393

## GROOM WANTED

Wanted suitable groom for khandayat girl 1984, 3/2, 5'4", working in USA as software professional. 9437306173. D-68516

34 ବୟସ୍କା Divorcee ନିଃସନ୍ତାନ SBI PO ଚାକିରି କରୁଥିବା ଗୁଡ଼ିଆ ଝିଅଙ୍କ ପାଇଁ ଘରଜ୍ୱାଇଁ ଦରକାର। 7381460016. D-67919

Govt. ଚାକିରିଆ Divorcee 48 ବୟସ୍କା ସୁନ୍ଦର ଖଣ୍ଡାୟତ ଝିଅଙ୍କ ପାଇଁ any caste ପୁଅ ଦରକାର। 7381366108. D-67920

Beautiful whitish Teli girl 23, 5'2", 8/4 B.SC. wanted serviceholder candidate settled near Bhubaneswar. 6370461466. D-60954

Girl age 29 MBBS MD in Delhi working in AIIMS, BBSR (Caste-no-bar) 7008986004. D-15434

ନୟାଗଡ଼ ବାସିନ୍ଦା ଏକମାତ୍ର ଝିଅ (୨୫ବର୍ଷ), ଓଡ଼ିଆ ଭଣ୍ଡାରି ଜାତି, ମଧ୍ୟବିତ୍ତ ପରିବାର ପାଇଁ ପୁଅ ଖୋଜୁଛୁ। ମୋ: ୮୮୨୦୪୬୫୨୨୫. D-15389

ଜାତିବନ୍ଧନ ନୁହେଁ। 36,5.4,M.Com, PGDCA, Govt. Bank Clerk. ମାସିକ ଆୟ 38,000/-, କିନ୍ତୁ ଅବିବାହିତ, ଛାଡ଼ପତ୍ର ପ୍ରାପ୍ତ, ବିପତ୍ନୀକ ଗ୍ରହଣୀୟ ହେବେ। 9111335221. D-15390

43 Age Karan ଘର ଝିଅ Electricity department ରେ incharge ଭାବେ କାର୍ଯ୍ୟରତ। Salary:- 28,000/- ବରପାତ୍ର ଖୋଜୁଛୁ। 7653930086. D-15428

Brahmin bride 28year, 4'.11", B.Tech, Meena, working in Bangalore. Suitable match may call - 7978080191. D-15392

Now Matrimonial ads. only on Wednesday & Sunday Book 1 Get 1 FREE




## SALE

**100ft. Revenue ପିଚୁରାସ୍ତାକୁ ଲାଗି ଘରବାରି, ବାଉଣ୍ଡାରୀ Commercial/ Residential ପ୍ଲଟ୍ 14,40,000/- ଧଉଳି ଶାନ୍ତିସ୍ତୁପ ପାଖରେ ମିଳୁଛି। 9437033320.** D-68426

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68192

**କଟକ-ଗୋପାଳପୁର ଧାନ୍ଲେଇପୀଠରୁ 3k.m sqft.250/-, ଭୁବନେଶ୍ୱର ବାଳକାଟି ବଜାରରୁ 2k.m 550/-, ନଖରା DPS ପାଖରେ sqft.700/- ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440.** D-68409

**Do you want a land in Bhubaneswar, Sundarpada near Xavier University at Lowprice? Litigation free land, first possession then registration. 8847851850.** D-68413

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68432

**Bhubaneswar Pitapalli NH ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି। 8338065148.** D-68420

4300sqft. converted land at Kalinga Nagar near BDA Housing, 10500sqft. near Mancheswar, 6 acres N.H facing land at Bhandari Pokhari, Bhadrak for sale. Contact details: 9337413323, 7008388915. D-67727

**Bhubaneswar Kesura SBI, କଲୋନୀକୁ ଲାଗି ଘରବାରି ପାଚେରୀସହ ଏବଂ Airport ଠାରୁ 5k.m. ସୁନ୍ଦରପଦାରେ plot ବିକ୍ରିହେବ। 9078736851.** D-68428

**ଭୁବନେଶ୍ୱର ପିପିଲି Tol gate ପରେ NH କୁ ଲାଗିକି Plot sqft. 650/-, 8249070901, 9438272948.** D-68430

**ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890.** D-68431

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15304

**Bhubaneswar Uttarachhakaରୁ 5K.M sqft.-550/-, କଟକ ତ୍ରିଶୂଳିଆରୁ 4K.M-280/-, ଜଟଣୀଗେଟ୍‌ଠାରେ 200/, ନଖରା DPS ପାଖରେ 700/-ର ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440.** D-68433

**1500sqft. (6 Nos) 2000sqft. (7 Nos) main road side plot, infront Tata Areana Ghatikia, Sankarpur, Bhubaneswar 30' road, Electricity, Supply water available: 8114744495, 8328943165.** D-15406

6000sqft. land at Mahanadi Vihar, Cuttack, Mobile- 9437177313, 8917242678. D-15427

**BDA Residential plots at Patia railwaystation just 3.5K.M from Big Bazar, 7008613186.** D-68518




160000sqft. vacant land with boundary wall and outhouse to-let or lease for commercial purpose at Totapada adjacent to NH-16 near Khorda. Contact: 7854918287. D-60955

3store building for rent cum sale 1/2/3BHK available for family, bachelor Dhauli, Bhubaneswar. 9337730923. D-15091

2/3BHK with balcony at Bharat villa Hanspal, Bhubaneswar. 1500sqft./ 2000sqft. Contact: 9437311135. D-67257

**6500 Square feet hall type 3 storied building on 100 feet Bhimtangi Main Road for office and commercial. Contact: 9958003695.** D-15405

"One BHK near Big Bazar, Patia. Ladies/ Family preferred. 9437561861, 9439113100". D-15425

For residential/ office purposes at Phulnakhara, Bhubaneswar-Cuttack. 9437442108, 917057510886. D-67509

Office available for rent near SBI, Nayapali, Bhubaneswar. Contact: 7608809520. D-15429

Space for office, residency, guesthouse at Bayamatha Road front of Radhakrishna Mandir. 9437504102. D-67729




Rejuvenate and ayurvedic full body massage by smart therapist. 9114402304. D-68145

Full body herbal massage with refreshment expert therapist. 7381239385, 06742540855. D-68185

Experience full body massage with us (expert). Call: 7377048581, 06742597822. D-68186

Herbal full body massage by smart / expert therapist. Contact: 8338067247. D-68187

Summer special mesmerizing offer expert therapeutic refreshing massage appointment. 9668374480. D-68188

Ayurvedic full body massage ladies & gents smart therapist, 9337349409. D-68707

Newly open full body massage by ladies, gents therapist. 8018656899 D-60852

Ayurvedic full body massage by ladies, gents therapist. 7008773793 D-60853

Refresh your mind and soul with best therapy at Orchid Salon/Spa. 9937287222. D-68708

Ayurvedic full body massage ladies & gents smart therapist, 9668814589. D-68706

Ayurvedic full body massage Ladies/ Gents therapist Contact: 8018467469. D-63965

Sai Harbal spa refresh your body with smart and expert therapist. 7608062524. D-68195

## BUSINESS

Avon trading co. (Regd.) 1500 ରୁ 8000 ରୋଜଗାର କରନ୍ତୁ। Paper plate, ସୂତା ଉଦ୍ୟୋଗ ଲଗାନ୍ତୁ। କଞ୍ଚାମାଲ, ଟ୍ରେନିଂ, ଆଗ୍ରୀମେଣ୍ଟ, ଟ୍ରାନ୍ସପୋର୍ଟ ଫ୍ରୀ.- 9873093017, 9873093217. D-15430

## ASTROLOGY

ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-15270


## AFFIDAVIT

By virtue of an Affidavit before Notary, Bhubaneswar on 25.11.19, I have changed my name from Rita Jena to Rita Kumari Bisoyi. Henceforth I shall be known as Rita Kumari Bisoyi for all purposes. W/o- Kedarnath Bisoyi, At- Kharida, PO- Arkhapur, Ganjam, Odisha- 761117. D-15414

By virtue of an affidavit in the Court of Executive Magistrate, Jajpur on 31.10.2019. I Shusama Tripathy W/o- Prafulla Kumar Tripathy, At- Baliguda, PO- Mangarajpur, Jajpur states Shusama Tripathy and Sasmita Tripathy is one and same person. Henceforth, I shall be known as Shusama Tripathy for all purposes. D-15431

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ





## ଜିଲା ଚିଠି
## କେନ୍ଦୁଝର

# ବିଳମ୍ବିତ ପ୍ରକଳ୍ପ

ଜଳସେଚନ ବ୍ୟବସ୍ଥାର ପ୍ରସାର ଲାଗି ସରକାର ଗୁରୁତ୍ୱ ଦେଉଥିବା ବେଳେ କେନ୍ଦୁଝର ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ୩୯ ବର୍ଷ ତଳେ ଜିଲାର ଯୋଡ଼ା, ଚମ୍ପୁଆ, ଝୁମ୍ପୁରା, ପାଟଣା ଓ କେନ୍ଦୁଝର ସଦର ଆଦି ୫ଟି ବ୍ଲକର ୨୪୪ ପଞ୍ଚାୟତର ୭୩,୦୮୮ଏକର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବା ଲାଗି ବୈତରଣୀ ନଦୀରେ ଯୋଡ଼ା ବ୍ଲକ ବାସୁଦେବପୁର ନିକଟରେ ବୃହତ୍ କାନପୁର ଜଳସେଚନ ଯୋଜନା ନିର୍ମାଣ ପରିକଳ୍ପନା କରାଯାଇଥିଲା। ୧୯୮୦ ମସିହାର କଥା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହି ପ୍ରକଳ୍ପ ନିର୍ମାଣ ଲାଗି ଶିଳାନ୍ୟାସ କରିଥିଲେ। କାମ ନ ହେବାରୁ ୧୯୯୫ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପୁନଶ୍ଚ ଏହାର ଶିଳାନ୍ୟାସ କରିଥିଲେ। ଏହାସତ୍ତ୍ୱେ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରି ନ ଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୪ରେ ଆଉ ଥରେ ଶିଳାନ୍ୟାସ କରିବାରୁ କାର୍ଯ୍ୟାରମ୍ଭ ହୋଇଥିଲା। ସେତେବେଳେ ୨୦୦୯ ସୁଦ୍ଧା ନିର୍ମାଣ ଶେଷ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ଏହାମଧ୍ୟରେ ଧାର୍ଯ୍ୟ ସମୟସୀମା ଅତିକ୍ରମ କରି ପ୍ରାୟ ଏକ ଦଶନ୍ଧି ବିତିଲାଣି। ଜମି ଅଧିଗ୍ରହଣ, ବିସ୍ଥାପନ ଓ ଥଇଥାନ ଭଳି କାର୍ଯ୍ୟ ସମେତ ଜଙ୍ଗଲ କିସମ ଜମିର ପରିବର୍ତ୍ତନ ହୋଇପାରୁ ନ ଥିବାରୁ ନିର୍ମାଣ କାମ ଆଗେଇ ପାରୁନାହିଁ।

ଉଲ୍ଲେଖନୀୟ ଯେ, ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଚାଷ ଜମିକୁ କେନାଲ ପାଣି ମାଡିବ ଓ ଦୋଫସଲି ଚାଷ ହେବ ବୋଲି ସମ୍ପୃକ୍ତ ଅଞ୍ଚଳର ଚାଷୀ ଯେଉଁ ଆଶା ବାନ୍ଧିଥିଲେ, ତାହା ଆଜି ବି ଅଧୁରା ହୋଇରହିଛି। ବର୍ତ୍ତମାନ ସୁଦ୍ଧା ଉକ୍ତ ପ୍ରକଳ୍ପ ଲାଗି ପାଖାପାଖି ୨୨୦୦ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଲାଣି। ନିର୍ମାଣ କାର୍ଯ୍ୟରେ ଅଯଥା ବିଳମ୍ବ ଘଟୁଥିବାରୁ ପ୍ରକଳ୍ପ ଶେଷହେବା ବେଳକୁ ଏହାର ବ୍ୟୟ ଅଟକଳ ୩ ହଜାର କୋଟି ଟପିଯିବ ବୋଲି ଆଶଙ୍କା କରାଯାଉଛି। ୨୦୦୪ରେ ଏହି ପ୍ରକଳ୍ପ ଲାଗି ବ୍ୟୟ ଅଟକଳ ଥିଲା ମାତ୍ର ୪୩୧ କୋଟି ଟଙ୍କା। ୨୦୧୧ ବେଳକୁ ବ୍ୟୟ ଅଟକଳ ବୃଦ୍ଧି ପାଇ ୪୫୦ କୋଟି ଟଙ୍କାରେ ପହଞ୍ଚିଥିଲା। ୨୦୧୩-୧୪ ରେ ପୁନଶ୍ଚ ଅଟକଳ ବୃଦ୍ଧି ପାଇ ୧୦୬୭ କୋଟି ଟଙ୍କା ହୋଇଥିଲା। ସରକାରଙ୍କ ବିସ୍ଥାପନ ଓ ଥଇଥାନ ନୀତି ତ୍ରୁଟିପୂର୍ଣ୍ଣ ବୋଲି ଦର୍ଶାଇ ଅନେକ ସମୟରେ ଆନ୍ଦୋଳନ ହେଉଥିବାରୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା କୁହାଯାଉଛି। ବୃହତ୍ କାନପୁର ଜଳସେଚନ ଯୋଜନା ଦ୍ୱାରା ୩,୫୪୯ ପରିବାର ବିସ୍ଥାପିତ ହେବାକୁ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏମାନଙ୍କ ମଧ୍ୟରୁ ୧, ୭୬୯ଟି ପରିବାରଙ୍କୁ ଥଇଥାନ କରାଯାଇପାରିଛି। ଅବଶିଷ୍ଟ ୧,୮୨୫ ପରିବାର ବାଦ୍ ପଡ଼ିଥିବା ଅଭିଯୋଗ ହେଉଛି। ପ୍ରକଳ୍ପର ଅଗ୍ରଗତି ନେଇ ବିଭିନ୍ନ ସମୟରେ ବୈଠକ ଓ ଆଲୋଚନା ହେଉଥିଲେ ବି କୌଣସି ସମାଧାନ ହେଉନାହିଁ କି କାର୍ଯ୍ୟ ଶେଷ ହୋଇ ପାରୁନାହିଁ। ଅନ୍ୟପକ୍ଷେ ନିର୍ମାଣ କାର୍ଯ୍ୟରେ ତ୍ରୁଟି ଥିବା ନେଇ କେନ୍ଦୁଝର ନାଗରିକ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇ ଆସୁଛି।

– ନରେଶ ଚନ୍ଦ୍ର ପଟ୍ଟନାୟକ

# ଗାଡ଼ିମୋଟର ଯାଞ୍ଚରେ କୋହଳ କରାଯିବ ନାହିଁ: ପରିବହନ ମନ୍ତ୍ରୀ

**ଭୁବନେଶ୍ୱର,୨୬।୧୧(ବ୍ୟୁରୋ)**

ରାଜ୍ୟ ସରକାର ଦେଇଥିବା ୩ ମାସର ଡେଡ୍ ଲାଇନ୍ ଆଉ ୪ଦିନରେ ସରୁଛି। ନୂଆ ମୋଟର ଯାନ ଆଇନକୁ କଡାକଡ଼ି ପାଳନ କରିବାକୁ ଟ୍ରାଫିକ ପୋଲିସ ଓ ଆର୍‌ଟିଓ ପୂରା ପ୍ରସ୍ତୁତ ହୋଇ ରହିଛି। ହେଲେ ଏବେବି ବହୁ ଗାଡ଼ି ଚାଳକ ଡ୍ରାଇଭିଂ ଲାଇସେନ୍ସ ଓ ଗାଡ଼ିର ବିଭିନ୍ନ କାଗଜପତ୍ର ଠିକ୍ କରିପାରି ନାହାନ୍ତି। ଯାଞ୍ଚ ଓ ୧୦ଗୁଣା ଅଧିକ ଜରିମାନାରୁ ମୁକୁଳିବା ପାଇଁ ଆର୍‌ଟିଓ ଅଫିସକୁ ଦୌଡୁଛନ୍ତି। ଆରମ୍ଭରୁ ସଜାଗ ନ ହୋଇ ଏବେ ଶେଷ ବେଳକୁ ହଠାତ୍ ବହୁ ସଂଖ୍ୟାରେ ଲୋକେ ପହଞ୍ଚୁଥିବାରୁ ଆର୍‌ଟିଓ ଅଫିସରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳୁଛି। ଆଉ ୧ ମାସ ସମୟ ଦେବାକୁ ଲୋକେ ନିବେଦନ କରିଛନ୍ତି। ତେବେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି, ଡିସେମ୍ବର ୧ରୁ ନୂଆ ମୋଟର ଆଇନକୁ କଡାକଡି ଲାଗୁ କରାଯିବ। ଯାଞ୍ଚ ବି କଡ଼ାକଡ଼ି ହେବ। ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ ଓ କାର୍ଯ୍ୟାନୁଷ୍ଠାନ ହେବ। ଲୋକଙ୍କୁ ପୂର୍ବରୁ ସଚେତନ କରାଯିବା ସହ ଯଥେଷ୍ଟ ସମୟ ଦିଆଯାଇଥିଲା। ଆଉ କୋହଳ କରାଯିବାର ପ୍ରଶ୍ନ ଉଠୁନି ବୋଲି ସେ କହିଛନ୍ତି। ଭୁବନେଶ୍ୱର ଆର୍‌ଟିଓ-୧ ପ୍ରଦୀପ ମହାନ୍ତି କହିଛନ୍ତି, ସରକାର ୩ମାସ ସମୟ ଦେଇଥିଲେ। ଏହା ମଧ୍ୟରେ ଅନେକ ଲୋକେ ଲାଇସେନ୍ସ କଲେ ନାହିଁ। କିନ୍ତୁ ଶେଷ ବେଳକୁ ହଠାତ ଆସିଯିବାରୁ ସମସ୍ୟା ହେଉଛି। ଆଉ ସ୍ଲଟ୍ ମଧ୍ୟ ଫାଙ୍କା ନ ଥିବାରୁ ଲୋକଙ୍କୁ କିଭଳି ଲର୍ନିଂ ଲାଇସେନ୍ସ ଦେଇହେବ ସେନେଇ ବ୍ୟବସ୍ଥା କରାଯାଉଛି। ଟ୍ରାଫିକ ଡିସିପି ସାଗରିକା ନାଥ କହିଛନ୍ତି, ଯେଉଁମାନେ ନିୟମ ପାଳନ କରିବେ ନାହିଁ ନୂଆ ମୋଟର ଆଇନ ଅନୁସାରେ ଫାଇନ୍ ଗଣିବେ। ବାକି ୪ଦିନ ଭିତରେ ଗାଡିର କାଗଜପତ୍ର ଠିକ୍ କରିଦେବାକୁ ସେ ଲୋକଙ୍କୁ ନିବେଦନ କରିଛନ୍ତି।

### ଦେବ ଦୀପାବଳି ଉତ୍ସବ
# କୌଶଲ୍ୟା, ଦଶରଥଙ୍କୁ ଦୀପଦାନ

**ପୁରୀ ଅଫିସ,୨୬।୧୧**



ମାର୍ଗଶିର ଅମାବାସ୍ୟା ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପିତୃପୁରୁଷ ଦଶରଥ ଓ କୌଶଲ୍ୟାଙ୍କୁ ଦୀପଦାନ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାଧୂପ ନୀତି ବଢିବା ପରେ ଦେବ ଦୀପାବଳି ନୀତି ଆରମ୍ଭ ହୋଇଥିଲା। ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ ନୀତି ଭଳି ସମାନ ନୀତି ରହିଥିଲା। ଠାକୁର ଶ୍ରାଦ୍ଧ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ମନ୍ଦିରରେ ଦୀପ ଲଗାଯାଇଥିଲା। ଶ୍ରୀମନ୍ଦିରରେ ତିନିଦିନ ଧରି ପାଳିତ ହେଉଥିବା ଦେବ ଦୀପାବଳି ଉତ୍ସବର ବୁଧବାର ଶେଷ ଦିବସ। ଏହିଦିନ ଠାକୁର ବାସୁଦେବ ଓ ଦେବକୀ, ନନ୍ଦ, ଯଶୋଦା, ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାଙ୍କୁ ଦୀପଦାନ କରିବେ। ସୂଚନାଯୋଗ୍ୟ, ମହାପ୍ରଭୁ ମାର୍ଗଶିର ଚତୁର୍ଦ୍ଦଶୀରେ ଅଦିତି ଓ କଶ୍ୟପଙ୍କୁ, ଅମାବାସ୍ୟାରେ କୌଶଲ୍ୟା ଓ ଦଶରଥଙ୍କୁ ଦୀପଦାନ କରିଥିବାବେଳେ ଶୁକ୍ଳ ପ୍ରତିପଦା ଅର୍ଥାତ୍ ବୁଧବାର ଦେବକୀ ଓ ବସୁଦେବ, ନନ୍ଦ ଓ ଯଶୋଦା, ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାଙ୍କୁ ଶ୍ରାଦ୍ଧ ଦେବେ।



ଏସବିପି-ବନ ବିଭାଗ ଅଧିକାରୀମାନେ ଗ୍ରାମବାସୀଙ୍କୁ ବୁଝାଶୁଝା କରୁଛନ୍ତି ।

# ହାତୀ ଆକ୍ରମଣରେ ଚାଷୀ ମୃତ

**ସମ୍ବଲପୁର,୨୬ ।୧୧(ବ୍ୟୁରୋ)**

ବିଲରେ ଧାନ କାଟୁଥିବା ବେଳେ ଦନ୍ତା ହାତୀ ଆକ୍ରମଣ କରିବାରୁ ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ଦାନ୍ତରୀ ଗ୍ରାମର ଚାଷୀ ନୁକାଶ ଡୁଙ୍ଗଡୁଙ୍ଗ(୫୦)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ଏହି ଘଟଣାରେ ତାଙ୍କ ସ୍ତ୍ରୀ ଦ୍ରୌପଦୀ ଡୁଙ୍ଗଡୁଙ୍ଗ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବର ପାଇ ସଦର ରେଞ୍ଜର ଗୌରୀ ଦାସ ଓ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନୁକାଶଙ୍କ ପରିବାରକୁ ଶୁଦ୍ଧିକ୍ରିୟା ପାଇଁ ପ୍ରଥମେ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ମାତ୍ର ଗ୍ରାମବାସୀ ମୃତକଙ୍କ ପରିବାରକୁ ୧୨ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରି ମୃତଦେହ ଛାଡି ନ ଥିଲେ। ୧ ମାସ ମଧ୍ୟରେ ଆବଶ୍ୟକ କାଗଜାତ ଦାଖଲ କଲେ କ୍ଷତିପୂରଣ ଦିଆଯିବ ବୋଲି ରେଞ୍ଜର ଦାସ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଯୁଯୁମୁରା ପୋଲିସ ମୃତଦେହ ଜବତ କରିଥିଲା। ମୃତଦେହକୁ ଜିଲା ସଦର ଡାକ୍ତରଖାନାରେ ରଖାଯାଇଛି। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି । ସୂଚନା ଅନୁସାରେ, ମଙ୍ଗଳବାର ଭୋର୍ ସମୟରେ ନୁକାଶ ଧାନ କାଟିବା ପାଇଁ ବିଲକୁ ଯାଇଥିଲେ। କିଛି ସମୟ ପରେ ତାଙ୍କ ସ୍ତ୍ରୀ ଦ୍ରୌପଦୀ ମଧ୍ୟ ଧାନ କାଟିବାକୁ ସେଠାରେ ପହଞ୍ଚିଥିଲେ । ହେଲେ ଏକ ଦନ୍ତା ହାତୀ ବିଲରେ ଧାନ ଖାଇଥିବା ସେ ଦେଖିବାକୁ ପାଇଥିଲେ ଏବଂ ଜୀବନ ବିକଳରେ ଗ୍ରାମକୁ ପଳାଇ ଆସିଥିଲେ। ପରେ ଦ୍ରୌପଦୀ ଗ୍ରାମବାସୀଙ୍କ ସହିତ ହାତୀ ଘଉଡାଇବା ପାଇଁ ଯାଇ ନୁକାଶଙ୍କ ମୃତଦେହ ବିଲରେ ପଡିଥିବା ଦେଖିବାକୁ ପାଇଥିଲେ । ଗତ ୧୫ ଦିନ ହେଲା ଏହି ଅଞ୍ଚଳରେ ୨୦ ହାତୀ ରାତି ହେଲେ ଗାଁ ମୁହାଁ ହୋଇ ଫସଲ ନଷ୍ଟ କରୁଛନ୍ତି ।



















ତୁମେ ନିଜ ଭିତରେ ପବିତ୍ରତାର ଅଗ୍ନିକୁଣ୍ଡ ଜଳାଇ କାହିଁକି ବୀରତ୍ୱର ସହିତ ତା'ଭିତରେ ପଶି ନିଜକୁ ଶୁଦ୍ଧ କରୁ ନାହଁ ? ତା'ହେଲେ ଏହି ଭୟଙ୍କର ଏବଂ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତି– ଯାହାକି ସମଗ୍ର ସଭ୍ୟତାକୁ ଅନ୍ଧକାର ମଧ୍ୟରେ ନିଶ୍ଚିହ୍ନ କରିଦେବାକୁ ବସିଛି– ତାହା ଆଉ ତୁମକୁ ଆକ୍ରାନ୍ତ କରିପାରନ୍ତା ନାହିଁ।
–ଶ୍ରୀମା

# ପୋଲିସ ଜବତ ଚୋରିଡକାୟତିଠାରୁ ସାଂଘାତିକ



ସହଦେବ ସାହୁ

ବୟୋବୃଦ୍ଧଙ୍କ ସଂଗଠନ ଏଜ୍ କେୟାର୍ ଆସୋସିଏଟ୍ସର ଅଧ୍ୟକ୍ଷ ଭାବେ ମୁଁ ଆଇଆର୍‌ସି ଭିଲେଜ୍ ଥାନା ସାମ୍ନା ସିଏଇଟ୍ କ୍ୱାର୍ଟରରେ ଥିବା ଅଫିସ୍ ଗୃହକୁ ଗଲେ ମୋ ଆଖିରେ ପଡେ କୁଢ କୁଢ ଗାଡିର ପାହାଡ। ଗୋଟିଏ ଗାଡି ଉପରେ ଆଉ ଗୋଟିଏ ଗାଡି ରଖା ହୋଇଥିବାର ଦେଖେ। ସେଗୁଡିକ ପୋଲିସ ଜବତ କରିଥିବା ଯାନବାହନ। ଧରା ହେଲା କ୍ଷଣି ପୋଲିସ ହେପାଜତରେ ରହିବା କଥା। ଥାନା ପରିସରରେ ଜାଗା ନ ଥିବାରୁ ସେଗୁଡିକୁ ଥାନା ସାମ୍ନାରେ, ରାସ୍ତା କଡରେ, କିମ୍ବା ଖୋଲା ଜାଗାରେ ରଖାଯାଇଥାଏ। ଜାଗା ଅଭାବରୁ ଗୋଟିଏ ଗାଡି ଉପରେ ଆଉ ଗୋଟିଏ ଗାଡି ରଖାଯାଇଥାଏ। ଥାନାବାବୁ ଭଲ ଲୋକ ହୋଇଥିଲେ ପରିଚୟପତ୍ର ଦେଖାଇ ମାଲିକ ଗାଡି ନେଇପାରେ, କିମ୍ବା ମାର୍ଫତରେ ଗାଡି ରଖିପାରେ। ନଚେତ୍ ଚୋରି ବା ଡକାୟତି ମାମଲା ନ ସରିଲା ଯାଏ ଗାଡି ପୋଲିସ୍ 'ଜିମା'ରେ ପଡିରହିଥାଏ। ଏ ତ ନାଁକୁ ଜିମା, ପୋଲିସ କିଛି ଦାୟିତ୍ୱ ନିଏ ନାହିଁ, ପ୍ରକୃତ ମାଲିକ ପଇସା (ଲାଞ୍ଚ) ନ ଦେଇପାରିଲେ ଗାଡି ଖତ ଖାଏ। ମାମଲାଗୁଡିକ ବହୁତ ଦିନ ଲାଗେ। କେତେକ କ୍ଷେତ୍ରରେ ମାମଲା ସୁରୁ ହେବା ଲାଗି ପ୍ରଥମ ରିପୋର୍ଟ କୋର୍ଟକୁ ଯିବାରେ ଏତେ ଡେରି ହୁଏ ଯେ, ବେଳେ ବେଳେ ଥାନା ଅଧିକାରୀମାନଙ୍କ ସଲାସୁତରାରେ ଖଳ ଲୋକମାନେ ଗାଡିର ପାର୍ଟ୍ସ କାଢି ନିଅନ୍ତି, ଅବା ଚୋରାରେ ବିକ୍ରି ହୋଇ ଯାଏ। ଚୋରା ବଜାରରେ ଆମ ଗାଡି ମରାମତି ପାଇଁ ଦରକାରୀ ପାର୍ଟ୍ସ ମିଳିବାର ଏହା ହିଁ କାରଣ। ଏଥିପାଇଁ କୌଣସି ପୋଲିସ ଅଧିକାରୀଙ୍କୁ ଦାୟୀ କରାଯାଏ ନାହିଁ। ଏଥିରେ ଦୁଇ ରକମର କ୍ଷତି– ଚୋର ଗାଡିଟିକୁ ବ୍ୟବହାର କରିପାରିଲା ନାହିଁ କିମ୍ବା ପଇସା ପାଇବା ପାଇଁ ବିକି ପାରିଲା ନାହିଁ। ଦ୍ୱିତୀୟରେ ମାଲିକ ତା' ଗାଡିଟି ସବୁଦିନ ପାଇଁ ହରାଇଲା। ଖରାତରାରେ ପଡି ରହି ଗାଡିଟି ନଷ୍ଟ ହେବା ହିଁ ସାର ହେଲା। ଦେଶର ଜିଡିପି କମିବାର ଏ ଗୋଟିଏ କାରଣ। ଆଇନ ଅନୁଯାୟୀ ଜବତ ବସ୍ତୁଗୁଡିକ ଆଇନତଃ ନଷ୍ଟ ହୋଇଯାଏ।

ସରକାରୀ ଜବତ ବି ଦେଶର ଐତିହ୍ୟକୁ ନଷ୍ଟ କରୁଛି। ସମ୍ପ୍ରତି ଖବରକାଗଜରେ ବାହାରିଥିଲା ଯେ ମାଡ୍ରାସର ଗୁଇଣ୍ଡିଠାରେ ସିବିସିଆଇଡି ଇକୋନମିକ୍ ଅଫେନ୍ସେସ୍ ଉଇଙ୍ଗ୍ ଜବତ କରି ରଖିଥିବା ପୁରାତନ ମୂର୍ତ୍ତିଗୁଡିଏ ଛିନ୍ନ ବିଚ୍ଛିନ୍ନ ହୋଇ ଫୋପଡା ହୋଇଛି ଅଫିସରଙ୍କ ପାର୍କିଂ ଜାଗାରେ। ସେଗୁଡିକର ମୂଲ୍ୟ କଳନା କରିହେବ ନାହିଁ। ଆଉ କେତେକ ପଥର, ବ୍ରୋଞ୍ଜ ଓ କାଠର ପ୍ରାଚୀନ ମୂର୍ତ୍ତି ଆଦିଆର ନଦୀ କୂଳରେ, ନଦୀ ମାତ୍ର ଗୋଟିଏ ପାଚେରି ପରେ ଅଛି। କେତେ ବର୍ଷ ହେଲା ମୂର୍ତ୍ତିଗୁଡିକ ପଡିରହିଛି କହିହେବ ନାହିଁ। ପ୍ରତ୍ନତାତ୍ତ୍ୱିକ ବସ୍ତୁଗୁଡିକ ଭିତରେ ରହିଛି ଖୋଦିତ ମୂର୍ତ୍ତି, ପୂର୍ଣ୍ଣାବୟବ ମୂର୍ତ୍ତି ଖୋଦିତ ପ୍ରସ୍ତର ସ୍ତମ୍ଭ, ସୂକ୍ଷ୍ମ କାରୁକାର୍ଯ୍ୟରେ ମଣ୍ଡିତ କାଷ୍ଠ ଖଣ୍ଡ, ମନ୍ଦିର ରଥ, ବିଭିନ୍ନ ବାହନ ଓ ଦେବଦେବୀଙ୍କ ଉପାସନା ଉପକରଣ। ତହିଁରେ ଅଛି ୨୦୧୬ରେ ଜବତ ହୋଇଥିବା ପ୍ରତ୍ନତାତ୍ତ୍ୱିକ ବସ୍ତୁ। ଆଣ୍ଟିକ୍ ବା ପ୍ରାଚୀନବସ୍ତୁର ବ୍ୟବସାୟୀ ଅଲୱାର ପେଟ୍ର ଜି. ଦୀନଦୟାଲନ୍‌ଙ୍କ ଗୋଦାମରୁ ପ୍ରାୟ ୮୦୦ ପଥର ମୂର୍ତ୍ତି ବା କାରୁକାର୍ଯ୍ୟପୂର୍ଣ୍ଣ କଳାକୃତି ଜବତ କରାଯାଇଥିଲା। ପରବର୍ତ୍ତୀ ବର୍ଷଗୁଡ଼ିକରେ ତାଙ୍କ ସହଯୋଗୀ କୁଟିକାଡୁର ଲକ୍ଷ୍ମୀ ନାରାୟଣନ୍‌ଙ୍କ ବଙ୍ଗଳା ଓ ଗ୍ୟାଲେରୀରୁ ପ୍ରାୟ ୨୦୦ କାଠ ତିଆରି ପ୍ରାଚୀନ ବସ୍ତୁ ଜବତ କରାଯାଇଥିଲା। କାଞ୍ଚିପୁରମ୍ ଜିଲାର ସଇଦା ପେଟ୍ର ରଣବୀର ଶାହଙ୍କ ୨ଟି ଖଳାରୁ ୨୨୪୪ଟି ପ୍ରାଚୀନ ମୂର୍ତ୍ତି ଓ କଳାକୃତିକୁ ଉକ୍ତ ବିଭାଗର ଆଇଡଲ୍ ଉଇଙ୍ଗ (ମୂର୍ତ୍ତି ଶାଖା) ଜବତ କରିଛି। ମହିଳା ବ୍ୟବସାୟୀ କିରଣ ରାଓଙ୍କ ଓସ୍ ଗାର୍ଡେନ ପରିସରରୁ ୨୩ଟି ମୂର୍ତ୍ତି ଜବତ କରାଯାଇଥିଲା। ଏହି ପୁରାତନ ବସ୍ତୁଗୁଡିକ ଆଇଡଲ୍ ଉଇଙ୍ଗ ଚାର୍ଜରେ ଥିବା ସେ ସମୟର ଆଇଜି ପୋଲିସ ଏ.ଜି. ପନମାନିକା ଭେଲ୍ ଜବତ କରିଥିଲେ। ଅବସର ପରେ ସେ ବର୍ତ୍ତମାନ ଉକ୍ତ ସ୍ପେଶାଲ ୟୁନିଟ୍‌ର ସ୍ପେଶାଲ ଅଫିସର ଭାବେ କୋର୍ଟ ଦ୍ୱାରା ନିଯୁକ୍ତ ହୋଇଛନ୍ତି। ଫୌଜଦାରି ଦଣ୍ଡବିଧି ସଂହିତା (ସିଆର୍‌ପିସି) ଅନୁସାରେ ଯଦି ଜଣେ ତଦନ୍ତକାରୀ ଅଫିସର ପ୍ରାଚୀନ ବସ୍ତୁ ଜବତ କରେ ସେ ଏ ସମ୍ପର୍କରେ ଏକ ମକଦ୍ଦମା ରୁଜୁ କରିବେ ଏବଂ ମକଦ୍ଦମା ସରିଗଲେ ପ୍ରକୃତ ମାଲିକ କିମ୍ବା ମନ୍ଦିରକୁ ବସ୍ତୁଗୁଡିକ ଫେରାଇ ଦିଆଯିବ। ସେତେବେଳକୁ ଜବତ ସାମଗ୍ରୀ ମାଟି ନ ଖାଇଥିଲେ ହେଲା।

ଏ ଦିଗରେ ସରକାରଙ୍କ ନଜର ପଡୁନାହିଁ। ହିନ୍ଦୁ ରିଲିଜିୟସ୍ ଚାରିଟେବଲ ଏଣ୍ଡାଓମେଣ୍ଟ ଡିପାର୍ଟମେଣ୍ଟ ଜବତ–ଅଧିକାରୀମାନଙ୍କୁ ଜାଗା ଦେବେ କହିଥିଲେ ବି ଖାଲି ଜାଗା ଦେଖାଉଛନ୍ତି ସିନା ଏ ଯାବତ୍ କୌଣସି ଜାଗା ଆବଣ୍ଟନ କରି ନାହାନ୍ତି। ଆଇଡଲ ଉଇଙ୍ଗ ଅଧିକାରୀମାନେ ଡରୁଛନ୍ତି ଯେ କଳାକୃତିଗୁଡିକ ଦିନେ ଆଦିୟାର ନଦୀର ବଢିରେ ନଷ୍ଟ ହୋଇଯିବ। କଳା ବିଶାରଦମାନେ, ପ୍ରତ୍ନତତ୍ତ୍ୱବିତ୍‌ମାନେ ଏବଂ ସଂସ୍କୃତି ରକ୍ଷାରେ ଉତ୍ସାହୀ ଲୋକେ ଏ ସମ୍ପର୍କରେ ବହୁବାର ଜଣାଇଥିଲେ ଓ ବହୁ ପ୍ରତିବାଦ କରିଥିଲେ ବି କୌଣସି ଫଳ ମିଳି ନାହିଁ।

ଖରାପଡିଲେ ପଥର ପ୍ରସାରିତ ହୁଏ, ରାତିରେ ତାହା ସଙ୍କୁଚିତ ହୁଏ। ଗ୍ରୀଷ୍ମଋତୁରେ ସଂପ୍ରସାରିତ ହୁଏ ଶୀତଋତୁରେ ସଙ୍କୁଚିତ ହୁଏ। ଜଳବାୟୁର ଏଭଳି ପ୍ରଭାବରେ ପ୍ରାଚୀନ ବସ୍ତୁଗୁଡିକର ଉପର ଆବରଣର ଛାଲି ଉଠିଯାଏ। ଚଢେଇମାନେ ତା' ଉପରେ ବସି ମଳତ୍ୟାଗ କରନ୍ତି। ତାକୁ କାଗଜ ମଣ୍ଡ କିମ୍ବା ତଦ୍ରୂପ ବ୍ୟବସ୍ଥାରେ ଦୂର ନ କଲେ ପ୍ରାଚୀନ ବସ୍ତୁଗୁଡିକ ନଷ୍ଟ ହେବାକୁ ଆରମ୍ଭ କରେ।

ଆଜିକାଲି ବାୟୁ ପ୍ରଦୂଷଣ ଅତି ମାରାତ୍ମକ ହେଲାଣି। ଆମ ଘର ଦୁଆରେ ଯଦି ଧୂଳି ଧୂଆଁର ମୋଟା ମୋଟା ପରସ୍ତ ପଡିଯାଉଛି ତେବେ ମୂର୍ତ୍ତିଗୁଡିକ ଉପରେ ମଧ୍ୟ ସେଭଳି ପଡୁଥିବ। ପଥର ଓ କାଠର ମୂର୍ତ୍ତିଗୁଡିକରେ ବା ସ୍ତମ୍ଭରେ ଯେଉଁ କାରୁକାର୍ଯ୍ୟ ହୋଇଥିବ ତାହା ଖରା ଓ ବର୍ଷାରେ ନଷ୍ଟ ହୋଇଯିବ। ଆଜିକାଲି ପ୍ରଥମ କେତୋଟି ଅସରା ବର୍ଷାରେ ପଥର ଉପରେ ଅମ୍ଳ ଜମିଯାଏ। ସିଲିକା ବ୍ୟତୀତ ଅନ୍ୟ ମିନେରାଲ୍ ଏସିଡ୍ ପଡିଲେ ଶୀଘ୍ର ନଷ୍ଟ ହୋଇଯାଏ। କାଠ କଥା କ'ଣ କହିବା ? ଖରାତରାରେ ପଡିରହିଲେ କାଠ ଖୁବ୍ ଶୀଘ୍ର ନଷ୍ଟ ହୋଇଆସେ। ପାଣି କାଠକୁ ଫୁଲାଇ ଦିଏ ଓ ଖରା ସଙ୍କୁଚିତ କରେ। ଆମେ ତ କବାଟ ଝରକା ଉପରେ ଦେଖୁଛୁ। ଏଭଳି ଖରାବର୍ଷାର ପ୍ରଭାବ କାଠକୁ ଫଟାଇ ଦିଏ ଓ ମୂର୍ତ୍ତିକୁ କୁରୂପ କରିଦିଏ। ମୂର୍ତ୍ତିର ରଙ୍ଗ ଛଡାଇଦିଏ। ନୂଆଦିଲ୍ଲୀର ପୁରାନା କିଲ୍ଲାଠାରେ ଭାରତର ଆର୍କିଓଲୋଜିକାଲ ସର୍ଭେ ଗୋଟିଏ ସ୍ୱତନ୍ତ୍ର ମ୍ୟୁଜିୟମ୍ ଖୋଲିଛି, ଯେଉଁଠି ଜବତ କରାହୋଇଥିବା କଳାକୃତି ତଥା ମରାମତି ହୋଇଥିବା କଳାକୃତିଗୁଡ଼ିକୁ ରଖାହୋଇଛି। ଏହି ବ୍ୟବସ୍ଥା ଯଦି ସବୁ ପ୍ରଦେଶରେ ହୁଅନ୍ତା ତେବେ ଚୋରି ଡକାୟତିରୁ ଉଦ୍ଧାର କରାହୋଇଥିବା ଆମ ଐତିହ୍ୟ ରକ୍ଷା ପାଇଯାଆନ୍ତା।

ଆମ ଦେଶରେ ଚୋରି ଡକାୟତିରେ ବର୍ଷକୁ ଯେତେ ଗାଡିଘୋଡା ଏବଂ ପ୍ରତ୍ନତାତ୍ତ୍ୱିକ ସାମଗ୍ରୀ ଯାଏ ତାହାର ମୂଲ୍ୟ ୧୦୦୦ କୋଟି ଟଙ୍କାରୁ ଅଧିକ ହେଉଥିଲା ବେଳେ ଲାଞ୍ଚ କାରବାରରେ ଆହୁରି ୧୦୦୦ କୋଟି ଖର୍ଚ୍ଚ ହେଉଛି କହିଲେ କଥାଟା ସରିଯାଉନାହିଁ, ସାମାଜିକ ନୈତିକତା କେତେ ନଷ୍ଟ ହେଉଛି କେହି ଭାବୁନାହାନ୍ତି। ଏହାର ବଡ ସମାଧାନ ହେଉଛି ଚୋରି ଡକାୟତିରୁ ଜବତ ଜିନିଷକୁ ୨୪ ଘଣ୍ଟା ଭିତରେ ମାଲିକଙ୍କୁ ଫେରାଯାଉ କିମ୍ବା ସରକାର ମ୍ୟୁଜିୟମ୍ ଭଳି ସୁରକ୍ଷିତ ଜାଗାରେ ରଖନ୍ତୁ। ଡିଜିଟାଲ୍ ଯୁଗରେ ଇଣ୍ଟରନେଟରେ ପ୍ରଚାର କରାଯାଇ କେହି ମାଲିକ ବୋଲି ସାମାନ୍ୟତମ ପ୍ରମାଣ ଦେଇପାରିଲେ ତାହାର ଜିମାରେ ଗାଡି ବା ପ୍ରତ୍ନତାତ୍ତ୍ୱିକ ସାମଗ୍ରୀ ରଖାଯାଉ। ମାମଲା ସରିବା ଉପରେ ନିର୍ଭର କରା ନ ଯାଉ। ମାମଲା ସରିଲାବେଳକୁ ଜବତ ସାମଗ୍ରୀ ସବୁ ବ୍ୟବହାର ଅଯୋଗ୍ୟ ହୋଇଗଲେ ଆମର ଜିଡିପି ସେତିକି ନଷ୍ଟ ହେଉନାହିଁ କି ଏବଂ ଆମ ସଂସ୍କୃତିର ସେତିକି ସନ୍ତକ ଲିଭିଯାଉ ନାହିଁ କି?

ଇମେଲ୍: sahadevas@yahoo.com

# କନକ ଉପତ୍ୟକାରେ ବିକାଶ



ଦିଲୀପ କୁମାର ଦାଶ

ମନକୁ ପ୍ରଥମ ପ୍ରଶ୍ନ ଆସେ – 'କନକ' ଉପତ୍ୟକା କେଉଁଠି ? ଉତ୍ତର ଭାରି ସହଜ। ସେଇଟା ଏବେ ବିକାଶର ନୂଆ ଠିକଣା। ଚାରିପଟେ ପାହାଡ଼ ଘେରା, ମଝିରେ ଏକ ସମତଳ ଭୂଇଁ। ସେଠାରେ ଅନେକ ପାହାଡ଼, ଅନେକ ଜଙ୍ଗଲ, କେତେ ଫୁଲ ଆଉ ଫଳ। ପାହାଡ଼ ପାଖେ ପାଖେ ବୋହି ଯାଉଥିବା ଝେଲମ୍‌ର କୁଳୁ କୁଳୁ ନାଦ ସତରେ ମନଜିଣା। ପାଇନ ଆଉ ଋତୁ ଅନୁଯାୟୀ ରଙ୍ଗ ବଦଳାଉଥିବା ଚିନାର ଜଙ୍ଗଲ ଅତି ସୁନ୍ଦର। ସେଠାର ସେଓ, ନାସପାତି, ଚେରିକୋଳିର ସ୍ୱାଦ ନିଆରା। ଉପତ୍ୟକା ମଝିରେ ଏକ ବିଶାଳ ହ୍ରଦ। ହ୍ରଦର ପଦ୍ମଫୁଲ, ପତ୍ର ଆଉ କଢ଼ି ଭିତର ଦେଇ ଭାସି ଯାଉଥିବା ଶିକାରାର ଦୃଶ୍ୟ ମନୋମୋହକର। ନଦୀ ବା ହ୍ରଦର ପାଣି ଉପରେ ଭାସୁଥିବା ନୌକାଘର ପରିରାଇଜର କାହାଣୀ ଭଳି। ନଭେମ୍ବର–ଡିସେମ୍ବରରେ ଯେତେବେଳେ ଶୀତ ମାଡିଆସେ ଆଉ ତୁଷାରପାତ ହୁଏ, ଲାଗେ ଯେମିତି କିଏ ଗୋଟିଏ ଧଳା ଚଦରରେ ଘୋଡାଇ ଦେଇଛି ପୂରା ଉପତ୍ୟକାକୁ। ସ୍ନିଗ୍ଧ ହିମାଳୟ ଉପରୁ ଉଦିତ ସୂର୍ଯ୍ୟର ସୁନେଲି କିରଣ ବରଫ ଉପରେ ଯେଉଁ ସ୍ୱର୍ଣ୍ଣିମ ଝଲକ ସୃଷ୍ଟି କରେ ସେ ଦୃଶ୍ୟ ସ୍ୱପ୍ନାତୀତ। ଇଏ କନକ ଉପତ୍ୟକା ନୁହେଁ ତ ଆଉ କ'ଣ ! 'ଭୂସ୍ୱର୍ଗ' କହିବା ଅତ୍ୟୁକ୍ତି ନୁହେଁ। ଏମିତି ଜାଗାକୁ 'ବିକାଶ' ବା ନ ଯିବ କେମିତି !

କନକ ଉପତ୍ୟକାରେ ଲୋକ ବି ରହନ୍ତି – ନାନା ଜାତି, ଧର୍ମ ତଥା ସଂସ୍କୃତିର ଲୋକ। କିଏ ହିନ୍ଦୁ, କିଏ ମୁସଲମାନ ତ କିଏ ବୌଦ୍ଧ, ଖ୍ରୀଷ୍ଟିଆନ, ଶିଖ୍, ପହାରୀ, ଗୁଜ୍ଜର, ଡୋଗ୍ରା ଇତ୍ୟାଦି। ସବୁରି ଭାଷା ଆଉ ଚଳଣି ଅଲଗା। ସେଓ, ନାସ୍‌ପାତି, ବାଦାମ, କେଶର ଆଦି ଚାଷ କରିବା ସହ, ହସ୍ତ ଶିଳ୍ପ ଏବଂ କୁଟୀର ଶିଳ୍ପ ସେଠାର ଜୀବନଯାପନର ମାଧ୍ୟମ। ତା' ପଶମ ଲୁଗାର ଅନେକ ଚାହିଦା। ତା'ଛଡା ବୁଲି ଆସୁଥିବା ପରଦେଶୀର ଆତିଥ୍ୟ ମଧ୍ୟ ଏକ ପେସା। ପାହାଡ଼ି ମୁଲକର ସୌନ୍ଦର୍ଯ୍ୟ, ସମ୍ପଦ ଆଉ ଆତିଥ୍ୟ ସବୁବେଳେ ଆକର୍ଷଣ କରିଛି ସମସ୍ତଙ୍କୁ। ଏଥିରେ ନୂଆ କ'ଣ ! ଏହି ଆକର୍ଷଣ ହେଉଛି ତା' ଇତିହାସର ଆଧାର। ଆକର୍ଷିତ କେତେବେଳେ ବିମୁଗ୍ଧ ହୋଇ ସ୍ଥାନୀୟ ସ୍ରୋତରେ ସାମିଲ ହୋଇଛି ତ କେତେବେଳେ ପ୍ରଲୋଭନ ଦେଖାଇଛି ବା ବଳ ପ୍ରୟୋଗ କରିଛି। ତା'ପରେ ନାନା କନ୍ଦଳ। ମାଟି ତା' ମଣିଷର। ମାଟି ପ୍ରତି ମମତାରୁ ସ୍ଥାନୀୟ ଜାତୀୟତାବାଦର ଆରମ୍ଭ ଏବଂ ପରେ କେତେ ଲଢ଼େଇ ଆଉ ଉଗ୍ରବାଦୀ ହିଂସାର ପ୍ରତିଯୋଗିତା। ଲହୁଲୁହାଣ ସେ ଇତିହାସ। ଆଉ ଆଜି ବିକାଶ ଆକର୍ଷିତ ହୋଇଛି।

ପାହାଡ଼ଜଙ୍ଗଲ ଭରା ସବୁଜ ଇଲାକା ଦ୍ୱାରା ବିକାଶ ଆକର୍ଷିତ ହୁଏ। ନଦୀ ଆଉ ତା'ର ପଠା ଦ୍ୱାରା ବିକାଶ ଆକର୍ଷିତ ହୁଏ। ଭରା ସବୁଜ କ୍ଷେତ, ଗାଁ–ଗଣ୍ଡା, ହ୍ରଦ, ତୋଟା ଇତ୍ୟାଦି ସମସ୍ତଙ୍କ ଦ୍ୱାରା ବିକାଶ ଆକର୍ଷିତ ହୁଏ। ନର୍ମଦା ଉପତ୍ୟକାରୁ ନିୟମଗିରି–ଆକର୍ଷିତ ବିକାଶର ଯାତ୍ରା ଜାରି ରହିଛି। ଏବେ କନକ ଉପତ୍ୟକାର ବାରି।

କିଏ ଏହି ବିକାଶ ? ବିକାଶ ଆଧୁନିକ ସଭ୍ୟତାର ଆଗୁଆ ସିପାହୀ। ସେ ଭବିଷ୍ୟତରୁ ଆସିଛି। ସେ ସୁନ୍ଦର ସମୟର ପ୍ରତିଶ୍ରୁତି– ଭଲ ଦିନର ଠିକାଦାର। ବିକାଶକୁ ଚିହ୍ନିବାକୁ ହେଲେ ତା' ସମୟକୁ ଚିହ୍ନିବାକୁ ହେବ। ସେ ସମୟ କଦାପି ଅତୀତ ବା ବର୍ତ୍ତମାନର ଆକଳନ ନୁହେଁ, ତାହା ଭବିଷ୍ୟତ। ବିକାଶ ପାଇଁ ସ୍ଥାନୀୟତାରେ ସ୍ଥାନୀୟ ଇତିହାସର ଆକଳନ ନ ଥାଏ। ସେଥିରେ କେବଳ ମାଟି, ପାଣି, ପଥର ଆଉ ଜଙ୍ଗଲ ଥାଏ, ଯାହା ଭବିଷ୍ୟତ ଗଢ଼ିବାର ଆଧାର। କିନ୍ତୁ ଇତିହାସର ଆକଳନ ଅନେକ ଜଟିଳତାର ପୋଥି ଖୋଲିଦିଏ। ଜଟିଳତା ଆଲୋଚନା ଦାବି କରେ। ସେ ଆଲୋଚନାରେ ଅନେକ ଲୋକ, ଅନେକ ସଂସ୍କୃତି, କିମ୍ବଦନ୍ତୀ ତଥା କେତେ ଝଡ଼ ଆଉ ଉତ୍ଥାନ–ପତନର କାହାଣୀମାନେ ଥାଆନ୍ତି। ଅନେକ ପକ୍ଷ ଓ ପ୍ରତିପକ୍ଷ ଥାଆନ୍ତି। ଗଣତାନ୍ତ୍ରିକ ପ୍ରକ୍ରିୟାରେ ପ୍ରତ୍ୟେକଙ୍କୁ ଉତ୍ତରଦାୟୀ ହେବାକୁ ହୁଏ। ତେଣୁ ପ୍ରତ୍ୟେକ ଇତିହାସ ଆଗରେ ବିକାଶ ବିଚଳିତ ହୁଏ। କାରଣ ପ୍ରାଚୁର୍ଯ୍ୟ ଓ ଉପଭୋଗର ଉଦ୍ଦାମତାରେ ମସ୍‌ଗୁଲ ଭବିଷ୍ୟତର ରୂପକାର ଛୋଟ ଦେଖାଯିବାର ବା ଦୁର୍ବଳ ହୋଇଯିବାର ଭୟ ଥାଏ। ବିକାଶ କେବେ ଛୋଟ ହୋଇ ନପାରେ। ସେଇଟା ତା'ର ଦମ୍ଭ, ସେଇଟା ତା'ର ଏକମାତ୍ର ପରିଚୟ ମଧ୍ୟ। ତା' ବିନା ତା'ର ଇୟତ୍ତା ନାହିଁ। ଦୁର୍ବଳ ଭବିଷ୍ୟତର ମୂଲ୍ୟ ବା କ'ଣ ! ତେଣୁ ବିକାଶ ଭଲ ସମୟର ସ୍ୱପ୍ନ ଦେଖାଏ ଆଉ ଇତିହାସକୁ ନିୟନ୍ତ୍ରଣ କରିବାର ପ୍ରଚେଷ୍ଟା ଜାରି ରଖେ।

ସ୍ୱପ୍ନର ବିପଣି ନେଇ ବିକାଶ ଯାଇଛି। ଠିକ୍ ସେମିତି, ଯେମିତି ଏହା ଯାଇଛି ତା'ର ସବୁ ପୁରୁଣା ଗନ୍ତବ୍ୟସ୍ଥଳକୁ– କିଛି ପ୍ରଲୋଭନ ତଥା କିଛି ଦମନ ନେଇ। ଦମନ ଅତୀତ ପ୍ରତି ଉଦାସୀନତା ଏବଂ ବର୍ତ୍ତମାନକୁ ନିୟନ୍ତ୍ରଣ କରିବାର ପ୍ରୟାସ ମାତ୍ର। ତା' ହିସାବରେ ଭଲ ସମୟ ତ ଆସୁଛି। ଦମନ ସାମୟିକ ମାତ୍ର। ସେଠି ପାହାଡ଼ ଚିରି ପ୍ରଶସ୍ତ ରାସ୍ତା ତିଆରି ହେବ ; ରେଳପଥ ବିଛାଯିବ ; ସୁଉଚ୍ଚ ଅଟ୍ଟାଳିକା ହେବ ; ମଲ୍ ଆଉ ମଲ୍ଟିପ୍ଲେକ୍ସ ଗଢ଼ିଉଠିବ ; ନୂଆ ନୂଆ କମ୍ପାନୀ ଯିବେ ; ପୁଞ୍ଜି ବିନିଯୋଗ ହେବ ; ନଦୀ ବନ୍ଧ, କାରଖାନା ଏମିତି ଅନେକ କିଛି ଗଢ଼ିଉଠିବ। ଚାକିରି ମିଳିବ। ଉପତ୍ୟକାର ବେକାର ଆଉ ପରଦେଶ ଯିବେନି। ଏମିତି ଅନେକ ସ୍ୱପ୍ନ। ହଁ, କିଛି ପାହାଡ଼, କିଛି ଜଙ୍ଗଲ, କିଛି ନଦୀ, ହ୍ରଦ, କିଛି ଫୁଲ, କିଛି ପ୍ରଜାପତି, ଚଢ଼େଇ ଆଦି ବଳି ପଡ଼ିବେ। କିଛି ପାଉଣା ତ ଦେବାକୁ ହେବ। ଧୂଆଁ, ଧୂଳି ଆଉ ସିମେଣ୍ଟର ଜଙ୍ଗଲ ଭିତରେ ବିକାଶର ଦୁନ୍ଦୁଭି ବାଜିଉଠିବ। ଭଲ ସମୟ ପରା ଆସୁଛି !

ଭଲ ସମୟର ଉଗ୍ର ପ୍ରଲୋଭନ ବିକାଶର ଏକମାତ୍ର ଚରିତ୍ର–ପ୍ରମାଣପତ୍ର। କନକ ଉପତ୍ୟକା ପ୍ରଲୋଭିତ ହେବ ତ ? ନା ତା'ର ଇତିହାସ ବାଟ ଓଗାଳିବ ? ନା ତା'ର ଇତିହାସ ଆଲୋଚନାକୁ ଆହ୍ୱାନ କରିବ ? ଯେଉଁ ଆଲୋଚନାରେ ଥିବ ସବୁ କନ୍ଦଳର ଭାଗବତ, ପୁଞ୍ଜିଭୂତ ବେଦନାର ବିଶ୍ଳେଷଣ, ମୃତ ବା ନିଖୋଜ ମଣିଷ ପାଇଁ ସାମୂହିକ ଶୋକ, ଉତ୍ପୀଡ଼ନର ହିସାବ, ତଥା ଅତୀତ–ବର୍ତ୍ତମାନ–ଭବିଷ୍ୟତର ସମନ୍ୱୟରେ ସମୟର ଠିକ୍ ସମୀକରଣ ! କେଉଁ ଅତୀତ ପ୍ରତି ଉଦାସୀନ ହେବ ? ବୀଭତ୍ସ ଅତୀତ ପରା ପ୍ରତି ମୁହୂର୍ତ୍ତରେ ଗଢ଼ା ହେଉଛି ବର୍ତ୍ତମାନର ଦମନ ଭିତରୁ ! ତା'ର ପ୍ରତିଫଳନ ବିନା ବାକିସବୁ ଔପଚାରିକତା ଅନେକ ଉପତ୍ୟକାର କାହାଣୀ। ବିକାଶର ରଥଚକ ତଳେ ହଜିଯିବ ଭଲ ସମୟର ପ୍ରତିଶ୍ରୁତି। ବିସ୍ଥାପିତ ହେବ ପ୍ରକୃତି, ମଣିଷ, ସମାଜ, ସଂସ୍କୃତି ଏବଂ ଶେଷରେ ସ୍ମୃତି। ଆଉ ଭବିଷ୍ୟତର ନିର୍ମାଣ–କ୍ଷେତ୍ରରେ ଠିକା–ଶ୍ରମିକମାନଙ୍କ ଆଡକୁ ଅନେଇ ହସୁଥିବ ବିକାଶ।

ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, dilliphcu@yahoo.com

## ଏଇ ଭାରତରେ

ସେବା କରିବାର ଇଚ୍ଛାଶକ୍ତି ଅନେକଙ୍କୁ ପଦପଦବୀ ଓ ଅର୍ଥ ଉପାର୍ଜନର ମୋହରୁ ଦୂରକୁ ନେଇଯାଏ। ଏମିତି ଏକ ଉଦାହରଣ ଦେଖିବାକୁ ମିଳିଛି ଗୁଜରାଟର ଜଣେ ମହିଳା ଡାକ୍ତରଙ୍କ କ୍ଷେତ୍ରରେ। ଡ. ଭାରତୀ ଏଲ୍ ୱାଘଜିୟାସି ତାଙ୍କ ବୃତ୍ତିଗତ ରୋଜଗାରକୁ ପଛ କରିଦେଇ ସମାଜସେବାରେ ଲାଗିଛନ୍ତି। ବିନା ଦେୟରେ ଶିକ୍ଷା ଦେଇ ମହିଳାଙ୍କୁ ନିଜ ଗୋଡ଼ରେ ଠିଆ କରାଇବା ଲାଗି ତାଙ୍କର ସବୁ ସମୟ ଉତ୍ସର୍ଗ କରିଦେଇଛନ୍ତି। ବ୍ୟାଚେଲର ଅଫ୍ ଡେଣ୍ଟାଲ ସାଇନ୍ସ (ବିଡିଏସ୍) ପାସ୍ କରିବା ପରେ ୧୦ ବର୍ଷ ମାଣ୍ଡବିସ୍ଥିତ ଜେସିକା ଡେଣ୍ଟାଲ କ୍ଲିନିକ୍‌ରେ ଚିକିତ୍ସା କରୁଥିଲେ। ରୋଜଗାର ବି ଭଲ ହେଉଥିଲା। ସେ ତାଙ୍କ କ୍ଲିନିକ୍‌ରେ ଗରିବ ରୋଗୀଙ୍କୁ ଚିକିତ୍ସା କରୁଥିବା ସମୟରେ ତାଙ୍କୁ ଜୀବିକା ଯୋଗାଇଦେବା ପାଇଁ ମନରେ ଆଗ୍ରହ ପ୍ରକାଶ ପାଇଥିଲା। ପରେ ଡ. ଭାରତୀ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କ୍ଲିନିକ୍ ବନ୍ଦ କରିଦେଇଛନ୍ତି। ସେଠାରେ ସେ ଦୁଇଟି ପାଠ୍ୟକ୍ରମ ଆରମ୍ଭ କରିଛନ୍ତି। ମହିଳାମାନଙ୍କୁ ସିଲାଇ ଓ ଫ୍ୟାଶନ ଡିଜାଇନିଂ ଉପରେ ଶିକ୍ଷା ପ୍ରଦାନ କରୁଛନ୍ତି। ଏଠାରୁ ମହିଳାମାନେ ଶିକ୍ଷାଲାଭ କରି ରୋଜଗାର କରିବା ପାଇଁ ସକ୍ଷମ ବି ହେଉଛନ୍ତି। ଡେଣ୍ଟିଷ୍ଟରୁ ଡିଜାଇନର ପାଲଟିଥିବା ଡ. ଭାରତୀ କୁହନ୍ତି ଯେ, ଆଜିକାଲି ଯୁବପିଢି ପୋଷାକ ଉପରେ ଅଧିକ ଧ୍ୟାନ ଦେଉଥିବାରୁ ଫ୍ୟାଶନ ଡିଜାଇନିଂ ମାଧ୍ୟମରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରି ରୋଜଗାର କରାଇବା ସହଜ ହେବ ବୋଲି ଚିନ୍ତା କରି ସେ ଏହି ନିଷ୍ପତ୍ତି ନେଇଛନ୍ତି। ଭାରତୀଙ୍କ ପରିବାରରେ ୪ ଜଣ ଡାକ୍ତର ଅଛନ୍ତି। ଏହି କାର୍ଯ୍ୟରେ ତାଙ୍କୁ ତାଙ୍କ ସ୍ୱାମୀ ଓ ପରିବାର ଲୋକେ ବି ସହଯୋଗ କରୁଛନ୍ତି।

### ଚିରନ୍ତନୀ

ସେ ଶକତି ଆମ ଆହବେ ଅଜେୟ ବେଶ
ଜୀବନ ପଣରେ ଫେରାଇ ଆଣିବୁ ଦେଶ
ଧନୀ ଦରିଦ୍ର ଯେତେ ଆପାମର
ଫେରାଇ ଆଣିବୁ ଭାରତ ଆମର
ନତୁବା ଏ ହୀନ ପରାଣ କରିବୁଁ ଶେଷ
ଘେନୁଛୁଁ ଶପଥ ଜୀବନ ପଣରେ ଫେରାଇ ଆଣିବୁଁ ଦେଶ।
(ଭାରତ ଆସିବ ଫେରି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୭ ନଭେମ୍ବର ୧୯୯୪

- ତାମିଲନାଡୁର ଶିବକାଶୀଠାରେ ବାଣ କାରଖାନାରେ ବିସ୍ଫୋରଣ ଘଟି ୧୮ ଜଣଙ୍କ ମୃତ୍ୟୁ।
- ମରାଠୀ କବି କରନ୍ଦିକରଙ୍କୁ କୋଣାର୍କ ସମ୍ମାନ ପ୍ରଦାନ।

# ନିଶା ସେବନ ଓ ଯୁବ ସମାଜ



ରାଧାମୋହନ ମହାପାତ୍ର

ଯୁବ ସମାଜ ହେଉଛି ରାଷ୍ଟ୍ରର ମେରୁଦଣ୍ଡ। ରାଷ୍ଟ୍ରର ବିକାଶରେ ସେମାନଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ରାଷ୍ଟ୍ରର ପ୍ରତ୍ୟେକ କ୍ଷେତ୍ରରେ ଯୁବଶକ୍ତିର ଆବଶ୍ୟକତା ଉପଲବ୍ଧି କରାଯାଏ। କୃଷି, ଶିଳ୍ପ, ପ୍ରତିରକ୍ଷା, ଗବେଷଣା ଆଦି ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କ ଅବଦାନ ରହିଲେ ଯେକୌଣସି ରାଷ୍ଟ୍ର ବିକାଶ କ୍ଷେତ୍ରରେ ଅଗ୍ରଗତି କରିବା ଅବଶ୍ୟମ୍ଭାବୀ। ଆଦର୍ଶ କ୍ଷେତ୍ରରେ ପରିଚାଳିତ ଯୁବଗୋଷ୍ଠୀ କର୍ମ କ୍ଷେତ୍ରରେ କଠୋର ପରିଶ୍ରମ କରି ଗୋଟିଏ ଜାତିର ଜାତୀୟ ଜୀବନକୁ ପରିପୁଷ୍ଟ କରନ୍ତି। ଯୁଦ୍ଧଭୂମିରେ ନିଜ ଜୀବନକୁ ବାଜି ଲଗାଇ ଦେଶର ନିରାପତ୍ତା ତଥା ସାର୍ବଭୌମତ୍ୱ ରକ୍ଷା କରନ୍ତି, ରାଷ୍ଟ୍ରର ଗୌରବମୟ ଐତିହ୍ୟ ଏବଂ ପରମ୍ପରା, ସଂସ୍କୃତିର ସଂରକ୍ଷଣ କରନ୍ତି। ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ବିରୋଧରେ ଏକତ୍ରିତ ହୋଇ ଦୃଢ଼ହସ୍ତରେ ପ୍ରତିହତ କରିବା ପାଇଁ ସେମାନେ ହୋଇଥାନ୍ତି ସଙ୍କଳ୍ପବଦ୍ଧ। ଯେକୌଣସି ରାଷ୍ଟ୍ରର ସ୍ୱାଧୀନତା ଆନ୍ଦୋଳନ କିମ୍ବା ନ୍ୟାୟ ପାଇଁ ଗଣଆନ୍ଦୋଳନରେ ସେମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ରୁଷିଆ, ଆମେରିକା, ଲଣ୍ଡନ ପରି ବୃହତ୍ ରାଷ୍ଟ୍ରଠାରୁ ଆରମ୍ଭକରି ବାଂଲାଦେଶ, ପାକିସ୍ତାନ, ମ୍ୟାନ୍‌ମାର ଏବଂ ଶ୍ରୀଲଙ୍କା ଭଳି କ୍ଷୁଦ୍ରରାଷ୍ଟ୍ର ପର୍ଯ୍ୟନ୍ତ ପ୍ରତ୍ୟେକ ରାଷ୍ଟ୍ରରେ ଏହି ଯୁବଗୋଷ୍ଠୀର ଭୂମିକା ଅତୁଳନୀୟ। ଭାରତବର୍ଷର ସ୍ୱାଧୀନତା ସଂଗ୍ରାମରେ ଯେଉଁମାନେ ଝାସ ଦେଇଥିଲେ ସେମାନଙ୍କ ମଧ୍ୟରେ ଅଧିକାଂଶ ଥିଲେ ତତ୍କାଳୀନ ଯୁବଗୋଷ୍ଠୀ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଭଗତ୍ ସିଂ, ଉଦ୍ଧାମ ସିଂ, ସୁଖଦେବ, ବାଘା ଯତୀନ, ଚନ୍ଦ୍ରଶେଖର ଆଜାଦ ପ୍ରମୁଖ ଯୁବ ବିପ୍ଳବୀମାନେ ଜଣେ ଜଣେ ଥିଲେ ବିପ୍ଳବର ଲେଲିହାନ ଅଗ୍ନିଶିଖା। ସ୍ୱାମୀ ବିବେକାନନ୍ଦ ଯୁବଶକ୍ତିର ବଳିଷ୍ଠ ପ୍ରତୀକ। ଯୁବକ ଭିତରେ ରହିଛି ଅଫୁରନ୍ତ ଶକ୍ତି। କେବଳ ରଷ୍ଟ୍ର ନୁହେଁ, ସମାଜ ଓ ପରିବାରର ଯୁବକ ହେଉଛି ସାହାଭରସା। ଯୁବପୁତ୍ରର ଉନ୍ନତିରେ ମାତାପିତା ହୁଅନ୍ତି ଗର୍ବିତ। ଏକ ରଙ୍ଗିନ ଭବିଷ୍ୟତର ସେମାନେ ସ୍ୱପ୍ନ ଦେଖନ୍ତି। କିନ୍ତୁ ପୁତ୍ର ବିପଥଗାମୀ ହେଲେ ସେମାନଙ୍କ ସବୁ ସ୍ୱପ୍ନ ଚୂର୍ମାର୍ ହୋଇଯାଏ ; ହତାଶାର ଦୀର୍ଘଶ୍ୱାସ ବାହାରି ଆସେ ମାତାପିତାଙ୍କ ହୃଦୟରୁ।

ପୁତ୍ର ବିପଥଗାମୀ ହେବା ପାଇଁ ଅନେକ ରାସ୍ତା ମଧ୍ୟରୁ ନିଶା ସେବନ ଏକ ମୁଖ୍ୟ ମାରାତ୍ମକ ରାସ୍ତା। ଆଜିର ବହୁ ଯୁବଗୋଷ୍ଠୀ ନିଶାସକ୍ତ ହୋଇ ଉଚିତ ପଥ ଭୁଲି ମନ୍ଦ ଓ ଅସାମାଜିକ ପଥରେ ଗତି କରୁଛନ୍ତି। ପାଶ୍ଚାତ୍ୟ ସଭ୍ୟତାର ଅନୁକରଣରେ ମାନସିକ ଅବସାଦ ଦୂର କରିବା ଆଳରେ ଯୁବଗୋଷ୍ଠୀ ପାଲଟିଛି ସମ୍ପୂର୍ଣ୍ଣ ନିଶାସକ୍ତ। ଶିକ୍ଷିତ ଯୁବକ ନିଶାପାନ କରି ହିତାହିତ ଜ୍ଞାନ ହରାଇ ବର୍ବର ପାଲଟିଯାଉଛି।

ନିଶାର ପରିସର ଖୁବ୍ ବ୍ୟାପକ। ଦେଶୀ ମଦ, ଗଞ୍ଜେଇ, ଅଫିମ, ତାଡି, ବିଡି ଏବଂ ଭାଙ୍ଗଠାରୁ ଆରମ୍ଭକରି ହେରୋଇନ୍, ଚରସ ପର୍ଯ୍ୟନ୍ତ ଏହା ପରିବ୍ୟାପ୍ତ। କେବଳ ଅଶିକ୍ଷିତ ଯୁବଗୋଷ୍ଠୀ ନୁହନ୍ତି ଆଜିର ଅଗଣିତ ଶିକ୍ଷିତ ଯୁବତୀଯୁବକ ଏହି କ୍ଷତିକାରକ ନିଶାଦ୍ରବ୍ୟ ପ୍ରତି ଘୋର ଆସକ୍ତ। ନିଶାଗ୍ରସ୍ତ ହୋଇ ଯୁବଗୋଷ୍ଠୀ ଦାରୁଣ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅର୍ଥ ପାଇଁ ମାତାପିତାଙ୍କ ଉପରେ ନିର୍ଭର କରୁଥିବା ଛାତ୍ରୀଛାତ୍ର ଏଥିରୁ ବାଦ୍ ପଡୁନାହାନ୍ତି। ନିଶା ଖର୍ଚ୍ଚ ମେଣ୍ଟାଇବା ପାଇଁ କେତେକେ ଘୃଣ୍ୟ ଚୌର୍ଯ୍ୟବୃତ୍ତି ଆଦରି ନେଉଛନ୍ତି। କେତେକେ ଲୁଣ୍ଠନ ଓ ନରହତ୍ୟା ଭଳି ଜଘନ୍ୟ କାଣ୍ଡ କରିବାକୁ ପଶ୍ଚାତ୍‌ପଦ ହେଉନାହାନ୍ତି। ଅନେକ ଶିକ୍ଷିତ ଯୁବତୀ ବିଳାସମୟ ହୋଟେଲରେ ରାତି ବିତାଇ ନିଜର ନିଶା ଅଭ୍ୟାସକୁ ଜାରି ରଖୁଛନ୍ତି। ଏହିଭଳି ଅନେକ ଅସାମାଜିକ ଘୃଣ୍ୟ ଘଟଣା ବିଭିନ୍ନ ଖବରକାଗଜ ଓ ଟିଭି ନ୍ୟୁଜ୍ ଚ୍ୟାନେଲରେ ଦେଖିବାକୁ ମିଳୁଛି। ପୋଲିସ ଚଢ଼ଉ ବେଳେ ନିଶାଗ୍ରସ୍ତ ଯୁବତୀଯୁବକଙ୍କ ଅଶ୍ଳୀଳ ଚିତ୍ର ଅତ୍ୟନ୍ତ ଘୃଣ୍ୟ। ନିଶାଗ୍ରସ୍ତ ଯୁବଗୋଷ୍ଠୀ କେବଳ ନିଜ ପରିବାରର ପଦମର୍ଯ୍ୟାଦା ଭୂଲୁଣ୍ଠିତ କରୁନାହାନ୍ତି ବରଂ ସେମାନେ ଯକ୍ଷ୍ମା, କର୍କଟ, କିଡ୍‌ନୀ, ଲିଭର ଇତ୍ୟାଦି ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହୋଇ ମୃତ୍ୟୁକୁ ଆମନ୍ତ୍ରଣ କରୁଛନ୍ତି। ମାତାପିତାଙ୍କ ଆଶା–ଆକାଙ୍କ୍ଷାକୁ ଧୂଳିସାତ୍ କରୁଛନ୍ତି। ସାମାଜିକ, ପାରିବାରିକ ଶୃଙ୍ଖଳାକୁ ନଷ୍ଟ କରିବା ସଙ୍ଗେ ସଙ୍ଗେ ଆର୍ଥିକ କ୍ଷତି ଓ ଆୟୁଷ କ୍ଷୟର ପଥ ପରିଷ୍କାର କରୁଛନ୍ତି। ନିଶା ଏପରି ଏକ ଜିନିଷ, ଯେଉଁଥିରେ ଥରେ ଗୋଡ଼ ଦେଲେ ସୁଧୁରିବା ମୁସ୍କିଲ। ସ୍ୱାଧୀନ ଭାରତରେ ନିଶା ନିବାରଣ ପାଇଁ ସରକାରୀ ସ୍ତରରେ ଆଇନ ପ୍ରଣୀତ ହୋଇଛି। ଭାରତର କେତେକ ରାଜ୍ୟ ମଦ ଦୋକାନ ନିଷିଦ୍ଧ କରିଛନ୍ତି। କିନ୍ତୁ ଏହି ନିଷେଧାଦେଶ ଗୋଟିଏ କି ଯୋଡିଏ ରାଜ୍ୟରେ ଜାରି କଲେ ବିଶେଷ ଫଳପ୍ରଦ ହେବ ନାହିଁ। କାରଣ ଅନ୍ୟ ରାଜ୍ୟରୁ ଚୋରାଚାଲାଣରେ ମଦ ପରିବହନ ହେଉଛି। ଅନେକ ରାଜ୍ୟ ରାଜସ୍ୱ ଆଳରେ ମଦ ଦୋକାନ ଖୋଲୁଛନ୍ତି। କିନ୍ତୁ ରାଜ୍ୟ ରାଜ୍ୟ ଆଇନ ମଧ୍ୟରେ ଅସମାନତା ଅଧିକ ମଦ ପାଇଁ ପ୍ରୋତ୍ସାହନ ଯୋଗାଉଛି।

ଅଧୁନା ସମାଜରେ ବହୁସଂଖ୍ୟକ ମଣିଷ ନିଶାସକ୍ତ। ନିଶା ସେବନର କୁପ୍ରଭାବ ସମ୍ବନ୍ଧରେ ଅଧିକ ଜନସଚେତନତା ସୃଷ୍ଟି ହେବା ଦରକାର। କେବଳ ତମାଖୁ ସେବନ ମାରାତ୍ମକ ବୋଲି ଦ୍ରବ୍ୟ ଉପରେ ଲେଖି ଛାପି ଦେଲେ ଯଥେଷ୍ଟ ନୁହେଁ। ମଦ ବୋତଲରେ କୌଣସି ଚେତାବନୀ ନାହିଁ। ରେଡିଓ, ଦୂରଦର୍ଶନ, ଖବରକାଗଜ, ପତ୍ରପତ୍ରିକା ପ୍ରଭୃତି ଗଣମାଧ୍ୟମରେ ନିଶା ସେବନର କୁପ୍ରଭାବ ବିଷୟରେ ଅଧିକ ପ୍ରଚାର ପ୍ରସାର ହେବା ଆବଶ୍ୟକ। ଯୁବପିଢ଼ି କୁସଙ୍ଗରେ ନ ପଡ଼ି ସତ୍‌ସଙ୍ଗରେ ବ୍ରତୀ ହେବା ଆବଶ୍ୟକ। ଏଥିପାଇଁ ମାତାପିତା ତଥା ଅଭିଭାବକ ଯତ୍ନବାନ ହେବା ଜରୁରୀ। ନିଶା ସେବନରୁ ମୁକ୍ତହୋଇ ଯୁବସମାଜ ତା'ର ତେଜ, ଔଜ୍ଜ୍ୱଲ୍ୟରେ ଜାଜ୍ୱଲ୍ୟମାନ ହେଉ ଓ ତା'ର କାର୍ଯ୍ୟାବଳୀ ଦ୍ୱାରା ପରିବାର, ସମାଜ ଓ ରାଷ୍ଟ୍ରର ଗର୍ବଗୌରବ ସାଜୁ। ଏହା ହିଁ ସବୁରି କାମନା।

ବୁଦ୍ଧେଶ୍ୱରୀ, ମୋ–୯୮୬୧୧୮୯୯୩୬

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 5 | | | | | | 1 | E | | | 0 | |
| | 9 | | 4 | | | | C | | | 5 | | | | |
| | 5 | 7 | | | | | | | | 0 | 8 | 2 | | |
| 3 | B | 2 | | 0 | | | 5 | | | | 9 | 6 | | A |
| C | D | A | 7 | | | | | | | | B | | | |
| | | | E | | | 1 | | | 4 | 8 | | | 2 | 9 |
| | 8 | 4 | | | | | | D | B | | | | A | 0 |
| | | | | A | | | | 2 | | 3 | | 1 | | 8 |
| | 7 | | | | 5 | | 9 | | D | | | E | | 3 |
| B | | 3 | | D | | 0 | E | | | | A | | | 6 |
| 7 | | | | E | | | | | | 9 | | | B | 4 |
| | 4 | 1 | | 6 | | | 0 | B | | C | | | | |
| | | | 8 | | | A | | | | D | 5 | 9 | C | |
| | | | D | | | C | | 4 | | | | | 1 | |
| A | | | C | | | | 1 | 3 | 2 | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 1 | 2 | 4 | 3 | 9 | B | 6 | C | 7 | D | E | 0 | A | 5 |
| 0 | 3 | 5 | B | 2 | 7 | D | 1 | 4 | 6 | A | 8 | 9 | C | E |
| C | 7 | A | E | 8 | 6 | 9 | 3 | 5 | B | 4 | 0 | D | 1 | 2 |
| 6 | D | 9 | 5 | A | 0 | 2 | 8 | E | C | 1 | 3 | B | 7 | 4 |
| B | 4 | E | D | 1 | C | 0 | A | 7 | 9 | 2 | 5 | 6 | 3 | 8 |
| E | 8 | C | 6 | 5 | 3 | 4 | 7 | 2 | 0 | B | 1 | A | 9 | D |
| 1 | 6 | B | 0 | 9 | 4 | A | C | D | 3 | 5 | 2 | E | 8 | 7 |
| D | 0 | 4 | A | C | E | 6 | B | 3 | 8 | 9 | 7 | 2 | 5 | 1 |
| 5 | A | 7 | 2 | B | 8 | 1 | E | 9 | D | 6 | 4 | C | 0 | 3 |
| 2 | 9 | 3 | 1 | 7 | D | 8 | 5 | 0 | A | E | C | 4 | 6 | B |
| 3 | B | 1 | 7 | 0 | A | E | 2 | 6 | 4 | 8 | 9 | 5 | D | C |
| 9 | 5 | 6 | 8 | E | 2 | 3 | 4 | A | 1 | C | D | 7 | B | 0 |
| 4 | E | 0 | C | D | 1 | 7 | 9 | B | 5 | 3 | A | 8 | 2 | 6 |
| 7 | C | 8 | 9 | 4 | B | 5 | D | 1 | 2 | 0 | 6 | 3 | E | A |
| A | 2 | D | 3 | 6 | 5 | C | 0 | 8 | E | 7 | B | 1 | 4 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଚାଷୀଙ୍କୁ ପ୍ରୋତ୍ସାହନର ଅଭାବ

ମହାଶୟ,

ରାଜ୍ୟ ସରକାର ଚାଷୀ ଓ ଚାଷ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି। ପ୍ରକୃତପକ୍ଷେ ଏହା ଫେଲ ମାରି ଯାଉଛି। କୃଷି ଉଦ୍ୟାନ ବିଭାଗ ତତ୍ପର ନ ହେବାରୁ ଏବେ ଆଳୁ ଓ ପିଆଜ ଅଭାବ ତଥା ଦରବାଦମ୍ ବୃଦ୍ଧିଜନିତ ସମସ୍ୟା ଦେଖାଯାଉଛି। ଯଦି ଚାଷୀମାନଙ୍କୁ ବିଭିନ୍ନ ପ୍ରୋତ୍ସାହନ ଦିଆଯାଆନ୍ତା ତା'ହେଲେ ଚାଷୀ ଆଳୁ ଓ ପିଆଜ ଚାଷ ପାଇଁ ଆଗ୍ରହ ପ୍ରକାଶ କରନ୍ତେ। ପିଆଜ ଏବଂ ଆଳୁ ସାଇତି ରଖିବା ପାଇଁ କୌଣସି ସୁବିଧା ନ ଥିବାରୁ ଚାଷୀ ଚାଷ ସମୟରେ କମ୍ ଦରରେ ବାଧ ହୋଇ ବିକ୍ରି କରୁଛି। ଏଣୁ ସରକାର ପ୍ରତି ବ୍ଲକ୍‌ରେ ଶୀତଳ ଭଣ୍ଡାର ନିର୍ମାଣକରି ଆଳୁ ଓ ପିଆଜ ଚାଷ ଲାଗି ଚାଷୀଙ୍କୁ ଉତ୍ସାହିତ କଲେ ଏ ସମସ୍ୟାର ସମାଧାନ ହେବ।

ଶିବରାମ ନାୟକ, ଉଲୁଣ୍ଡା, ସୁବର୍ଣ୍ଣପୁର

### ଅଯୋଗ୍ୟ ଗାଡ଼ି

୧୫ ବର୍ଷରୁ ଅଧିକ ହୋଇଥିବା ଗାଡ଼ିଗୁଡ଼ିକ ଅଯୋଗ୍ୟ ବୋଲି ସରକାରଙ୍କ ମୁଣ୍ଡକୁ କାହିଁକି ଢୁକିଲା ବୁଝି ହେଉନାହିଁ। ସେ ଗାଡ଼ିଗୁଡ଼ିକୁ ପରୀକ୍ଷା କରି ଦେଖିବା ଉଚିତ। ପଲ୍ୟୁଶନ ଫ୍ରି ଥିଲେ, ମାଇଲେଜ ଭଲ ଦେଉଥିଲେ ଏବଂ ବାଟରେ ହଇରାଣ କରୁ ନ ଥିଲେ ତାକୁ ଆମେ ଅଯୋଗ୍ୟ ବୋଲି କାହିଁକି କହିବା ? ତାକୁ ଅଯୋଗ୍ୟ ଘୋଷଣା କରାଯିବା ଦ୍ୱାରା ତା'ର ରିସେଲ ଭାଲ୍ୟୁ ରହିବ ନାହିଁ। ଶେଷକୁ ଓଜନ କରି କବାଡିଆକୁ ଦେବା ହିଁ ସାର ହେବ। ଯେଉଁ ଗରିବ ଲୋକଟିଏ ଟଙ୍କା ସାଇତିକରି ଗାଡ଼ି ଖଣ୍ଡିଏ କିଣିଥିବ, ସେ କେତେ ଯତ୍ନରେ ତା' ଗାଡିଟି ରଖିଥିବ। ନୂଆ ଗାଡ଼ି ତା' ସାଙ୍ଗରେ ସମାନ ହେବ ନାହିଁ। ତା' ଗାଡ଼ିରୁ ଧୂଆଁ ବାହାରୁ ନ ଥିବ କି ପରିବେଶକୁ ପ୍ରଦୂଷିତ କରୁ ନ ଥିବ। ଏବେ ସରକାରଙ୍କ ନିୟମ ଅନୁସାରେ ସେ ଗାଡ଼ିକୁ ସେ ରାସ୍ତାରେ ଚଲାଇ ପାରିବ ନାହିଁ। ଅଭାବ ହେତୁ ଆଉ ଗୋଟାଏ ଗାଡ଼ି ବି ସେ କିଣିପାରିବ ନାହିଁ। ସରକାର ହେଲେ ଏମିତି କରନ୍ତେ– ସେ ଗାଡ଼ିକୁ କମ୍ପାନୀ ନେଇ ଅଧାଦାମ୍‌ରେ ଗୋଟାଏ ନୂଆ ଗାଡ଼ି ଦିଅନ୍ତା। ତାହା ଯଦି ନ କରିବେ, ସେ ଗାଡ଼ିଗୁଡ଼ିକୁ ପରୀକ୍ଷା କରି ଭଲ ଥିଲେ ନିୟମିତ କରନ୍ତୁ। ଗରିବଙ୍କ ଉପରେ ଅଧିକ ଚାପ ପକାଇବା ଉଚିତ ନୁହେଁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କୁ ମେଲ୍ ଦେଲେ ଶ୍ରମିକ ନେତା

**ସମ୍ବଲପୁର, ୨୬।୧୧ (ବ୍ୟୁରୋ):** ସମ୍ବଲପୁର ସହରରେ ନିର୍ମାଣାଧୀନ ଅତ୍ୟାଧୁନିକ ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ କାମ ମନ୍ଥର ଗତିରେ ଚାଲିଛି। ଏହାଦ୍ୱାରା ସହରବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଧୁତୁରାପଡା ଛକରୁ ନେଲସନ ମଣ୍ଡେଲା ଛକ ପର୍ଯ୍ୟନ୍ତ ଆପ୍ରୋଚ୍ ରୋଡ୍ ମଧ ତିଆରି ହୋଇନାହିଁ । ଜବରଦଖଲ ମଧ ଉଚ୍ଛେଦ କରାଯାଉ ନାହିଁ। ଅଣଓସାରିଆ ରାସ୍ତାରେ ସହରବାସୀ ହଇରାଣ ହେଉଛନ୍ତି। ଶୀଘ୍ର କାମ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ ବୋଲି ଶ୍ରମିକ ନେତା ରତିକାନ୍ତ ମହାନ୍ତି ଦାବି କରିଛନ୍ତି । ମଙ୍ଗଳବାର ଏ ନେଇ ସେ ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ୍ ଯୋଗେ ପତ୍ର ଲେଖିଛନ୍ତି । ପତ୍ରରେ ଉଲ୍ଲେଖ ରହିଛି ଯେ, ସମ୍ବଲପୁର ସହରରେ ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ କାମ ନ ସରିବା ଏବେ ମୁଖ୍ୟ ସମସ୍ୟା ରହିଛି। ଏହାସହ ସହରରେ ସ୍ୱାସ୍ଥ୍ୟ, ଗମନାଗମନ, ଶିକ୍ଷା, ପାନୀୟ ଜଳ ବ୍ୟବସ୍ଥା ସଂପୂର୍ଣ୍ଣ ଭାବେ ଭୁଷୁଡି ପଡିଛି ବୋଲି ମେଲ୍‌ରେ ଉଲ୍ଲେଖ ରହିଛି ।

### ପୋଲିସ ପରିଚୟ ଦେଇ ବରିଷ୍ଠ ନାଗରିକଙ୍କଠାରୁ ଟଙ୍କା ଲୁଟ୍

**ସମ୍ବଲପୁର, ୨୬।୧୧ (ବ୍ୟୁରୋ)-** ସମ୍ବଲପୁର ଅଇଁଠାପାଲି ଥାନା ବୁଢ଼ାରଜା ଅଞ୍ଚଳର ବରିଷ୍ଠ ନାଗରିକ ବଦ୍ରିନାରାୟଣ ପାଢ଼ୀଙ୍କୁ ୨ ଜଣ ବ୍ୟକ୍ତି ନିଜକୁ ପୋଲିସ ବୋଲି ପରିଚୟ ଦେଇ ଟଙ୍କା ଲୁଟ୍ କରିଛନ୍ତି। ପାଢ଼ୀଙ୍କ ଅଭିଯୋଗ କ୍ରମେ ସେ ଏଲଆଇସି ଅଫିସକୁ ପ୍ରିମିୟମ ଟଙ୍କା ଜମା କରିବାକୁ ଯାଇଥିଲା ସମୟରେ ଦୁଇ ଜଣ ଦୁର୍ବୃତ୍ତ ବାଇକରେ ଆସି ଅଟକାଇଥିଲେ। ନିଜକୁ ପୋଲିସ କର୍ମଚାରୀ ପରିଚୟ ଦେଇ ଯାଞ୍ଚ ନେବାକୁ କହିଥିଲେ । ପାଢ଼ୀ ମନା କରିବାରୁ ସେମାନଙ୍କ ମଧ୍ୟରୁ ଜଣେ ନକଲି ପୋଲିସ ପରିଚୟ ପତ୍ର ଦେଖାଇଥିଲେ । ଏହି ସମୟରେ ଅନ୍ୟ ଜଣେ ପାଢ଼ୀଙ୍କ ପକେଟରୁ ଟଙ୍କା ଲୁଟି ନେଇ ଯାଇଥିଲେ । ଏହାପରେ ସେମାନେ ସେଠାରୁ ଚାଲି ଯାଇଥିଲେ। ଅଭିଯୋଗ ପାଇବା ପେର ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ସମ୍ବଲପୁର, ୨୬।୧୧ (ବ୍ୟୁରୋ)** ସମ୍ବଲପୁର ଟାଉନ ଥାନା ଅଞ୍ଚଳର ଏକ କମ୍ପାନୀରେ କାର୍ଯ୍ୟରତ ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଟାଉନ ଥାନା ପୋଲିସ ଧନୁପାଲିର ଅଭିଯୁକ୍ତ ଏସ ଦାଶ (୩୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୀଡିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି । କମ୍ପାନୀରେ କାର୍ଯ୍ୟ କରୁଥିବା ସମୟରେ ଅଭିଯୁକ୍ତ ଦାଶ ଓ ଯୁବତୀଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ ହୋଇଥିଲା। ଯୁବତୀ ଜଣକ ଏକୁଟିଆ ରହୁଥିଲେ । ଏହାର ସୁଯୋଗ ନେଇ ଅଭିଯୁକ୍ତ ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା।

### ସରକାରୀ ଅଫିସ୍‌ରେ ତାଲା ମାରିଲେ ଠିକାଦାର

**ସମ୍ବଲପୁର, ୨୬।୧୧ (ବ୍ୟୁରୋ):** ଓଡିଶା ଠିକାଦାର ମହସଂଘ ଡାକରାରେ ଭୁବନେଶ୍ୱରଠାରେ ହଜାର ସଂଖ୍ୟାରେ ଠିକାଦାର ରାଲି ଓ ବିକ୍ଷୋଭ ପ୍ରଦର୍ଶନ ବେଳେ ପୋଲିସ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ କରିବା ସହ ବିଭାଗୀୟ ମନ୍ତ୍ରୀ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ନାହାନ୍ତି। ଏହାକୁ ପ୍ରତିବାଦ କରି ମଙ୍ଗଳବାର ସମ୍ବଲପୁର ଜିଲା ଠିକାଦାର ସଂଘ ଅସନ୍ତୋଷ ପ୍ରକାଶ କରିଛି। ପୂର୍ତ୍ତବିଭାଗ-୧ ଓ ୨ ଡିଭିଜନ, ଗ୍ରାମ୍ୟଉନ୍ନୟନ ବିଭାଗ -୧ ଓ ୨ ଡିଭିଜନ, ମହାନଗର ନିଗମ କାର୍ଯ୍ୟାଳୟ ସହିତ କ୍ଷୁଦ୍ର ଜଳସେଚନ ବିଭାଗ, ଜଳସେଚନ ବିଭାଗ ପ୍ରଭୃତି ବିଭାଗ ଅଫିସରେ ଠିକାଦାରମାନେ ତାଲା ମାରି ଦେଇଛନ୍ତି।

### ଏମ୍.ବି. ପ୍ୟାରିରାଜଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ

**ରେଙ୍ଗାଲି, ୨୬।୧୧ (ଡି.ଏନ.ଏ.)** ସମ୍ବଲପୁର ଜିଲା ରେଙ୍ଗାଲିର ବରିଷ୍ଠ ବିଜେଡି ନେତା ଏମବି ପ୍ୟାରିରାଜଙ୍କ ପ୍ରଥମ ବାର୍ଷିକ ସ୍ଥାନୀୟ ହରିହର ଧର୍ମଶାଳାଠାରେ ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ବିଶ୍ୱକେଶନ ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଏମ୍‌ବି ଗୋପୀନାଥ, ଏମବି ସତ୍ୟମ, ରାମସାହାୟ ପଣ୍ଡା, ଦୁର୍ଗାପ୍ରସାଦ ନାଥ, ଜୟ ରଥ ବିଶ୍ୱାଳ, କବିରାଜ ବଡ଼େଇ, ଗାନ୍ଧୀ ବେହେରା, କାହ୍ନୁ ମିଶ୍ର, ନାରାୟଣ ଶର୍ମା, ଅଶୋକ ଗୁରୁ ପ୍ରମୁଖ ଯୋଗଦେଇ ପ୍ୟାରିରାଜଙ୍କ ରାଜନୈତିକ ଜୀବନ ଏବଂ ତାଙ୍କ ସହିତ କଟିଥିବା ସମୟ ବିଷୟରେ ବକ୍ତବ୍ୟ ଦେବାସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

# ସମ୍ବିଧାନ ପାଇଁ ଦିନଟିଏ

**ସମ୍ବଲପୁର, ୨୬।୧୧ (ବ୍ୟୁରୋ)**

୭୦ତମ ସମ୍ବିଧାନ ଦିବସ ମଙ୍ଗଳବାର ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ) ମୁଖ୍ୟାଳୟଠାରେ ପାଳିତ ହୋଇଯାଇଛି। କମ୍ପାନୀ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଳା ଯୋଗଦେଇ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ପ୍ରଶାସନିକ ମହାପ୍ରବନ୍ଧକ ପି.ସି. ସେଠୀ ସମ୍ବିଧାନ ଦିବସ ଉପରେ ବିବରଣୀ ଦେଇଥିଲେ। ଏଥିରେ କମ୍ପାନୀର ମହାପ୍ରବନ୍ଧକ, ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସେହିଭଳି ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଅଭ୍ୟର୍ଥନା ଗୃହରେ ମଧ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଜିଲା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ସନ୍ତୋଷ କୁମାର ଜେନାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ସଦର ମହକୁମାର ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ଠିକା କର୍ମଚାରୀ, ଅତିରିକ୍ତ ଜିଲାପାଳ, ପ୍ରାଧିକରଣରେ କାର୍ଯ୍ୟରତ ପେନାଲ ଓକିଲ ଓ ପାରାଲିଗାଲ ସାମାଜିକ କର୍ମୀ ଅଂଶ ଗ୍ରହଣ କରି ସମ୍ବିଧାନ ପଠନ କରିଥିଲେ। ଏହି ଅବସରରେ ସଚେତନତା ଶୋଭାଯାତ୍ରା କଚେରି ଛକରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିକ୍ରମା କରିଥିଲା। ପ୍ରାଧିକରଣ ସଚିବ ଲିଲି ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟପକ୍ଷେ ଆମ ନାକଟିଦେଉଳ ପ୍ରତିନିଧି ଜଣାଇଛନ୍ତି ଯେ, ନାକଟିଦେଉଳ ସି/୧୨ବାଟାଲିୟନ ସିଆରପିଏଫ ପକ୍ଷରୁ ସମ୍ବିଧାନ ଦିବସ ପାଳନ ଅବସରରେ କମାଣ୍ଡର ସୁରଥ ଚନ୍ଦ୍ର ପଟେଲ, ସବ୍ ଇନ୍ସପେକ୍ଟର ବଂଶୀଧର ସିଂହଙ୍କ ସମେତ ସମସ୍ତ ଯବାନ ଯୋଗ ଦେଇଥିଲେ। ସେହିଭଳି ନାକଟିଦେଉଳ ସ୍ନାତକ ଏବଂ କନିଷ୍ଠ ମହାବିଦ୍ୟାଳୟରେ ଅଧ୍ୟାପକ ଦୀପେନ ପଟ୍ଟନାୟକ ଏବଂ ଅଧ୍ୟାପକ ସରୋଜ କୁମାର ଭୁଏଁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଧ୍ୟକ୍ଷ ସୁଧୀର କୁମାର ସାହୁ, ଅଧ୍ୟାପକ ଦେବେଶ ବିଶ୍ୱାଳ, ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ, ଅଧ୍ୟାପିକା ଲିଟିନା ପ୍ରିୟଦର୍ଶିନୀ, ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା ପ୍ରମୁଖ ଉପସ୍ଥିତ ଥିଲେ। ଧମା ଖବରଦାତାଙ୍କ ସୂଚନା ଅନୁସାରେ ମାଁ ଝାଡେଶ୍ୱରୀ ମହାବିଦ୍ୟାଳୟର ସମ୍ବିଧାନ ଦିବସ ପାଳିତ ହୋଇଛି। ଯୁକ୍ତ ୨ ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତ, ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାର ଶାଖା ପରିଚାଳକ ହରିଦ୍ରାକ୍ଷୀ ତ୍ରିପାଠୀ, ଯୁକ୍ତ ୩ ଅଧ୍ୟକ୍ଷ ଅନୀଲ ପ୍ରଧାନ, ଅଧ୍ୟାପକ ରବୀନ୍ଦ୍ର ନାରାୟଣ ଠାକୁର, ସ୍ୱାରକୀ ମାହାରଙ୍କ ସମେତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଯୋଗ ଦେଇଥିଲେ। ବାମରା ପ୍ରତିନିଧି ଜଣାଇଛନ୍ତି ଯେ, ବାମରା ଟ୍ରଷ୍ଟଫଣ୍ଡ କଲେଜରେ ଭାରପ୍ରାପ୍ତ ଅଧ୍ୟକ୍ଷ ବିନୋଦବିହାରୀ ନାଏକ, ଅଧ୍ୟାପିକା ଅନ୍ନପୂର୍ଣ୍ଣା ପତି, ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ସନ୍ତୋଷ କୁମାର ନାଏକ, ଅଧ୍ୟାପିକା ଏମେରେନସିଆ ବାର୍ଲା, ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ, ବିରଞ୍ଚି କୁମାର ପଟେଲଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଆମ କୁଚିଣ୍ଡା ଖବରଦାତା ଜଣାଇଛନ୍ତି ଯେ, କୁଚିଣ୍ଡା ବ୍ଲକ ଗୋଛରା ପଞ୍ଚାୟତ ଅନ୍ତର୍ଗତ କନ୍ଦେଇପାଲି ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡିଲେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ଦିବସ ଉପଲକ୍ଷେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ପ୍ରଫୁଲ୍ଲ କୁମାର ପଣ୍ଡା, ଦିଲୀପ କୁମାର ନାୟକ ଯୋଗ ଦେଇଥିଲେ। ରେଢାଖୋଲ ପ୍ରତିନିଧି ଜଣାଇଛନ୍ତି ଯେ, ରେଢାଖୋଲ ସିଭିଲ କୋର୍ଟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସବ୍‌ଜଜ୍ ଅପୂର୍ବା ଚୌଧୁରୀ, ଏସ୍‌ଡିଜେଏମ୍ ଅଞ୍ଜଳି ମଛଖଣ୍ଡ, ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନ, ଓକିଲ ସଂଘ ସଭାପତି ଅଭୟ କୁମାର ବୀର, ସମ୍ପାଦକ ଗଣେଶ୍ୱର ପ୍ରଧାନ, ସରକାରୀ ଓକିଲ ନାରାୟଣ ତ୍ରିପାଠୀ, ଆଇନଜୀବୀ ହାରୁନ ଖାନ୍, ଫ୍ରଣ୍ଟ ଅଫିସ ରିଟେନର ଉମାକାନ୍ତ ମହାନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ଶମ୍ଭୁପ୍ରସାଦ ପ୍ରଧାନ, ଦୟାସାଗର ପ୍ରଧାନ, ସୁଜିତ କୁମାର ପ୍ରଧାନ, ନିମାଇଁ ଚରଣ ବେହେରା, ଅନ୍ତର୍ଯ୍ୟାମି ସାହୁ, ଅଚ୍ୟୁତାନନ୍ଦ ପୁରୋହିତ, ନୀଳମାଧବ ମହାକୁଡ, ସରକାରୀ ଓକିଲ ଜନକ କୁମାର ବାଗ, ପ୍ରେମଚାନ୍ଦ କୁଲୁଙ୍କ ସମେତ କୋର୍ଟ କର୍ମଚାରୀ, ପାରାଲିଗାଲ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ସେହିପରି ଭୀମ ଭୋଇ କଲେଜ, ରାଣୀ ଅନ୍ନପୂର୍ଣ୍ଣା ସରକାରୀ ବାଳିକା ବିଦ୍ୟାଳୟ, ମହିଳା ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଛି। ବାଳିକା ହାଇସ୍କୁଲରେ ଆୟୋଜିତ ସଭାରେ ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଅଧ୍ୟାପିକା ପୁଷ୍ପାଞ୍ଜଳି ସାମନ୍ତରାୟ, ଶିବରାମ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ସୁନିତା ମିଶ୍ରଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।



ମଙ୍ଗଳବାର ଏମ୍‌ସିଏଲ ମୁଖ୍ୟାଳୟଠାରେ ସମ୍ବିଧାନ ଦିବସ ଅବସରରେ କର୍ମଚାରୀ ଶପଥ ଗ୍ରହଣ କରୁଛନ୍ତି ।

## ■ ଧନକଉଡ଼ା ବ୍ଲକରେ ସାମାଜିକ ସମୀକ୍ଷା

# ଧରାପଡ଼ିଲା ଅନେକ ଅନିୟମିତତା

**ଟିପିଲିମା, ୨୬।୧୧ (ଡି.ଏନ.ଏ.)**

ସମ୍ବଲପୁର ଜିଲା ସଦର ବ୍ଲକ ଧନକଉଡାରେ ମଙ୍ଗଳବାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମଜିଏନଆରଜିଏ) ଓ ଜାତୀୟ ସାମାଜିକ ସହାୟତା ଯୋଜନା (ଏନଏସଡିଏ)ର ବ୍ଲକସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନେକ କିଛି ଅନିୟମିତତା ଧରାପଡିଛି। ବ୍ଲକ ଅଧ୍ୟକ୍ଷା ସୀତା ଛୁରିଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ସରୋଜ କୁମାର ମିଶ୍ର, ଜିଲା ସାମାଜିକ ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥୀ, ବ୍ଲକ ସାମାଜିକ ସମୀକ୍ଷକ ସବ୍ୟସାଚୀ ପଣ୍ଡା, ଉପାଧ୍ୟକ୍ଷା ସୁଷମା ସାହୁ, ଜିଲାପରିଷଦ ଜୋନ-୨ ସଂଯୁକ୍ତା ପ୍ରଧାନ, ଜୋନ-୧ ଜିଲାପରିଷଦ ପ୍ରମୁଖ ଯୋଗ ଦେଇଥିଲେ। ୯ଟି ପଞ୍ଚାୟତର ସରପଞ୍ଚ, ଇଓ, ଜିଆରଏସ୍‌ମାନେ ଯୋଗ ଦେଇଥିବା ବେଳେ ଅନେକ ଆବାସ ହିତାଧିକାରୀ ମଧ ଉପସ୍ଥିତ ଥିଲେ। ବସନ୍ତପୁର ପଞ୍ଚାୟତର ଗୋପ ବାଗ ଓ ନାରାୟଣ ଭୁଏଁଙ୍କୁ ୧୨ ଦିନର ଅଧିକ ପାଉଣା ପୈଠ ହୋଇଥିବା ଜଣାପଡିଛି।




ଧନକଉଡା ବ୍ଲକରେ ସାମାଜିକ ସମୀକ୍ଷାରେ ଯୋଗଦେଇଥିବା ଜନପ୍ରତିନିଧି ଓ ସରକାରୀ ଅଧିକାରୀ।

### ମଲା ଲୋକ ନାଁରେ ବି ଉଠୁଛି ଚାଉଳ

କଳାମାଟି ପଞ୍ଚାୟତର ବିଶିପାଲି ଅଙ୍ଗନୱାଡି ଗୃହ ନିର୍ମାଣରେ ସୂଚନାଫଳକ ନ ଲଗାଇ ୩ ହଜାର ଟଙ୍କା ଆତ୍ମସାତ କରାଯାଇଥିବା ଜଣାପଡିଛି। କିଲାସମା ପଞ୍ଚାୟତରେ କାମ ନ କରି ନିମାଇଁ ଚନ୍ଦ୍ର ମାହାରଣା ଓ ନାରାୟଣ ପ୍ରଧାନଙ୍କୁ ୧୪ ଦିନର ୨୫୪୮ ଟଙ୍କା ପୈଠ ଦର୍ଶାଯାଇଥିବା ଜଣାପଡିଛି। ସେହିପରି ତାଲିକା ଭୁକ୍ତ ଅନ୍ନପୂର୍ଣ୍ଣା ଯୋଜନାରେ ୩ଜଣ ମୃତ ବ୍ୟକ୍ତିଙ୍କ ନାମରେ ଚାଉଳ ଉଠାଯାଇ ଅଣତାଲିକା ଭୁକ୍ତ ଲୋକଙ୍କୁ ଦିଆଯାଉଥିବା ଜଣାପଡିଛି। ଏପରିକି ଯଶୋଦା ଭୋଇଙ୍କୁ ଅନ୍ନପୂର୍ଣ୍ଣା ଯୋଜନାରେ ୧୦ କେଜି ଚାଉଳ ଦେବା ଜାଗାରେ ୨୦ କିଲୋ ଦିଆଯାଉଥିବା ଜଣାପଡିଛି। ଅନେକ ଆବାସଗୃହ ହିତାଧିକାରୀ ନିର୍ଦ୍ଧାରିତ ସମୟସୀମାରେ ଗୃହ ନିର୍ମାଣ କରି ମଧ ଦୀର୍ଘ ଦିନ ଧରି ବୋନସ, ଶ୍ରମିକ ପାଉଣା ମଧ ପାଇପାରୁ ନ ଥିବା ଅଭିଯୋଗ ହୋଇଛି। ବିଲ କରାଇଦେବାକୁ ଦଲାଲ ୨ ହଜାରରୁ ୫ ହଜାର ଟଙ୍କା ମାଗୁଥିବା ମଧ ଗଣମାଧମ ଆଗରେ ଅଭିଯୋଗ ହୋଇଛି। ତେବେ ଏପରି ସବୁ ବିଭିନ୍ନ ଅଭିଯୋଗ ନେଇ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ମିଶ୍ର ଶୀଘ୍ର ସମସ୍ତ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଇଛନ୍ତି। ହିତାଧିକାରୀ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହେବେ ସେଥିପ୍ରତି ଧ୍ୟାନ ଦେବା ସହ ସ୍ୱଚ୍ଛତା ଅବଲମ୍ବନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଆର୍ଥିକ ଅନିୟମିତତା ନେଇ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କୁ ଭରଣା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅବହେଳା ପ୍ରଦର୍ଶନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲା ସାମାଜିକ ସମୀକ୍ଷକ ଶତପଥୀ କହିଛନ୍ତି ।

# ୟୁନାଇଟେଡ୍ ବ୍ୟାଙ୍କର ଋଣ ଅସୁଲ ଶିବିର

**ସମ୍ବଲପୁର, ୨୬।୧୧ (ବ୍ୟୁରୋ)**

ୟୁନାଇଟେଡ୍ ବ୍ୟାଙ୍କ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବିଶେଷ ଋଣ ଅସୁଲି ଶିବିର (ରିକଭରି କ୍ୟାମ୍ପ) ମଙ୍ଗଳବାର ସମ୍ବଲପୁରରେ ଅନୁଷ୍ଠିତ ହୋଇଯାଇଛି। ମହାପ୍ରବନ୍ଧକ ନବୀନ ଦାଶ ଯୋଗଦେଇ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। କର୍ପୋରେଟସ୍ତରରେ ବ୍ୟାଙ୍କର ନୂତନ ଅଭିବୃଦ୍ଧି ପାଇଁ କର୍ମଚାରୀମାନଙ୍କ ଯୋଗଦାନକୁ ସେ ପ୍ରଶଂସା କରିଥିଲେ। ଆଗାମୀ ଆର୍ଥିକ ବର୍ଷରେ ହେବାକୁ ଥିବା ବ୍ୟାଙ୍କ ସମିଶ୍ରଣରେ ବ୍ୟାଙ୍କର ମିଶ୍ରଣ ପ୍ରକ୍ରିୟା ଏବଂ ଔପଚାରିକ ସ୍ୱୀକୃତି ଲାଗି ବିକଳ୍ପ ପନ୍ଥା ସମ୍ବନ୍ଧରେ ବିବରଣୀ ରଖିଥିଲେ। ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଚଳିତ ଆର୍ଥିକ ବର୍ଷର ଆଗାମୀ ରାଜ୍ୟକୋଷୀୟ ଅଭିବୃଦ୍ଧି ପାଇଁ ଏବଂ ଏନ୍‌ପିଏ ରିକଭରି ସମୟରେ ଅଧିକ ପରିଶ୍ରମ ସହ ଆଗ୍ରହ ପ୍ରକାଶ କରିବାକୁ ଅପିଲ କରିଛନ୍ତି। ପ୍ରାରମ୍ଭରେ ବରିଷ୍ଠ ପ୍ରବନ୍ଧକ ରାମଚନ୍ଦ୍ର ପଣ୍ଡା ପରିଚୟ ପ୍ରଦାନ କରିଥିବାବେଳେ ସହାୟକ ମହାପ୍ରବନ୍ଧକ ପୀତବାସ ପାଢ଼ୀ ମହାପ୍ରବନ୍ଧକଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ପ୍ରବନ୍ଧକ (ରିକଭରି/ଅସୁଲି) କୃଷ୍ଣଚନ୍ଦ୍ର ଜେନାଙ୍କ ପରିଚାଳନାରେ ରିକଭରି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ୧୦ଟି ଶାଖା ପ୍ରବନ୍ଧକ ଓ ୧୭ ଜଣ ଋଣଗ୍ରହୀତା ଉପସ୍ଥିତ ଥିଲେ। ୩୩୨ଟି ଆକାଉଣ୍ଟରୁ ନଗଦ ୩୯, ୫୫, ୮୫ଟଙ୍କା, ୭୮ଟି ଓଟିଏସ୍ କ୍ୟାସ୍‌ରୁ ୩୨, ୫୩,୨୧୮ଟଙ୍କା, ସ୍ୟାଡୋ ରିକଭରି କ୍ୟାସ୍‌ରୁ ୬୮,୬୬୨ଟଙ୍କା ରିକଭରି ହୋଇଛି। ଏହି ଅବସରରେ ମୁଖ୍ୟ ପ୍ରବନ୍ଧକ ରତିକାନ୍ତ ଟୁଡ୍ଡୁ, ହରିନାଥ ପଣ୍ଡା ଓ ରାଜକିଶୋର ସାହୁ ପ୍ରମୁଖ ଯୋଗଦେଇ ଶିବିର ପରିଚାଳନାରେ ସହାୟତା କରିଥିଲେ।



ମଙ୍ଗଳବାର ସମ୍ବଲପୁରରେ ୟୁନାଇଟେଡ ବ୍ୟାଙ୍କର ଋଣ ଅସୁଲ ଶିବିରରେ ଅଧିକାରୀ ଓ ଅନ୍ୟମାନେ ।



ହୀରାକୁଦ ଜବାହର ଉଦ୍ୟାନରେ ନିର୍ମିତ ରୋପୱେ ମଙ୍ଗଳବାର କାର୍ଯ୍ୟକ୍ଷମ ହୋଇଛି ।

# ଲୋକାର୍ପିତ ହେଲା ରୋପ୍‌ୱେ

**ସମ୍ବଲପୁର, ୨୬।୧୧ (ବ୍ୟୁରୋ)**

ହୀରାକୁଦ ଜବାହର ଉଦ୍ୟାନରେ ନିର୍ମିତ ରୋପୱେ ମଙ୍ଗଳବାର କାର୍ଯ୍ୟକ୍ଷମ ହୋଇଛି। ଏହି ଅବସରରେ ମହାନଗର ନିଗମର ଅଧିକାରୀ ଓ ଠିକା ସଂସ୍ଥା କର୍ମଚାରୀ ଉପସ୍ଥିତ ଥିଲେ। ବହୁ ଦିନରୁ ଏହା ନିର୍ମିତ ହୋଇ ସାରିଥିବା ପରେ ମଧ ଲୋକାର୍ପିତ ହୋଇପାରୁ ନ ଥିଲା। ଏହାକୁ ନେଇ ବାରମ୍ବାର ସ୍ଥାନୀୟ ଲୋକେ ଦାବି କରି ଆସୁଥିଲେ। ଏବେ ପର୍ଯ୍ୟଟନ ସମୟ ହୋଇଥିବାରୁ ଶେଷରେ ଏହାକୁ କାର୍ଯ୍ୟକ୍ଷମ କରାଯାଇଛି। ତେଣୁ ହୀରାକୁଦକୁ ଆସୁଥିବା ପର୍ଯ୍ୟଟକମାନେ ରୋପୱେରେ ବସି ମଜା ନେଇପାରିବେ। ଏଥିପାଇଁ ମହାନଗର ନିଗମ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ।

## ■ ନାକଟିଦେଉଳ ବ୍ଲକସ୍ତରୀୟ ବିଜ୍ଞାନମେଳା

# କୁନି ବୈଜ୍ଞାନିକଙ୍କ ୨୨୬ ପ୍ରକଳ୍ପ ପ୍ରଦର୍ଶିତ

**ନାକଟିଦେଉଳ,୨୬।୧୧(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକସ୍ତରୀୟ ଗଣିତ, ବିଜ୍ଞାନ ଏବଂ ପରିବେଶ ମେଳା ମଙ୍ଗଳବାର ବଳମ ସରକାରୀ ଉଚ୍ଚବିଦ୍ୟାଳୟଠାରେ ଆୟୋଜିତ ହୋଇଯାଇଛି। ଏହି ବିଜ୍ଞାନ ମେଳାରେ ବ୍ଲକର ୧୩୯ଟି ବିଦ୍ୟାଳୟରୁ ସମୁଦାୟ ୨୨୬ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ନିଜର ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଏଥିରେ ବରିଷ୍ଠ ବିଭାଗରେ ୪୫, କନିଷ୍ଠ ବିଭାଗରେ ୭୬ ଏବଂ ସବ୍ ଜୁନିୟର ବିଭାଗରେ ୧୦୫ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ଏହି ବିଜ୍ଞାନ ମେଳାରେ ବରିଷ୍ଠ ବିଭାଗରେ ପୋଷଣୀୟ କୃଷିକାର୍ଯ୍ୟ ପ୍ରକଳ୍ପରେ ଡଇଁଚା ବାପୁଜୀ ହାଇସ୍କୁଲର ଛାତ୍ର ସତ୍ୟଜିତ ସାହୁ, ପରିଷ୍କାର ପରିଚ୍ଛନ୍ନତା ପ୍ରକଳ୍ପରେ ସରାପାଲି ହାଇସ୍କୁଲର ଛାତ୍ର ଅମନ କୁମାର ବିଶି, ସମ୍ବଳର ପରିଚାଳନା ପ୍ରକଳ୍ପ ପାଇଁ ସରାପାଲି ହାଇସ୍କୁଲର ଛାତ୍ର ଶିବୁନ ସାହୁ, ଶିଳ୍ପ ପରିଚାଳନା ପାଇଁ ସରାପାଲି ହାଇସ୍କୁଲ ଛାତ୍ରୀ ଆୟୁଷ ଅନ୍ୱେଷା ମହାକୁଡ଼, ଭବିଷ୍ୟତ ଯୋଗାଯୋଗ ଏବଂ ଗମନାଗମନ ପ୍ରକଳ୍ପ ପାଇଁ ଜଗନ୍ନାଥ ପ୍ରସାଦ ପବିତ୍ରମୋହନ ଉଚ୍ଚବିଦ୍ୟାଳୟର ଛାତ୍ର ମନୋରଂଜନ ସାହୁ ଏବଂ ଶୈକ୍ଷିକ ଖେଳ ଓ ଗଣିତ ମଡ଼େଲ ପ୍ରକଳ୍ପ ପାଇଁ ବଳମ ହାଇସ୍କୁଲର ଛାତ୍ର ଲୋକନାଥ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବ୍ଲକ ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ରେଢାଖୋଲ ଉପଜିଲାପାଳ ଡ୍ରୋଳାମଣି ପଟେଲ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସମ୍ବଲପୁରର ରାଜେନ୍ଦ୍ର ପଣ୍ଡା, ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ନାକଟିଦେଉଳ ତହସିଲଦାର ସୁକାନ୍ତ କୁମାର ନାଏକ, ବଳମ ସରପଞ୍ଚ ବୀରେନ କୁମାର ପ୍ରଧାନ, ସମିତି ସଭ୍ୟ ନେତ୍ରାନନ୍ଦ ରାଉଳ, ଏସ୍‌ଏମ୍‌ସି ସଭାପତି ରତ୍ନମଣୀ ପ୍ରଧାନ, ପିଏମ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରେବତୀ ମୋହନ ଦଳବେହେରା, ବଳମ ହାଇସ୍କୁଲର ପ୍ରଧାନଶିକ୍ଷକ ଦିଲ୍ଲିପ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଡଇଁଚା ହାଇସ୍କୁଲର ସହକାରୀ ଶିକ୍ଷକ କ୍ଷୀରୋଦ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବଳମ ହାଇସ୍କୁଲର ସହକାରୀ ଶିକ୍ଷକ ବିପିନ ବିହାରୀ ପ୍ରଦାନ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ନାକଟିଦେଉଳ ବିଡ଼ିଓ ମେଥୋଡ଼ିୟୁସ ଲାକ୍ରା ଏହି ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ମହେଶ୍ୱର ପ୍ରଧାନ, ଜିତେନ୍ଦ୍ରୀୟ ସାହୁ, ଗୀତାରାଣୀ ସାହୁ, ବ୍ରଜଚନ୍ଦ୍ର ସାହୁ ଏବଂ ଭୁବନେଶ୍ୱର ଶତପଥୀ ମଞ୍ଚ ପରିଚାଳନାରେ ସହଯୋଗ କରିଥିବା ବେଳେ ସମସ୍ତ ସିଆରସିସିମାନେ ସହଯୋଗ କରିଥିଲେ। ଏହି ଅବସରରେ ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସମସ୍ତ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି ।




ଛାତ୍ରୀଛାତ୍ର ସେମାନଙ୍କ ପ୍ରକଳ୍ପ ସଂପର୍କରେ ବୁଝାଉଛନ୍ତି।



ଜ୍ଞାନ, ଉପାସନା ଓ କର୍ମ ଏହି ତିନୋଟି ହେଲା ଈଶ୍ୱରପ୍ରାପ୍ତିର ବିଭିନ୍ନ ମାର୍ଗ।

- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

ବାରକୋଟ, ୨୬।୧୧ (ଡି.ଏନ.ଏ.)

ଦେବଗଡ ଜିଲା ବାରକୋଟ ଡାକ ବଙ୍ଗଳାଠାରେ ମଙ୍ଗଳବାର ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାଷ ଚୌହାନଙ୍କୁ ଦେବଗଡ ଜିଲା ବିଜୁ ଜନତା ଦଳ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଚୌହାନ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ପାଇଁ ଦେବଗଡ ଗସ୍ତରେ ଆସିଥିବା ବେଳେ ଏହି ଉତ୍ସବରେ ଯୋଗଦେଇଥିଲେ । ସମ୍ବର୍ଦ୍ଧନା ଉତ୍ସବରେ ବିଜୁ ଜନତା ଦଳର ଯୁବ ସାଧାରଣ ସମ୍ପାଦକ ରୋମାଞ୍ଚରଞ୍ଜନ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବା ବେଳେ ଏଥିରେ ଇଂ. ସୁଜିତ କୁମାର ପ୍ରଧାନ, ଇଂ. ଚିତ୍ତରଞ୍ଜନ ପ୍ରଧାନ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷା ସୁଷମା ବେହେରା, ନିଶାନ ବେହେରା, ବିଜେଡି ଯୁବ ସଭାପତି ଭୁପେନ୍ଦ୍ର ପ୍ରସାଦ, ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ ଅମାତ ପ୍ରମୁଖ ଉପସ୍ଥିତ ଥିଲେ । ଚୌହାନଙ୍କୁ ଦଳ ପକ୍ଷରୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦେବଗଡ ଜିଲାର ଦଳୀୟ ସଂଗଠନ ଏବଂ ସଭ୍ୟ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ଭାଜପା ନେତା ଅଜିତ କୁମାର ପ୍ରଧାନ ବିଜେଡିରେ ଯୋଗଦେଇଥିଲେ ।

### ପଶ୍ଚିମ ଓଡିଶା ବିକାଶ ପରିଷଦ ପ୍ରକଳ୍ପ ସମୀକ୍ଷା ବୈଠକ

# ଆବଶ୍ୟକତା ଅନୁଯାୟୀ ପ୍ରକଳ୍ପ ପ୍ରସ୍ତୁତି ଉପରେ ଗୁରୁତ୍ୱ

ଦେବଗଡ,୨୬।୧୧(ଡି.ଏନ.ଏ.)

ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ଚୌହାନ ମଙ୍ଗଳବାର ଦେବଗଡ ଗସ୍ତରେ ଆସିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ପଶ୍ଚିମ ଓଡିଶା ବିକାଶ ପରିଷଦର ଅନୁଦାନରେ କାର୍ଯ୍ୟକାରୀ କରାଯାଉଥିବା ପ୍ରକଳ୍ପଗୁଡିକର ସେ ସମୀକ୍ଷା କରିଥିଲେ । ଏହି ଅବସରରେ ସେ ପ୍ରାକୃତିକ ସମ୍ପଦ ଭରା ଦେବଗଡ ଜିଲାର ସାମଗ୍ରିକ ବିକାଶ ନିମନ୍ତେ ଅଞ୍ଚଳର ଆବଶ୍ୟକତାକୁ ଉପଲବ୍ଧି କରି ପ୍ରକଳ୍ପ ପ୍ରସ୍ତୁତି କରିବା ନିମନ୍ତେ ମତପ୍ରକାଶ କରିଥିଲେ । ଏହି ଜିଲାକୁ ଏକ ଆଦର୍ଶ ଜିଲାରେ ପରିଣତ କରିବା ନିମନ୍ତେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଏବଂ ବିନିଯୋଗ ପ୍ରମାଣପତ୍ର ପ୍ରଦାନ ଉପରେ ବୈଠକରେ ଆଲୋଚନା କରାଯାଇଥିଲା । ଦୀର୍ଘଦିନରୁ ପଡି ରହିଥିବା ପାଣ୍ଠିକୁ ଫେରାଇ ନୂତନ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବ ଦେବାକୁ ଚୌହାନ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲାକୁ ୧୦୫୯ଟି ପ୍ରକଳ୍ପ ନିମନ୍ତେ ପରିଷଦ ପାଣ୍ଠିରୁ ମିଳିଥିବା ଟଙ୍କାରେ ୯୬୯ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇଛି। ବାରକୋଟ ବ୍ଲକ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ୨୫୬ଟି ପ୍ରକଳ୍ପ ମଧ୍ୟରୁ ୨୪୦ଟି, ରିଆମାଳ ବ୍ଲକରେ ୨୩୬ଟି ମଧ୍ୟରୁ ୨୨୩ଟି ଏବଂ ତିଲେଇବଣି ବ୍ଲକରେ ୨୩୮ଟି ମଧ୍ୟରୁ ୨୨୫ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇଛି। ଅନ୍ୟ ଲାଇନ ଡିପାର୍ଟମେଣ୍ଟ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ୩୨୯ଟି ପ୍ରକଳ୍ପ ମଧ୍ୟରୁ ୨୮୧ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇଥିବା ସମୀକ୍ଷାରୁ ଜଣାପଡିଛି । ବୈଠକରେ ପଶ୍ଚିମ ଓଡିଶା ବିକାଶ ପରିଷଦର ଯୁଗ୍ମ ନିର୍ଦ୍ଦେଶିକା ମାନସୀ ଶତପଥୀ, ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନକାରୀ ପ୍ରଦୀପ କୁମାର ତିର୍କୀ, ଡିପିଏମୟୁ ଉପନିର୍ଦ୍ଦେଶକ ରାମସେବକ ପ୍ରଧାନଙ୍କ ସମେତ ବାରକୋଟ, ରିଆମାଳ ଓ ତିଲେଇବଣି ବ୍ଲକର ବିଡିଓ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନ୍‌ସେଣ୍ଟ ପୁନମକାନ୍ତ ଏକ୍କା ସ୍ୱାଗତ ଭାଷଣ ଦେଇଥିଲେ ।



ସମୀକ୍ଷା ବୈଠକରେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଚୌହାନଙ୍କ ସହ ଅନ୍ୟ ଅଧିକାରୀମାନେ ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆହା କି ହେଲା**
**ସଞ୍ଚି ରଖିଥିଲି ଖଣ୍ଟ ଖାଇଲା ।**
**କା ପାଇ ରଖିଲି କିଏ ଖାଇଲା ?**
**କିଏ କମେଇଲା କିଏ ସେ ନେଲା ?**

ସଞ୍ଚିତ ଧନ ଖଣ୍ଟ ଖାଇବା ପରି ଜଣକୁ ଭକୁଆ ବନେଇ ଅନ୍ୟ ଜଣେ ସୁଖ ସୁବିଧା କୌଶଳ କରି ହାତେଇ ନିଏ ଅଥଚ କଷ୍ଟ କରିବା ଲୋକର ଫଳ ପ୍ରାପ୍ତିରେ ଦାବି ନ ଥାଏ । ସୁବିଧାବାଦୀ ଲୋକ ହିଁ ଏ ଫଳ ଅନାୟାସରେ ଭୋଗ କରି ଚାଲିଥାଏ । ଜଣକର କଷ୍ଟାର୍ଜିତ ଫଳ ଆଉ ଜଣେ ଭୋଗ କରିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଆଲ ବୋଇଲେ କାଲ ଶୁଭେ**
**ଘର ପୋଡ଼ି ବୋଇଲେ ବଣ ପୋଡ଼ି ଶୁଭେ ।**

କିଛି ବ୍ୟକ୍ତିଙ୍କ କାନକୁ ଭଲ ଶୁଭି ନ ଥାଏ । ଗୋଟିଏ କଥା କହିଲେ ତାଙ୍କ କାନକୁ ଅନ୍ୟ କିଛି କଥା ଶୁଭିଥାଏ । ଘରପୋଡ଼ିକୁ ବଣପୋଡ଼ି ଭାବିବା ଭଳି ଗୋଟିଏ ବିଷୟ କହିଲେ ଅନ୍ୟ ବିଷୟ ଧରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ତେନ୍ତେଲାବାହାଲରେ ଆକାଉଣ୍ଟ ଓପନିଂ ଶିବିର



ଶିବିରରେ ଯୋଗଦେଇଥିବା ଅଧିକାରୀମାନେ ।

ଦେବଗଡ଼,୨୬।୧୧(ଡି.ଏନ.ଏ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ସାରା ଭାରତରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ (ଆଇପିବିସି) ଶୁଭାରମ୍ଭ ହୋଇଛି। ଏହିକ୍ରମରେ ଦେବଗଡ ଜିଲାର ତେନ୍ତେଲାବାହାଲରେ ଆକାଉଣ୍ଟ ଓପନିଙ୍ଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଆଖପାଖ ଅଞ୍ଚଳରେ ୧୨୦ରୁ ଉର୍ଦ୍ଧ୍ୱ ଆକାଉଣ୍ଟ ଖୋଲା ଯାଇଛି । ଏଜିଏମ ନାବାଡ ଦେବେଶ ବେହେରା, ଶାଖା ପରିଚାଳକ ଶୁଭଙ୍କର ମହାପାତ୍ର, ଶ୍ରାବଣୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

## ବନଦୁର୍ଗା ଫୁଟବଲ ଟୁର୍ଣ୍ଣାମେଣ୍ଟ: ଝାରସୁଗୁଡ଼ା ଚାମ୍ପିୟନ

ବାରକୋଟ, ୨୬।୧୧(ଡି.ଏନ.ଏ.)

ଦେବଗଡ ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ବନଦୁର୍ଗା ଫୁଟବଲ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ସମ୍ବଲପୁର ଏବଂ ଝାରସୁଗୁଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଝାରସୁଗୁଡା ଦଳ ବିଜୟୀ ହୋଇଥିଲା। ଖେଳ ପରିଚାଳନା କରିଥିଲେ ଦିଲୀପ କୁମାର ରାଉତ, ଶେଷଦେବ ବେହେରା, ସୁରେନ୍ଦ୍ର ବେହେରା, ଭୋଳେଶ୍ୱର ଗାଗରାଇ। ଆୟୋଜକ ବନଦୁର୍ଗା ଫୁଟବଲ ଆସୋସିଏଶନ୍ ଆୟୋଜିତ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାଷ ଚୌହାନ ଯୋଗଦେଇ ଖେଳାଳି ଓ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନୀତ ଅତିଥିଭାବେ ବିଜେଡି ରାଜ୍ୟ ଯୁବ ସାଧାରଣ ସମ୍ପାଦକ ରୋମାଞ୍ଚରଞ୍ଜନ ବିଶ୍ୱାଳ, ଜିଲାପରିଷଦ ସଭ୍ୟା ନିଶାନୀ ବେହେରା, ଇଂ. ସୁଜିତ ପ୍ରଧାନ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନରେ ଆସୋସିଏଶନ୍ ସଭାପତି ରାଜକିଶୋର ସାହୁ, ଉପସଭାପତି ଜୟଦେବ ସାହୁ, ସମ୍ପାଦକ ତୀରୁପତି ସାହୁ, ଦୀପକ କୁମାର ସାହୁ, ଜୟଦେବ ସାହୁ, ଅଜୟ କୁମାର ସାହୁ, ଅଜିତ ପ୍ରଧାନ, ଅଜୟ ଦାସ, କୁନିନ୍ ପ୍ରଧାନ, ଟିପୁ ସାହୁ ସହଯୋଗ କରିଥିଲେ ।

### ଜଙ୍ଗଲରୁ ମହିଳା, ୨ ଶିଶୁଙ୍କ ମୃତଦେହ ଉଦ୍ଧାର ଘଟଣା

## ଚିନ୍ମୟଙ୍କ ସମେତ ୩ ଅଭିଯୁକ୍ତ ଜେଲ ଗଲେ

ବାରକୋଟ, ୨୬।୧୧ (ଡି.ଏନ.ଏ)

ବାରାକୋଟ ଥାନା ଅନ୍ତର୍ଗତ ବାଲିରୋଇ ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଗତ ୯ ତାରିଖରେ ଜଣେ ମହିଳା ଓ ତାଙ୍କ ୨ ଶିଶୁ କନ୍ୟାଙ୍କ ଗଳିତ ମୃତଦେହ ପୋଲିସ ଉଦ୍ଧାର କରିଥିଲା । ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ ଗଠନ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା । ହତ୍ୟାକାଣ୍ଡର ୧୨ଦିନ ପରେ ବାରକୋଟ ଥାନା ପୋଲିସ ଉକ୍ତ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଥିଲା । ଏହି ଘଟଣାରେ ମୃତାଙ୍କ ସ୍ୱାମୀ ବିକ୍ରମ ପ୍ରଧାନ, ଶଶୁର ସୋମନାଥ ପ୍ରଧାନ, ଶାଶୁ ରୂପେଲି ପ୍ରଧାନ, ସମରଖାଇ ଗ୍ରାମର ଅମର ସାମଲଙ୍କୁ ଶନିବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତ ଫେରାର ଦିଅର ଚିନ୍ମୟ ପ୍ରଧାନଙ୍କୁ ବାରକୋଟ ପୋଲିସ ସୋମବାର ଦେବଗଡ ବସଷ୍ଟାଣ୍ଡ ନିକଟରୁ ଗିରଫ କରିଥିଲା । ମଙ୍ଗଳବାର ଚିନ୍ମୟ ସହିତ ତାଙ୍କୁ ସହଯୋଗ କରିଥିବା କୈଳାସ ଚନ୍ଦ୍ର ସାହୁ ଓ ବିଶ୍ୱନାଥ ସ୍ୱାଇଁଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।

### ଝୁମ୍ପୁରାରେ ଜାତୀୟ ସମ୍ବିଧାନ ଦିବସ ପାଳିତ

ଦେବଗଡ଼,୨୬।୧୧ (ଡ଼ି.ଏନ୍.ଏ.)

ନେହେରୁ ଯୁବକେନ୍ଦ୍ର ଓ ଜଗାବଳିଆ କ୍ଲବ ଝୁମ୍ପୁରାର ମିଳିତ ସହଯୋଗରେ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ନେହେରୁ ଯୁବକେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାରକୋଟ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁବାସିନୀ ସାହୁ ମୁଖ୍ୟ ଅତିଥି, ବାରକୋଟ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଜିତେନ୍ଦ୍ର ସାହୁ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ହରମୋହନ ପାଣି, ଭାଜପା ଜିଲା ସଭାପତି ଅରୁଣ ସାହୁ, ଶିବନାରାୟଣ ସାହୁ, ପ୍ରସନ୍ନ ସାହୁ ପ୍ରମୁଖ ଉପସ୍ଥିତ ରହି ସମ୍ବିଧାନ ପ୍ରତି ସମ୍ମାନ ଓ ଅଙ୍ଗୀକାରବଦ୍ଧତା ବିଷୟରେ ଆଲୋକପାତ କରିଥିଲେ । ସମ୍ବିଧାନର ମୌଳିକ ନୀତି ସମ୍ବନ୍ଧରେ ସମସ୍ତେ ଅବଗତ ହେବା ଓ ସମ୍ମାନ ପ୍ରଦର୍ଶନ କରିବା ନିମନ୍ତେ ଶପଥ ନେଇଥିଲେ । ସାମାଜିକ କର୍ମୀ ପୁଷ୍ପାଞ୍ଜଳି ସାହୁ ଅତିଥି ପରିଚୟ ପ୍ରଦାନ ଓ କ୍ଲବ ସମ୍ପାଦକ ଲିଙ୍ଗରାଜ ବେହେରା ଧନ୍ୟବାଦ ଦେଇଥିଲେ । କ୍ଲବ ସଭାପତି ରମାକାନ୍ତ ସାହୁଙ୍କ ନେତୃତ୍ୱରେ ଯୁବକମାନଙ୍କ ଦ୍ୱାରା ଏହି ଅବସରରେ ଏକ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


# CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ । ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
MOB-9853098838
7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଆପଣଙ୍କ ସ୍ୱପ୍ନକୁ କରେ ସାକାର
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ ସବୁ ଯୋଜନା ଅଧୀନରେ
ମୁଦ୍ରା ଫାଇନାନ୍ସ
କମ୍ କିମ୍ବା ଖରାପ CIBIL ସ୍କୋର୍‌ଧାରୀ ବ୍ୟକ୍ତିମାନଙ୍କୁ ମଧ୍ୟ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ବ୍ୟବସାୟ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 40% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
ମହିଳାଙ୍କ ପାଇଁ ବିଶେଷ ରିହାତି
7289999543
8929619951
SCF-14, Aggarwal Estate, South Delhi

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଖର୍ଚ୍ଚ ଋଣରୁ କଟିବ
BALA JI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
063986-75974
ADDRESS: T-51, GAUTAMPURI, DELHI

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

BUSINESS

ATC TOWER COMPANY (REGD.)
All Odisha
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ, ଅଗ୍ରିମ 90 ଲକ୍ଷ/- ଭଡ଼ା - 90 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ + ମୋବାଇଲ + ବାଇକ୍ + ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address : - Head Office G-79, Adarsh Nagar, Karol Bagh
7082322494
7496805598

ଭାରତର ନଂ.1 COMPANY
AMERICAN TOWER CORPORATION
ନିଜର ଖାଲି ଜମି, କ୍ଷେତ, ଛାତ, ଘର, ଦୋକାନରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ 50 ଲକ୍ଷ + ଭଡ଼ା 45 ହଜାର + ଏକ ପଲ୍‌ସର୍ ବାଇକ୍ (ମାସିକ 25,000 - 30,000ର ଅନ୍ୟାନ୍ୟ ସୁବିଧା)
atc4gnetwork@gmail.com
MOB - 9471965297

EDUCATION

LISAS'IAS CELEBRATES 27th YEAR OF SUCCESS
FREE MOCK INTERVIEW SESSIONS FOR OAS (VIVA-VOCE)
JOIN IMMEDIATELY
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
9338222113
9337594620
CORRESPONDENCE COURSE ALSO AVAILABLE

DHARITRI Career appointment Every Wednesday and Saturday

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra

on every Tuesday & Friday

■ ଆଗୁଆ ବିଧାନସଭା ବନ୍ଦ ଆଶଙ୍କା

# ସରକାରଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ିଲେ ବିରୋଧୀ ଦଳ ନେତା

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ନଭେମ୍ବର ୧୩ ତାରିଖରୁ ଷୋଡଶ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହୋଇଛି। ଇତିମଧ୍ୟରେ ଗୃହରେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ୍ ମଧ୍ୟ ଗୃହୀତ ହୋଇ ସାରିଛି। ବିଶେଷ କିଛି କାର୍ଯ୍ୟକ୍ରମ ନ ଥିବାରୁ ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଚଳିତ ଅଧିବେଶନକୁ ସରକାର ବନ୍ଦ କରିଦେବେ ବୋଲି କୁହାଯାଉଛି। ଏଭଳି ଆଶଙ୍କା କରି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ମଙ୍ଗଳବାର ବିଧାନସଭାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଛନ୍ତି ଯେ ବିଧାନସଭା ଅଧିବେଶନ ନଭେମ୍ବର ୧୩ରୁ ଆରମ୍ଭ ହୋଇ ଡିସେମ୍ବର ୧୯ ପର୍ଯ୍ୟନ୍ତ ଚାଲିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। କାର୍ଯ୍ୟ ଅବଧି ଶେଷ ହୋଇ ନ ଥିବାବେଳେ ଗୃହକୁ ବନ୍ଦ କରିଦେବା ଲାଗି ମନ୍ତ୍ରଣା ଚାଲିଛି। ଗୃହ ଚାଲିବା ପାଇଁ ସରକାରଙ୍କ ପାଖରେ ଆଉ କୌଣସି ବିଜ୍‌ନେସ ନାହିଁ ବୋଲି କୁହାଯାଉଛି। ସରକାରଙ୍କ ପାଖରେ କେତେ ବିଜ୍‌ନେସ ଅଛି ଓ ଅଧିବେଶନ କେତେଦିନ ଚାଲିବ ଏ କଥା କ'ଣ ସରକାର ବିଜ୍ଞପ୍ତି ପୂର୍ବରୁ ଜାଣି ନ ଥିଲେ କି। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କ'ଣ ଗୃହର ବ୍ୟବସାୟ ନୁହେଁ। ଆହୁରି ହଜାର ହଜାର ସଂଖ୍ୟାରେ ପ୍ରଶ୍ନର ଉତ୍ତର ଦେବାକୁ ରହିଛି। ସରକାର ଏତେ ଶୀଘ୍ର ଆଲୋଚନାକୁ କାହିଁକି ଡରୁଛନ୍ତି ବୋଲି ବିରୋଧୀ ଦଳ ନେତା ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ବିଧାନସଭାରେ ଆଲୋଚନା ଓ ଜନସାଧାରଣଙ୍କ ସମସ୍ୟା ଉପରେ ସରକାରଙ୍କ ପ୍ରତିକ୍ରିୟା ହେଉଛି ଗଣତାନ୍ତ୍ରିକ ବ୍ୟବସ୍ଥା। ଏହାକୁ ଚକ୍ରାନ୍ତ କରି ବ୍ୟବସାୟୀକରଣ କରାଯାଉଛି। ଶାସକ ଦଳର ସଂଖ୍ୟାଗରିଷ୍ଠତା ନା ଆଇନରେ ଥିବା ବିଧିବ୍ୟବସ୍ଥା କିଏ ସରକାରଙ୍କୁ ପରିଚାଳନା କରିବ। ଏକଥା ଗୃହରେ ସ୍ପଷ୍ଟ ହେବା ଦରକାର ବୋଲି ପ୍ରଦୀପ୍ତ କହିଛନ୍ତି। ନୂଆ ସରକାର ଆସିବାର ଗୋଟିଏ ବର୍ଷ ମଧ୍ୟ ପୂରି ନାହିଁ। ହେଲେ ରାଜ୍ୟରେ ଏତେ ଆନ୍ଦୋଳନ କାହିଁକି ମୁଣ୍ଡ ଟେକୁଛି। ଲୋୟର ପିଏମ୍‌ଜିରେ ଧାରଣା ଦେଇଥିବା ଲୋକଙ୍କୁ ଗଣିଦେଲେ ଜଣାପଡିଯିବ ଯେ ଲୋକଙ୍କ ମଧ୍ୟରେ କେତେ ଅସନ୍ତୋଷ । ଏ ସବୁ ଉପରେ ଆଲୋଚନା ନ କରିବାକୁ ସରକାର ପଛଘୁଞ୍ଚା ଦେଉଛନ୍ତି ବୋଲି ପ୍ରଦୀପ୍ତ କହିଛନ୍ତି।

■ ଶହେ କୋଟିର ଜମି ଦୁର୍ନୀତି ପ୍ରସଙ୍ଗ

# ପ୍ରମାଣ ଦେଲେ ବିଧାନସଭା ଆସିବି ନାହିଁ: ମହାରଥୀ

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ପିପିଲି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ବିରୋଧରେ ସୋମବାର ଭାଜପା ୧୦୦ କୋଟି ଟଙ୍କାର ଜମି ଦୁର୍ନୀତି ଅଭିଯୋଗ ଆଣିଥିଲା। ଏହାର ତଥ୍ୟ ପ୍ରମାଣ ପାଖରେ ରଖିଥିବା ଦେଖାଇ ଭାଜପା ଏହା ବିରୋଧରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଯୁକ୍ତି ମଧ୍ୟ ରଖିଥିଲା। ଏହାର ଦିନକ ପରେ ଅର୍ଥାତ୍ ମଙ୍ଗଳବାର ବିଧାୟକ ମହାରଥୀ ଯଦି ଭାଜପା ଅଭିଯୋଗ ସତ ହୁଏ ତେବେ ବିଧାନସଭା ଆସିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ମହାରଥୀ କହିଛନ୍ତି ଯେ, ୧୦୦ କୋଟି ଟଙ୍କା ତ ଦୂରର କଥା ୧୦୦ ଟଙ୍କାର ପ୍ରମାଣ ଦେଲେ ବିଧାନସଭା ଆସିବି ନାହିଁ। ସୂଚନାଯୋଗ୍ୟ ଯେ, ଭାଜପା ମୁଖପାତ୍ର ଏକ ଖବରଦାତା ସମ୍ମିଳନୀ କରି କହିଥିଲେ ଯେ, ମହାରଥୀ କ୍ୟାବିନେଟ୍ ମନ୍ତ୍ରୀ ଥିବାବେଳେ ସର୍ବସାଧାରଣ ସମ୍ପତ୍ତି, ଜଳସେଚିତ କେନାଲ ଜମି, ଗୋଚର, ଚକନାଳୀ, ଚକ ରାସ୍ତା, ରିଜର୍ଭ ଜଙ୍ଗଲ, ଅନାବାଦି ଆଦିକୁ ନିଜ ହୁଙ୍କେଇପୁର ଫାର୍ମ ହାଉସରେ ମିଶାଇ ଜବରଦଖଲ କରିଛନ୍ତି। ଏହାସହିତ ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟଙ୍କ ବିରୋଧରେ ଭାଜପା ୩୦୦ କୋଟି ଟଙ୍କାର ଜମି ଦୁର୍ନୀତି ଅଭିଯୋଗ କରିଛି। ଅନ୍ୟପଟେ ମହାରଥୀଙ୍କ ଏଭଳି ଚ୍ୟାଲେଞ୍ଜ ଉପରେ ପ୍ରତିକ୍ରିୟା ପ୍ରକାଶ କରି ଗୋଲକ କହିଛନ୍ତି, ଫାର୍ମ ହାଉସ ମାପ କରିଦିଆଯାଉ, ସବୁ ଜଣାପଡିଯିବ। ଆମେ ଯାହା ପ୍ରମାଣ ଦେବା କଥା ଦେଇସାରିଛୁ। ଲୋକମାନେ ଅଭିଯୋଗ କରିଛନ୍ତି। କୋର୍ଟ ଜିଲାପାଳଙ୍କୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଜିଲାପାଳ ଓ ତହସିଲଦାର ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଏବେ ଜିଲାପାଳ ଏବଂ ତହସିଲଦାରଙ୍କୁ ଡାକି ମାପ କରିଦେଲେ ମହାରଥୀ ବାବୁ ଜାଗା ମାଡିବସିଛନ୍ତି ନା ନାହିଁ ଜଣାପଡ଼ିବ ବୋଲି ଗୋଲକ କହିଛନ୍ତି।

**ଜିଲାପାଳଙ୍କୁ ଡାକି ମାପ କରାଯାଉ: ଗୋଲକ**

■ ଜଗତ୍‌ସିଂହପୁର ଦଳିତ ଯୁବତୀ ଆତ୍ମହତ୍ୟା ପ୍ରସଙ୍ଗ

# ବିଧାନସଭାରେ ବିବୃତି ରଖିଲେ ଗୃହ ରାଷ୍ଟ୍ରମନ୍ତ୍ରୀ

■ ଆପତ୍ତିଜନକ ଫଟୋ ଓ ପ୍ରମାଣପତ୍ର ଜବତ କରିଛି ପୋଲିସ

■ ବିଚାର ବିଭାଗୀୟ ହେପାଜତରେ ଅଭିଯୁକ୍ତ

■ ମାମଲାର ତଦନ୍ତ କରୁଛନ୍ତି ଜଗତ୍‌ସିଂହପୁର ଏସ୍‌ଡିପିଓ

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ଜଗତ୍‌ସିଂହପୁର ଜିଲାରେ ଦଳିତ ଯୁବତୀ ଆତ୍ମହତ୍ୟାକୁ ନେଇ ସୋମବାର ବିଧାନସଭାରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ଏ ନେଇ ଗୃହରେ ବିବୃତି ରଖିବାକୁ ବିରୋଧୀ ଦାବି କରିଥିଲେ। ବାଚସ୍ପତିଙ୍କ ନିର୍ଦ୍ଦେଶକ୍ରମେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ମଙ୍ଗଳବାର ବିଧାନସଭାରେ ଏ ସମ୍ପର୍କରେ ବିବୃତି ରଖିଛନ୍ତି। ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ମନ୍ତ୍ରୀ ଗୃହକୁ ସୂଚନା ଦେଇ କହିଛନ୍ତି ଯେ ଜଗତ୍‌ସିଂହପୁର ଜିଲା ନୂଆଗାଁ ଥାନା ଅଧୀନ ତେନ୍ତୋଇ ଗ୍ରାମର ଜଣେ ଯୁବତୀ ୨୦୧୯ ନଭେମ୍ବର ୭ ତାରିଖ ସକାଳ ୬ଟାରେ ଘର ଭିତରେ ଝୁଲୁଥିବା ଅବସ୍ଥାରେ ଅଭିଯୋଗ ହୋଇଥିଲା। କବାଟ ଭାଙ୍ଗି ଦେଖିବା ବେଳକୁ ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖା ଯାଇଥିଲା। ମୃତକଙ୍କ ମା' ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ସେ କହିଥିଲେ ଯେ ଦୀପକ ବେଉରା ତାଙ୍କ ଝିଅକୁ ଏକପାଖିଆ ପ୍ରେମ କରୁଥିଲେ । ଅଭିଯୁକ୍ତ ତାଙ୍କ ଝିଅର ଆପତ୍ତିଜନକ ଫଟୋ ଉଠାଇ ସେଗୁଡିକ ତାଙ୍କ ଘର କାନ୍ଥରେ ଲଗାଇଥିଲେ। ଏଥିଯୋଗୁ ତାଙ୍କ ଝିଅ ଆତ୍ମହତ୍ୟା କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗ ଆଇପିସି ୨୯୨(୨)(ଏ)/୩୦୬ ଆଧାରରେ ନୂଆଗାଁ ଥାନାରେ ରୁଜୁ କରାଯାଇ ଅଭିଯୁକ୍ତ ଦୀପକଙ୍କ ନାଁରେ ନମ୍ବର ୧୬୫/୧୯ରେ ମାମଲା ରୁଜୁ କରାଯାଇଛି। ତଦନ୍ତକାରୀ ଅଧିକାରୀ ତୁରନ୍ତ ଘଟଣାସ୍ଥଳକୁ ଯାଇ ପରିବାର ସଦସ୍ୟଙ୍କୁ ପଚରାଉଚରା କରିବା ସହିତ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତକଙ୍କ ଆପତ୍ତିଜନକ ଫଟୋ ଏବଂ ଅନ୍ୟ ପ୍ରମାଣପତ୍ରକୁ ପୋଲିସ ଜବତ କରିଛି। ପ୍ରତ୍ୟକ୍ଷଦର୍ଶୀଙ୍କ ମତକୁ ଯାଞ୍ଚ କରାଯାଉଛି। ପ୍ରାଥମିକ ତଦନ୍ତରେ ଦୀପକ ବେଉରାଙ୍କ ବିରୋଧରେ ପ୍ରମାଣ ରହିଛି। ଏଥିପାଇଁ ନଭେମ୍ବର ୯ତାରିଖରେ ତାଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ବର୍ତ୍ତମାନ ବିଚାର ବିଭାଗୀୟ ହେପାଜତରେ ରହିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାଯାଇଛି ଯେ ସମ୍ପୃକ୍ତ ଯୁବତୀଙ୍କର ଶ୍ୱାସରୁଦ୍ଧ ଯୋଗୁ ମୃତ୍ୟୁ ହୋଇଛି। ମୃତକ ଜଣକ ଅନୁସୂଚିତ ଜାତି ସମ୍ପ୍ରଦାୟର। ମୃତକଙ୍କ ପରିବାରକୁ ରାଜ୍ୟ ସରକାର ୧ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିଛନ୍ତି। ଏହି ଘଟଣାର ତଦନ୍ତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଗତ୍‌ସିଂହପୁର ଏସ୍‌ଡିପିଓଙ୍କ ଦ୍ୱାରା କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି ବିବୃତିକୁ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ପ୍ରତ୍ୟାଖ୍ୟାନ କରିଛନ୍ତି।


**ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ, ଆସିକା ୧୯୧୮ଠାରୁ ପ୍ରତିଷ୍ଠିତ ହୋଇ ଜିଲ୍ଲାର ୧୪ଗୋଟି (ଚଉଦ) (୧୦ ଗୋଟି ସମ୍ପୂର୍ଣ୍ଣ ଓ ଆଂଶିକ) ବ୍ଲକ୍‌ରେ ଥିବା ୧୯୧ଗୋଟି ପ୍ରାଥମିକ ସେବା ସମବାୟ ସମିତି ମାଧ୍ୟମରେ ଗ୍ରାହକ ତଥା କୃଷକମାନଙ୍କଠାରୁ ଜମା ସଂଗ୍ରହ କରିବା ସହ କୃଷି ଓ ଅଣକୃଷି ଋଣ ପ୍ରଦାନ କରିଥାଏ। ଏଥିସହ-**

୧. ଜମାକାରୀଙ୍କୁ ଅନ୍ୟାନ୍ୟ ବ୍ୟାଙ୍କ ଅପେକ୍ଷା ଅଧିକ ସୁଧ ପ୍ରଦାନ କରିବା ସହ ବରିଷ୍ଠ ନାଗରିକ (Senior Citizen) ଜମାକାରୀଙ୍କୁ ପ୍ରଚଳିତ ସୁଧହାର ସହ ୦.୫୦% ପ୍ରତିଶତ ଅଧିକ ସୁଧ ପ୍ରଦାନ କରିଥାଏ।
୨. ଏହି ବ୍ୟାଙ୍କ ସମ୍ପୂର୍ଣ୍ଣ କମ୍ପ୍ୟୁଟରୀକରଣ ହେବା ସହ CBS ମାଧ୍ୟମରେ ସ୍ୱଳ୍ପ ସମୟ ମଧ୍ୟରେ ଗ୍ରାହକ ସେବା ଯୋଗାଇଥାଏ।
୩. ସରକାରଙ୍କ ସହାୟତାରେ ସେବା ସମବାୟ ସମିତି ମାଧ୍ୟମରେ କୃଷକମାନଙ୍କୁ ସ୍ୱଳ୍ପକାଳୀନ ଫସଲ ଋଣ ବାର୍ଷିକ ଏକ ପ୍ରତିଶତ ସୁଧହାରରେ ଯୋଗାଇଦେବା ସହ ଏହି ଋଣ ବୀମାଭୁକ୍ତ କରାଯାଇଥାଏ।
୪. ଭୂମିହୀନ ଓ ଭାଗଚାଷୀମାନଙ୍କୁ ନେଇ ମିଳିତ ଦେୟ ଗୋଷ୍ଠୀ (JLG) ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ (SHG) ମାନଙ୍କୁ ବିଭିନ୍ନ ପ୍ରକାର କୃଷି ଓ ଅଣକୃଷି ଋଣ ସରକାରଙ୍କ ନିୟମ ପ୍ରକାରେ କମ୍ ସୁଧରେ ପ୍ରଦାନ କରିଥାଏ।
୫. ଏହି ବ୍ୟାଙ୍କ ମାଧ୍ୟମରେ କୃଷିଭିତ୍ତିକ କୃଷି ଯନ୍ତ୍ରପାତି ଋଣ ଦେଇ ଠିକ୍ ସମୟରେ ପରିଶୋଧ କରୁଥିବା ଚାଷୀମାନଙ୍କୁ ସରକାରଙ୍କ ସହାୟତାରେ ୫ ପ୍ରତିଶତ ସୁଧ ଋଣ ପ୍ରଦାନ କରିଥାଏ।
୬. କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା କାର୍ଯ୍ୟକାରୀ କରିଥାଏ।
୭. ଜମାକାରୀଙ୍କ ସୁବିଧା ନିମିତ୍ତ ATM ସେବା ବ୍ୟବସ୍ଥା ଆସିକା ଏବଂ ଶେରଗଡ଼ଠାରେ ପ୍ରଚଳିତ କରାଯାଇଅଛି।
୮. ଗ୍ରାହକମାନଙ୍କ ସୁବିଧା ପାଇଁ ଆସିକା ମୁଖ୍ୟ ଶାଖା ଏବଂ କବିସୂର୍ଯ୍ୟନଗର ଶାଖାରେ ଲକର ସୁବିଧା ଉପଲବ୍ଧ କରାଯାଇଅଛି।
୯. ସରକାରଙ୍କ ସହାୟତାରେ ଭ୍ରାମ୍ୟମାଣ ଶାଖା ମାଧ୍ୟମରେ ଜମାକାରୀ ଓ ଋଣୀଦାରଙ୍କ ସୁବିଧା ନିମିତ୍ତ ଜମାଖାତା ଖୋଲିବା, ନଗଦ ରାଶି ଜମା, ଉଠାଣ ଓ ଋଣ ପ୍ରଦାନ ଏବଂ ବିଭିନ୍ନ ଯୋଜନାରେ ବିଶଦ୍ ବିବରଣୀ ଜାଣିବା ପାଇଁ ବ୍ୟବସ୍ଥା କରାଯାଇଅଛି।
୧୦. ସମସ୍ତ କିଶାନ କ୍ରେଡିଟ୍ କାର୍ଡଧାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଳିତ ଦେୟ ଗୋଷ୍ଠୀର ସଭ୍ୟମାନଙ୍କୁ ଟ.୫୦,୦୦୦/-ଙ୍କା ପର୍ଯ୍ୟନ୍ତ ଦୁର୍ଘଟଣାଜନିତ ବୀମା ରାଶିର ସୁବିଧା କରାଯାଇଅଛି।

**ଶ୍ରୀ ହରିଶ୍ ଚନ୍ଦ୍ର ଦାଶ,** ସମ୍ପାଦକ
ଆସ୍କା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ.
ଆସ୍କା

**ଶ୍ରୀ ବିରେନ୍ଦ୍ର କେଶରୀ ଆରୁଖ,** ସଭାପତି
ଆସ୍କା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ.
ଆସ୍କା





















"ଅଭିନେତା ଶାହରୁଖ୍ ଖାନ୍ ମୋ ଲାଗି ପ୍ରେରଣାର ଉତ୍ସ। 'ପତି, ପତ୍ନୀ ଔର୍ ଓ୍ୱ' ଫିଲ୍ମରେ ତାଙ୍କ ଅଭିନୟ ବେଶ୍ ଉଚ୍ଚକୋଟୀର ଥିଲା।

-ଅନନ୍ୟା ପାଣ୍ଡେ,
ବଲିଉଡ୍ ଅଭିନେତ୍ରୀ

# ଟ୍ରେନ୍‌ରେ କିଙ୍ଗ୍ କୋବ୍ରା



**ଡେରାଡୁନ୍:** ଏକ ସୁପରଫାଷ୍ଟ ଟ୍ରେନ୍‌ରେ ୧୦ ଫୁଟର କିଙ୍ଗ୍ କୋବ୍ରା। ସାପଟି ଟ୍ରେନ୍‌ର ଏକ ବଗିର ଗେଟ୍ ନିକଟରେ ଗୁଡ଼େଇ ହୋଇ ରହିଥିବା ଖବର ପାଇଥିଲେ ସ୍ଥାନୀୟ ବନବିଭାଗ ଏବଂ ଆର୍‌ପିଏଫ୍। ଶେଷରେ ମିଳିତ ଟିମ୍ ସେଠାରୁ ସାପଟିକୁ ଜୀବିତ ଉଦ୍ଧାର କରିବାରେ ସଫଳ ହୋଇଥିଲା। ଉତ୍ତରାଖଣ୍ଡର କାଠଗୋଦାମ ଷ୍ଟେଶନ୍‌ରେ ଏପରି ଘଟଣା ଦେଖିବାକୁ ମିଳିଛି। ଟ୍ରେନ୍‌ରେ ଯାତ୍ରୀ ଥିବାବେଳେ ସେମାନଙ୍କ ସୁରକ୍ଷା, ଭିଡ଼, ଟ୍ରେନ୍‌ର ସମୟ ଏବଂ ସାପଟିର ସୁରକ୍ଷାକୁ ଦୃଷ୍ଟିରେ ରଖି ମିଳିତ ଟିମ୍ ଅତି ସତର୍କତାର ସହ ସାପ ଉଦ୍ଧାର ଅଭିଯାନ ଆରମ୍ଭ କରିଥିଲା। ଶେଷରେ ସାପଟିକୁ ଜୀବିତ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଦିଆଯାଇଥିବାବେଳେ ସମସ୍ତ ଯାତ୍ରୀ ମଧ୍ୟ ସୁରକ୍ଷିତ ଯାତ୍ରା କରିଥିବା ଜଣାପଡ଼ିଛି। ଉତ୍ତରାଖଣ୍ଡ ବନବିଭାଗର ଜଣେ ଅଧିକାରୀ ସାପ ଉଦ୍ଧାର ଅଭିଯାନର ଏକ ଭିଡିଓ ନିଜ ଟୁଇଟର୍‌ରେ ଶେୟାର୍ କରିଛନ୍ତି।

# ଆତଙ୍କର ଅମରାବତୀରେ ଶିକ୍ଷାର ବାହକ ବସ୍ 'ଲାଇବ୍ରେରି'

**କାବୁଲ:** ଆଫଗାନିସ୍ତାନ ନାଁ ଶୁଣିଲେ ପ୍ରଥମେ ଆଖି ଆଗକୁ ଚାଲିଆସେ ଯୁଦ୍ଧର ବିଭୀଷିକା। ଆତଙ୍କବାଦର ପଦଚିହ୍ନ। ରକ୍ତପାତ। ଉଜୁଡ଼ିଯାଉଥିବା ଶୈଶବ ଭଳି ଅନେକ ସମ୍ବେଦନଶୀଳ ଘଟଣା। ଯେଉଁଠି ପାଦେପାଦେ ଜୀବନ ବଞ୍ଚାଇବାକୁ ଲଢ଼େଇ, ସେଠି ପାଠପଢ଼ିବା କଥା ପଚାରେ ବା କିଏ। ଏପରି ସ୍ଥିତିରେ ଆତଙ୍କବାଦୀଙ୍କ ଅମରାବତୀରେ ଶିକ୍ଷାର ବାହକ ପାଲଟିଛି ଭ୍ରାମ୍ୟମାଣ ଲାଇବ୍ରେରୀ। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଗ୍ରାଜୁଏଟ୍ ଫ୍ରେସ୍ତା କରିମ୍ (୨୭)ଙ୍କ ଦ୍ୱାରା ଶିକ୍ଷାର ବିକାଶ ପାଇଁ ଯୁଦ୍ଧ ପ୍ରଭାବିତ କାବୁଲରେ ଆରମ୍ଭ କରାଯାଇଥିବା ଏପରି ଅଭିଯାନକୁ ନେଇ ଏବେ ବିଶ୍ୱବ୍ୟାପୀ ଆରମ୍ଭ ହୋଇଛି ଚର୍ଚ୍ଚା। ସାଧାରଣତଃ ଯାତ୍ରୀଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ ବସ୍। ହେଲେ ଆତଙ୍କବାଦୀ ପ୍ରଭାବିତ ଆଫଗାନିସ୍ତନରେ ଭ୍ରାମ୍ୟମାଣ ବସ୍‌ରେ ଅଙ୍କୁରୋଦ୍‌ଗମ ହେଉଛି ଶିକ୍ଷାର ବୀଜ। ଦୈନିକ ଦୁଇଟି ବସ୍ କାବୁଲ ବଜାରରୁ ବାହାରି ପହଞ୍ଚିଥାଏ ସ୍କୁଲ କ୍ୟାମ୍ପସ ଯାଏ। ଏଥିରେ ଯାତ୍ରୀ ବଦଳରେ ରହିଥାଏ ହଜାର ହଜାର ମୂଲ୍ୟବାନ ପୁସ୍ତକ।



ଦୈନିକ ୬୦୦ ଛାତ୍ରୀଛାତ୍ର ଏପରି ଲାଇବ୍ରେରିକୁ ଆସି ଶିକ୍ଷାର ଲାଭ ଉଠାଉଛନ୍ତି। ଫ୍ରେସ୍ତାଙ୍କ କହିବା କଥା, ସେ ସ୍କୁଲ କଲେଜରେ ପଢ଼ିବା ସମୟରେ ପୁସ୍ତକର ଅଭାବ ଅନୁଭବ କରିଥିଲେ। ପାଠପଢ଼ା ଶେଷ ହେବା ପରେ ସେ 'ଚାର୍ମାଗ୍‌ଜ' ନାମକ ସଂସ୍ଥା ଗଢ଼ିଥିଲେ। ଏହାପରେ ତାଙ୍କ ମୁଣ୍ଡକୁ ଜୁଟିଥିଲା ଭ୍ରାମ୍ୟମାଣ ବସ୍ ଲାଇବ୍ରେରି କଥା।

ୟୁନେସ୍କୋର ପରିସଂଖ୍ୟାନ ଅନୁଯାୟୀ, ସାକ୍ଷରତା ହାରରେ ସବୁଠାରୁ ନିମ୍ନରେ ରହିଛି ଆଫଗାନିସ୍ତାନ। ଏଠାରେ ୧୦ରୁ ମାତ୍ର ୩ଜଣଙ୍କ କ୍ଷେତ୍ରରେ ପାଠ ପଢ଼ିବାର ସୌଭାଗ୍ୟ ଜୁଟିଥାଏ। କାବୁଲର ଅଧିକାଂଶ ସ୍କୁଲରେ ନିଜସ୍ୱ ଲାଇବ୍ରେରି ନାହିଁ। ହାତଗଣତି ଲାଇବ୍ରେରିରେ ପର୍ଯ୍ୟାପ୍ତ ପୁସ୍ତକ ଉପଲବ୍ଧ ନାହିଁ। ପିଲାଙ୍କ ପାଖରେ ପୁସ୍ତକ ପହଞ୍ଚାଇବାକୁ ଭ୍ରାମ୍ୟମାଣ ଲାଇବ୍ରେରୀ ବେଶ୍ ସହଜ ହୋଇଯାଇଛି। ଏଥିରେ କମ୍ ଖର୍ଚ୍ଚ ହେଉଛି। ସଂସ୍ଥା ପକ୍ଷରୁ ସରକାରଙ୍କଠାରୁ ଉକ୍ତ ବସ୍ ଭଡ଼ାସୂତ୍ରରେ ନିଆଯାଇଛି। ସ୍ଥାନୀୟ ବ୍ୟବସାୟୀ, ବଦାନ୍ୟ ବ୍ୟକ୍ତିମାନେ ଦାନ କରୁଥିବା ଟଙ୍କାରେ ପୁସ୍ତକ କିଣାଯାଉଛି। ପିଲାମାନଙ୍କୁ ଶିକ୍ଷାପ୍ରତି ଅଧିକ ଆକର୍ଷିତ କରିବାକୁ ସଂସ୍ଥା ପକ୍ଷରୁ ଭ୍ରାମ୍ୟମାଣ ପ୍ରେକ୍ଷାଳୟ ବସ୍‌ର ପରିକଳ୍ପନା କରାଯାଉଛି, ଯେଉଁଠାରେ ପିଲାମାନେ ବିଜ୍ଞାନଭିତ୍ତିକ ବିଭିନ୍ନ ବିଷୟକୁ ପରଦାରେ ଦେଖିପାରିବେ। ପିଲାମାନଙ୍କ ଭିତରେ ଲାଇବ୍ରେରିରେ ପଢ଼ିବାକୁ ପ୍ରତିଯୋଗିତା ଚାଲୁଛି। ଏହାକୁ ବେଶ୍ ଉପଭୋଗ କରୁଛନ୍ତି ପିଲାଏ। ସେମାନେ ଲାଇବ୍ରେରିକୁ ଆସି ନିଜ ନିଜ ଭିତରେ ଅନୁଭୂତି ବାଣ୍ଟୁଛନ୍ତି। ଧୀରେ ଧୀରେ ସେମାନଙ୍କ ଭିତରେ ବହି ପଢ଼ିବା ଅଭ୍ୟାସରେ ପରିଣତ ହେବାରେ ଲାଗିଛି। ହେଲେ ଭ୍ରାମ୍ୟମାଣ ଲାଇବ୍ରେରି ସାମ୍ନାରେ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି ଆତଙ୍କବାଦୀ ଆକ୍ରମଣ। ଏପରି ଆଶଙ୍କା ଥିବାରୁ ବସ୍‌କୁ ସବୁ ସ୍ଥାନକୁ ନେବା ସମ୍ଭବପର ହେଉ ନ ଥିବା ଫ୍ରେସ୍ତା କହିଛନ୍ତି।

# ଥଣ୍ଡା ଦୂରକରେ ସୋରିଷ ତେଲ ମାଲିସ୍



**ନୂଆଦିଲ୍ଲୀ:** ଶୀତଦିନେ କେତେକଙ୍କର ପାଦ ଫାଟିଥାଏ। ତେବେ ଏଥିରୁ ଦୂରେଇ ରହିବା ପାଇଁ ରାତିରେ ଶୋଇବା ପୂର୍ବରୁ ପାଦରେ ମଏଶ୍ଚର ମାଲିସ କଲେ ସୁଫଳ ମିଳିଥାଏ। ସୋରିଷ ତେଲରେ ଦୁଇ କୋଲା ରସୁଣ ଫୁଟାଇ ଏହାକୁ ଉଷୁମ ଥିବା ସମୟରେ ପାଦ ଏବଂ ଶରୀରରେ ମାଲିସ୍ କଲେ ରକ୍ତ ସଞ୍ଚାଳନ ବୃଦ୍ଧି ପାଇବା ସହିତ ଥକାପଣ ଦୂର ହୋଇଥାଏ। ଏ ପ ର୍ି କରିବା ଦ୍ୱାରା ଥଣ୍ଡା ସମସ୍ୟା ମଧ୍ୟ ଦୂର ହୋଇଥାଏ। ସପ୍ତାହରେ ୨ଥର ପାଦ ତଥା ଦେହରେ ସୋରିଷ ତେଲ ମାଲିସ କଲେ ବହୁ ଉପକାର ହୋଇଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି।

# ଜଣେ ପୂର୍ବତନ ବିଧାୟକଙ୍କ ଜୀବନ ଗାଥା

**କାନପୁର:** ମନ୍ଦିର-ମସ୍‌ଜିଦକୁ ନେଇ ଆମ ଦେଶରେ ଅନେକ ବିବାଦ ଦେଖାଦିଏ। କିନ୍ତୁ ଈଶ୍ୱର ମନ୍ଦିର କି ମସ୍‌ଜିଦରେ ନାହାନ୍ତି , କର୍ମ ଓ ସଂସ୍କାରରେ ଅଛନ୍ତି ବୋଲି ବିଶ୍ୱାସ କରୁଥିବା ଲୋକଙ୍କ ସଂଖ୍ୟା ମଧ୍ୟ ଆମ ଦେଶରେ କମ୍ ନାହିଁ। ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ଭଗବତୀ ସିଂ ବିଶାରଦ। ତାଙ୍କୁ ବୟସ ବର୍ତ୍ତମାନ ୯୮ ବର୍ଷ। ଉତ୍ତରପ୍ରଦେଶ ଉନାଓର ଭଗବନ୍ତନଗର ବିଧାନସଭାମଣ୍ଡଳୀରୁ ସେ ୭ ଥର ବିଧାୟକ ରହିଛନ୍ତି। ତାଙ୍କ ବିଚାର ସମ୍ପୂର୍ଣ୍ଣ ଭିନ୍ନ। ଆଜି ବି ବିଶାରଦ ଯେଉଁଭଳି ଜୀବନ ବିତାଉଛନ୍ତି ତାହା ଏବକାର ରାଜନେତାଙ୍କ ପାଇଁ ଏକ ଶିକ୍ଷା। କାନପୁରର ଧନକୁଟ୍ଟି ମୋହଲାରେ ଏକ ଭଡ଼ା ଘରେ ସେ ରହୁଛନ୍ତି। ଏହି ଘରକୁ ଭଗବତୀଙ୍କ ପିତା ଲକ୍ଷ୍ମଣ ସିଂ ୧୯୩୯ରେ ଭଡ଼ାରେ ନେଇଥିଲେ। ସେହି ଘରେ ତାଙ୍କର ୫ ପୁଅ ଓ ଜଣେ ଝିଅଙ୍କୁ ନେଇ ସାରା ଜୀବନ ରହିଆସିଛନ୍ତି। ଏବେ ତାଙ୍କ ପାଖରେ ସେହି ଭଡାଘରେ ଭଗବତୀଙ୍କ ସହ ବଡ ପୁଅ ରଘୁବର ଓ ତାଙ୍କ ସ୍ତ୍ରୀ,ନାତି, ନାତୁଣୀ ବୋହୂ, ଅଣନାତି, ତୃତୀୟ ନମ୍ବର ପୁଅ ଓ ବୋହୂ ରହୁଛନ୍ତି। ଭଗବତୀ ଯେତେବେଳେ ବିଧାୟକ ରହିଥିଲେ ସେତେବେଳେ ଚାଲି ଚାଲି କିମ୍ବା ସାଇକେଲରେ ବୁଲି ଜନସେବା କରୁଥିଲେ। ସେତେବେଳେ ଗୋଟିଏ ବ୍ୟାଗ୍‌ରେ ଲେଟର୍‌ପ୍ୟାଡ ଓ ଷ୍ଟାମ୍ପ ବି ରଖୁଥିଲେ। କେହି ତାଙ୍କୁ କୌଣସି ସମସ୍ୟା ସମ୍ପର୍କରେ ଜଣାଇଲେ ସେ ସାଙ୍ଗେ ସାଙ୍ଗେ ଏହା ଉପରେ ପଦକ୍ଷେପ ନେବାକୁ ପ୍ୟାଡ୍‌ରେ ଲେଖି ଷ୍ଟାମ୍ପ ଲଗାଇ ସମ୍ପୃକ୍ତ ବିଭାଗକୁ ପଠାଇ ଦେଉଥିଲେ ବୋଲି କୁହନ୍ତି ତାଙ୍କ ନାତି ଅନୁରାଗ। ଭଗବତୀଙ୍କ ପୂଜା ପଦ୍ଧତି ବିଷୟରେ ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବେ। ତାଙ୍କ ପୂରା ମନ୍ଦିର ଝୁଲାରେ ଥାଏ। ଗାଧୋଇ ସାରିବା ପରେ ଝୁଲାରେ ରଖିଥିବା ଭଗବାନଙ୍କୁ ବାହାରକରି ଚେୟାର ଉପରେ ରଖନ୍ତି ଓ ପୂଜା କରନ୍ତି। ଏହା ପରେ ପୁଣି ଭଗବାନ୍‌ଙ୍କୁ ଝୁଲାରେ ରଖିଦିଅନ୍ତି। ଭଗବାନ ମନ୍ଦିରରେ ନାହାନ୍ତି ହୃଦୟରେ ରହିଛନ୍ତି ବୋଲି କୁହନ୍ତି ଭଗବତୀ। ୨୩ ସେପ୍ଟେମ୍ବର ୧୯୨୧ରେ ଉନାଓର ଝାଗରପୁର ଗାଁରେ ଜନ୍ମିତ ଭଗବତୀ ସ୍ୱାଧୀନତା ଆନ୍ଦୋଳନରେ ବି ଭାଗ ନେଇଛନ୍ତି। ୧୯୫୭ରେ ପ୍ରଜା ସୋସାଲିଷ୍ଟ ପାର୍ଟିରୁ ଭଗବନ୍ତନଗର ବିଧାନସଭା ଆସନରୁ ନିର୍ବାଚନ ଲଢି ପ୍ରଥମେ ବିଜୟୀ ହୋଇଥିଲେ। ଏହି ପାର୍ଟିର ବିଲୟ ଘଟିବା ପରେ ସେ କଂଗ୍ରେସରେ ଯୋଗ ଦେଇ କେତେବେଳେ ଜିତିଛନ୍ତି ତ କେତେବେଳେ ହାରିଛନ୍ତି , କିନ୍ତୁ ମୋଟ୍‌ରେ ୭ ଥର ବିଧାୟକ ହୋଇପାରିଛନ୍ତି।



# ପିଲାଙ୍କୁ ନିଜ ଫିଲ୍ମ ଦେଖିବାକୁ ମନାକଲେ



ଇମ୍ରାନ୍ ହାସମୀ

**ମୁମ୍ବାଇ:** ବଲିଉଡ୍ କିସ୍‌ର୍ ବୟ ଇମ୍ରାନ୍ ହାସମୀ ଆଜିକାଲି ଏକଦମ୍ ବ୍ୟସ୍ତ ଅଛନ୍ତି। ନିଜ ଅପ୍‌କମିଂ ଫିଲ୍ମ 'ଦ ବଡି'ର ପ୍ରମୋଶନରେ ଲାଗିପଡ଼ିଛନ୍ତି ଇମ୍ରାନ୍। ଏହି ପରିପ୍ରେକ୍ଷୀରେ ଏକ ଜାତୀୟ ଗଣମାଧ୍ୟମ ସହ ସାକ୍ଷାତ୍‌କାର ସମୟରେ ସେ କିଛି ମତାମତ ଓ ପ୍ରତିକ୍ରିୟା ଦେଇଛନ୍ତି, ଯାହାକୁ ନେଇ ଏବେ ସେ ଚର୍ଚ୍ଚାରେ। ଫିଲ୍ମ ପ୍ରମୋଶନ ଅବସରରେ ଗଣମାଧ୍ୟମର କିଛି ପ୍ରଶ୍ନର ସିଧାସିଧା ଉତ୍ତର ରଖିଥିଲେ ଇମ୍ରାନ୍। ଆମ ଦେଶରେ ନାବାଳିକା,ନାବାଳକଙ୍କୁ କ'ଣ ଦେଖିବା ଉଚିତ ବୋଲି ପଚରା ଯିବାରୁ ସେ ମଜାଦାର ଉତ୍ତର ଦେଇଥିଲେ। ଇମ୍ରାନ୍ ପିଲାମାନେ କ'ଣ ଦେଖିବା ଉଚିତ୍ ସେ କଥା ଯଦିଓ କହି ନ ଥିଲେ, ତେବେ ପିଲାମାନେ କ'ଣ ନ ଦେଖିବା ଉଚିତ୍ ସେ କଥା ସଫା ସଫା କହିଥିଲେ। ସେ କହିଥିଲେ, ପିଲାମାନେ ମୋ ଫିଲ୍ମ ଦେଖିବା ଉଚିତ୍ ନୁହେଁ। ଦେଶର ନାବାଳକମାନେ ମୋ ଫିଲ୍ମ କେବେ ବି ନ ଦେଖନ୍ତୁ ବୋଲି ଇମ୍ରାନ ପ୍ରତିକ୍ରିୟା ରଖିଥିଲେ। ସେ ଆହୁରି ମଧ୍ୟ କହିଥିଲେ, ମୋ ଫିଲ୍ମ 'ଦ ବଡି' ମଧ୍ୟ ଏ(A) ସାର୍ଟିଫିକେଟ୍ ଫିଲ୍ମ ଅଟେ। ଏହାକୁ ମିଧ ପିଲାମାନେ ଦେଖିବା ଉଚିତ ନୁହେଁ। ତେବେ ଫିଲ୍ମଟି ବେଶ୍ ମଜାଦାର ଆଉ ସସ୍‌ପେନ୍ସରେ ଭରପୂର, ଯେଉଁଥିରେ ଦର୍ଶକ ଗୋଟିଏ ସିନ୍ ପରେ ଆଗକୁ କ'ଣ ହେବ ତାହା ଅନୁମାନ ମଧ୍ୟ କରିପାରିବେ ନାହିଁ। ସେହିପରି କଳାକାରଙ୍କୁ ଫିଲ୍ମରେ ଅଭିନୟର ସୁଯୋଗ ପାଇବାକୁ ନିର୍ଦ୍ଦେଶକଙ୍କୁ ମିଛ ପ୍ରଶଂସା କରିବାକୁ ପଡ଼ିଥାଏ ବୋଲି ଏକ ପ୍ରଶ୍ନରେ ମଧ୍ୟ ଇମ୍ରାନ୍ ସ୍ପଷ୍ଟ ଉତ୍ତର ଦେଇଥିଲେ। ସେ କହିଥିଲେ, ହଁ, ବେଳେ ବେଳେ କାମ ହାସିଲ କରିବାକୁ ସେଟ୍‌ରେ ନିର୍ଦ୍ଦେଶକଙ୍କ ମିଛ ପ୍ରଶଂସା କରିବାକୁ ପଡ଼ିଥାଏ। 'ଦ ବଡି' ଫିଲ୍ମରେ ଇମ୍ରାନ୍‌ଙ୍କ ବ୍ୟତୀତ ଋଷି କପୁର ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବେ। ଫିଲ୍ମଟି ୨୦୧୨ରେ ରିଲିଜ୍ ସ୍ପାନିଶ୍ ଫିଲ୍ମ 'ଦ ବଡି'ର ହିନ୍ଦୀ ରିମେକ୍ ହୋଇଥିବାବେଳେ ଡିସେମ୍ବର ୧୩ରେ ଏହା ରିଲିଜ୍ ହେବ।

# ପୁଣି ହାର୍ଦ୍ଦିକ୍-ଉର୍ବଶୀ ଲିଙ୍କ୍‌ଅପ୍



**ମୁମ୍ବାଇ:** ଚର୍ଚ୍ଚାରେ ବଲିଉଡ୍ ନାୟିକା ଉର୍ବଶୀ ରୌଟେଲା। ସୋସିଆଲ୍ ମିଡିଆରେ ଲୋକେ ତାଙ୍କୁ ଲୋକପ୍ରିୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ପୁଣି ଯୋଡ଼ିବା ଆରମ୍ଭ କରିଦେଇଛନ୍ତି। ଉର୍ବଶୀ ନିଜ ପୋଷା କୁକୁର ସହ ଏକ ଫଟୋ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ, ଯାହାକୁ ନେଇ ଏତେ ଚର୍ଚ୍ଚା ଆରମ୍ଭ ହୋଇଛି। ପୋଷା କୁକୁର ସହ ଉର୍ବଶୀଙ୍କ ଫଟୋ ବେଶ ସୁନ୍ଦର ଲାଗୁଛି। ଏହାକୁ ଫ୍ୟାନ୍‌ମାନେ ପସନ୍ଦ ମଧ୍ୟ କରୁଛନ୍ତି। ତେବେ କୁକୁର ସହ ଉର୍ବଶୀଙ୍କ ଫଟୋ ପୋଜ୍ ଏକଦମ୍ ହାର୍ଦ୍ଦିକଙ୍କ ପୋଜ୍ ଭଳି ହୋଇଛି। କନ୍‌ଫ୍ୟୁଜ୍ ହେଉଛନ୍ତି କି ! ପ୍ରକୃତରେ ଉର୍ବଶୀଙ୍କ ପୂର୍ବରୁ ହାର୍ଦ୍ଦିକ ମଧ୍ୟ ନିଜ କୁକୁର ସହ ସମାନ ପୋଜ୍ ଦେଇ ଏକ ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ। ଉଭୟଙ୍କ ପୋଜ୍ ପ୍ରାୟ ସମାନ ଥିବାରୁ ଲୋକେ ଏମାନଙ୍କୁ ଚିଡ଼ାଇବା ଆରମ୍ଭ କରିଦେଇଛନ୍ତି। ଉର୍ବଶୀଙ୍କୁ ହାର୍ଦ୍ଦିକ୍ ଉପହାରରେ ଏହି କୁକୁରଟିକୁ ଦେଇଥିବା ସୋସିଆଲ୍ ମିଡିଆରେ ଚର୍ଚ୍ଚା ହେଉଛି। ତେବେ କିଛିଦିନ ପୂର୍ବରୁ ଉର୍ବଶୀ ନିଜ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ହାର୍ଦ୍ଦିକଙ୍କ ସହ ତାଙ୍କ ଲିଙ୍କ୍‌ଅପ୍ ନ କରିବାକୁ ଲୋକଙ୍କୁ କହିଥିଲେ। ଏହାସହ ଗଣମାଧ୍ୟମକୁ ମଧ୍ୟ ଉଭୟଙ୍କୁ ନେଇ କୌଣସି ଖବର ପ୍ରସାରଣ ନ କରିବାକୁ ଅନୁରୋଧ କରିଥିଲେ। ସେ କହିଥିଲେ, ଏଭଳି ଗୁଜବ ପ୍ରସାରଣ କରନ୍ତୁ ନାହିଁ। ମୋର ମଧ୍ୟ ପରିବାର ଅଛି, ମୋତେ ମଧ୍ୟ ଉତ୍ତର ରଖିବାକୁ ପଡ଼ିଥାଏ। ଏଭଳି ଗୁଜବ ଦ୍ୱାରା ମୋତେ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଉର୍ବଶୀ କହିଥିଲେ। ଏଠାରେ କହିରଖୁଛୁ ଯେ, ୨୦୧୮ରେ ହାର୍ଦ୍ଦିକ-ଉର୍ବଶୀଙ୍କ ରିଲେସନଶିପ୍ ଖୁବ୍ ଚର୍ଚ୍ଚା ସାଉଁଟିଥିଲା। ଉଭୟ ସୋସିଆଲ ମିଡିଆରେ ମଧ୍ୟ ପରସ୍ପରକୁ ପୋଷ୍ଟରେ କମେଣ୍ଟ ଦେଉଥିଲେ। ସେମାନଙ୍କୁ ଅନେକ ସ୍ଥାନରେ ଏକାଠି ଦେଖିବାକୁ ମିଳିଥିଲା। କିନ୍ତୁ ପରେ ଉର୍ବଶୀଙ୍କ ଏଭଳି ପୋଷ୍ଟରୁ ଜଣାପଡୁଛି ସେମାନେ ଆଉ ଡେଟ୍ କରୁନାହାନ୍ତି।

# ଏମ୍‌ବିଏ ଛାତ୍ରୀଙ୍କ ଟ୍ରାଫିକ୍ ମ୍ୟାନେଜ୍‌ମେଣ୍ଟ

**ଇନ୍ଦୋର:** ମଧ୍ୟ ପ୍ରଦେଶରେ ଜଣେ ଏମ୍‌ବିଏ ଛାତ୍ରୀଙ୍କ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଏହି ଛାତ୍ରୀ ଜଣକ ଟ୍ରାଫିକ୍ ପୋଷ୍ଟରେ ଲୋକଙ୍କୁ ଭିନ୍ନ ଢଙ୍ଗରେ ଟ୍ରାଫିକ୍ ନିୟମ ବୁଝାଉଥିବା ଦେଖିବାକୁ ମିଳିଛି। ଶୁଭି ଜୈନ ନାମକ ଏହି ଛାତ୍ରୀ ଜଣକ ସିମ୍ବିଓସିସ୍ ଇନଷ୍ଟିଚ୍ୟୁଟ, ପୁଣେର ଛାତ୍ରୀ। ସେ ଏବେ ଇନ୍ଦୋର ରାସ୍ତା ଉପରେ ନାଚି ନାଚି ଲୋକଙ୍କୁ ଟ୍ରାଫିକ୍ ନିୟମ ସମ୍ପର୍କରେ ବୁଝାଉଥିବା ଦେଖାଯାଇଛି। ଆଉ ଏହି ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ସେ କହିଛନ୍ତି, ଗତ କିଛିଦିନ ହେବ ସେ ଏପରି କରୁଛନ୍ତି। ଯେତେବେଳେ ଲୋକେ ଆପଣଙ୍କୁ ବୁଲିକି ଦେଖିବେ ଓ ସ୍ମିତହାସ୍ୟ ଦେବେ ସେତେବେଳେ ଜଣେ ଯେ କୌଣସି କାର୍ଯ୍ୟ କରିବାକୁ ଉତ୍ସାହିତ ହେବ। ଇନ୍ଦୋର ଡିଏସ୍‌ପି ଉମାକାନ୍ତ ଚୌଧୁରୀ କହିଛନ୍ତି, ଟ୍ରାଫିକ୍ ନିୟମ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ସ୍କୁଲ ଓ ଇନ୍‌ଷ୍ଟିଚ୍ୟୁଟର ଭଲ୍ୟୁଣ୍ଟିୟରମାନଙ୍କୁ ନେଉଛୁ। ଆଉ ଏବେ ଶୁଭିଙ୍କ ନିଆରା ଢଙ୍ଗରେ ଟ୍ରାଫିକ୍ ସଚେତନତା ଅନେକଙ୍କୁ ପସନ୍ଦ ଆସିଛି। ଏହା ଏକ ଭଲ ପ୍ରୟାସ ବୋଲି କିଛିଲୋକ ଏହାର ସମର୍ଥନ କରିଛନ୍ତି।








# ସ୍ମିଥ୍‌ଙ୍କ ନିକଟତର ହେଲେ କୋହଲି

ଦୁବାଇ, ୨୬।୧୧ (ପି.ଟି.)



ଭାରତର ସର୍ବପ୍ରଥମ ଦିବାରାତ୍ର ପିଙ୍କ୍ ବଲ ଟେଷ୍ଟ ମ୍ୟାଚ୍‌ରେ ଚମତ୍କାର ଶତକ ହାସଲ କରି ବାଂଲାଦେଶ ବିପକ୍ଷରେ ଦଳକୁ ଇନିଂସ କରାଇଥିବା ଅଧିନାୟକ ବିରାଟ କୋହଲିଙ୍କ ଟେଷ୍ଟ ମାନ୍ୟତାରେ ଉନ୍ନତି ଘଟିଛି। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ସଦ୍ୟ ପ୍ରକାଶିତ ଟେଷ୍ଟ ର୍‍ୟାଙ୍କିଙ୍ଗ୍ ବ୍ୟାଟିଂ ତାଲିକାରେ କୋହଲି ଅଷ୍ଟ୍ରେଲିଆର ଷ୍ଟିଭେନ ସ୍ମିଥ୍‌ଙ୍କ ଖୁବ୍ ନିକଟତର ହୋଇଛନ୍ତି। ମଙ୍ଗଳବାର ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ କୋହଲି ୯୨୮ ରେଟିଂ ପଏଣ୍ଟ ପାଇ ସ୍ମିଥ୍‌ଙ୍କ ପଛକୁ ୨ୟ ସ୍ଥାନରେ ରହିଛନ୍ତି। ୯୩୧ ରେଟିଂ ପଏଣ୍ଟ ସହ ସ୍ମିଥ ତାଲିକାର ଶୀର୍ଷ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ବାଂଲାଦେଶ ବିପକ୍ଷ ଦିବାରାତ୍ର ମ୍ୟାଚ୍‌ରେ ୧୩୬ ରନର ଶତକୀୟ ଇନିଂସ ଖେଳି କୋହଲି ୨୫ ରେଟିଂ ପଏଣ୍ଟ ଲାଭ

## ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍

କରିଥିଲେ। ଅପରପକ୍ଷରେ ଓପନର ମୟଙ୍କ ଅଗ୍ରୱାଲ କ୍ୟାରିୟରରେ ପ୍ରଥମଥର ଲାଗି ଟପ୍-୧୦ରେ ପ୍ରବେଶ କରିଛନ୍ତି। ଇନ୍ଦୋରରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଦ୍ୱିଶତକ ହାସଲ କରିଥିବା ଅଗ୍ରୱାଲ ୭୦୦ ରେଟିଂ ପଏଣ୍ଟ ପାଇ ୧୦ମ ସ୍ଥାନକୁ ଉଠିଛନ୍ତି। ଫଳରେ ଆଇସିସି ଟେଷ୍ଟ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ର ଟପ୍-୧୦ରେ ୪ଜଣ ଭାରତୀୟ ଖେଳାଳି ରହିଛନ୍ତି। କୋହଲି ଓ ଅଗ୍ରୱାଲଙ୍କ ବ୍ୟତୀତ ଚେତେଶ୍ୱର ପୂଜାରା (୭୯୧) ଓ ଅଜିଙ୍କ୍ୟ ରାହାନେ (୭୫୯) ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନ ଲାଭ କରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ର ଉଭୟ ଇନିଂସରେ ଯଥାକ୍ରମେ ୯୧ ଓ ୨୮ ରନ କରିଥିବା ଇଂଲଣ୍ଡ ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସ ମଧ୍ୟ ଟପ୍-୧୦ରେ ପ୍ରଥମଥର ପାଇଁ ପହଞ୍ଚିଛନ୍ତି। ଷ୍ଟୋକ୍ସ ୩ଟି ପାହାଚ ଲମ୍ଫ ପ୍ରଦାନ କରି ୯ମ ସ୍ଥାନକୁ ଉଠିଛନ୍ତି।

ଅପରପକ୍ଷରେ ବୋଲିଂ ତାଲିକାରେ ଭାରତର ଇଶାନ୍ତ ଶର୍ମା ଓ ଉମେଶ ଯାଦବ କ୍ୟାରିୟର ଶ୍ରେଷ୍ଠ ରେଟିଂ ପଏଣ୍ଟ ପାଇଛନ୍ତି। ଇଶାନ୍ତ ୭୧୬ ପଏଣ୍ଟ ସହ ୧୭ତମ ସ୍ଥାନରେ ରହିଛନ୍ତି। ଇଶାନ୍ତଙ୍କ ୨୦୧୧ରେ ୭ମ ସ୍ଥାନ ହାସଲ କରିଥିଲେ, ଯାହା ଆଜିପର୍ଯ୍ୟନ୍ତ ତାଙ୍କର ଶ୍ରେଷ୍ଠ ମାନ୍ୟତା ରହିଛି। ଉମେଶ ଯାଦବ ୬୭୨ ରେଟିଂ ପଏଣ୍ଟ ପାଇଁ ଗୋଟିଏ ପାହାଚ ଉପରକୁ ଉଠି ୨୧ତମ ସ୍ଥାନ ଲାଭ କରିଛନ୍ତି। ସିନିୟର ବୋଲର ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ସ୍ଥାନ ଉପରକୁ ଉଠିଛନ୍ତି। ସେ ଏବେ ତାଲିକାର ୯ମ ସ୍ଥାନରେ ରହିଛନ୍ତି। ତେବେ ଯଶପ୍ରୀତ୍ ବୁମ୍‌ରା ଗୋଟିଏ ସ୍ଥାନ ହରାଇ ୫ମ ସ୍ଥାନକୁ ଖସି ଆସିଛନ୍ତି।

# ମ୍ୟାଚ୍ ମଝିରେ ପ୍ରାଣ ହରାଇଲେ ଭାରତୀୟ ବଂଶୋଦ୍ଭବ କ୍ରିକେଟର୍

ନୂଆଦିଲ୍ଲୀ, ୨୬।୧୧



ଅଷ୍ଟ୍ରେଲିଆ କୁଇନ୍ସ କ୍ରିକେଟ୍ କ୍ଲବର ଜଣାଶୁଣା କ୍ରିକେଟର୍ ତଥା ଭାରତୀୟ ବଂଶୋଦ୍ଭବ ବିକାଶ ମାଲହୋତ୍ରାଙ୍କ ମ୍ୟାଚ୍ ମଝିରେ ଦୁଃଖଦ ବିୟୋଗ ଘଟିଛି। ସାଉଥପୋର୍ଟରେ ଏକ ମ୍ୟାଚ୍ ଖେଳୁଥିବାବେଳେ ଏହି ଅଘଟଣ ଘଟିଥିଲା। ବିକାଶଙ୍କୁ ୪୩ ବର୍ଷ ବୟସ ହୋଇଥିଲା। ମ୍ୟାଚ୍‌ରେ ପ୍ରଥମେ କୁଇନ୍ସ କ୍ରିକେଟ୍ କ୍ଲବ ବ୍ୟାଟିଂ କରିଥିଲା। ଏହି ମ୍ୟାଚ୍‌ରେ ବିକାଶ ୭୧ ରନର ଇନିଂସ ଖେଳିଥିଲେ। ଏହାପରେ ଫିଲ୍ଡିଂ କରୁଥିବା ସମୟରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ ଏବଂ କିଛି ସମୟ ପରେ ତଳେ ଚେତା ହରାଇ ପଡ଼ିଯାଇଥିଲେ। ମେଡିକାଲରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ବିକାଶ ଦୀର୍ଘ ୨୦ ବର୍ଷ ହେଲା କୁଇନ୍ସ କ୍ରିକେଟ୍ କ୍ଲବ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବାବେଳେ ଗୋଲ୍ଡକୋଷ୍ଟରେ ଜଣେ ଜଣାଶୁଣା ଖେଳାଳି ଥିଲେ। ତାଙ୍କର ୨ଟି ପୁଅ ରହିଛନ୍ତି। କୁଇନ୍ସ କ୍ରିକେଟ୍ କ୍ଲବର ସଭାପତି ଜର୍ଜ ଚାପଲିନ୍ ଏକ ଖବରଦାତା ସମ୍ମିଳନୀରେ ଶୋକବ୍ୟକ୍ତ କରିବା ସହିତ ବିକାଶ ସର୍ବଦା ଭାରତୀୟ ପରମ୍ପରାକୁ ଅନୁକରଣ କରନ୍ତି ବୋଲି କହିଥିଲେ।

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LIMITED

OPTCL Lifeline of Odisha

(A Government of Odisha Undertaking)

Regd.Office: Janpath, Bhubaneswar-751022, CIN:U40102OR2004SGC007553

### e-TENDER NOTICE NO. 56/2018-19

**Tender Specification No.**
**Sr. G.M-CPC-TENDER-PANELS-Pkg-56/2018-19**

For and on behalf of ODISHA POWER TRANSMISSION CORPORATION LTD., Sr. G.M. (C.P.C) invites Tenders from reputed relay manufacturers in two part bidding system for **Supply of different type control & relay panels**. The interested bidders would be required to enroll themselves on the tender portal **www.tenderwizard.com/OPTCL**. Complete set of bidding documents are available at **www.tenderwizard.com/OPTCL** from **27.11.2019 at 11.00 A.M** to **26.12.2019 at 12.30 P.M.** Interested manufacturers may visit OPTCL's official website **http://www.optcl.co.in** & **www.tenderwizard.com/OPTCL** for detail specification. **N.B:** All subsequent addendums/corrigendum to the tender shall be hosted in the OPTCL's official website **www.tenderwizard.com/OPTCL** only.

CR-Advt.No.-21/2019-20 **Senior General Manager (C.P.C)**

Please connect us: optcl.odisha optcl_odisha energyodisha

**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK,ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 358 / 2019**

**Allahabad Bank, Main Branch, Bhubaneswar .......Applicant**
**Versus**
**Bidyadhar Parida ..........Defendant[s]**

To,

**Bidyadhar Parida,** S/o: Surendra Parida, Vill.- Padhansahi, P.O- Panchagaon, P.S- Airfield, Bhubaneswar, Dist- Khurda, Pin- 751002 . **(Defendant)**

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No 358/ 2019** in the court of the Debts Recovery Tribunal, Cuttack for recovery of **Rs.27,31,669/-** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent in support of their defense to show cause within 30 days from the date of publication or on **08.01.2020 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this 20th day of November, 2019 .

Sd/-
**REGISTRAR(I/C)**

## OFFICE OF THE REVENUE DIVISIONAL COMMISSIONER, NORTHERN DIVISION, ODISHA, SAMBALPUR

**e-Mail Id: rdesbp@nic.in**
**File No. XXIV-36/2019 Letter No. 619 / Niz. Dated: 25.11.2019**

**Tender Call Notice for hiring of Private Vehicle**

Sealed quotations are invited from the interested authorised Travel Agencies/ Tour Operators/Private Individuals for providing one AC Diesel/Petrol driven vehicle (Swift D'zire/Celerio/Bolt) including Driver for official use in the O/o LAR&R, Authority, Sambalpur. The duly filled in quotation may be sent to the O/o RDC, ND, Sambalpur, with sealed cover by Speed Post/Regd. Post on or before 05.12.2019 by 11.00 AM. The details terms and conditions /tender paper will be available at district website **www.sambalpur.nic.in** till 05.12.2019.

**Sd./- Addl. Secretary**

## BHUBANESWAR MUNICIPAL CORPORATION

**No : 32091 Dt.14.11.2019**

**E-PROCUREMENT NOTICE**

1. Bid reference No : **BMC-CE-II-03/2019-20 Dt.14.11.19**
2. Tender Call Notice No : **No.32091, Dt.14.11.2019**
3. No. of work : **3 Nos.**
4. Bid Value : **Rs.1,46,49,040/- to Rs.1,69,24,737/-**
5. Period of completion : **330 Days**

**Date and time of schedule**

| Start | End | Opening |
|---|---|---|
| 11.00 A.M of 27.11.19 | 5 P.M of 17.12.19 | 11.30 A.M.of 18.12.19 |

6. Tender details : can be seen for the procurement portal : https://www.tendersodisha.gov.in. BMC website https://www.bmc.gov.in.

**Executive Engineer,**
**BMC, Division No.II**

**Progress Through Partnership for a Better Bhubaneswar**

## ବ୍ୟାସନଗର ପୌରପାଳିକା, ବ୍ୟାସନଗର

ଏତଦ୍ୱାରା ବ୍ୟାସନଗର ପୌର ପରିଷଦ ଅଧୀନରେ ଥିବା ସମସ୍ତ ଜନସାଧାରଣ ଏବଂ ବ୍ୟବସାୟ ପ୍ରତିଷ୍ଠାନମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ମାନ୍ୟବର ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ, କଲିକତାଙ୍କ ନିର୍ଦ୍ଦେଶକ୍ରମେ ସହରକୁ ପ୍ଲାଷ୍ଟିକ ଓ ପଲିଥିନ ନିଷେଧ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି। ବ୍ୟାସନଗର ପୌର ପରିଷଦର ପରିସୀମା ମଧ୍ୟରେ ପ୍ଲାଷ୍ଟିକ ରଖିବା, ବିକ୍ରିକରିବା, ବ୍ୟବହାର କରିବା ବା ପରିବହନ କରିବା ଦଣ୍ଡନୀୟ ଅପରାଧ ଭାବେ ପରିଗଣିତ ହେବ।

ଏଣୁ ଆପଣମାନେ ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାରରୁ ଦୂରେଇ ରୁହନ୍ତୁ। ଏଥିପାଇଁ ବ୍ୟାସନଗର ପୌରପାଳିକା ତରଫରୁ ପଲିଥିନ ଓ ପ୍ଲାଷ୍ଟିକ ନିଷେଧ ଉପରେ କଡ଼ାକଡ଼ି ଭାବେ ନିୟମ ଲାଗୁ କରାଯାଇଅଛି। ତେଣୁ ବ୍ୟାସନଗର ପୌର ପରିଷଦ ତରଫରୁ ଦୋକାନ ବଜାରକୁ ଯାଞ୍ଚକରାଯିବ। ସେଥିପାଇଁ ପଲିଥିନ ବିକ୍ରି ଓ ବ୍ୟବହାରକୁ ସମ୍ପୂର୍ଣ୍ଣଭାବେ ବନ୍ଦ କରନ୍ତୁ, ନଚେତ୍ ଆଇନ୍ ଅନୁଯାୟୀ ଦଣ୍ଡିତ ହେବେ ଏବଂ ଜୋରିମାନା ମଧ୍ୟ ଆଦାୟ କରାଯିବ।

ଏତଦ୍‌ବ୍ୟତୀତ ଆପଣମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଆପଣମାନଙ୍କ ଘର, ଦୋକାନ, ବଜାରରୁ ବାହାରୁଥିବା ସମସ୍ତ ବର୍ଜ୍ୟବସ୍ତୁକୁ ପୃଥୀକରଣ କରିବା ପାଇଁ ଦୁଇଟି ଡଷ୍ଟବିନ୍ ବ୍ୟବହାର କରନ୍ତୁ। ଗୋଟିଏ ନୀଳରଙ୍ଗ ଏବଂ ଅନ୍ୟଟି ସବୁଜରଙ୍ଗ। ନୀଳରଙ୍ଗ ଡଷ୍ଟବିନ୍‌ରେ ଆପଣ ଶୁଖିଲା ବର୍ଜ୍ୟବସ୍ତୁ ଯଥା: ପାଣିବୋତଲ, କାଚ, କାଗଜ, ଭଙ୍ଗା ବାସନକୁସନ ଇତ୍ୟାଦି ଯାହାର ଜୈବିକ ବିଘଟନ ହୁଏ ନାହିଁ ଏବଂ ସେହିପରି ସବୁଜରଙ୍ଗ ଡଷ୍ଟବିନ୍‌ରେ ଆପଣ ପରିବା ଚୋପା, ପଚାଫଳ, କଦଳୀଭଣ୍ଡା, ପତ୍ର, ପନିପରିବା ଚୋପା, ବଳକାଖାଦ୍ୟ ଏବଂ ବିଘଟନ ହେଉଥିବା ବର୍ଜ୍ୟବସ୍ତୁକୁ ପକାଇବେ। ସେହି ନିର୍ଗମନ ବର୍ଜ୍ୟବସ୍ତୁକୁ ଏଣେତେଣେ ନ ପକାଇ ପୌରପାଳିକା ଅଧୀନରେ ଥିବା ବର୍ଜ୍ୟବସ୍ତୁକୁ ଗାଡ଼ିକୁ ହସ୍ତାନ୍ତର କରନ୍ତୁ ଅଥବା ପୌର ପରିଷଦ ଦ୍ୱାରା ସ୍ଥାପନ କରାଯାଇଥିବା ନୀଳ ଓ ସବୁଜରଙ୍ଗ ଡଷ୍ଟବିନ୍‌ରେ ପକାନ୍ତୁ। ଏହା ଆଇନତଃ ଅନିବାର୍ଯ୍ୟ ଅଟେ।

ସମସ୍ତ ବ୍ୟବସାୟୀମାନଙ୍କୁ ଜଣାଇ ଦିଆଯାଉଅଛି କି, ସମସ୍ତେ ନିଜ ନିଜ ଦୋକାନ ସାମ୍ନାରେ ଗୋଟିଏ ନୀଳ, ଆଉ ଗୋଟେ ସବୁଜରଙ୍ଗ ଡଷ୍ଟବିନ୍ ରଖିବା ବାଧ୍ୟତାମୂଳକ।

| | |
|---|---|
| **ଶ୍ରୀଯୁକ୍ତ ଶୁଭେନ୍ଦୁ କୁମାର ଜେନା** | **ଶ୍ରୀଯୁକ୍ତ ସନ୍ତୋଷ କୁମାର ମିଶ୍ର** |
| ଓ.ଆର୍.ଏସ୍. | ଓ.ପ୍ର.ସେ. (ସୁପରଟାଇମ୍) |
| ନିର୍ବାହୀ ଅଧିକାରୀ | ପ୍ରଶାସକ |
| ବ୍ୟାସନଗର ପୌର ପରିଷଦ | ବ୍ୟାସନଗର ପୌର ପରିଷଦ |

## National Dairy Development Board

PB No. 40, Anand 388001, Gujarat **Tel:** 02692-260148/260149/260160 **Fax:** 02692-260159
**Website:** www.nddb.coop Email: purchase@nddb.coop

### INVITATION FOR BIDS (IFB) / LOCAL COMPETITIVE BIDDING (LCB)

**Bids are invited from eligible bidders for the works listed below:**

| Sr. No. | Description of works/ Bid Reference | Estimated Cost/ Duration | Event Start / Close Date | Bid Submission/ Bid Opening Date & Time |
|---|---|---|---|---|
| | **OFF-LINE BIDDING FOR SL. No. I & II (Bids to be submitted in hard copy to NDDB, Anand)** | | | |
| I) | **Civil, structural & Internal Electrification works for Administration building and ancillary works at::** | | | |
| A) | CCBF Dhamrod, Gujarat, CCBF Alamadhi, Tamil Nadu & CCBF Hessarghatta, Karnataka. NDDB:HO:PUR:LCB:M01/2019 | ₹ 1485 Lakh / 08 Months | 27.11.19/ 18.12.19 | 19.12.19 11:00 hrs 19.12.19 11:30hrs |
| B) | CCBF Suratgarh, Rajasthan, & CCBF Andesh Nagar, Uttar Pradesh. NDDB:HO:PUR:LCB:M02/2019 | ₹ 805 Lakh/ 06 Months | 03.12.19/ 23.12.19 | 24.12.19 11:00 hrs 24.12.19 11:30 hrs |
| C) | CCBF Sunebada & CCBF Chiplima, Odhisa NDDB:HO:PUR:LCB:M03/2019 | ₹ 805 Lakh/ 06 Months | 05.12.19/ 26.12.19 | 27.12.19 11:00 hrs 27.12.19 11:30 hrs |
| II) | **Civil, HVAC, Modular Partition, Electrical and ancillary works for IVF/ ETT Lab., admin. building and ancillary works at** | | | |
| A) | CCBF Dhamrod, Gujarat, CCBF Alamadhi, Tamil Nadu & CCBF Hessarghatta, Karnataka. NDDB:HO:PUR:LCB:M04/2019 | ₹ 1107 Lakh / 08 Months | 05.12.19/ 26.12.19 | 27.12.19,15:00 hrs. 27.12.19, 15:30 hrs. |
| B) | CCBF Suratgarh, Rajasthan, & CCBF Andesh Nagar, Uttar Pradesh. NDDB:HO:PUR:LCB:M05/2019 | ₹ 730 Lakh/ 06 Months | 09.12.19/ 30.12.19 | 31.12.19, 11:00 hrs. 31.12.19, 11:30 hrs. |
| C) | CCBF Sunebada & CCBF Chiplima, Odhisa NDDB:HO:PUR:LCB:M06/2019 | ₹ 730 Lakh/ 08 Months | 09.12.19/ 30.12.19 | 31.12.19, 15:00 hrs. 31.12.19, 15:30 hrs. |
| | **ON-LINE BIDDING FOR SL.No. III & IV (Bids to be submitted through MSTC e-Portal)** | | | |
| III) | **Design, Supply, Installation, Testing & Commissioning (DSITC) of the following:** | | | |
| A) | UHT milk plant, Arilo Govindpur, Odhisa. NDDB:HO:PUR:LCB:98/2019(ET/98) | ₹ 1197 Lakh 12 Months | 30.11.19/ 20.12.19 | 20.12.19, 11:00 hrs. 20.12.19, 11:30 hrs. |
| B) | Aseptic Packing Station, Arilo Govindpur, Odhisa. NDDB:HO:PUR:LCB:99/2019 (ET/99) | ₹ 1273 Lakh 12 Months | 30.11.19/ 20.12.19 | 20.12.19, 15:00 hrs. 20.12.19, 15:30 hrs. |
| C) | Concentrated Solar Thermal (CST) of cap. 20 Lakh Kcal/day at Ajmer Dairy, Rajasthan. NDDB:HO:PUR:LCB:100/2019 (ET/100) | ₹ 200 Lakh/ 07 Months | 28.11.19/ 18.12.19 | 18.12.19, 16:00 hrs. 18.12.19, 16:30 hrs. |
| D) | 750 KWp grid-connect ground mount Solar PV System at Ajmer Dairy, Rajasthan. NDDB:HO:PUR:LCB:101/2019 (ET/101) | ₹ 375 Lakh/ 06 Months | 28.11.19/ 18.12.19 | 18.12.19, 15:00 hrs. 18.12.19, 15:30 hrs. |
| E) | SITC of 20 TB usable All Flash-SSD Drive storage with min.100,000 IOPS at NDDB, Anand NDDB:HO:PUR:LCB:102/2019(ET/102) | ₹ 53 Lakh/ 02 Months | 04.12.19/ 26.12.19 | 26.12.19, 15:00 hrs. 26.12.19, 15:30 hrs. |
| F) | SITC of Ultra High Performance Liquid Chromatography System at NDDB, Anand NDDB:HO:PUR:LCB:91 /2019(ET/91) | ₹ 49 Lakh / 03 Months | 29.11.19/ 20.12.19 | 20.12.19, 15:00 hrs. 20.12.19, 15:30 hrs. |
| IV) | Up gradation of Microsoft Exchange Mail & Active Directory Servers at NDDB, Anand NDDB:HO:PUR:LCB:103/2019 (ET/103) | ₹ 83 Lakh/ 03 Months | 28.11.19/ 19.12.19 | 19.12.19, 15:00 hrs. 19.12.19, 15:30 hrs. |

For further details pertaining to IFB and for downloading the bid document, please visit these websites: www.nddb.coop and www.mstcecommerce.com/eprochome/nddb. (for all tenders under III&IV). For any clarification please contact GM (PUR), NDDB, Anand

**NB: Any corrigendum/modification etc. will be posted only on these website/s**

## PARADIP PORT TRUST

**e-TENDERING NOTICE**

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from interested bidder for Supply of **Steel / Hardware materials.** The last date and time of submission of the tender is **17.15 Hours** on **Dt.18/12/2019.** For details, log on to website : https://eprocure.gov.in/eprocure/app

**Sr. Dy. Materials Manager**
**PPT/PR/481/19-20 Dt-26.11.19**

## PARADIP PORT TRUST

**e-TENDER CALL NOTICE**

Name of the work : "**Upgradation to the existing Service Road inside MCHP area**". EMD cost : **₹11,53,235/-**. Last date and time of submission of Bid : **11.12.2019 up to 17:15** Hrs. For details, please refer our website: https://eprocure.gov.in/ eprocure/app.

**Executive Engineer,**
**Harbour Works Division No.I**
**PPT/PR/487/19-20, DT.26.11.2019**

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAJPUR

ଓଡ଼ିଶା ସରକାର — National Health Mission

**TENDER CALL NOTICE**

**Ref No.8691 Dated: 26.11.2019**

It is for information to all the parties concerned to submit their bid for "Empanelment of Shops for supply of drugs & consumables for the year 2019-20" to the office of the CDM&PHO, Jajpur on or before 17.12.2019, 4.00 P.M. by Speed Post, Registered Post & Courier only. For terms and conditions regarding Tender Call, please log on to the website; **www.jajpur.nic.in**

The interested parties with valid documents may participate in tender process himself or with their representatives with applicable terms and conditions.

**Sd./- Chief District Medical & Public Health Officer, Jajpur**

See Career Appointment on every Wednesday & Saturday

## GOVERNMENT OF ODISHA, OFFICE OF THE BLOCK DEVELOPMENT OFFICER, LEPHRIPADA BLOCK, SUNDARGARH

E.mail id-ori-Lephripada@NIC.IN

TENDER CALL NOTICE NO. OF 2019-20

**Letter No.2212(1) Date :26.11.2019**

The Block Development Officer, Lephripada, Sundargarh invites Percentage Rate basis for the following works in sealed tender on behalf of Government of Odisha from registered and eligible contractor of the state P.W.D. (R &B)/Water Resource/Rural works/Minor Irrigation/C.P.W.D. for the following works eventually to be drawn up in the P1 forms in conformity with the Detail Tender Call Notice. The bidders may submit bids for the following works.

| Sl. No. | Name of the G.P. | Name of the Work | Estimated cost in (Lakh) | Amount put to Tender (In Rs.) | Cost of tenderPapers (Non-refundable in Rs.) | Bid security EMD 1% (In Rs) | Period of Completion | Class of Contractor |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Darlipali | Construction of Burial Ground/ Samasan Ghat in Darlipali/Burobaga Hamlets | 15.00 | 1293806. 00 | 6000.00 | 13000.00 | 06 (Six Calendar Months) | D & C Class |
| 2 | Darlipali | Construction of G.P. Office Building At Darlipali | 20.00 | 1446491. 00 | 6000.00 | 14500.00 | 06 (Six Calendar Months) | D & C Class |
| 3 | Darlipali | Construction of Daily Market Complex at Darlipali | 20.00 | 1642941. 00 | 60000.00 | 16500.00 | 06 (Six Calendar Months) | D & C Class |
| 4 | Darlipali | Construction of Cycle Stand at Lochan High School, Darlipali | 7.00 | 661396.00 | 4000.00 | 6700.00 | 06 (Six Calendar Months) | D & C Class |

**Terms and conditions**

(1) **Cost of Tender Paper :-** The tender specifications can be obtained from the Office of the Block Development Officer, Lephripara on payment towards the cost of tender papers as mentioned above (Non refundable) in shape of Bank Draft drawn in favour of Block Development Officer, Lephripara, Sundargarh in any Nationalized Bank having its barnch at Sundargarh on any working day from 29/11/2019 to 10/12/2019 for the above work.

(2) **Sale of Tender Papers :-** The tender documents will be sold from 29/11/2019 to 10/12/2019 at Block Officer, Lephripara. The tender documents will be sold during the above mentioned period between 10.00 A.M. to 5.30 P.M. on working days only.

(3) **Date of receipt and mode of submission of tender papers :-** The tenderers have to submit the sealed tender papers in complete shape through Registered Post/Speed Post only, by directly sending to the B.D.O., Lephripada in his official postal address. The last date of recipt of tender papers is 10/12/2019 (5.30 P.M.). The undersigned will not be responsible for postal delay if any or non-receipt of the papers in time. The tenderers must superscribe the name of the work project on the sealed envelopes.

(4) **Date of opening of Tender Paper:-** The tender papers will be opened on 11/12/2019 at 11.00 A.M. in the presence of the tenderers or their authorized representatives having written authorization for the purpose and the tender committee.

(5) The undersigned reserves the right either to reject any or all tenders or cancel the entire process without assigning the reason thereof.

**Sd./- Block Development Officer**
**Lephripara**

# ODISHA STATE HOUSING BOARD

## SALE OF VACANT HOUSES/FLATS AT BHUBANESWAR, NAYAGARH & DHENKANAL

Odisha State Housing Board offers vacant HIG flats in its Residential Apartment Schemes at Dumduma Ph-VI & Kharavel Enclave, MIG/LIG flats in Dumduma Ph-VII , LIG/MIG flats in Nandighose Enclave scheme at Bhubaneswar, EWS flats in Pathani Samanta Housing scheme at Nayagarh, Simplex HIG/MIG core houses, plots and EWS flats in Baji Rout Social Housing scheme, Ph-I & II at Dhenkanal on sale under self financing scheme/outright purchase/Auction, as applicable .

| Place | Name of the Scheme | Category of Houses /Flats | | | | |
|---|---|---|---|---|---|---|
| | | HIG | MIG | LIG | EWS | MIG Plots |
| BHUBANESWAR | Nandighose Enclave, Ransinghpur (Completed Scheme)-Apartment | - | 02 | - | - | - |
| | Kharavel Enclave, Jagamara (On-going Scheme)-Apartment | 02(3BR) | - | - | - | - |
| | Dumduma Ph-VI (On-going Scheme)-Apartment | 09 | - | - | - | - |
| | Dumduma Ph-VII (On-going Scheme)-Apartment | - | 02 | 04 | - | - |
| DHENKANAL | Baji Rout Social Housing Scheme, Ph-I (Completed Scheme) Auction Sale | 01 (Core house) | 05 (Core house) | - | - | 02 |
| | Baji Rout Social Housing Scheme, Ph-II (Completed Scheme) | 03 (Core house) | 02 (Core house) | - | 08 (Flat) | - |
| NAYAGARH | Pathani Samanta Housing Scheme (Completed Scheme) | - | - | - | 31 (Flat) | - |

● All the flats/core houses in completed schemes will be allotted on "as is where is" basis with available infrastructure facilities. ● Flats in On-going schemes will be handed over in complete shape with infrastructure facilities, after completion. ● The plots/houses in Baji Rout Social Housing scheme Ph-I will be sold through Auction Sale. ● **Outright purchasers will get preference in allotment with choice flat/house number, wherever applicable, who deposits full cost along with application.** GST & other statutory dues are extra over the sale price. ● Details regarding area, cost of the flats/ houses/ plots and EMD amount along with brochure & application forms are available in OSHB website **https://oshb.org**. Intending applicants can download the same from the website and apply with required documents & fees, EMD/Full cost.

**Booking Opens from: 02.12.2019 to 31.12.2019**

**Housing Commissioner -cum- Secretary**

**ODISHA STATE HOUSING BOARD**
Sachivalaya Marg, Kharavela Nagar, Bhubaneswar - 751001
Phone: (0674)2393524, 2393277/2392587; Epbax (0674)2391542, 2390141 – Extn. 134/ 142/ 127/ 155
Visit us at : https://oshb.org.

**Building Houses Building Odisha**

# ବୁମେରାଂ ପାଲଟିଲା ବ୍ରହ୍ମାସ୍ତ୍ର

କ୍ରିକେଟ ଓ ରାଜନୀତିରେ ସବୁକିଛି ସମ୍ଭବ। କାରଣ ଉଭୟ କ୍ଷେତ୍ରରେ ଯେଉଁ ଦଳ ମ୍ୟାଚ୍ ହାରୁଛି ଭଳି ଦେଖାଯାଉଥିବ ଶେଷ ମୁହୂର୍ତ୍ତରେ ସେହି ଦଳ ବାଜି ମାରିନେଇଥାଏ ବୋଲି ଗତ ୧୪ ତାରିଖରେ କେନ୍ଦ୍ରମନ୍ତ୍ରୀ ତଥା ମହାରାଷ୍ଟ୍ରର ବରିଷ୍ଠ ଭାଜପା ନେତା ନୀତିନ ଗଡ଼କରୀ କହିଥିଲେ। ଶନିବାର ଲୋକଙ୍କ ନିଦ ଭାଙ୍ଗିବା ପୂର୍ବରୁ ଗଢ଼ାଯାଇଥିବା ଭାଜପା ନେତୃତ୍ୱାଧୀନ ଫଡ଼ନବିସ ସରକାରକୁ ଗଡ଼କରୀ ଅଭିନନ୍ଦନ ଜଣାଇ ପୂର୍ବ ଗୁଗ୍ଲିକୁ ପୁଣି ଦୋହରାଇଥିଲେ। ହେଲେ 'କ୍ରିକେଟରେ ତୁମେ ବଲ୍‌କୁ ଦେଖିପାରିବ। କିନ୍ତୁ ରାଜନୀତିରେ ତାକୁ ଦେଖିପାରିବ ନାହିଁ' ବୋଲି ରାଜ୍ୟ କଂଗ୍ରେସ ସଭାପତି ବାଲାସାହେବ ଥୋରାଟ୍ ଦେଇଥିବା ଉତ୍ତରକୁ ଗଡ଼କରୀ ଭୁଲିଯାଇଥିଲେ। ଅଜିତ ଉପମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ନିଜ ରାଜନୈତିକ ଗୁରୁ ତଥା କାକା ଶରଦ ପାୱାରଙ୍କ ନିକଟକୁ ଫେରିବାକୁ ବାଧହେବା ପରେ ଫଡ଼ନବିସଙ୍କ କ୍ଷମତାରେ ରହିବା ସ୍ୱପ୍ନ ଧୂଳିସାତ୍ ହୋଇଛି। ଏନ୍‌ସିପିରେ ବିଭାଜନ ଘଟାଇ ପୁନଃ କ୍ଷମତାସୀନ ହେବା ପାଇଁ ଭାଜପା ଯେଉଁ ବ୍ରହ୍ମାସ୍ତ୍ର ବା ବଲ୍ ଫିଙ୍ଗିଥିଲା ଶେଷରେ ତାହା ବୁମେରାଂ ପାଲଟିଛି।



## ପାୱାର ଦେଖାଇଲେ ପାୱାର



ମହାରାଷ୍ଟ୍ରର ଭାବୀ ମୁଖ୍ୟମନ୍ତ୍ରୀ ଭାବେ ମନୋନୀତ ହେବା ପରେ ବୈଠକରେ ଶିବସେନା-ଏନ୍‌ସିପି-କଂଗ୍ରେସ ବିଧାୟକଙ୍କୁ ସମ୍ମାନ ଜଣାଉଛନ୍ତି ଉଦ୍ଧବ ଠାକ୍‌ରେ।

## ମହାରାଷ୍ଟ୍ରରେ ପକାଇଲେ ଭାଜପା ବିରୋଧୀ ରାଜନୀତିର ମୂଳଦୁଆ

ମୁମ୍ବାଇ,୨୬।୧୧

ଅକ୍ଟୋବର ୨୧ ବିଧାନସଭା ନିର୍ବାଚନ ପୂର୍ବରୁ ଏନ୍‌ସିପି ମୁଖ୍ୟ ଶରଦ ପାୱାର ବର୍ଷାରେ ଭିଜିଭିଜି ପ୍ରଚାର କରୁଥିବାବେଳେ ଏହି ୭୯ ବର୍ଷୀୟ ଚାଣକ୍ୟ ନୂଆ ସରକାର ଗଠନର ମୂଳଦୁଆ ପକାଇବାକୁ ଯାଉଛନ୍ତି ବୋଲି କେହି କଳ୍ପନା ମଧ୍ୟ କରି ନ ଥିଲେ। ପାୱାରଙ୍କ ଧୂଆଁଧାର ପ୍ରଚାର ଯୋଗୁ ହିଁ ଏନ୍‌ସିପି ୫୪ ଆସନ ଦଖଲ କରିବାରେ ସଫଳ ହୋଇଛି, ଯାହାକି ପୂର୍ବାପେକ୍ଷା ୧୩ ଅଧିକ। ଭାଜପାକୁ କ୍ଷମତାରୁ ଦୂରେଇ ରଖିବା ପାଇଁ ପାୱାରଙ୍କ ଅଙ୍କକଷା ଓ ଗୋଟିଚାଳନା ସମସ୍ତଙ୍କୁ ବିସ୍ମିତ କରିଛି। ଭିନ୍ନ ବିଚାରଧାରାର ଦଳ ଶିବସେନା ସହ ହାତ ମିଳାଇ ସେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବୁଦ୍ଧି ଶିଖାଇଛନ୍ତି ବୋଲି ରାଜନୈତିକ ପଣ୍ଡିତମାନେ ମତ ଦେଉଛନ୍ତି। ଏହି ବର୍ଷିୟାନ ରାଜନେତା ଶିବସେନା-ଏନ୍‌ସିପି-କଂଗ୍ରେସକୁ ଏକଜୁଟ କରି ଫଡ଼ନବିସଙ୍କ ନେତୃତ୍ୱାଧୀନ ଭାଜପା ସରକାରର ପତନ ମୁମ୍ବାଇର ଟ୍ରାଇଡେଣ୍ଟ ହୋଟେଲରେ ଲେଖିଥିଲେ। ଏହି ତିନି ଦଳ ସମେତ ଆଉ କେତେକ ଛୋଟ ଦଳର ବିଧାୟକମାନଙ୍କୁ ଗୋଟିଏ ଛାତ ତଳେ ଛିଡ଼ା କରାଇ ମୋଦି-ଶାହଙ୍କୁ ପାୱାର ସନ୍ଦେଶ ଦେଲେ ଯେ, ଏହା ଗୋଆ କି

### ହୋଟେଲରେ ଲେଖିଲେ ଫଡ଼ନବିସ ସରକାରର ପତନ କାହାଣୀ

ମଣିପୁର ନୁହେଁ, ବରଂ ମହାରାଷ୍ଟ୍ର। ଏହାସହ ମହାରାଷ୍ଟ୍ରରେ ଭାଜପା ବିରୋଧୀ ରାଜନୀତିର ମୂଳଦୁଆ ପକାଇ ଜାତୀୟ ରାଜନୀତିରେ ମଧ୍ୟ ଅନୁରୂପ ସମୀକରଣର ସମ୍ଭାବନା ସୃଷ୍ଟି କରିଛନ୍ତି ପାୱାର। ଏଥିପାଇଁ ତାଙ୍କୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ବୋଲି କୁହାଯାଉଛି।



ସୁପ୍ରିମକୋର୍ଟଙ୍କ ରାୟ ପରେ ବିଜୟ ସଙ୍କେତ ଦେଖାଉଛନ୍ତି ବରିଷ୍ଠ କଂଗ୍ରେସ ନେତା।

## ଫଡ଼ନବିସ ମାନିଲେ ସଂଖ୍ୟାବଳ ନାହିଁ

ମୁମ୍ବାଇ,୨୬।୧୧(ପି.ଟି.)

ବିନା ବହୁମତରେ ସରକାର ଗଢ଼ିଥିବା ଦେବେନ୍ଦ୍ର ଫଡ଼ନବିସ ତାଙ୍କ ପାଖରେ ସଂଖ୍ୟାବଳ ନାହିଁ ବୋଲି ଶେଷରେ ମାନିଛନ୍ତି। ଦ୍ୱିତୀୟ ପାଳି ସରକାର ଗଠନର ୭୯ ଘଣ୍ଟା ପରେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଶନିବାର ଫଡ଼ନବିସଙ୍କୁ ଆସ୍ଥାଭୋଟର ସମ୍ମୁଖୀନ ହେବା ପାଇଁ ୧୪ ଦିନ ସମୟ ଦେଇଥିଲେ। ସୁପ୍ରିମକୋର୍ଟ ରାୟ ଶୁଣାଇବାବେଳେ ଶକ୍ତିପରୀକ୍ଷା ବିଳମ୍ବିତ ହେଲେ ଘୋଡ଼ାବେପାର ହୋଇପାରେ ବୋଲି ଆଶଙ୍କା ବ୍ୟକ୍ତ କରିବାସହ ବୁଧବାର ସୁଦ୍ଧା ଆସ୍ଥାଭୋଟ କରାଇବା ପାଇଁ ନିର୍ଦ୍ଦେଶ ଦେଲେ। ଫଳରେ ଏନ୍‌ସିପି ନେତା ଅଜିତ ପାୱାର ଉପମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ। ଏହାର କିଛି ସମୟ ପରେ ଭାଜପା ବିଧାୟକ ଦଳ ନେତା ଫଡ଼ନବିସ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଛନ୍ତି। ସେ ରାଜଭବନକୁ ଯାଇ ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଇସ୍ତଫାପତ୍ର ଗ୍ରହଣ ହୋଇଛି ବୋଲି ରାଜଭବନ ସୂତ୍ରରୁ ପ୍ରକାଶ। ଏହା ପୂର୍ବରୁ ଫଡ଼ନବିସ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଅଜିତଙ୍କ ଇସ୍ତଫା ପରେ ଆମ ପାଖରେ ସଂଖ୍ୟାଗରିଷ୍ଠତା ନାହିଁ। ଆମେ ଘୋଡ଼ାବେପାର କରିବୁ ନାହିଁ। ଭାଜପା ଏକ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳର ଭୂମିକା ନିର୍ବାହ କରି ଲୋକଙ୍କ ସ୍ୱର ପାଲଟିବ। ଭାଜପାକୁ ଅଜିତଙ୍କ ସମର୍ଥନ ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କ ଏକ ଚାଲ୍ ଥିଲା କି ବୋଲି ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଏହି ପ୍ରସଙ୍ଗରେ ପାୱାର ହିଁ ଉତ୍ତର ଦେଇପାରିବେ। ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା ଅଜିତ କହିଛନ୍ତି। ଅନ୍ୟପକ୍ଷରେ ଶିବସେନା ଭାଜପାକୁ କ୍ଷମତାରୁ ଦୂରେଇ ରଖିବା ପାଇଁ ବିରୋଧୀଙ୍କ ସହ ହାତ ମିଳାଇଛି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ପାଦତଳେ ଏହି ଦଳ ହିନ୍ଦୁତ୍ୱକୁ ସମର୍ପଣ କରିଦେଇଛି ବୋଲି ଫଡ଼ନବିସ ସମାଲୋଚନା କରିଛନ୍ତି।

### 'ସୋନିଆଙ୍କ ପାଦ ତଳେ ହିନ୍ଦୁତ୍ୱକୁ ସମର୍ପି ଦେଇଛି ଶିବସେନା'

## ଆସ୍ଥାଭୋଟ ଜିତିବୁ

ନୂଆଦିଲ୍ଲୀ, ୨୬।୧୧(ପି.ଟି.) : ବିଧାନସଭାରେ ହେବାକୁ ଥିବା ଆସ୍ଥା ଭୋଟରେ ଆମେ ନିଶ୍ଚିତ ବିଜୟୀ ହେବୁ ବୋଲି କହିଛନ୍ତି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ। ମହାରାଷ୍ଟ୍ର ରାଜନୈତିକ ପରିସ୍ଥିତିକୁ ନେଇ ପାର୍ଲାମେଣ୍ଟ ଭବନ ପରିସରରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ମିଳିତ ବିକ୍ଷୋଭ କରୁଥିବାବେଳେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ ପ୍ରକାଶ କରିଛନ୍ତି। ବୁଧବାର ଗୃହରେ ଆସ୍ଥା ଭୋଟ ହେବାକୁ ଥିବାବେଳେ କଂଗ୍ରେସ-ଏନ୍‌ସିପି-ଶିବସେନା ମେଣ୍ଟ ବିଜୟୀ ହେବ ବୋଲି ସେ ଦୃଢ଼ ଆଶା ପୋଷଣ କରିଛନ୍ତି।



## ସୁପ୍ରିମକୋର୍ଟଙ୍କ ବିଳମ୍ବକୁ ନେଇ ପ୍ରଶ୍ନ ଉଠାଇଲା ସିପିଆଇ

ନୂଆଦିଲ୍ଲୀ, ୨୬।୧୧(ପି.ଟି.) : ମହାରାଷ୍ଟ୍ରର ରାଜନୈତିକ ସ୍ଥିତି ବଦଳୁଥିବାବେଳେ ଅଡୁଆ ବଢ଼ି ବଢ଼ି ଚାଲିବା ଠିକ୍ ନ ଥିଲା। ଏଥିଲାଗି ଆସ୍ଥା ଭୋଟ କରାଯିବା ତୁରନ୍ତ ଆବଶ୍ୟକତା ଥିଲା। ବଡ଼ ଆଶ୍ଚର୍ଯ୍ୟର ଘଟଣା ସୁପ୍ରିମକୋର୍ଟ ତୁରନ୍ତ ଆସ୍ଥା ଭୋଟ ଲାଗି ନିର୍ଦ୍ଦେଶ ଦେବା ପରିବର୍ତ୍ତେ ଏହାକୁ ବିଳମ୍ବିତ କରାଇଲେ। ଏନେଇ ନିର୍ଦ୍ଦେଶ ଦେବା ଲାଗି ୩ ଦିନ ଲାଗିଗଲା। ରବିବାର ପ୍ରଥମ ଥର ମାମଲାର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଆସ୍ଥା ଭୋଟ ସପକ୍ଷରେ ରାୟ ଦେବା ଉଚିତ ଥିଲା ବୋଲି ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା ପ୍ରକାଶ କରିଛନ୍ତି।

## ବାଲାସାହେବ ଥୋରଟ୍ କଂଗ୍ରେସ ବିଧାୟକ ଦଳ ନେତା

**ମୁମ୍ବାଇ, ୨୬।୧୧(ପି.ଟି.) :** ମହାରାଷ୍ଟ୍ର କଂଗ୍ରେସ ଅଧ୍ୟକ୍ଷ ବାଲାସାହେବ ଥୋରଟ୍‌ଙ୍କୁ ଦଳ ପକ୍ଷରୁ ମଙ୍ଗଳବାର ବିଧାୟକ ଦଳର ନେତା ଭାବେ ନିର୍ବାଚିତ କରାଯାଇଛି। ଏଆଇସିସି ସାଧାରଣ ସମ୍ପାଦକ ତଥା ମହାରାଷ୍ଟ୍ର ଦାୟିତ୍ୱରେ ଥିବା ଦଳର ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖାର୍ଗେ ବିଧାୟକ ଦଳର ବୈଠକ ଶେଷରେ ଏହା ଘୋଷଣା କରିଛନ୍ତି। ଏହି ନାମକୁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସ୍ୱୀକୃତି ପ୍ରଦାନ କରିଥିବା ସେ ପ୍ରକାଶ କରିଛନ୍ତି। ଥୋରଟ୍ ୮ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରକାଶଥାଉ କି, ମହାରାଷ୍ଟ୍ରରେ ଏନ୍‌ସିପି ଓ ଶିବସେନା ସହ ମିଶି କଂଗ୍ରେସ ସରକାର ଗଠନ କରିବାକୁ ଯାଉଛି।



## କାଳିଦାସ କୋଲମ୍ବକର କାମଚଳା ବାଚସ୍ପତି

**ମୁମ୍ବାଇ, ୨୬।୧୧(ପି.ଟି.) :** ମହାରାଷ୍ଟ୍ର ରାଜ୍ୟପାଳ ଭଗତ୍ ସିଂ କୋଶିୟାରୀ ମଙ୍ଗଳବାର ଭାଜପାର ବରିଷ୍ଠ ବିଧାୟକ କାଳିଦାସ କୋଲମ୍ବକରଙ୍କୁ ବିଧାନସଭାର କାମଚଳା ବାଚସ୍ପତି ଭାବେ ନିଯୁକ୍ତି ଦେଇଛନ୍ତି। ୱାଦାଲାରୁ ୮ ଥର କୋଲାମ୍ବକର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ରାଜ୍ୟପାଳ ତାଙ୍କୁ ବିଧାନସଭାରେ କାମଚଳା ବାଚସ୍ପତି ଭାବେ ମଙ୍ଗଳବାର ଶପଥପାଠ କରାଇଛନ୍ତି। କୋଲାମ୍ବକର ବିଧାନସଭା ଅଧିବେଶନରେ ୨୮୭ ନବନିର୍ବାଚିତ ବିଧାୟକଙ୍କୁ ଶପଥପାଠ କରାଇବେ ବୋଲି ରାଜଭବନ ପକ୍ଷରୁ କୁହାଯାଇଛି। ଗୃହରେ ଶକ୍ତିପରୀକ୍ଷା ପୂର୍ବରୁ କାମଚଳା ବାଚସ୍ପତିଙ୍କୁ ନିଯୁକ୍ତି ଦେବା ଓ ବୁଧବାର ସୁଦ୍ଧା ସମସ୍ତ ନବନିର୍ବାଚିତ ବିଧାୟକଙ୍କୁ ଶପଥପାଠ କରାଇବା ଲାଗି ସୁପ୍ରିମକୋର୍ଟ ରାଜ୍ୟପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।



## ବଜାୟ ରହୁ ଗଣତାନ୍ତ୍ରିକ ମୂଲ୍ୟବୋଧ

ନୂଆଦିଲ୍ଲୀ,୨୬।୧୧(ପି.ଟି.)

ମହାରାଷ୍ଟ୍ରରେ ସରକାର ଗଠନ ପାଇଁ ଭାଜପା ନେତୃତ୍ୱାଧୀନ ଦଳ ଓ ଶିବସେନା-ଏନ୍‌ସିପି-କଂଗ୍ରେସ ମେଣ୍ଟ ମଧ୍ୟରେ ଚାଲିଥିବା ଆଇନଗତ ଲଢ଼େଇ ଏକ ବିଚିତ୍ର ସ୍ଥିତି ସୃଷ୍ଟି କରିଛି। ଏଥିଯୋଗୁ ରାଜ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସୁଶାସନ ପାଇଁ ନାଗରିକମାନଙ୍କ ଅଧିକାର ବଜାୟ



ରଖିବା ଜରୁରୀ ହୋଇପଡ଼ିଛି। ମହାବିକାଶ ଅଘାଡ଼ି ମେଣ୍ଟ ପକ୍ଷରୁ ଦାଏର ଆବେଦନର ରାୟ ଶୁଣାଇ ମଙ୍ଗଳବାର ଏହା କହିଛନ୍ତି ସୁପ୍ରିମକୋର୍ଟ। ସରକାର ଗଠନକୁ ନେଇ ସୃଷ୍ଟି ହୋଇଥିବା ସାମ୍ପ୍ରତିକ ସ୍ଥିତିରେ ସୁପ୍ରିମକୋର୍ଟ ନିଜ ପରିସୀମା ସମ୍ପର୍କରେ ଅବତାରଣା କରିଛନ୍ତି। ଜଷ୍ଟିସ୍ ଏନ୍.ଭି. ରମାନ୍ନା, ଅଶୋକ ଭୂଷଣ ଓ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ନିଜ ୧୯ ପୃଷ୍ଠା ସମ୍ବଳିତ ରାୟର ପ୍ରଥମ ପାରାରେ କହିଛନ୍ତି, ଅଦାଲତଗୁଡ଼ିକର ବିଚାର ପରିସର ଓ ସଂସଦୀୟ ସ୍ୱାଧୀନତା ମଧ୍ୟରେ ଦୀର୍ଘ ସମୟ ଧରି ପ୍ରତିଦ୍ୱନ୍ଦ୍ୱିତା ଲାଗିରହିଛି। ଏଥିରେ ଦ୍ୱିମତ ହେବାର ନାହିଁ। ତେବେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନ୍ୟାୟିକ ହସ୍ତକ୍ଷେପ ଶେଷ ବିକଳ୍ପ ହୋଇଥିବାରୁ ସଂସ୍ଥାଗତ ଶିଷ୍ଟାଚାରର ପୁନର୍ଗଠନ ଓ କ୍ଷମତା ବିଭାଜନର ଆବଶ୍ୟକତା ରହିଛି।

## ଫଡ଼ନବିସ, ଅଜିତଙ୍କ ଇସ୍ତଫା ପରେ ସୁପ୍ରିମକୋର୍ଟଙ୍କ ଆସ୍ଥାଭୋଟ ରାୟ ନିରର୍ଥକ

**ନୂଆଦିଲ୍ଲୀ,୨୬।୧୧:** ସୁପ୍ରିମକୋର୍ଟ ମହାରାଷ୍ଟ୍ରରେ ଆସ୍ଥାଭୋଟ କରାଇବା ପାଇଁ ମଙ୍ଗଳବାର ନିର୍ଦ୍ଦେଶ ଦେଇଥିଲେ। ବୁଧବାର ସନ୍ଧ୍ୟା ୫ଟା ସୁଦ୍ଧା ଶକ୍ତିପରୀକ୍ଷାର ସମ୍ମୁଖୀନ ହୋଇ ବହୁମତ ପ୍ରମାଣିତ କରିବା ପାଇଁ ଅଦାଲତଙ୍କ ରାୟ ରହିଥିଲା। ହେଲେ ମୁଖ୍ୟମନ୍ତ୍ରୀ ପଦରୁ ଦେବେନ୍ଦ୍ର ଫଡ଼ନବିସ ଓ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଇସ୍ତଫା ଦେବା ପରେ ସୁପ୍ରିମକୋର୍ଟଙ୍କ ଏହି ରାୟ ନିରର୍ଥକ ହୋଇଯାଇଛି। ଫଡ଼ନବିସ ସରକାରଙ୍କ ପାଇଁ ଉଦ୍ଦିଷ୍ଟ ଏହି ରାୟ ଶିବସେନା-ଏନ୍‌ସିପି-କଂଗ୍ରେସ ମେଣ୍ଟ ସରକାର କ୍ଷେତ୍ରରେ କାର୍ଯ୍ୟକାରୀ ହେବନାହିଁ।

ଧରିତ୍ରୀ DHARITRI CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary Rs.27,000/-.
Contact: 9938676412

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

**DIRECT JOINING**
~ CALL CENTER
~ DATA ENTRY
~ TELE CALLER
~ DIGITAL MARKETING
~ BACK OFFICE
~ AUTOCAD
(Age Below 32 yrs) Odia, Hindi, English & Bengali
Qual. : 10th / +2 / +3 / ITI / Diploma
Salary : Rs.(6500 To 16500) + OT
9938733697, 9853844830

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଳ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିଣ୍ଡୋଲି, ସୁରତ୍, ଗୁଜୁରାଟ
9157012447, 9157312448

**ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି**
1. BLOCK CO-ORDINATOR
Qual : 10th/+2 : Sal - 12000/-
2. DISTRICT CO-ORDINATOR
Qual : +3/Above : Sal - 16000/-
ନିଜ ନିଜ ଜିଲ୍ଲାରେ ଏବଂ ବ୍ଲକରେ ଚାକିରି ପାଇଁ ଯୋଗାଯୋଗ କରନ୍ତୁ।
M : 7327065424 / 8895725158

**URGENTLY REQUIRED**
(HOTEL JOB)
SALARY - 10000 TO 17000
INDIAN COOK-2, CHINESE COOK-2, WAITER (LADIES)-2, SWEEPER-2, ALL ROUNDER COOK-1
MOBILE NUMBER -
7008447669,9438752527,9861990534

**REQUIRED**
A LEADING DETERGENT COMPANY
of Kanpur requires experience Sales Officer and Sales Executive for all District of Odisha.
Mail - psenterprise97@gmail.com
Contact : 9437004176, 7289899143

**ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ**
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ।
ଯୋଗ୍ୟତା - ୧୦ମ ରୁ ଉର୍ଦ୍ଧ
ଦରମା - ୭୫୦୦/- ରୁ ୪୨୫୦୦/-
7894509327

**SECURITY JOB**
GISS ଆବଶ୍ୟକ କରୁଛି ସମଗ୍ର ପଶ୍ଚିମ ଓଡ଼ିଶା ପାଇଁ ୧୮ଜଣ ସିକ୍ୟୁରିଟି ଗାର୍ଡ ଏବଂ ୮ଜଣ ସିକ୍ୟୁରିଟି ସୁପରଭାଇଜର। Qul- 10th pass & above, Height-5'.6", age-25 to 45. Exp-2 years. Security Inspector-୨ଜଣ, Exp-3 years.
Contact : 8332953097 6370975356

ଘରକାମ / ରୋଷେଇ / ରୋଗୀଯତ୍ନ / ପିଲାଯତ୍ନ ପାଇଁ (ମହିଳା/ପୁରୁଷ) ଆବଶ୍ୟକ
ବୟସ (୧୮ ରୁ ୪୫) ଦରମା (୬୦୦୦- ୧୦୦୦୦) + ରହିବା + ଖାଇବା ସୁବିଧା ଅଛି।
9090900640 / 9090900840

**REQUIRED**
GRAPHIC DESIGNER
Contact : Bhabani Graphic Unit - 3, Bhubaneswar
Ph : 9937079224 8847869249

ଘରକାମ ପାଇଁ ୧୮ବର୍ଷରୁ ଅଧିକ ଝିଅ ଦରକାର। ରହିବା ଓ ଖାଇବା ସୁବିଧା ଅଛି। ମାଗଣାରେ।
ଦରମା : କାମ ଅନୁଯାୟୀ
9825495448 7016330321

**Herbal India**
Bhubaneswar Requires Male / Female-10 Nos.
Qualification: 8th or 10th Pass
ଉତ୍ତମ ଦରମା ସହିତ ରହିବା ଓ ଖାଇବା ମାଗଣା।
Contact: 9937057118, 6370823466, 0674-2590053

**ଆବଶ୍ୟକ**
**ହୋଟେଲ ମ୍ୟାନେଜର**
- ପୁରୀର ଏକ ପ୍ରତିଷ୍ଠିତ ହୋଟେଲ ପାଇଁ ହୋଟେଲ ମ୍ୟାନେଜମେଣ୍ଟରେ ୩-୬ ବର୍ଷର ଅଭିଜ୍ଞତା ଥିବା ସ୍ନାତକ ଡିଗ୍ରୀଧାରୀ ପ୍ରାର୍ଥୀ ଆବଶ୍ୟକ।
- ଦାୟିତ୍ୱ ମଧ୍ୟରେ ରହଣି ସୁବିଧାର ଯୋଜନା ଓ ଆୟୋଜନ, କ୍ୟାଟେରିଂ ଓ ଅନ୍ୟାନ୍ୟ ହୋଟେଲ ସେବା, ଗ୍ରାହକଙ୍କ ଅଭିଯୋଗ ଓ ମତାମତର ପରିଚାଳନା, କାର୍ଯ୍ୟକ୍ରମ ଓ ସମ୍ମିଳନୀର ପରିଚାଳନାକୁ ସୁନିଶ୍ଚିତ କରିବା, ହୋଟେଲ କର୍ମଚାରୀଙ୍କ ବ୍ୟକ୍ତିଗତ ତଥା ଦଳଗତ ଦାୟିତ୍ୱର ବନ୍ଦୋବସ୍ତ ତଥା ତଦାରଖ କରିବା ଅନ୍ତର୍ଭୁକ୍ତ।
- ପ୍ରାର୍ଥୀଙ୍କ ନିକଟରେ ଇଂଲିଶ ଭାଷାରେ ଉତ୍ତମ ଯୋଗାଯୋଗ ଦକ୍ଷତା ସମେତ ଏମ୍ଏସ୍ ଅଫିସ୍, ଇ-ମେଲ୍, ଟ୍ରିପ୍‌ଆଡ୍‌ଭାଇଜର, ଏୟାରବିଏନ୍‌ବିରେ ଉତ୍ତମ ଜ୍ଞାନ ରହିଥିବା ଜରୁରୀ।

**ହାଉସ୍ କିପିଙ୍ଗ**
ହୋଟେଲ ବା ଘର ପାଇଁ ହାଉସ୍ କିପିଙ୍ଗ୍ କାର୍ଯ୍ୟରେ ଅଭିଜ୍ଞତା ଥିବା ପୁରୁଷ ପ୍ରାର୍ଥୀ ଆବଶ୍ୟକ।

**ରୋଷେୟା**
ପ୍ରତିଷ୍ଠିତ ହୋଟେଲରେ ରୋଷେୟା ଭାବେ ପ୍ରାର୍ଥୀଙ୍କର ଅନ୍ୟୂନ ୫ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ। କଣ୍ଟିନେଣ୍ଟାଲ, ଇଣ୍ଡିଆନ୍ ଓ ଚାଇନିଜ୍ ଖାଦ୍ୟ ପ୍ରସ୍ତୁତ କରିପାରୁଥିବା ଦକ୍ଷ ପ୍ରାର୍ଥୀ ଆବଶ୍ୟକ।
ବି.ଦ୍ର.: ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।

ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ଼, ଭୁବନେଶ୍ୱର-୭୫୧୦୧୦
ଇ-ମେଲ୍: recruitment@dharitri.com
ଯୋଗାଯୋଗ ନଂ: ୭୮୯୪୪୪୭୧୫୪

**WANTED**
ଧରିତ୍ରୀ DHARITRI LIVE Web Channel is looking for
**Anchors**
- Candidates having Bachelors Degree in Journalism, Broadcasting or Communications & Strong Communication skills in Odia and English required.
- Responsibilities include scripting, anchoring, research and reporting, strong idea on use of digital and social media will be preferred.

**Cinematographer- Videographer**
- Graduates having 2-3 years of experience in Cinematography/Videography.
- Responsibilities include managing camera & light crew, strong technical knowledge of cameras & thorough understanding of lighting techniques, light color, shade & manipulation.

Apply immediately to : recruitment@dharitri.com
Pay & perks will be the best in the industry for deserving candidates.

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୭ ନଭେମ୍ବର, ୨୦୧୯



ଆମକୁ ପାପ କାର୍ଯ୍ୟ କରିବାରେ ଯିଏ ବାଧାଦିଏ,
ସେ ପ୍ରକୃତରେ ବନ୍ଧୁ।
- ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ସମ୍ବିଧାନ ଦିବସ ଅବସରରେ ଶପଥ ପାଠ

ପଦ୍ମପୁର, ୨୬।୧୧ (ଡି.ଏନ.ଏ) ସମ୍ବିଧାନ ଦିବସ ପାଳନ ଅବସରରେ ମଙ୍ଗଳବାର ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭା ଗୃହରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ କାର୍ଯ୍ୟାଳୟର ଉପସ୍ଥିତ ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସମ୍ବିଧାନ ଦିବସର ଶପଥ ପାଠ କରାଇଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ବିର୍ସାମୁଣ୍ଡା ଜୟନ୍ତୀ, ସମ୍ବିଧାନ ଦିବସ ପାଳିତ

ଗାଇସିଲେଟ, ୨୬।୧୧ (ଡି.ଏନ.ଏ) ଗାଇସିଲେଟ ବ୍ଲକ ଆଦିବାସୀ, ଦଳିତ ଓ ପଛୁଆ ବର୍ଗ ସେନା ତରଫରୁ କଲଙ୍ଗାପାଲିରେ ବିର୍ସାମୁଣ୍ଡା ଜୟନ୍ତୀ ଓ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ସଭାରେ ଓଡିଶା ଆଦିବାସୀ ଦଳିତ ସେନା ସଭାପତି ଗୋବର୍ଦ୍ଧନ ଭୋଏ ମୁଖ୍ୟଅତିଥି, ଶୁଭ୍ର ମୁନି ଅଭିଯାନ ସମିତି ସଭାପତି ରାଜ୍ୟ ସାଂସ୍କୃତିକ ସଂଯୋଜକ ଶ୍ରୀପତି କୁମ୍ଭାର, ଗୋବର୍ଦ୍ଧନ ଛତର, ରାଜ୍ୟ ଏମଏସଡ୍ଲାଇସି ସଭାପତି ଗୋପବନ୍ଧୁ ଶିକା, ପଦ୍ମପୁର ବ୍ଲକ ଅଧକ୍ଷ କୁମରମଣି ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ପଞ୍ଚାନନ ମହାନନ୍ଦ ସଭା ପରିଚାଳନା କରିଥିଲେ । ନୀଳମଣି ବରିହା ଧନ୍ୟବାଦ ଅର୍ପଣ କରିଥିଲେ ।

### ଦାସ, ଧୀବର ସମାଜର କର୍ମକର୍ତ୍ତା ଚୟନ

ବାଉଁଶୁଣୀ, ୨୬।୧୧ (ଡି.ଏନ.ଏ) ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ମାଳିସାହି ବାସେଲି ମନ୍ଦିର ପରିସରରେ ମଙ୍ଗଳବାର ଦାସ, ଧୀବର ସମାଜର କର୍ମକର୍ତ୍ତା ଚୟନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ହନୁମାନ ବେହେରାଙ୍କ ଅଧକ୍ଷତାରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା ଓ ଅସ୍ଥାୟୀ କର୍ମକର୍ତ୍ତା ଚୟନ ହୋଇଥିଲା। ସଭାପତି ହନୁମାନ ବେହେରା, ଉପସଭାପତି ଶମ୍ଭୁପ୍ରସାଦ ବେହେରା, ସମ୍ପାଦକ ଭାବେ ଶେଷଦେବ ବେହେରା, ଗୋକୁଳା ବେହେରା, ମାରୁତି ବେହେରା, ଲାଲା ବେହେରା ପ୍ରମୁଖ ଚୟନ ହୋଇଥିଲେ । ଶେଷରେ ସୁରମଣି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

### ବରଗଡ଼ ୟୁନାଇଟେଡ୍ କ୍ଲବ ବିଜୟୀ

ବରଗଡ଼ ଅଫିସ୍,୨୬।୧୧ ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ବରଗଡ଼ର ୟୁନାଇଟେଡ୍ କ୍ଲବ ପ୍ରତିପକ୍ଷ ଜାଣ୍ଡୋଲକୁ ୨-୦ ଗୋଲରେ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଜାଣ୍ଡୋଲର ମଧ୍ୟ ବରିହା ଓ ରିଙ୍କୁ ଭୁଏ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିବାବେଳେ ପ୍ରତିପକ୍ଷର ଖେଳାଳିମାନେ ଗୋଲ ସ୍କୋର କରି ପାରି ନ ଥିଲେ । ଏହି ବିଜୟରେ ୟୁନାଇଟେଡ୍ କ୍ଲବର ସେମିଫାଇନାଲରେ ପ୍ରବେଶ କରିଛି। ଶ୍ରୀନିବାସ ରାଓ, ସୁରେଶ ବେହେରା, ଶୁଭମ ପାତ୍ର, ସନ୍ତୋଷ ଗଡ଼ତିଆ ମ୍ୟାଚ ପରିଚାଳନା କରିଥିଲେ। ବୁଧବାର ସାହାଜବାହାଲ ଓ କଲାପାଣି ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡ଼ିଛି ।

## ବରଗଡ଼ରେ ସମ୍ବିଧାନ ଦିବସ

# ସେବା ପାଇଁ ଶପଥ ନେଲେ

ବରଗଡ଼ ଅଫିସ୍,୨୬।୧୧

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ଅଧିକାରୀ, କର୍ମଚାରୀ ଯୋଗଦେଇ ଥିବାବେଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସେମାନଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟରେ ସ୍ୱଚ୍ଛତା ରଖି ଜନସାଧାରଣଙ୍କ ସେବା କରିବା ପାଇଁ ଅଧିକାରୀ, କର୍ମଚାରୀବୃନ୍ଦ ଶପଥ ଗ୍ରହଣ କରିଥିଲେ । ବିକାଶ ଡିଗ୍ରୀ କଲେଜ ଆଇନ ବିଭାଗ ଦ୍ୱାରା ମଙ୍ଗଳବାର ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଛି। ଏହି ଅବସରରେ ଆଡ଼ଭୋକେଟ୍ ଡଃ ରମାକାନ୍ତ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ବିକାଶ ଡିଗ୍ରୀ କଲେଜ ଆଇନ ବିଭାଗର କୋ ଅର୍ଡ଼ିନେଟର ଅଧ୍ୟାପକ ଶିବାନନ୍ଦ ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ସାମ୍ପ୍ରତିକ ସ୍ଥିତିରେ ସମ୍ବିଧାନର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିକାଶ ଗ୍ରୁପ୍‌ର ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ଛାତ୍ରୀଛାତ୍ରଙ୍କୁ ସମ୍ବିଧାନର ମୂଲ୍ୟବୋଧ ଉପରେ ଅବଗତ କରାଇବା ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ। ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ



ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ସମ୍ବିଧାନ ଦିବସ ।

ପଣ୍ଡା ସମ୍ବିଧାନର ବିଚାରଧାରାକୁ ନିଜ ଜୀବନରେ ପ୍ରୟୋଗ କରିବା ସହିତ ଆଇନ ପାଠ୍ୟକ୍ରମର ମର୍ଯ୍ୟାଦାକୁ ବଞ୍ଚାଇ ରଖିବା ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ କୁମାର ପ୍ରଧାନ, ଆଇନ ବିଭାଗର ଅଧ୍ୟାପକ ନୟନଜ୍ୟୋତି ଦାସ, ଅଭିନନ୍ଦନ ଖୁଣ୍ଟିଆ, ଅଧ୍ୟାପିକା ତୁଳସୀ ରଏ, ସଂଘମିତ୍ରା ଆଚାଯର୍ୟ, ବିକାଶ ଡିଗ୍ରୀ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ସହଯୋଗ କରିଥିଲେ । ଅଧ୍ୟାପକ ଜୈମିନୀ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ସେହିପରି ବରଗଡ଼ ପଞ୍ଚାୟତ କଲେଜରେ ଅନୁଷ୍ଠିତ ସମ୍ବିଧାନ ଦିବସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଡଃ କମଳପ୍ରଭା କାପାନୀ, ଅଧ୍ୟାପକ ପତିତପାବନ ସାହୁ, ପ୍ରଭାସ କୁମାର ସହୁ, ସୁବଳ ମେହେର, ଅଧ୍ୟାପିକା କ୍ରୀଷ୍ଣାରାଣୀ ସାସମଲ୍ ପ୍ରମୁଖ ଯୋଗଦେଇ ସମ୍ବିଧାନ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଅଧ୍ୟାପକ ସୁରେଶ ମାଝି ଧନ୍ୟବାଦ ଅର୍ପଣ କରିଥିଲେ । ବରଗଡ଼ ଜିଲା ଗଣ୍ଡା ସମାଜ ମହାସଂଘ ପକ୍ଷରୁ ଅନୁଷ୍ଠିତ ସମ୍ବିଧାନ ଦିବସ ପାଳନ କାର୍ଯ୍ୟକ୍ରମରେ ସଭାପତି ଚୈତନ୍ୟ ପାଇକଙ୍କ ନେତୃତ୍ୱରେ ଅମ୍ବାପାଲିସ୍ଥିତ ଡଃ ବି.ଆର ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମହାସଂଘର ସମ୍ପାଦକ ଧର୍ମରାଜ ବିଭାର, ଉପସଭାପତି ସୁରେନ୍ଦ୍ର ଭୋସାଗର, ସହ ସମ୍ପାଦକ ଟଙ୍କଧର ଭେସ୍ରା, ରାଧେଶ୍ୟାମ ଭେସ୍ରା, ପ୍ରହଲ୍ଲାଦ ଭେସ୍ରା, କୋଷାଧ୍ୟକ୍ଷ ନିତ୍ୟାନନ୍ଦ ବାଗ, ବେଣୁଧର ସୁନା ପ୍ରମୁଖ ଉପସ୍ଥିତ ରହି ଡଃ ଆମ୍ବେଡ଼କରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ବରଗଡ଼ ଜିଲା ଭୀମ ମାନବବାଦ ପରିବାର ସଂଘ ପକ୍ଷରୁ ବରଗଡ଼ ଗାନ୍ଧୀଛକରେ ସମ୍ବିଧାନ ଦିବସ ପାଳନ କରାଯାଇଥିଲା। ମହାସଂଘର ସଭାପତି ସୁରେନ୍ଦ୍ର କୁମାର ତାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଡା. ବିଦ୍ୟାଧର ନାଗ ମୁଖ୍ୟଅତିଥି, ସମାଜସେବୀ ଚନ୍ଦ୍ରଶେଖର ବାଗ, ଗୁଣ୍ଡି ରାଓ, ଆଡ଼ଭୋକେଟ୍ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଜ୍ୟୋତ୍ସ୍ନା ପାଇକ, ରାଜ ଶର୍ମା, ଅର୍ଜୁନ ଲାଲ ଅଗ୍ରୱାଲ ପ୍ରମଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମହାସଂଘର ଉପସଭାପତି ଯୁଧିଷ୍ଠିର ବିଭାର, କୋଷାଧ୍ୟକ୍ଷ ବାଳମୁକୁନ୍ଦ ଜଗଦଲା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ଅଭିମନ୍ୟୁ ଭୋସାଗର ଧନ୍ୟବାଦ ଅର୍ପଣ କରିଥିଲେ।

## ବୀରେନ୍ ମିତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

# ସେବା, ମାନବୀୟ ମୂଲ୍ୟବୋଧ ପାଇଁ ସେ ଚିରସ୍ମରଣୀୟ

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)

ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ରଙ୍କ ଘଟଣାବହୁଳ ଜୀବନ ସଂଘର୍ଷ ଓ ନେତୃତ୍ୱର କାହାଣୀ ଥିଲା। ଏହି ବିପ୍ଳବୀ ବ୍ୟକ୍ତିତ୍ୱ ଛାତ୍ରନେତାରୁ ସାମାଜିକକର୍ମୀ, ସମାଜସେବାରୁ ରାଜନୀତିଜ୍ଞ ହୋଇ ସଫଳତା ଆରୋହଣ କରିଥିଲେ ମଧ ପ୍ରାଚୁର୍ଯ୍ୟ ସ୍ପର୍ଶ କରି ନ ଥିଲା। ତାଙ୍କ ସେବା ଓ ମାନବୀୟ ମୂଲ୍ୟବୋଧ ଉତ୍ତରପିଢ଼ି ପାଇଁ ଚିରସ୍ମରଣୀୟ ବୋଲି ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବୀରେନ୍ ମିତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କ ଅକ୍ଷୁଣ୍ଣ ଖ୍ୟାତି ଓ ଲୋକପ୍ରିୟତାକୁ ଦୃଷ୍ଟାନ୍ତ ଭାବରେ ବର୍ଣ୍ଣନା କରିଛନ୍ତି।

ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ବୀରେନ୍ ମିତ୍ର ଫାଉଣ୍ଡେଶନ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସୂଚନା ଭବନଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ତ୍ରିଲୋଚନ କାନୁନ୍‌ଗୋ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ, ରାଜନୈତିକ ବାଛ ବିଚାର ନ ରଖି ବୀରେନ୍ ମିତ୍ର ଲୋକଙ୍କ ସେବା କରିବାକୁ ସର୍ବଦା ଆଗେଇ ଆସୁଥିଲେ। କଟକ ଭଳି ପୁରାତନ ସହରରେ ତାଙ୍କର କେହି ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ନ ଥିଲେ। ଗରିବ ଲୋକଙ୍କୁ ସାହାଯ୍ୟ ଓ ସହାନୁଭୂତି ତାଙ୍କ ଜୀବନର ମୂଳମନ୍ତ୍ର ଥିଲା। ଜନତା ଜନାର୍ଦ୍ଦନଙ୍କ ସେବାରେ ସେ ବ୍ରତୀ ଥିଲେ ବୋଲି କାନୁନ୍‌ଗୋ କହିଥିଲେ।

କାର୍ଯ୍ୟକ୍ରମରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ବୀରେନ୍ ମିତ୍ରଙ୍କ ଜୀବନରେ ରାଜନୈତିକ ଉଦ୍ଦୀପନାର ମଳିନତା ପରିଦୃଷ୍ଟ ହୋଇ ନ ଥିଲା ବୋଲି କହିଥିଲେ। ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଅଧକ୍ଷ ଓ ବୀରେନ୍ ମିତ୍ର ଫାଉଣ୍ଡେଶନ ଅଧକ୍ଷ ପ୍ରିୟଦର୍ଶୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଫାଉଣ୍ଡେଶନର ସାଧାରଣ ସମ୍ପାଦକ ସୌମିତ୍ ମିତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଉତ୍ସର୍ଗୀକୃତ ସମାଜ ସେବା ପାଇଁ ସୁଧୀର ରଞ୍ଜନ ତ୍ରିପାଠୀ ଓ ଯୁବ ଆଇନଜୀବୀ ତଥା ସ୍ତମ୍ଭକାର ଏସ୍. ଜ୍ୟୋତିରଞ୍ଜନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବରୁ ଅନୁଷ୍ଠିତ ଆନ୍ତଃସ୍କୁଲ ଓ କଲେଜ୍‌ସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସକାଳେ ସ୍ଥାନୀୟ ଜୟଦେବ ବିହାର ଛକସ୍ଥିତ ବୀରେନ୍ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ବିଭାଗ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା।

# ଫୁଟବଲ: ସେମିରେ ଜାଙ୍ଗେଡ

ଭେଡ଼େନ,୨୬।୧୧(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ରେମଣ୍ଡା ଖେଳ ପଡ଼ିଆରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲକୁ ଜାଙ୍ଗେଡ଼ ଦଳ ପ୍ରବେଶ କରିଛି। ମଙ୍ଗଳବାର ଖେଳାଯାଇଥିବା ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ଏହି ଦଳ ଗଣ୍ଡିଆପାଲି ଏକାଦଶକୁ ଟାଇବ୍ରେକର ଯୋଗେ ୪-୩ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ବିଜୟୀ ଦଳର ମିଳନ ମାଝୀଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା।

## ପତ୍ରାଗୁଡା ଗ୍ରାମରେ କିଡ୍‌ନୀ ରୋଗୀ ମୃତ୍ୟୁ ଘଟଣା

# ପରୀକ୍ଷା ପାଇଁ ପଠାଗଲା ପାଣି ନମୁନା


ପ୍ରଶାସନିକ ଅଧିକାରୀମାନେ ଗ୍ରାମବାସୀଙ୍କ ସହିତ ଆଲୋଚନା କରୁଛନ୍ତି ।

ପାଇକମାଲ,୨୬।୧୧(ଡି.ଏନ.ଏ)

ପାଇକମାଲ ବ୍ଲକ ଝାରବନ୍ଧ ପଞ୍ଚାୟତ ପତ୍ରାଗୁଡା ଗ୍ରାମରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଗତ ୨ବର୍ଷରେ ୨୦ ଜଣ ପ୍ରାଣ ହରାଇବା ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ମଙ୍ଗଳବାର ଏକ ଡାକ୍ତରୀ ଦଳ ଉକ୍ତ ଗ୍ରାମକୁ ଯାଇ ସେଠାରେ ଆଲୋଚନା କରିଛନ୍ତି। ବୁକ୍ରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ନାରାୟଣ ପ୍ରସାଦ ପଶାୟତ, ପିଏଚ୍‌ଇଓ ତୁଷ କୁମାର ଚନ୍ଦ୍ରକାର, ବିପିଏମ ବିଜୟ କୁମାର ସରାପ, ବିଡିଏମ ସଞ୍ଜୀବ ମେହେର ଘର ଘର ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ସେମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଅନ୍ୟପକ୍ଷେ ବରଗଡ ଜିଲାପାଳ ଜ୍ୟୋତି ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ପାଇକମାଲ ବିଡିଓ ସଦାଶିବ ନାୟକ, ଆରଡବ୍ଲ୍ୟୁଏସଏସର କନିଷ୍ଠ ଯନ୍ତ୍ରୀ ସତ୍ୟବ୍ରତ ମାଝୀ ପ୍ରମୁଖ ଗ୍ରାମକୁ ଯାଇ ପାଣି ନମୂନା ସଂଗ୍ରହ କରି ପରୀକ୍ଷା ପାଇଁ ପଦ୍ମପୁର ପଠାଇଥିବା ଜଣାପଡିଛି ।

# ଜାତୀୟ ଆଇନ ଦିବସ

ବୌଦ୍ଧ/ ବାଉଁଶୁଣୀ, ୨୬।୧୧ (ସ୍ୱ.ପ୍ର./ଡି.ଏନ.ଏ.)

ବୌଦ୍ଧ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲା ଅଦାଲତ ପରିସରରେ ମଙ୍ଗଳବାର ଜାତୀୟ ଆଇନ ଦିବସ ପାଳିତ ହୋଇଛି। ଅତିରିକ୍ତ ଜିଲା ଦୌରାଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ପ୍ରଭୁରାମଦାସ ଅଧିକାରୀ, ସବ୍ ଜଜ୍ ଦୁର୍ବାଶା ଦୁର୍ଗା, ରେଜିଷ୍ଟ୍ରାର ପ୍ରୀତୀଶ କୁମାର ରାଉତରାୟ, ଏସ୍‌ଡିଜେଏମ ସୂର୍ଯ୍ୟ ଦାସ, ଜେଏମ୍‌ଏଫସି ଶିବାନୀ ବିଶ୍ୱାଳ ଓ ସୁନୀତା ବିଶ୍ୱାଳ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ସେହିଭଳି ବରିଷ୍ଠ ଆଇନଜୀବୀ ନବ ମିଶ୍ର, ସୁଧୀର କର୍ଣ୍ଣ ଓ ଅନ୍ୟମାନେ ଯୋଗ ଦେଇଥିଲେ। ସେହିଭଳି ବାଉଁଶୁଣୀସ୍ଥିତ ମାଁ ମାହେଶ୍ୱରୀ ଡିଗ୍ରୀ କଲେଜରେ ମଧ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଇଛି। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ମନୋରଞ୍ଜନ ଘଡେଇଙ୍କ ଅଧକ୍ଷତାରେ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କୁ ନେଇ ଏକ ସଭାର ଆୟୋଜନ କରାଯାଇଥିଲା। ଶେଷରେ ବାବାରାମ ଦେହୁରୀ ଧନ୍ୟବାଦ ଦେଇଥିଲେ।

## ଅନୁସୂଚିତ ଜନଜାତିଙ୍କ ଜମିରେ ନିର୍ମାଣ ମାମଲା

# କାର୍ଯ୍ୟ ବନ୍ଦ ରଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ ଅଫିସ,୨୬।୧୧

ରାଉରକେଲା ହାମିରପୁର ଅଞ୍ଚଳର ସୁବୋଧ କୁଲୁଙ୍କ ଜମି ଉପରେ ରାଉରକେଲା ମ୍ୟୁନିସିପାଲିଟିର ଚାଲିଥିବା ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ମଙ୍ଗଳବାର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କ ଖଣ୍ଡପୀଠ ଉକ୍ତ ମାମଲାରେ ରାଜ୍ୟ ସରକାରଙ୍କ ସହ ସୁନ୍ଦରଗଡ଼ ଜିଲାପାଳ, ସୁନ୍ଦରଗଡ଼ ଏଡିଏମ୍, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ(ସେଲ୍)ର ମୁଖ୍ୟ ନିର୍ବାହୀ ଅଧିକାରୀ, ସୁନ୍ଦରଗଡ଼ ସବ୍ କଲେକ୍ଟର, ଉଦ୍ଦିତ ନଗର ତହସିଲ୍‌ଦାର, ଅନୁସୂଚିତ ଜନଜାତି ଜାତୀୟ ଆୟୋଗଙ୍କ ଅଧକ୍ଷଙ୍କୁ ମଧ୍ୟ ନୋଟିସ୍ ଜାରି କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ହାମିରପୁର ଅଞ୍ଚଳରେ ସୁବୋଧଙ୍କ ଘର ଜମି ରହିଛି। ୧୯୫୬ରେ ସରକାର ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ ପାଇଁ ଏହି ଜମିକୁ ଅଧିଗ୍ରହଣ କରିଥିଲେ। ତେବେ ସୁବୋଧ ଏହି ଜମିରେ ବାସ କରି ଆସୁଥିବାବେଳେ ଆଜିପର୍ଯ୍ୟନ୍ତ ଷ୍ଟିଲ୍‌ପ୍ଲାଣ୍ଟ ଏହି ଜମିକୁ ବ୍ୟବହାର କରି ନ ଥିଲା। ଜମି ଅଧିଗ୍ରହଣ ନିୟମ ୨୦୧୩ ଅନୁଯାୟୀ, ଯଦି କୌଣସି ଅଧିଗୃହୀତ ଜମି ୫ବର୍ଷ ପର୍ଯ୍ୟନ୍ତ ବ୍ୟବହୃତ ନ ହୁଏ ତେବେ ତାହା ସମ୍ପୃକ୍ତ ଜମି ମାଲିକଙ୍କ ଖାତାକୁ ଫେରିଯିବ। ତେବେ ଦୀର୍ଘ ୬୩ ବର୍ଷ ହେବ ଅବ୍ୟବହୃତ ହୋଇ ରହିଥିବା ଉକ୍ତ ଜମିକୁ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ କର୍ତ୍ତୃପକ୍ଷ ରାଉରକେଲା ମ୍ୟୁନିସିପାଲିଟିକୁ ଏକ ହେଲ୍‌ଥ ସେଣ୍ଟର ନିର୍ମାଣ କରିବା ପାଇଁ ଦେଇଥିଲେ। ଏହି ଜମି ମଧ ରାଉରକେଲା ମ୍ୟୁନିସିପାଲିଟି ଅଧୀନ ନ ଥିବାବେଳେ ନିକଟରେ ମ୍ୟୁନିସିପାଲିଟି ପକ୍ଷରୁ ଏଠାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକୁ ବେଆଇନ ଦର୍ଶାଇ ସୁବୋଧ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ଡବ୍ଲ୍ୟୁପି(ସି) ୨୨୫୪୨ରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଘନଶ୍ୟାମ ନାମତୋଆର ଏହି ମାମଲା ପରିଚାଳନା କରୁଛନ୍ତି।

# ଜିଲା ଶିଶୁ ସୁରକ୍ଷା ଅଧିକାରୀ ସମ୍ବର୍ଦ୍ଧିତ

ଦେବଗଡ,୨୬।୧୧ (ଡ଼ି.ଏନ.ଏ.)

ଦେବଗଡ଼ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ନିଜର କାର୍ଯ୍ୟଦକ୍ଷତା ପାଇଁ ସମ୍ବର୍ଦ୍ଧିତ ହୋଇଛନ୍ତି। ୨୦୧୩ ମସିହାଠାରୁ ସେ ଏହି ଜିଲା ଶିଶୁ ସୁରକ୍ଷା ଅଧିକାରୀଭାବେ ଯୋଗଦେଇ କିଶୋର ନ୍ୟାୟ୍ ଓ ସୁରକ୍ଷା ବ୍ୟବସ୍ଥାକୁ ମଜଭୁତ କରଛନ୍ତି। ବିପଦସଙ୍କୁଳ ଅବସ୍ଥାରେ ଥିବା ଶିଶୁମାନଙ୍କୁ ଉଦ୍ଧାର ପାଇଁ ୨୪ ଘଣ୍ଟିଆ ଜରୁରୀକାଳୀନ ଫୋନ ସେବା, ପରିତ୍ୟକ୍ତ ନବଜାତ ଶିଶୁମାନଙ୍କୁ ଥଇଥାନ ଓ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ପ୍ରତିଷ୍ଠା, ଶିଶୁ ଶ୍ରମିକ ଉଚ୍ଛେଦ ଆଦି କ୍ଷେତ୍ରରେ ତାଙ୍କର ବିଶେଷ ଭୂମିକା ରହିଛି। ଏହାକୁ ଆଖି ଆଗରେ ରଖି ବଲାଙ୍ଗୀରର ଆଦୃତ ଅନୁଷ୍ଠାନ ପରିଚାଳିତ ନୂତନ ଶିଶୁଗୃହର ଉଦ୍‌ଘାଟନୀ ଉତ୍ସବରେ ତାଙ୍କୁସମ୍ବର୍ଦ୍ଧିତ କରାଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ଟୁକୁନୀ ସାହୁ ଏହି ଉତ୍ସବରେ ମହାପାତ୍ରଙ୍କୁ ଉପଢ୍ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।


ମନ୍ତ୍ରୀ ଟୁକୁନୀ ସାହୁ ରୋମିଓ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଚାଷୀ ଘେରିଲେ କୃଷି କାର୍ଯ୍ୟାଳୟ

ବୌଦ୍ଧ,୨୬।୧୧(ସ୍ୱ.ପ୍ର.)

ବୌଦ୍ଧ ଜିଲା ଏକ କୃଷି ପ୍ରଧାନ ଜିଲା। କିନ୍ତୁ ଏହି ଜିଲାର ଚାଷୀ ବିଭିନ୍ନ ସମସ୍ୟାରେ ରହୁଛନ୍ତି। ପ୍ରତିବର୍ଷ ସ୍ୱଳ୍ପ ବର୍ଷା, ବନ୍ୟା, ମରୁଡି ଓ ରୋଗପୋକରେ ଚାଷୀ କ୍ଷତିଗ୍ରସ୍ତ ହେଉଛି। ହେଲେ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉନାହିଁ। ଏଭଳି ଆପତ୍ତି ଅଭିଯୋଗ ନେଇ ବୌଦ୍ଧ ଜିଲା ଭାରତୀୟ କିଷାନ ସଂଘ ମଙ୍ଗଳବାର କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅନଶନରେ ବସିଥିଲା। ସଂଘର ସଭାପତି ପ୍ରମୋଦ କୁମାର ଦେହୁରୀ ଓ ଚାଷୀନେତା ସୂର୍ଯ୍ୟନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ପୁରୁଷ ଓ ମହିଳା ଚାଷୀ ସାମିଲ ହୋଇ କୃଷି କାର୍ଯ୍ୟାଳୟ ଘେରାଉ କରିବା ସହ ଅନଶନରେ ବସିଥିଲେ। ଏହି ଅବସରରେ ଚାଷୀମାନେ ଏକ ରାଲିରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ତୁରନ୍ତ ପଦକ୍ଷେପ ନେବାକୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଏଥିରେ ଚାଷୀ ନେତା ବିଶିକେସନ ପ୍ରଧାନ, ଜନ୍ମେଜୟ ପ୍ରଧାନଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଚାଷୀ ସାମିଲ ଥିଲେ।


ବୌଦ୍ଧରେ ଚାଷୀମାନେ କୃଷି କାର୍ଯ୍ୟାଳୟ ଘେରାଉ କରି ବସି ରହିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ନଭେମ୍ବର ୨୭/୨୦୧୯



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି
ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଅଶୋକ ନାୟକଙ୍କ ବିୟୋଗରେ ଶୋକସଭା

କୁଚିଣ୍ଡା, ୨୬।୧୧ (ଡି.ଏନ.ଏ.) କୁଚିଣ୍ଡା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ମାତୃ ମୀରାଧାମର ପ୍ରତିଷ୍ଠାତା ତଥା ପରିଚାଳନା କମିଟିର ସଭାପତି ସ୍ୱର୍ଗତ ଅଶୋକ ନାୟକଙ୍କ ଗତ ୨୩ ତାରିଖରେ ଦେହାନ୍ତ ଘଟିଛି। ଏହି ଅବସାରେ ଶିକ୍ଷାକେନ୍ଦ୍ରରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏହି ଶୋକସଭାରେ କେନ୍ଦ୍ରର ସମ୍ପାଦକ ଜଗନ୍ନାଥ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଖବରଦାତା ଗଜେନ୍ଦ୍ର ଭୋଇ, ଗଗନ ଶର୍ମା, ପ୍ରଧାନ ଶିକ୍ଷକ ମନୋଜ କୁମାର, ସହଶିକ୍ଷକ ବିଜୟ କୁମାର ଭୋଳଙ୍କ ସମେତ ସମସ୍ତ ଭାଇ, ଅପା, ଛାତ୍ରୀଛାତ୍ର, କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଶିକ୍ଷାକେନ୍ଦ୍ର ପ୍ରତି ସ୍ୱର୍ଗତ ନାୟକଙ୍କ ଅବଦାନର ଗାଥା ବଖାଣି ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

### ■ପଲ୍ଲିଶ୍ରୀ ମେଳାରେ ଭିଡ଼ ଜମୁଛି

# ବଢ଼ିଛି ହସ୍ତତନ୍ତ, ହସ୍ତଶିଳ୍ପ ସାମଗ୍ରୀ ଚାହିଦା

**ଶୁଭାଶିଷ ପାଢ଼ୀ**
**ସମ୍ବଲପୁର,୨୬।୧୧ (ବ୍ୟୁରୋ)**

ସମ୍ବଲପୁର ପିଏଚ୍‌ଡି ପଡିଆରେ ଚାଲିଥିବା ପଲ୍ଲୀଶ୍ରୀ ମେଳାରେ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀର ବେଶ୍ ଚାହିଦା ବଢୁଛି । ରାଜ୍ୟ ଓ ରାଜ୍ୟ ବାହାରର କାରିଗର ଓ ଶିଳ୍ପୀମାନେ ଏଥିରେ ସାମିଲ ହୋଇଛନ୍ତି। ଷ୍ଟଲଗୁଡିକରେ ଲୋକଙ୍କ ଭିଡ ଦେଖିବାକୁ ମିଳିଛି। ପଞ୍ଜାବ, ରାଜସ୍ଥାନ, ଉତ୍ତରପ୍ରଦେଶ, ମଣିପୁର, ମହାରାଷ୍ଟ୍ର, ଗୁଜରାଟ, ପଶ୍ଚିମବଙ୍ଗ, ବିହାର, ତେଲେଙ୍ଗନା, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ, ଆନ୍ଧ୍ରପ୍ରଦେଶର କାରିଗର ଏହି ମେଳାରେ ନିଜ ଦ୍ୱାରା ପ୍ରସ୍ତୁତ ତଥା ଉତ୍ପାଦିତ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ଧରି ସାମିଲ ହୋଇଛନ୍ତି। ମହିଳା, ପୁରୁଷ ଓ ଛୋଟ ପିଲାଙ୍କ ପୋଷାକ, ମଠା, ଖଦୀ, ବନାରସୀ ଶାଢି, କାଶ୍ମୀରର ଶୀତ ବସ୍ତ୍ର, ବ୍ୟାଗ, ଘରକରଣା ଉପକରଣ, ଟେରାକୋଟା, ବାଉଁଶ ତିଆରି ସାମଗ୍ରୀ ବିକ୍ରି ହେଉଛି। ତେବେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସହ ସେମାନଙ୍କୁ ପ୍ରୋତ୍ସାହନ ଦେବା ଏହି ମେଳାର ମୂଳ ଲକ୍ଷ୍ୟ। ସେମାନେ ନିଜ ତିଆରି ସାମଗ୍ରୀ କିପରି ସହଜରେ ବିକ୍ରି କରି ଲାଭାନ୍ୱିତ ହେବେ ତାହା ମଧ୍ୟ ଏହି ମେଳାର ଆଉ ଏକ ଲକ୍ଷ୍ୟ। ରାଜ୍ୟ ବାହାରୁ ଆସିଥିବା କାରିଗର ଓ ଶିଳ୍ପୀମାନଙ୍କ ସହ ଏମାନେ ଏହି ମେଳାରେ ମିଶି ପାରିବାର ସୁଯୋଗ ମଧ୍ୟ ରହିଥାଏ। ତେବେ ଗ୍ରାମ୍ୟଉନ୍ନୟନ ବିଭାଗ ଓ ଓର୍‌ମାସ ପକ୍ଷରୁ ୯୮ ଷ୍ଟଲ, ମିଶନ ଶକ୍ତି ପକ୍ଷରୁ ୫୨ ଷ୍ଟଲ, ନାବାର୍ଡ ପକ୍ଷରୁ ୧୦ ଷ୍ଟଲ, କଏରବୋର୍ଡ, ଓଡିଶା ବନ୍ୟାଞ୍ଚଳ, ଜୀବିକା ମିଶନର ଷ୍ଟଲ ଲାଗିଛି। ଏହା ସହ ୨୦ଟି ଖାଦ୍ୟ ଷ୍ଟଲରେ ପାରମ୍ପରିକ ଖାଦ୍ୟ ଖାଇବା ପାଇଁ ଲୋକଙ୍କ ଭିଡ ଜମୁଛି। ଜଙ୍ଗଲଜାତ ଦ୍ରବ୍ୟ ସହ ମୁଗ କୋଳଥ, ବିଭିନ୍ନ କିସମର ଡାଲି, ହଳଦୀ, ମଶଲା ଏହି ମେଳାରେ ବିକ୍ରି ହେଉଛି। ଏ ପର୍ଯ୍ୟନ୍ତ ୭୫ ଲକ୍ଷ ଟଙ୍କାର ବ୍ୟବସାୟ ହୋଇ ସାରିଥିବା ଜଣାପଡିଛି । ଆଗକୁ ବ୍ୟବସାୟ ବଢିବ ବୋଲି ମହିଳା ସ୍ୱୟଂ ସହାୟିକା ଗୋ ଷ୍ଠୀ, ଅନ୍ୟ ବ୍ୟବସାୟୀ, ଆୟୋଜକ ଓର୍‌ମାସ୍, ଡିଆର୍‌ଡିଏ ପକ୍ଷରୁ ଆଶା କରାଯାଉଛି।



ସମ୍ବଲପୁର ପିଏଚଡି ପଡିଆଠାରେ ଆୟୋଜିତ ଜାତୀୟ ପଲ୍ଲିଶ୍ରୀ ମେଳାରେ ହସ୍ତତନ୍ତ ଷ୍ଟଲରେ ଗ୍ରାହକଙ୍କ ଭିଡ ।

### ଏମାନେ ଯାହା କହନ୍ତି...



" ମାଁ ସମଲେଇ କେବେ ନିରାଶ କରିନାହାନ୍ତି । ପ୍ରତିବର୍ଷ ଷ୍ଟଲ ନେଇ ଆସିଥାଉ । ବ୍ୟବସାୟ ହେଉଛି, ହେଲେ ଆଶା ମୁତାବକ ହେଉ ନାହିଁ। ଆଉ କିଛି ଦିନ ବାକି ଅଛି, ହୋଇଯିବ ବୋଲି ଆଶା କରୁଛି ।

**-ଯମୁନା ବଲିଆର ସିଂ, ଖୋର୍ଦ୍ଧା।**



" ପାରମ୍ପାରିକ ଖାଦ୍ୟ, ପାରମ୍ପରିକ ବସ୍ତ୍ର ଏଠାରେ ବିକ୍ରି କରାଯାଉଛି । ଫଳରେ ଆଗମୀ ପିଢି ଜାଣି ପାରିବେ। ଏହା ସହ ବିଭିନ୍ନ ସଚେତନ କାର୍ଯ୍ୟକ୍ରମ କରାଯାଉଛି । ଖୋଲାରେ ଶୌଚ ନ କରିବା, ବୃକ୍ଷ ରୋପଣ କରିବା, ସ୍ୱାସ୍ଥ୍ୟର ଯତ୍ନ ନେବା ଭଳି ପ୍ରତିଦିନ ସଚେତନ କାର୍ଯ୍ୟକ୍ରମ କରାଯାଉଛି।

**-ଶ୍ରୀମନ୍ତ ହୋତା, ଓର୍‌ମାସ ଜିଲା ସଂଯୋଜକ ।**



" ମୁଁ ପ୍ରଥମ ଥର ପାଇଁ ଆସିଛି । ପ୍ରତିଦିନ ବିକ୍ରି ହେଉଛି । ଗ୍ରାହକ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ଆଣିଥିବା ସାମଗ୍ରୀ ବିକ୍ରି ହୋଇଯିବ ବୋଲି ଆଶା କରୁଛି ।

**-ଜ୍ୟୋତି କଗୋଲା, ତେଲଙ୍ଗନା ।**



" ପୂର୍ବ ବର୍ଷ ଭଳି ବିକ୍ରି ହେଉ ନାହିଁ । ଗାଡି ଭଡା ଦେଇ ସାମଗ୍ରୀ ଆଣିଛୁ । ଯଦି ବିକ୍ରି ନ ହେବ କ୍ଷତି ସହିବାକୁ ପଡିବ। ହେଲେ ଆଉ ଏକ ସପ୍ତାହ ରହିଛି । ଏଣୁ ବିକ୍ରି ହୋଇଯିବ ବୋଲି ଆଶା ରଖିଛୁ । ଆୟୋଜକଙ୍କ ପକ୍ଷରୁ ସମସ୍ତ ସୁବିଧା କରାଯାଇଛି ।

**-ଶ୍ରୀବସ୍ତ ବିଶ୍ୱାଣି, ବାରିପଦା ।**

## କଲଭର୍ଟରେ ପିଟିହେଲା ବାଇକ: ୨ ମୃତ, ଜଣେ ଗୁରୁତର

**ଚାନ୍ଦବାଲି,୨୬।୧୧(ଡି.ଏନ.ଏ.):** ଭଦ୍ରକ ଜିଲା ମତୋ-ଚୌଧୁରୀ ଘାଟ ରାସ୍ତାର ବିଲ ନୂଆଗାଁ ଛକ ନିକଟରେ ସୋମବାର ରାତିରେ ଏକ ବାଇକ ଭାରସାମ୍ୟ ହରାଇ କଲଭର୍ଟରେ ପିଟି ହୋଇଯିବାରୁ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇ କଟକରେ ଚିକିତ୍ସିତ ହେଉଛନ୍ତି। ମୃତକ ଦ୍ୱୟ ହେଲେ ଅଶୋକ ଦାସ(୩୬) ଓ ବଳରାମ ନାୟକ(୩୨)। ଆହତଙ୍କ ନାମ ଆନନ୍ଦ ନାୟକ। ସମସ୍ତଙ୍କ ଘର ବାଂଶଡା ଥାନା ଅଧୀନ ନଳଗୋହୀରା ଗ୍ରାମରେ। ସେମାନେ ନଳକୂପ ମିସ୍ତ୍ରି ଭାବରେ କାମ କରୁଥିଲେ।

ଏହି ୩ ଯୁବକ ଗୋଟିଏ ବାଇକରେ ବସି ମତୋରୁ ଘରକୁ ଫେରୁଥିବା ବେଳେ ବାଇକ କଲଭର୍ଟରେ ପିଟି ହୋଇ ଯିବାରୁ ସମସ୍ତେ ଛିଟିକି ପଡିଥିଲେ। ରାସ୍ତାରେ ଯାଉଥିବା ଅନ୍ୟ ପଥଚାରୀ ସେମାନଙ୍କୁ ଉଦ୍ଧାର କରି ଚାନ୍ଦବାଲି ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଅଶୋକଙ୍କର ମୃତ୍ୟୁ ହୋଇଯାଇଥିଲା। ଅନ୍ୟ ଦୁଇଜଣଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ସ୍ଥାନାନ୍ତର କରାଯାଇଥିଲା। ସୋମବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ବଳରାମ ନାୟକଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ପୋଲିସ ଦୁର୍ଘଟଣାର ତଦନ୍ତ କରୁଛି।

## ନୟନଯୋରିରୁ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ବାସୁଦେବପୁର/ପଦ୍ମପୁର, ୨୬।୧୧(ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁର-ଧାମରା ରାସ୍ତାର ବିଦେଇପୁର ଛକଠାରୁ ଅନତିଦୂରରେ ରାସ୍ତାକଡ଼ ନୟନଯୋରିରୁ ମଙ୍ଗଳବାର ସକାଳେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ବ୍ୟକ୍ତିଙ୍କର ଶବ ଦଳପୂର୍ଣ୍ଣ ନୟନଯୋରିରେ ପଡ଼ିଥିବାର ସକାଳେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ କଷିଆ ସାମୁଦ୍ରିକ ଥାନା ପୋଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ନୟନଯୋରି ଦଳ ମଧ୍ୟରୁ ମୃତଦେହକୁ ବାହାର କରାଯାଇଥିଲା।

ମୃତବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ। ତାଙ୍କ ବୟସ ପ୍ରାୟ ୬୦ ବର୍ଷ ହେବ। ଏହି ନୟନଯୋରି ନିକଟରେ ଏକ ଟର୍ଚ୍ଚ, ହଳେ ଜୋତା ମଧ୍ୟ ପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତବ୍ୟକ୍ତି ଜଣକ ଏକ ସ୍ୱେଟର, ଶାର୍ଟ ମଧ୍ୟ ପିନ୍ଧିଥିଲେ। ତାଙ୍କ କପାଳରେ ଏକ କ୍ଷତଚିହ୍ନ ଦେଖିବାକୁ ମିଳିଛି। ଏଣୁ ଏହା ଏକ ହତ୍ୟାକାଣ୍ଡ ହୋଇ ପାରେ ବୋଲି ସନ୍ଦେହ କରାଯାଉଛି। ଏହି ବ୍ୟକ୍ତିଙ୍କୁ କେହି ଅନ୍ୟତ୍ର ହତ୍ୟା କରି ଅପରାଧକୁ ଲୁଚାଇବାକୁ ଆଣି ଏଠାକାର ଦଳପୂର୍ଣ୍ଣ ନୟନଯୋରିରେ ମୃତଦେହକୁ ପକାଇ ଦେଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ କଷିଆ ସାମୁଦ୍ରିକ ଥାନା ଅଧିକାରୀ ବିଜୟ କୁମାର ମୁର୍ମୁଙ୍କୁ ପଚାରିବାରୁ କହିଛନ୍ତି, ପୋଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା(ନଂ ୧୫/୧୯) ରୁଜୁ କରି ଅପରାହ୍ନରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇ ଅଧିକ ତଦନ୍ତ ଜାରି ରଖିଛି।

## ଆଲମିରା କମ୍ପାନୀରେ ଲିଫ୍ଟ ଛିଣ୍ଡି ଶ୍ରମିକ ଗୁରୁତର

**ସମ୍ବଲପୁର,୨୬।୧୧(ବ୍ୟୁରୋ)**

ସମ୍ବଲପୁର ଧନୁପାଲି ଥାନା ନକ୍ସପାଲି ଗ୍ରାମରେ ଥିବା ଶିବା ଷ୍ଟିଲ ଆଲମିରା କମ୍ପାନୀରେ ମଙ୍ଗଳବାର ଅପରାହ୍ନରେ ଲିଫ୍ଟ ଛିଣ୍ଡି ପଡିବାରୁ ଜଣେ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ଆହତ ଶ୍ରମିକ ଜଣକ ହେଲେ ନକ୍ସାପାଲି ଗ୍ରାମର ଶୁକଦେବ ଦାସ (୩୦)। ଏକ ନର୍ସିଂହୋମ୍‌ରେ ସେ ଚିକିତ୍ସିତ ହେଉଛନ୍ତି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଲିଫ୍ଟଯୋଗେ ସେ ଦ୍ୱିତୀୟ ମହଲାକୁ ଯାଉଥିଲାବେଳେ ଲିଫ୍ଟର ତାର ଛିଣ୍ଡି ଯାଇଥିଲା। ଫଳରେ ଲିଫ୍ଟଟି ତଳେ ପଡି ଯାଇଥିଲା। ତେବେ ସ୍ଥାନୀୟ ଲୋକ ଏଥିପାଇଁ କମ୍ପାନୀକୁ ଦାୟୀ କରିଛନ୍ତି। ସମ୍ପୃକ୍ତ କମ୍ପାନୀ ଶ୍ରମିକମାନଙ୍କ ପାଇଁ କୌଣସି ସୁରକ୍ଷା ବ୍ୟବସ୍ଥା କରିନାହିଁ। ବୀମା ଓ ଅନ୍ୟାନ୍ୟ ସୁବିଧା ମଧ୍ୟ ଯୋଗାଇ ଦେଉ ନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି।



ଦେବଗଡ଼ରେ ସଚେତନତା ରାଲିକୁ ଜିଲା ଜଜ୍ ସୁଦୀପ୍ତ ଆଚାର୍ଯ୍ୟ ଉଦ୍‌ଘାଟନ କରୁଛନ୍ତି।

### ■ ଆଇନ ସେବା ପ୍ରାଧିକରଣ ତରଫରୁ ସମ୍ବିଧାନ ଦିବସ ପାଳନ

## ସହର ପରିକ୍ରମା କଲା ସଚେତନତା ରାଲି

**ଦେବଗଡ.୨୬।୧୧(ଡି.ଏନ.ଏ)**

ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ସମ୍ବିଧାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ଦେବଗଡ ଜିଲା କୋର୍ଟ ପରିସରରେ ଜିଲାଜଜ୍ ସୁଦିପ୍ତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଚାର ବିଭାଗ ଅଧିକାରୀ, ଆଇନଜୀବୀ, ଜିଲା ଆଇନ୍ ସେବା ପ୍ରାଧିକରଣ କର୍ମକର୍ତ୍ତା ଏବଂ ପାରା ଲିଗାଲ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଭାରତର ସମ୍ବିଧାନର ମୁଖବନ୍ଧ ପାଠ କରାଯାଇଥିଲା। ଏହାପରେ ପାରାଲିଗାଲ୍ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସମ୍ବିଧାନର ମୌଳିକ କର୍ତ୍ତବ୍ୟଗୁଡିକୁ ସୁଚାରୁରୂପେ ପାଳନ କରିବା ନିମନ୍ତେ ଏକ ସଚେତନ ରାଲି ଜିଲ୍ଲା କୋର୍ଟ ପରିସରରୁ ବାହାରି ଦେବଗଡ ସହରର ପରିକ୍ରମା କରିଥିଲା । ଜିଲା ବାର୍ ଆସୋସିଏଶନ୍‌ଠାରେ ଆଇନ୍‌ଜୀବୀମାନଙ୍କୁ ନେଇ ସମ୍ବିଧାନ ଦିବସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲାଜଜ୍ ଆଚାର୍ଯ୍ୟଙ୍କ ସମେତ ଅତିରିକ୍ତ ଜିଲାଜଜ୍ ସସ୍ମିତା ପାଢୀ, ସିଜେଏମ୍ ଇତିଶ୍ରୀ ମାଳବିକା ଭୂୟାଁ, ରେଜିଷ୍ଟ୍ରାର ରମାକାନ୍ତ ମହାନ୍ତି, ସବ୍‌ଜଜ୍ ମିସ୍.ଶିବାନୀ, ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ପ୍ରିୟରଞ୍ଜନ ମିଶ୍ର, ଏସ୍‌ଡିଜେଏମ୍ ସୌଦାମିନୀ ବିଶ୍ୱାଳ, ଜେଏମ୍‌ଏସସି ଶ୍ରୁଷ୍ଟି ସାମନ୍ତ, ଜେଏମ୍‌ଏସସି (ଏଲ୍.ଆର୍) ପ୍ରଣତି ପଟେଲ୍, ଜିଲ୍ଲା ବାର୍ ଆସୋସିଏଶନ ସଭାପତି ରାଜୀବ ଲୋଚନ ପ୍ରଧାନ, ସମ୍ପାଦକ ତରଣୀକାନ୍ତ ଦାଶ, ବରିଷ୍ଠ ଆଇନ୍‌ଜୀବୀ ମନୋଜ ପାଢୀ, ଦିଲୀପ କୁମାର ଗୁରୁ ଉପସ୍ଥିତ ଥିଲେ ।

## ଫଟୋରେ ଖବର








ଇଣ୍ଡୋନେସିଆର ଜାକର୍ତ୍ତାଠାରେ ଆଇଏଫଏଫ ମିସ୍ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଫାଇନାଲରେ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ପ୍ରତୀକ୍ଷା ମିଶ୍ରଙ୍କୁ ସମ୍ବଲପୁର ପ୍ରେସ୍ କ୍ଲବଠାରେ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି (ବାମ)। ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ବଟେମୁରା ପଞ୍ଚାୟତ ସୁର୍ଡା ଗ୍ରାମରେ କିଡ୍‌ନୀ ରୋଗ ନିରାକରଣ ଦାବିରେ ମଙ୍ଗଳବାର ଗ୍ରାମବାସୀ ଜିଲାପାଳଙ୍କ ଅଫିସକୁ ଅଭିଯୋଗ କରିବାକୁ ଆସିଛନ୍ତି (ମଝି)। ସମ୍ବିଧାନ ଦିବସ ଅବସରରେ ମଙ୍ଗଳବାର ସମ୍ବଲପୁର ଭୀମ୍ ଆର୍ମି ସଭ୍ୟମାନେ ସହର ପରିକ୍ରମା କରୁଛନ୍ତି ।







ମଙ୍ଗଳବାର ସମ୍ବଲପୁର ଲଜପତ ରାୟ ଆଇନ କଲେଜଠାରେ ଜାତୀୟ ଆଇନ ଦିବସ ଆଲୋଚନାଚକ୍ରରେ ଅତିଥି ଓ କର୍ମକର୍ତ୍ତା (ବାମ) । ସମ୍ବଲପୁର ବିଶ୍ୱବିଦ୍ୟାଳୟର ଇଣ୍ଟିଗ୍ରେଟେଡ ବି.ଏଡ୍ ଓ ଏମ.ଏଡ୍ ଛାତ୍ରୀଛାତ୍ର ବିଭିନ୍ନ ଦାବି ନେଇ ମଙ୍ଗଳବାର ଜିଲାପାଳଙ୍କ ଅଫିସକୁ ଅଭିଯୋଗ କରିବାକୁ ଆସିଛନ୍ତି ।

# ପନିପରିବା ଚାଷରେ ସବୁଜଗୃହ



ପ୍ରୀତିଲଗ୍ନା ଧଳ





ବର୍ତ୍ତମାନ ଓଡ଼ିଶା ତଥା ଭାରତବର୍ଷରେ ଜନସଂଖ୍ୟା କ୍ରମାଗତ ଭାବରେ ବଢ଼ି ବଢ଼ି ଚାଲିଛି। ବାସଭୂମି ତଥା କଳକାରଖାନା ନିର୍ମାଣ ପାଇଁ ଚାଷଭୂମିଗୁଡ଼ିକ ମଧ୍ୟ ଧୀରେ ଧୀରେ ଲୋପ ପାଇ ବସିଲାଣି। ତେଣୁ ବହୁମାତ୍ରାରେ ଜନସଂଖ୍ୟାକୁ ଖାଦ୍ୟ ଯୋଗାଇବା ପାଇଁ ତଥା ହେକ୍ଟର ପିଛା ଫସଲର ଉତ୍ପାଦନ କ୍ଷମତା ବଢ଼ାଇବାକୁ ଆମେ ଅଦିନିଆ ପରିବା ଚାଷ, ତଥା ଆମ ନିୟନ୍ତ୍ରଣରେ ପରିବା ଚାଷ କରିବା ପାଇଁ ଆଗଭର ହୋଇପଡୁଛେ ଯେଉଁଥିପାଇଁ ସବୁଜଗୃହ ଏକମାତ୍ର ଉପାୟ।

**ଉପାଦେୟତା:**

-ସବୁଜ ଗୃହ ମଧ୍ୟରେ ତାପମାତ୍ରା, ଆଲୋକ, ଆର୍ଦ୍ରତା ତଥା ଅଙ୍ଗାରକାମ୍ଳକୁ ନିୟନ୍ତ୍ରଣ କରିହେବ।

-ଫସଲର ଗୁଣାତ୍ମକ ମାନ ବଢ଼ା ଯାଇପାରିବ।

-ଫସଲରେ ରୋଗ ଓ ପୋକର ପରିମାଣ ବହୁତ ଭାବେ କମିଯିବ।

-ଉଚ୍ଚଗୁଣ ତଥା ମୂଲ୍ୟର ପରିବାଗୁଡ଼ିକ ରାଜ୍ୟ ତଥା ଦେଶ ବାହାରକୁ ରପ୍ତାନି କରିହେବ।

-ବିଭିନ୍ନପ୍ରକାର ସବୁଜଗୃହ ବିଭିନ୍ନ ପ୍ରକାର ପରିବେଶରେ ରାଜ୍ୟର ବର୍ଷାର ସ୍ଥିତି, ଭୌଗୋଳିକ ପରିସ୍ଥିତି ଏବଂ ଅଧିକ ଥଣ୍ଡା ପଡୁଥିବା ପାହାଡ଼ିଆ ଅଞ୍ଚଳରେ ମଧ୍ୟ ଚାଷ କରାଯାଇପାରିବ।

-ଉନ୍ନତ ମାନର ଚାରା ଗଛ ତଥା ଟିସୁକଲ୍‌ଚର୍ ଉତ୍ପାଦନ କରାଯାଇପାରିବ।

-ସବୁଜଗହ୍ଠ ମଧ୍ୟରେ ସୂର୍ଯ୍ୟକିରଣ ସିଧାସଳଖ ପଡୁ ନ ଥିବାରୁ ବାଷ୍ପୀକରଣ ପ୍ରକ୍ରିୟା କମିଯାଏ, ତେଣୁ ଜଳସେଚନର ଆବଶ୍ୟକତା ମଧ୍ୟ କମିଯାଏ।

-ସବୁଜ ଗୃହ ଷ୍ଟିଲ୍, କାଠ, ବାଉଁଶ ବା ଆଲୁମିନିୟମ୍ ଫ୍ରେମ୍ ତିଆରି ହୋଇ ପରଦାରେ ଢଙ୍କା ଯାଇଥାଏ। ତେଣୁ ୩୦-୭୫ ପ୍ରତିଶତ ତାପଶକ୍ତି ସବୁଜଗୃହ ମଧ୍ୟରେ ରହିଥାଏ। ତେଣୁ ସବୁଜଗୃହର ଉତ୍ତାପ, ବାହାର ଉତ୍ତାପ ଠାରୁ ବଢ଼ିଯାଏ। ୧୫-୩୦ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ଏବଂ ୬୦-୭୫% ଆପେକ୍ଷିକ ଆର୍ଦ୍ରତା ରହିଥାଏ।

**ବିଭିନ୍ନ ପ୍ରକାରର ସବୁଜ ଗୃହ:**

୧. ଅଳ୍ପ ଖର୍ଚ୍ଚ ବା ସ୍ୱଳ୍ପ ବୈଷୟିକ ପଦ୍ଧତି ସବୁଜଗୃହ:

-ଏହା କାଠ ବା ବାଉଁଶରେ ତିଆରି ହୋଇଥାଏ

-ପଲିଥିନ୍ ଘୋଡ଼ଣି ଭାବରେ ବ୍ୟବହାର କରାଯାଏ

-ଏହା ଉପରେ ପୁନଃ ବାଲିକାର ବ୍ୟବହାର କରାଯାଇ ଆଲୋକର ପରିମାଣକୁ କମ୍ କରାଯାଇପାରେ

-ଏହା ଫସଲକୁ ବର୍ଷା ଦାଉରୁ ରକ୍ଷା କରେ

-ଉତ୍ତାପ ମଧ୍ୟ ବଢ଼ାଇଥାଏ

-ବର୍ଗମିଟର ପିଛା ୨୫୦ରୁ ୪୫୦ ଟଙ୍କା ଖର୍ଚ୍ଚ ହୁଏ।

୨. ମଧ୍ୟମ ଖର୍ଚ୍ଚ ବା ମଧ୍ୟମ ବୈଷୟିକ ଭିତ୍ତିକ ସବୁଜ ଗୃହ:

-ଏହା ଗାଲ୍‌ଭାନାଇଜଡ୍ ଆଇରନ୍ ପାଇପ ଦ୍ୱାରା ପ୍ରସ୍ତୁତ ହୋଇଥାଏ

-ପଲିଥିନ ଘୋଡ଼ଣୀ ମଧ୍ୟ ଦିଆଯାଇଥାଏ

-ଏହା ଶୁଷ୍କ ଜଳବାୟୁ ପାଇଁ ଉପଯୁକ୍ତ

-ବର୍ଗମିଟର ପିଛା ୭୫୦/-ରୁ ୧୦୦୦/- ଖର୍ଚ୍ଚ ହୁଏ।

୩. ଉଚ୍ଚ ଖର୍ଚ୍ଚ ବା ବୈଷୟିକଭିତ୍ତିକ ସବୁଜ ଗୃହ

-ସ୍ୱୟଂଚାଳିତ ନିୟନ୍ତ୍ରଣ ବ୍ୟବସ୍ଥା, କମ୍ପ୍ୟୁଟର ଓ ବିଭିନ୍ନ ପ୍ରକାର ସେନ୍‌ସର ଦ୍ୱାରା ସମ୍ଭବ। ଯେକୌଣସି ଜଳବାୟୁରେ ଏହା ଉପଯୁକ୍ତ। ୧୫୦୦/-ରୁ ୨୦୦୦/- ପ୍ରତି ବର୍ଗମିଟର ପିଛା ଖର୍ଚ୍ଚ ହୋଇଥାଏ।

- ଓୟୁଏଟି, ଭୁବନେଶ୍ୱର

## ସଜନା



ଆମ ରାଜ୍ୟର ଜଳବାୟୁରେ ଡିସେମ୍ବର ମାସ ପର୍ଯ୍ୟନ୍ତ ସଜନା ଗଛ ଲଗାଯାଇପାରିବ। ପି.କେ. ଏମ୍ -୧ କିସମ ଲଗାନ୍ତୁ। ଏକରକୁ ଅଢେଇ ଶହ ଗ୍ରାମ୍ ବିହନ ଦରକାର। ମଞ୍ଜିକୁ ସିଧା ଗାତରେ ଲଗାନ୍ତୁ ବା ଜରି ମୁଣାରେ ଚାରା ତିଆରି କରନ୍ତୁ। ୨.୫ x ୨.୫ ମିଟର ଦୂରତାରେ ୦.୪୫ x ୦.୪୫ x ୦.୪୫ ମିଟର ଗାତ କରନ୍ତୁ। ଗାତ ପ୍ରତି ୧୦ କେଜି ଖତ ଓ ୧୦୦ ଗ୍ରାମ୍ ନିମ୍ବ ପିଡିଆ ଦେଇ ମଞ୍ଜି ଲଗାନ୍ତୁ କିମ୍ବା ୧୦ x ୫ ସେମି ଜରି ମୁଣାରେ ତିଆରି ୪୦ ଦିନର ତଳି ପୋତନ୍ତୁ।

## ଗେଣ୍ଡୁ ଫୁଲର ଉନ୍ନତ କିସମ



ଶୀତଦିନିଆ ଗେଣ୍ଡୁଫୁଲ ଚାଷ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଉନ୍ନତ କିସମ ବିହନ ଯଥା ଆଫ୍ରିକାନ୍ ଜାଏଣ୍ଟ୍ ଡବଲ ୟେଲୋ, ଡବଲ ଅରେଞ୍ଜ, ଫ୍ରେଞ୍ଚ୍ କିସମ ସେରାକୋଲା, ଏନ୍‌କା ୟେଲୋ ଓ ଏନ୍‌କା ଗୋଲ୍‌ଡ ଆଦି କିସମ ବ୍ୟବହାର କରନ୍ତୁ। ଏକର ପ୍ରତି ୬୦୦ ଗ୍ରାମ୍ ବିହନ ବ୍ୟବହାର କରନ୍ତୁ କିମ୍ବା ଗଛଖଣ୍ଡରୁ ଚାରା ପ୍ରସ୍ତୁତ କରି ଧାଡିକୁ ଧାଡି ୩୦ରୁ ୪୦ ସେମି ଓ ଗଛକୁ ଗଛ ୩୦ ସେମି ବ୍ୟବଧାନରେ ରଖନ୍ତୁ। ଏକର ପ୍ରତି ଶେଷ ଓଡ ଚାଷ ସମୟରେ ଅନୁମୋଦିତ ୪୦ କେଜି ଯବକ୍ଷାରଜାନର ଅଧା, ୮୦ କେଜି ଫସ୍‌ଫରସ୍ ଓ ୮୦ କେଜି ପଟାସ୍ ସାର ବ୍ୟବହାର କରନ୍ତୁ। ଗେଣ୍ଡୁ ଗଛରେ ହେଲିଓଥିସ୍ ଏବଂ ଆମେରିକୀୟ ପତ୍ର, ସୁଡଙ୍ଗକାରୀ ପୋକ ତଥା ଅଷ୍ଟପଦୀ ଲାଗିବାର ଆଶଙ୍କା ଅଛି। ଏଥିପାଇଁ ଏକର ପ୍ରତି ୪୦୦ ମିଲି ଏଣ୍ଡୋସଲ୍‌ଫାନ୍ ଏବଂ ଅଷ୍ଟପଦୀ ଦମନ ପାଇଁ ଏକର ପ୍ରତି ୬୦୦ ମିଲି ଡିକୋଫଲ୍ ସ୍ପ୍ରେ କରନ୍ତୁ।




ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଏରସମାବାସୀଙ୍କୁ ମୋର ଅଭିନନ୍ଦନ। ସମସ୍ତଙ୍କ ନିରାମୟ ଜୀବନ କାମନା କରୁଛି।

**ରଙ୍ଗାଧର ରାଉତ**

ଯୁବ ନେତା



ଏହି ପବିତ୍ର ଅବସରରେ ପ୍ରଭୁ ଜଗନ୍ନାଥଙ୍କ କୃପାରୁ ବାଲିକୁଦା-ଏରସମାବାସୀ ସୁଖ ସମୃଦ୍ଧି ଲାଭ କରନ୍ତୁ, ଏତିକି କାମନା।

**ଅନୀଲ କୁମାର ରାଉତ**

ସମିତି ସଭ୍ୟ, ସୋମପୁର



ଧରିତ୍ରୀ ସ୍ୱନକ୍ଷତ୍ର ଅବସରରେ ଏରସମାବାସୀଙ୍କ ଚଳାପଥ ପ୍ରଭୁଙ୍କ ଦୟାରୁ କୁସୁମିତ ହେଉ।

**ମହେଶ୍ୱର ସ୍ୱାଇଁ**

ଚେୟାରମ୍ୟାନ୍, ମକରଧ୍ୱଜ ଶିଳ୍ପ ତାଲିମ କେନ୍ଦ୍ର, ମକରଧ୍ୱଜ ପବ୍ଲିକ ସ୍କୁଲ

ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ ଏହାର ଅଗଣିତ ପାଠିକା ପାଠକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।




ହୋଟେଲ ଗରମା ଗରମ
ଟ୍ରାଫିକ୍ ଛକ, ବାରିପଦା



ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ କ.ନୂଆଗାଁ ବ୍ଲକର ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

**ସୁଲୋଚନା ଦଳବେହେରା**

ବ୍ଲକ ଅଧ୍ୟକ୍ଷା, କ.ନୂଆଗାଁ

ଓଡ଼ିଶାର ସର୍ବାଗ୍ରେ ରହିଥିବା ଦୈନିକ ଖବର କାଗଜ ଧରିତ୍ରୀର ୪୬ତମ ଜନ୍ମବାର୍ଷିକରେ

**ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ କୁନ୍ଦୁରା**

ଅଧ୍ୟାପକ, ଅଧ୍ୟାପିକା, ଅଧ୍ୟକ୍ଷା, ଅଧ୍ୟକ୍ଷ ଏବଂ ଛାତ୍ରୀଛାତ୍ରଙ୍କ ତରଫରୁ ଅଜସ୍ର ଶୁଭେଚ୍ଛା।

ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ ଏହାର ଅଗଣିତ ପାଠିକା ପାଠକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।



**ଇଂ କ୍ଷୀରୋଦ ବେହେରା**
ଅଧୀକ୍ଷଣ ଯନ୍ତ୍ରୀ, ନେସ୍କୋ, ମୟୂରଭଞ୍ଜ



ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ଚଳିତ ବର୍ଷ ଆମ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀମାନଙ୍କ ସଫଳତା ପାଇଁ ପ୍ରଭୁ ଜଗନ୍ନାଥଙ୍କଠାରେ ପ୍ରାର୍ଥନା।

**ସୁରେଶ ଚନ୍ଦ୍ର ପାଇଟାଳ**

ପ୍ରଧାନଶିକ୍ଷକ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁତୁତୁଲି



ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ କ.ନୂଆଗାଁ ବ୍ଲକ ତଥା କନ୍ଧମାଳ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

**କୃଷ୍ଣମୋହନ ପାଣିଗ୍ରାହୀ**

ଜିଲ୍ଲା ବିଜେଡି ସମ୍ପାଦକ



ଧରିତ୍ରୀ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାର ଓ ବାଲିକୁଦା-ଏରସମାବାସୀଙ୍କୁ ମୋର ଅଭିନନ୍ଦନ।

**ତପନ ଗଛାୟତ**

ଯୁବନେତା ତଥା ସରପଞ୍ଚ, ଜପା

**PINGALAKHI PUBLIC WELFARE ORGANISATION (PPWO)**

Admn. Office : At/P.O. - Nimapara (Jayashree Sqr.) , Dist-Puri, Pin - 752106, Odisha, India
Ph.No. - 06758-252065, 252952,
Mob : 09692421336, 09861006209
E-mail : pingalakhi@gmail.com, nppwo12345@gmail.com
Registered under the SRA, FCRA, PWD and NT ACT.

**Services Offered :-**

1. D. Ed. Spl. Ed. (HI), (VI) and (CP)
2. B. Ed. Spl. Ed. (HI) and (VI)
3. RD Higher Secondary School for the PwVD
4. School for the Deaf
5. Ekalavya Shiksha Kendra
6. Pingalakhi Seva Sadan
7. Therapeutic and Rehalitative Centre for Childrens with ID
8. A Centre for Children with Autism
9. Speech, Physiotherapy and Occupational Therapy

Sd./- President
Pingalakhi Public Welfare Organisation, Denua

**ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ରାୟଗଡ଼ା**

ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି କି ରାୟଗଡ଼ା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ କୌଣସି କାମ ଥିଲେ ଅନ୍‌ଲାଇନ୍ କରି କାଉଣ୍ଟରରେ ଥିବା କିରାଣିଙ୍କ ପାଖରେ କାଗଜପତ୍ର ଜମା କରନ୍ତୁ। କାମରେ କୌଣସି ଅସୁବିଧା ହେଲେ ଆର୍.ଟି.ଓ. କିମ୍ବା ଏମ୍.ଭି.ଆଇ.ଙ୍କୁ ଦେଖାକରି ସମସ୍ୟାର ସମାଧାନ କରନ୍ତୁ। କୌଣସି ଦଲାଲଙ୍କ ସହଯୋଗ ନିଅନ୍ତୁ ନାହିଁ କିମ୍ବା ରସିଦ୍‌ଠାରୁ ଅଧିକା ଟଙ୍କା କାହାକୁ ଦିଅନ୍ତୁ ନାହିଁ। ଜନସାଧାରଣ କିପରି ଶୀଘ୍ର ଓ ସୁରୁଖୁରୁରେ ଆର୍‌ଟିଓ ଅଫିସ୍‌ରେ କାର୍ଯ୍ୟ କରିପାରିବେ ସେଥିପାଇଁ ଆର୍‌ଟିଓ, ରାୟଗଡ଼ା ଓ ତାଙ୍କ ଷ୍ଟାଫ୍ ସମସ୍ତ ସହଯୋଗ କରିବା ପାଇଁ ବଦ୍ଧପରିକର ଅଟନ୍ତି।

**ଦିଲୀପ କୁମାର ଦଳେଇ**
ଆଞ୍ଚଳିକ ପରିବହନ ଅଧିକାରୀ, ରାୟଗଡ଼ା

— ଶୁଭେଚ୍ଛା —

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ଅନେକ ଶୁଭ କାମନା। ସତ୍ୟ ଓ ନିର୍ଭୀକ ଖବର ପରିବେଷଣ କରୁଥିବାରୁ ଧରିତ୍ରୀ ସବୁଠାରେ ଆଦୃତ ହୋଇପାରିଛି। ଏହାର ଉତ୍ତରୋତ୍ତର ଉନ୍ନତି କାମନା ପାଇଁ ମାଁ ସମଲେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା।



**ହରିଶ୍ଚନ୍ଦ୍ର ଦାସ**

(ସମ୍ପାଦକ), ଆଦର୍ଶ ଶିଶୁ ମନ୍ଦିର/ ଜାଗୃତୀ ବିଦ୍ୟାମନ୍ଦିର, ସମ୍ବଲପୁର

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।



**ଚକ୍ରମଣି କହଁର**

ବିଧାୟକ, ବାଲିଗୁଡ଼ା

> ଗୋଟିଏ ଦିନରେ ସୁପରଷ୍ଟାର ହୋଇପାରିବ ନାହିଁ। ତୁମକୁ ଉତ୍ଥାନ ଓ ପତନର ସମ୍ମୁଖୀନ ହେବାକୁ ପଡ଼ିବ। ଏହାହିଁ ଜୀବନ। ଯେତେ କଠିନ ପରିଶ୍ରମ କରିବ ସେହିଭଳି ଶ୍ରେଷ୍ଠ ହୋଇପାରିବ ।
> –ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ୍ କୋଚ୍



> ବିସିସିଆଇ ଅଧ୍ୟକ୍ଷ ଯେତେବେଳେ ଘରୋଇ କ୍ରିକେଟ୍‌କୁ ସୁଦୃଢ଼ କରିବାକୁ ଚାହୁଁଛନ୍ତି, ଆଶାକରୁଛି ଅମ୍ପାୟାରିଂ ଏହି କାର୍ଯ୍ୟକ୍ରମର ଏକ ଅଂଶବିଶେଷ ହେବ ।
> –ସାଇମନ ଟଫେଲ, କିମ୍ବଦନ୍ତୀ ଅମ୍ପାୟର



## ସଂକ୍ଷେପରେ

### ଓଡ଼ିଶା-କେରଳ ମ୍ୟାଚ୍ ଡ୍ର

**କଟକ ଅଫିସ, ୨୬।୧୧:** ପଶ୍ଚିମବଙ୍ଗର କଲ୍ୟାଣୀ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ସବଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିୟନଶିପ୍(ଫାଇନାଲ ରାଉଣ୍ଡ)ର ଓଡ଼ିଶା-କେରଳ ମ୍ୟାଚ୍ ଡ୍ର ରହିଛି। ନିର୍ଦ୍ଧାରିତ ସମୟ ସୁଦ୍ଧା ଉଭୟ ଦଳ ଦୁଇଟି ଲେଖାଏ ଗୋଲ ସ୍କୋର କରିଥିଲେ। ୪୦ତମ ମିନିଟରେ ଡି. ରକ୍ଷିତଙ୍କ ଗୋଲ ବଳରେ କେରଳ ପ୍ରଥମାର୍ଦ୍ଧରେ ଅଗ୍ରଣୀ ନେଇଥିଲା। ଦ୍ୱିତୀୟାର୍ଦ୍ଧର ୫୨ତମ ଓ ୫୩ତମ ମିନିଟରେ ମାନସିଂ ହେମ୍ବ୍ରମ ଓଡ଼ିଶା ପକ୍ଷରୁ ୨ଟି ଗୋଲ ସ୍କୋର କରି ଦଳକୁ ୨-୧ର ଅଗ୍ରଣୀ ଦେଇଥିଲେ। କେରଳ ପକ୍ଷରୁ ଏସ. ବିବେକ ୫୫ତମ ମିନିଟରେ ଏକ ଗୋଲ ଦେବା ଫଳରେ ମ୍ୟାଚ ସମାନ ସ୍ଥିତିରେ ପହଞ୍ଚିଥିଲା। ପରେ କୌଣସି ଗୋଲ ନହେବା ଯୋଗୁ ମ୍ୟାଚ୍‌ର ଫଳାଫଳ ନିର୍ଣ୍ଣୟ ହୋଇ ପାରି ନଥିଲା। ୨୮ରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ ମେଘାଳୟ ବିପକ୍ଷରେ ଖେଳିବ ।

### ଆଜିଠୁ ନାଲକୋ କପ୍ ବାସ୍କେଟବଲ୍

**କଟକ ଅଫିସ, ୨୬।୧୧:** ଓଡ଼ିଶା ବାସ୍କେଟବଲ ଆସୋସିଏଶନ(ଓବିଏ) ଓ ଟଟର୍ସ କ୍ଲବ ଆନୁକୂଲ୍ୟରେ ଗୁରୁବାରଠାରୁ ୬୧ତମ ରାଜ୍ୟ ସିନିୟର ବାସ୍କେଟବଲ ଚାମ୍ପିୟନଶିପ ନାଲକୋ କପ୍-୨୦୧୯ ଆରମ୍ଭ ହେବ। ୩୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଟୁର୍ନାମେଣ୍ଟର ବିଭିନ୍ନ ମ୍ୟାଚ୍ ବାରବାଟୀ ଷ୍ଟାଡିୟମ ଓ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଖେଳାଯିବ। ଉଭୟ ପୁରୁଷ ଓ ମହିଳା ବିଭାଗରେ ପ୍ରତିଯୋଗିତା ହେବ। ୩୦ଟି ପୁରୁଷ ଓ ୧୬ଟି ମହିଳା ଦଳ ଅଂଶ ଗ୍ରହଣ କରିବେ ବୋଲି ଓବିଏ ସମ୍ପାଦକ ଜ୍ଞାନ ରଞ୍ଜନ ପରିଡ଼ା ସୂଚନା ଦେଇଛନ୍ତି ।

### ଆଫଗାନିସ୍ତାନଠାରୁ ହାରିଲା ଭାରତ

ଲକ୍ଷ୍ନୌ, ୨୬।୧୧- ସ୍ଥାନୀୟ ଏକନା କ୍ରିକେଟ ଷ୍ଟାଡିୟମରେ ଭ୍ରମଣକାରୀ ଆଫଗାନିସ୍ତାନ ବିପକ୍ଷରେ ଅନୁଷ୍ଠିତ ୩ୟ ଯୁଥ୍ (୧୯ ବର୍ଷରୁ କମ୍) ଦିନିକିଆ ମ୍ୟାଚ୍‌କୁ ଭାରତ ୩ ଉଇକେଟ୍‌ରେ ହାରିଯାଇଛି। ପରାଜୟ ସତ୍ତ୍ୱେ ପ୍ରଥମ ୨ଟି ମ୍ୟାଚ୍‌କୁ ଯଥାକ୍ରମେ ୯ ଓ ୨ ଉଇକେଟ୍‌ରେ ଜିତିଥିବା ଭାରତ ସିରିଜରେ ୨-୧ରେ ଅଗ୍ରଣୀ ରହିଛି। ମଙ୍ଗଳବାର ଖେଳାଯାଇଥିବା ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ୧୯ ବର୍ଷରୁ କମ୍ ଦଳ ୪୯ ଓଭରରେ ୧୫୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଦୁଇ ଓପନର୍ ଦିବ୍ୟାଂଶ ସକ୍ସେନା (୨୪), ଅର୍ଜୁନ ଆଜାଦ (୧୨), ବିକ୍ରାନ୍ତ ଭରୋଦିଆ (୩୯) ଓ ଅଧିନାୟକ ଶୁଭଙ୍ଗ ହେଗ୍‌ଡେ (୪୬)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ପ୍ରତିପକ୍ଷ ବୋଲର ଆବିଦ ମହମ୍ମଦିଙ୍କୁ ସର୍ବାଧିକ ୪ ଉଇକେଟ୍ ମିଳିଥିଲା। ଜବାବରେ ଆଫଗାନିସ୍ତାନ ୧୯ ବର୍ଷରୁ କମ୍ ଦଳ ୪୬.୨ ଓଭରରେ ୭ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

# ଗ୍ୟାଲେରି ୭ ବାଦ୍, କମିଲା ୫୨୮୨ ଟିକେଟ

**କଟକ ଅଫିସ,୨୬।୧୧**

ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଭାରତ-ୱେଷ୍ଟଇଣ୍ଡିଜ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ କ୍ରମେ ପାଖେଇ ଆସିଛି। ସେଥିପାଇଁ ପ୍ରସ୍ତୁତିକୁ ଜୋରଦାର କରାଯାଇଛି। ମ୍ୟାଚ୍‌କୁ ସଫଳ ଭାବେ ଆୟୋଜନ କରିବାକୁ ବିଭିନ୍ନ ସ୍ତରରୁ ଚାଲିଛି ପ୍ରଚେଷ୍ଟା। ଏ ନେଇ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆୟୁକ୍ତଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଉପସ୍ଥିତ ରହି ଗ୍ୟାଲେରୀ ନଂ-୭ର ଟିକେଟ୍ ବିକ୍ରି କରାଯିବନି ବୋଲି ମତ ଦେଇଛନ୍ତି। ସରକାରୀ ଏଜେନ୍ସି ଏହି ଗ୍ୟାଲେରୀର ଅନୁଧ୍ୟାନ ଶେଷ କରିଛି। ଏଯାଏ ରିପୋର୍ଟ ଦେଇ ନାହିଁ। ତେଣୁ ଓସିଏ କୌଣସି ପ୍ରକାର ରିସ୍କ ନେବାକୁ ଚାହେଁନି ବୋଲି ସଞ୍ଜୟ କହିଛନ୍ତି। ବାରବାଟୀ ଷ୍ଟାଡିୟମରେ ଦର୍ଶକ କ୍ଷମତା ୪୩ହଜାର ୯୨୯ ରହିଥିବା ବେଳେ ଗ୍ୟାଲେରୀ ନଂ-୭ ବାଦ୍ ପଡ଼ିବ। ପରେ ୫୨୮୨ ଟିକେଟ୍ ସିଧାସଳଖ କମିଛି। ମ୍ୟାଚ୍ ଆୟୋଜନ ନେଇ ସମସ୍ତ ସରକାରୀ ଅଧିକାରୀଙ୍କ ସହ ଦୀର୍ଘ ସମୟ ଆଲୋଚନା କରାଯାଇଥିଲା। ପାର୍କିଂଠାରୁ ଆରମ୍ଭ କରି ଆମ୍ବୁଲାନ୍ସ ସେବା ଯୋଗାଇ ଦେବା ପର୍ଯ୍ୟନ୍ତ ବିଭିନ୍ନ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିରେ ବିଭିନ୍ନ ବିଭାଗର ଉଚ୍ଚପଦସ୍ଥ ସରକାରୀ ଅଧିକାରୀ ଯୋଗ ଦେଇଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନି, ସିଏମ୍‌ସି କମିଶନର ଅନନ୍ୟା ଦାସ, ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତିଙ୍କ ସମେତ ଓସିଏର ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।



### କପିଳ ଦେବ୍ ସ୍ୱତନ୍ତ୍ର ଅତିଥି

ଆସନ୍ତା ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭାରତର କିମ୍ବଦନ୍ତୀ କ୍ରିକେଟର ତଥା ଭାରତକୁ ପ୍ରଥମ ବିଶ୍ୱକପ ବିଜେତା କରାଇଥିବା ଅଧିନାୟକ କପିଳ ଦେବ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବେ। କପିଳଙ୍କ ସହ ଏ ନେଇ ଓସିଏ ପକ୍ଷରୁ ଆଲୋଚନା କରାଯାଇଥିବା ଜଣାପଡ଼ିଛି। କପିଳଙ୍କ କମ୍ପାନୀ ଦେବ ମସ୍କୋ ଏବେ ବାରବାଟୀର ଫ୍ଲଡଲାଇଟ ମରାମତି କରୁଛି। ମ୍ୟାଚ୍ ପୂର୍ବରୁ କପିଳ ବାରବାଟୀ ଆସିବାର କାର୍ଯ୍ୟକ୍ରମ ଥିଲା। ହେଲେ ମ୍ୟାଚ୍ ଦିନ ତାଙ୍କୁ ଅତିଥି ଭାବେ ଅଣାଯିବାକୁ ଓସିଏ ଚେଷ୍ଟା କରୁଥିବା କୁହାଯାଇଛି। ଏହାଛଡ଼ା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ମ୍ୟାଚ୍‌ରେ ଅତିଥି ଭାବେ ଯୋଗଦେବେ।

**ବାରବାଟୀ ଦିନିକିଆ**
**ଆଉ ୨୫ଦିନ**

### ସକାଳେ ୱେଷ୍ଟଇଣ୍ଡିଜ, ସନ୍ଧ୍ୟାରେ ଭାରତର ଅଭ୍ୟାସ

ଉଭୟ ଦଳ ୧୯ ତାରିଖ ମଧ୍ୟାହ୍ନରେ ଭୁବନେଶ୍ୱରରେ ପହଞ୍ଚିବେ। ୨୦ ଓ ୨୧ରେ ଉଭୟ ଦଳ ଅଭ୍ୟାସ ନିମନ୍ତେ ବାରବାଟୀକୁ ଆସିବେ ବୋଲି ଜଣାପଡ଼ିଛି। ଭାରତୀୟ ଦଳର ଅଭ୍ୟାସ ସମୟ ଅପରାହ୍ନ ୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସ୍ଥିର କରାଯାଇଥିବା ବେଳେ ୱେଷ୍ଟଇଣ୍ଡିଜ ଦଳ ସକାଳ ୯ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଅଭ୍ୟାସ କରିବ। କିଛି ନିର୍ଦ୍ଦିଷ୍ଟ ଗ୍ୟାଲେରୀରେ ଦର୍ଶକ ନେଟ୍ସ ସେସନ ଦେଖିବାର ବ୍ୟବସ୍ଥା ରହିବ।

### ଟିକେଟ ଦର ଅପରିବର୍ତ୍ତିତ

ପୂର୍ବରୁ ଯାହା ଟିକେଟ ଦର ଥିଲା, ଆସନ୍ତା ମ୍ୟାଚରେ ମଧ୍ୟ ସମାନ ରହିବ। ଟିକେଟ ଦରରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ବେଳେ କେବଳ ଏଥିରେ ଜିଏସଟି ଟ୍ୟାକ୍ସ ଯୋଡ଼ି ହୋଇଛି। ଟିକେଟରେ ସିଟ୍ ନମ୍ବର ଉଲ୍ଲେଖ ରହିବ।

| ଗ୍ୟାଲେରୀ | ଟିକେଟ୍ ଦର(ଟଙ୍କାରେ) |
|---|---|
| ୧ ଓ ୩ | ୬୦୦ |
| ୨ ଓ ୪ | ୫୦୦ |
| ୬ ନମ୍ବର | ୪୦୦ |
| ସ୍ପେଶାଲ ଏନକ୍ଲୋଜର | ୩୦୦୦ |
| ନ୍ୟୁ ପ୍ୟାଭିଲିୟନ | ୫୦୦୦ |
| କର୍ପୋରେଟ ବକ୍ସ | ୮୦୦୦ |
| ଏସି ବକ୍ସ | ୫୦୦୦ |

### ସ୍ୱତନ୍ତ୍ର ନିୟମ

- ୩ବର୍ଷରୁ ଅଧିକ ବୟସ ପିଲାଙ୍କ ପାଇଁ ଲାଗିବ ଟିକେଟ
- ପଲିଥିନ ବ୍ୟବହାର ମନା
- ଷ୍ଟାଡିୟମ ପରିସର ବାହାରକୁ ଗଲେ, ପୁନଃପ୍ରବେଶ ମନା
- ଦର୍ଶକ ପାଣି ପାଉଚ, ପାଣି ବୋତଲ, ଫଳ ସାମଗ୍ରୀ ନେଇ ପାରିବେନି
- ହେଲମେଟ୍, କାଚ, ବାଣ, ଦିଆସିଲ ନିଷେଦ୍ଧ

### ସଜେଇ ହେବ ରିଂ ରୋଡ୍

ଖେଳାଳିମାନେ ରିଂ ରୋଡ୍ ଦେଇ ଷ୍ଟାଡିୟମ ଭିତରକୁ ପ୍ରବେଶ କରିବେ। ସେମାନଙ୍କ ଯାତାୟାତ ପଥକୁ ସୁସଜ୍ଜିତ କରିବାର ଦାୟିତ୍ୱ ନେଇଛି କଟକ ମହାନଗର ନିଗମ(ସିଏମ୍‌ସି)। ସିଏମ୍‌ସି କମିଶନର ଅନନ୍ୟା ଦାସ ଉପସ୍ଥିତ ରହି ରିଂରୋଡ୍‌ର ବିଭିନ୍ନ ସ୍ଥାନ ମରାମତି କରାଯିବା ସହ ଏହାକୁ ସୁସଜ୍ଜିତ କରାଯିବ ବୋଲି କହିଛନ୍ତି।

### ୨୧.୭୧ କୋଟିର ଇନସ୍ୟୁରାନ୍ସ

ମ୍ୟାଚ୍ ପାଇଁ ମୋଟ ୨୧ କୋଟି ୭୧ ଲକ୍ଷ ୭୦ହଜାର ଟଙ୍କାର ଇନସ୍ୟୁରାନ୍ସ କରାଯାଇଥିବା ଜଣାପଡ଼ିଛି। ଏଥିରେ ଦର୍ଶକଙ୍କ ନିମନ୍ତେ ୭କୋଟି ଟଙ୍କାର ଇନସ୍ୟୁରାନ୍ସ ରହିଥିବା ବେଳେ ଅଗ୍ନିକାଣ୍ଡ କିମ୍ବା ଅନ୍ୟ ବିପଦ ନିମନ୍ତେ ରହିଛି ୮କୋଟି ଟଙ୍କାର ଇନସ୍ୟୁରାନ୍ସ। ୬କୋଟି ୭୧ଲକ୍ଷ ୭୦ହଜାର ଟଙ୍କା ଅପ୍ରତ୍ୟାଶିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ଇନସ୍ୟୁରାନ୍ସ କରାଯାଇଛି।

### ଖାଦ୍ୟ ଦର ଉପରେ ଲାଗିବ କଟକଣା

ଗ୍ୟାଲେରୀ ଗୁଡ଼ିକରେ ବିକ୍ରି ହେବାକୁ ଥିବା ଶୁଖିଲା, ରନ୍ଧା ଖାଦ୍ୟ ଦର ଉପରେ କଟକଣା ଲଗାଯିବ। ଭେଣ୍ଡରମାନେ ମନମୁଖୀ ଚଢ଼ା ଦରରେ ଏହାକୁ ବିକ୍ରି କରୁଥିବାର ଅଭିଯୋଗ ହୋଇଥିଲା। ଏ ନେଇ ଉପଜିଲାପାଳଙ୍କ ତତ୍ତ୍ୱାବଧାନରେ ଖାଦ୍ୟ ଦର ନିର୍ଦ୍ଧାରଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

## ଫିଫାର ପଡ଼ିଆ ନିରୀକ୍ଷଣ ଆରମ୍ଭ



**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ**

**କୋଲକାତା, ୨୬।୧୧ (ପି.ଟି.):** ଆସନ୍ତାବର୍ଷ ହେବାକୁଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ପାଇଁ ପଡ଼ିଆ ମଙ୍ଗଳବାର ନିରୀକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଛି। ଅଲିଭର ଭୋଗତଙ୍କ ନେତୃତ୍ୱରେ ଏକ ୮ ଜଣିଆ ଫିଫା ପ୍ରତିନିଧି ଦଳ ଏହି ନିରୀକ୍ଷଣ କାର୍ଯ୍ୟ ଆରମ୍ଭ କରିଛି। ଡିସେମ୍ବର ୧ ପର୍ଯ୍ୟନ୍ତ ଏହା ଚାଲିବ। ଆଗାମୀ ମେଗା ପ୍ରତିଯୋଗିତା ପାଇଁ ପଡ଼ିଆ ପ୍ରସ୍ତୁତି କାର୍ଯ୍ୟ କେତେ ଅଗ୍ରଗତି ଘଟିଛି ତାହା ଏହି ପ୍ରତିନିଧି ମଣ୍ଡଳୀ ଅନୁଧ୍ୟାନ କରି ରିପୋର୍ଟ ଦେବ। କୋଲକାତାରୁ ଏହି କାର୍ଯ୍ୟ ଆରମ୍ଭ ହୋଇଛି। "୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ ଯେପରି ସଫଳତାର ସହ ସମ୍ପନ୍ନ ହେବ ସେଥିପାଇଁ ସମସ୍ତେ ପରିଶ୍ରମ କରୁଥିବେ ବୋଲି ମୋର ବିଶ୍ୱାସ। ଆମେ ଏହି ପରିଭ୍ରମଣ ସମୟରେ ଷ୍ଟାଡିୟମ ଭିତ୍ତିଭୂମି ବ୍ୟତୀତ ପଡ଼ିଆକୁ ନିରୀକ୍ଷଣ କରିବୁ। ୨୦୧୭ରେ ୧୭ ବର୍ଷରୁ କମ୍ ପୁରୁଷ ଫିଫା ବିଶ୍ୱକପ ସଫଳତାର ସହ ଆୟୋଜିତ ହୋଇଥିଲା। ଏଥର ମଧ୍ୟ ତାହାର ପୁନରାବୃତ୍ତି ହେବା ଆଶା" ବୋଲି ଭୋଗତ କହିଛନ୍ତି। ବୁଧବାର କୋଲକାତାରେ ପଡ଼ିଆ ନିରୀକ୍ଷଣ ଶେଷ ହେବାପରେ ପ୍ରତିନିଧି ଦଳ ଗୁରୁବାର ଗୁଆହାଟୀ ଯିବ। ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ୨୦୨୦ ନଭେମ୍ବର ୨ରୁ ଅନୁଷ୍ଠିତ ହେବ।

## ମୃତ୍ୟୁର ୫ ବର୍ଷପରେ ହ୍ୟୁଗ୍ସଙ୍କୁ ପ୍ରଶଂସା

**ମେଲବୋର୍ନ,୨୬।୧୧(ପି.ଟି.):** ମୃତ୍ୟୁର ୫ ବର୍ଷ ପରେ ଫିଲିପ୍ ହ୍ୟୁଗ୍ସଙ୍କୁ ପୁଣି ମନେ ପକାଇଛି କ୍ରିକେଟ ଅଷ୍ଟ୍ରେଲିଆ। ଏକ ପ୍ରଥମଶ୍ରେଣୀ ଘରୋଇ କ୍ରିକେଟ ମ୍ୟାଚ୍ ଖେଳିବା ଅବସରରେ ଶର୍ଟ ପିଚ୍ ବଲ୍ ଦ୍ୱାର ଆହତ ହୋଇ ଅଷ୍ଟ୍ରେଲୀୟ କ୍ରିକେଟର ହ୍ୟୁଗ୍ସ ପ୍ରାଣତ୍ୟାଗ କରିଥିଲେ। ଏବେ ଶ୍ରାଦ୍ଧ ବାର୍ଷିକୀ ପୂର୍ବରୁ କ୍ରିକେଟ ଅଷ୍ଟ୍ରେଲିଆ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛି। ୨୦୧୪ ନଭେମ୍ବର ୨୫ ତାରିଖରେ ଦକ୍ଷିଣ ଅଷ୍ଟ୍ରେଲିଆ ତରଫରୁ ନ୍ୟୁ ସାଉଥ୍ ୱେଲ୍ସ ବିପକ୍ଷରେ ଶେଫିଲ୍ଡ ଶିଲ୍ଡ ମ୍ୟାଚ୍ ଖେଳିବା ଅବସରରେ ମାତ୍ର ୨୫ ବର୍ଷ ବୟସରେ ସେ ମୃତ୍ୟୁବରଣ କରିଥିଲେ। ସେ ହେଲ୍‌ମେଟ ପିନ୍ଧିଥିଲେ। ତେବେ ହେଲମେଟ୍ ତଳକୁ ବାମ କାନର ଠିକ୍ ତଳେ ବଲ୍ ବାଜିବା କାରଣରୁ ସେ ଅଚେତ୍ ହୋଇଯାଇଥିଲେ ଓ ଏହାର ୨ ଦିନ ପରେ ଏକ ସ୍ଥାନୀୟ ହସ୍ପିଟାଲରେ ମୃତ୍ୟୁ ବରଣ କରିଥିଲେ। ପ୍ରତିଦିନ ଆମେ ହ୍ୟୁଗ୍ସଙ୍କୁ ମନେ ପକାଉଛୁ ବୋଲି କ୍ରିକେଟ ଅଷ୍ଟ୍ରେଲିଆ ମୁଖ୍ୟ କାର୍ଯ୍ୟନିର୍ବାହୀ କେଭିନ୍ ରବର୍ଟ କହିଛନ୍ତି। ହ୍ୟୁଗ୍ସ ଅଷ୍ଟ୍ରେଲିଆ ପାଇଁ ୨୫ଟି ଟେଷ୍ଟ ଓ ୨୪ଟି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିଥିଲେ।

## ଭାରତୀୟ ଦଳରେ କାଳିଆ, ଲିଙ୍ଗରାଜ

**ଭୁବନେଶ୍ୱର, ୨୬।୧୧(କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଦଳ ନେପାଳ ବିପକ୍ଷରେ ଏକଦିବସୀୟ ଓ ଟି୨୦ କ୍ରିକେଟ ସିରିଜ ଖେଳିବ। ଡିସେମ୍ବର ୨ରୁ ୪ ପର୍ଯ୍ୟନ୍ତ ୩ ମ୍ୟାଚ ବିଶିଷ୍ଟ ଏକଦିବସୀୟ କାନପୁରରେ ଏବଂ ୬ରୁ ୮ ପର୍ଯ୍ୟନ୍ତ ୩ଟି ଟି୨୦ ଡେରାଡୁନ୍‌ରେ ଖେଳିବ। ଏହି ଦୁଇ ସିରିଜ ପାଇଁ ମଙ୍ଗଳବାର ୧୪ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ୧୦ ରାଜ୍ୟରୁ ବଛାବଛା ଖେଳାଳିଙ୍କୁ ଚୟନ କରାଯାଇଛି। ଏଥିରେ ୮ ନୂଆ ଖେଳାଳି ରହିଛନ୍ତି। ସେମାନଙ୍କ ମଧ୍ୟରେ ୫ ଜଣ ବି-୧, ଜଣେ ବି-୨ ଓ ୨ ଜଣ ବି-୩ କାଟେଗୋରି ଖେଳାଳି ସାମିଲ। ଭାରତୀୟ ଦଳରେ ୨ ଜଣ ଓଡ଼ିଶା ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ କାଳିଆ ପ୍ରଧାନ ଓ ଲିଙ୍ଗରାଜ ରାଉତରା। ଜନ ଡେଭିଡଙ୍କ ନେତୃତ୍ୱାଧୀନ ଚୟନ କମିଟି ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଆସୋସିଏଶନ ସଭାପତି ଜି.କେ. ମହନ୍ତେଶଙ୍କ ସହ ଆଲୋଚନା କରି ୨ ଜଣ ନୂଆ ଅଧିନାୟକ ନିଯୁକ୍ତ ଦେଇଛନ୍ତି। ଏକଦିବସୀୟ ପାଇଁ ସୁନୀଲ ରମେଶ ଓ ଟି୨୦ ସିରିଜ ପାଇଁ ଦୀପକ ମଲିକଙ୍କୁ ଅଧିନାୟକ କରାଯାଇଛି।

**ଭାରତୀୟ ଦଳ**

- **ବି-୧ କାଟେଗୋରି:** ବିଷ୍ଣୁ ବି., ମାଧବାଲୁ, ନିଲେଶ, ସୋଭେନ୍ଦ୍ର ଭଣ୍ଡାରୀ, କାଳିଆ ପ୍ରଧାନ।
- **ବି-୨ କାଟେଗୋରି:** ଅଜୟ କୁମାର ରେଡ୍ଡୀ, ଲୋକେଶ, ମହମ୍ମଦ ଇରଫାନ, ମହମ୍ମଦ ଫୈଜଲ(କେବଳ କାନପୁର ଦିନିକିଆ ପାଇଁ), ଭିନିତ କୁମାର(କେବଳ ଲୁଧିଆନା ଟି୨୦ ପାଇଁ)।
- **ବି-୩ କାଟେଗୋରି:** ସୁନୀଲ ରମେଶ, ଏ. ରବି, ଦୀପକ ମଲିକ, ରାହୁଲ ମହାଲେ, ଲିଙ୍ଗରାଜ ରାଉତରା।



କାଳିଆ ପ୍ରଧାନ



ଲିଙ୍ଗରାଜ ରାଉତରା

**ଦୃଷ୍ଟିହୀନ କ୍ରିକେଟ ସିରିଜ**

## ପ୍ରିମିୟର ବ୍ୟାଡମିଣ୍ଟନ ଲିଗ୍ ଖେଳାଳି ନିଲାମ
# ସିନ୍ଧୁ, ତାଇ ସବୁଠାରୁ ଦାମୀ

**ନୂଆଦିଲ୍ଲୀ,୨୬।୧୧(ପି.ଟି.)**

ପ୍ରିମିୟମ ବ୍ୟାଡମିଣ୍ଟନ ଲିଗ୍ (ପିବିଏଲ) ପଞ୍ଚମ ସଂସ୍କରଣ ପାଇଁ ଏଠାରେ ଖେଳାଳି ନିଲାମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଚାମ୍ପିୟନ ପି.ଭି. ସିନ୍ଧୁଙ୍କୁ ସର୍ବାଧିକ ୭୭ ଲକ୍ଷ ଟଙ୍କା ବିନିମୟରେ ହାଇଦ୍ରାବାଦ ହଣ୍ଟର୍ସ କ୍ରୟ କରିଛି। ସେହିପରି ବିଶ୍ୱର ୧ ନମ୍ବର ମହିଳା ଖେଳାଳି ଚାଇନିଜ୍ ତାଇପେଇର ତାଇ ଜୁ ୟିଙ୍ଗ୍ ମଧ୍ୟ ୭୭ ଲକ୍ଷ ଟଙ୍କାରେ ବିକ୍ରି ହୋଇଛନ୍ତି। ତାଙ୍କୁ ଗତ ସଂସ୍କରଣର ଚାମ୍ପିୟନ ବେଙ୍ଗାଲୁରୁ ରାପ୍ଟର୍ସ କ୍ରୟ କରିଛି। ତାଇକୁ କ୍ରୟ କରିବା ପାଇଁ ବେଙ୍ଗାଲୁରୁକୁ ପୁଣେ ୭ ଆସେସ୍ ସହ କଡ଼ା ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡିଥିଲା।

ସେହିପରି ଅନ୍ୟତମ ଭାରତୀୟ ତାରକା ବି. ସାଇ ପ୍ରଣୀତଙ୍କୁ ୩୨ ଲକ୍ଷ ଟଙ୍କା ବିନିମୟରେ ବେଙ୍ଗାଲୁରୁ ବଜାୟ ରଖିଛି। ସେହିପରି ବି. ସୁମୀତ ରେଡ୍ଡୀ ୧୧ ଲକ୍ଷ ଟଙ୍କା ବିନିମୟରେ ଚେନ୍ନାଇ ସୁପରଷ୍ଟାର୍ସ ଦଳରେ ସ୍ଥାନ ବଜାୟ ରଖିଛନ୍ତି। ସେହିପରି ଚିରାଗ ଶେଟ୍ଟୀ ୧୫.୫୦ ଲକ୍ଷ ଟଙ୍କା ବିନିମୟରେ ପୁଣେ ୭ ଆସେସ୍ ଦଳରେ ପୂର୍ବପରି ରହିଛନ୍ତି। ବିଶ୍ୱର ୯ ନମ୍ବର ମହିଳା ସିଙ୍ଗିଲ୍ସ ଖେଳାଳି ବେଇୱାନ ଝାଙ୍ଗ ୩୯ ଲକ୍ଷ ଟଙ୍କା ବିନିମୟରେ ଅବଧ ୱାରିୟର୍ସ ଦଳରେ ସ୍ଥାନ ବଜାୟ ରଖିଛନ୍ତି। ଜାତୀୟ ବ୍ୟାଡମିଣ୍ଟନ କୋଚ୍ ପୁଲେଲା ଗୋପୀଚାନ୍ଦଙ୍କ ଝିଅ ଗାୟତ୍ରୀ ଗୋପିଚାନ୍ଦଙ୍କୁ ଚେନ୍ନାଇ ସୁପରଷ୍ଟାର୍ସ କ୍ରୟ କରିଛି। ସେହିପରି ଆସାମର ଯୁବ ବ୍ୟାଡମିଣ୍ଟନ ଖେଳାଳି ଅସ୍ମିତା ଚଲିଆଙ୍କୁ ତାଙ୍କ ଘରୋଇ ଦଳ ନର୍ଥ ଇଷ୍ଟର୍ନ ୱାରିୟର୍ସ ୩ ଲକ୍ଷ ଟଙ୍କାରେ କ୍ରୟ କରିଛି।

ଏଥର ପିବିଏଲ୍ ପଞ୍ଚମ ସଂସ୍କରଣରେ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ନେହ୍ୱାଲ ଓ କିଡାମ୍ବୀ ଶ୍ରୀକାନ୍ତଙ୍କୁ ଖେଳୁଥିବାର ଦେଖିବାକୁ ମିଳିବ ନାହିଁ। ଅନ୍ତର୍ଜାତୀୟ କ୍ୟାରିୟରକୁ ଆଗକୁ ବଢ଼ାଇବା ପାଇଁ ଏହି ଦୁଇ ତାରକା ଏଥର ପିବିଏଲ୍‌ରୁ ଓହରିଯାଇଛନ୍ତି। ସାଇ ପ୍ରଣୀତ, ଲକ୍ଷ୍ୟ ସେନ ଓ ପୁରୁଷ ଡବଲ୍ସ ଯୋଡି ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟୀ ଏହି ନିଲାମରେ ସମିଲ ହୋଇଥିଲେ। ଜାନୁୟାରୀ ୨୦ରୁ ଫେବୃୟାରୀ ୯ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ଏହି ଲିଗ୍‌ରେ ମୋଟ ୭୪ ଜଣ ଭାରତୀୟ ଖେଳାଳି ସାମିଲ ରହିଛନ୍ତି। ୨୧ ଦିନଧରି ଚାଲିବାକୁ ଥିବା ଏହି ଲିଗ୍‌ର ମ୍ୟାଚ୍‌ଗୁଡିକ ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ ଓ ଲକ୍ଷ୍ନୌରେ ଖେଳାଯିବ।

ପ୍ରତ୍ୟେକ ଫ୍ରାଞ୍ଚାଇଜ୍ ୨ କୋଟି ଟଙ୍କା ଖର୍ଚ୍ଚ କରିପାରିବେ। ତେବେ ଜଣେ ଖେଳାଳିଙ୍କ ପାଇଁ ଦଳଗୁଡିକ ୭୭ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରିପାରିବେ ନାହିଁ। ପ୍ରତ୍ୟେକ ଦଳରେ ସର୍ବାଧିକ ୬ଜଣ ବିଦେଶୀ ଓ ଅତିକମ୍‌ରେ ୩ଜଣ ମହିଳା ଖେଳାଳି ସାମିଲ ରହିପାରିବେ। ପ୍ରତ୍ୟେକ ଦଳରେ ୧୧ରୁ ଅଧିକ ଖେଳାଳି ସାମିଲ ହୋଇପାରିବେ ନାହିଁ। ଲିଗ୍‌ର ଫର୍ମାଟରେ କୌଣସି ପରିବର୍ତ୍ତନ ହେବ ନାହିଁ। ପ୍ରତ୍ୟେକ ଟାଇ ୫ଟି ମ୍ୟାଚ୍ ସାମିଲ ହେବ। ଦୁଇଟି ପୁରୁଷ ସିଙ୍ଗଲ୍ସ, ଗୋଟିଏ ମହିଳା ସିଙ୍ଗଲ୍ସ, ଗୋଟିଏ ପୁରୁଷ ଡବଲ୍ସ ଓ ଗୋଟିଏ ମିକ୍ସଡ୍ ଡବଲ୍ସ ମ୍ୟାଚ୍ ଖେଳାଯିବ।



ପି.ଭି. ସିନ୍ଧୁ ଓ ତାଇ ଜୁ ୟିଙ୍ଗ୍।

**ଫ୍ରାଞ୍ଚାଇଜ୍ ତାଲିକା:** ଅବୋଧ ୱାରିୟର୍ସ (ଲକ୍ଷ୍ନୌ), ବେଙ୍ଗାଲୁରୁ ରାପ୍ଟର୍ସ (ବେଙ୍ଗାଲୁରୁ), ମୁମ୍ବାଇ ରକେଟ୍ସ (ମୁମ୍ବାଇ), ହାଇଦ୍ରାବାଦ ହଣ୍ଟର୍ସ (ହାଇଦ୍ରାବାଦ), ଚେନ୍ନାଇ ସୁପରଷ୍ଟାର୍ସ (ଚେନ୍ନାଇ), ନର୍ଥ ଇଷ୍ଟର୍ନ ୱାରିୟର୍ସ (ନର୍ଥ ଇଷ୍ଟ) ଓ ପୁଣେ ୭ ଏସେସ୍ (ପୁଣେ)।

## ଆର୍ଚରଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ
# ସୁରକ୍ଷା ବ୍ୟବସ୍ଥା କଡ଼ା କଲା ନ୍ୟୁଜିଲାଣ୍ଡ

**ୱେଲିଂଟନ,୨୬।୧୧(ଏଏଫ୍‌ପି)**

ହାମିଲଟନରେ ଆଗକୁ ଖେଳାଯିବାକୁ ଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ନ୍ୟୁଜିଲାଣ୍ଡ କ୍ରିକେଟ ସୁରକ୍ଷା ତଥା ନିରାପତ୍ତା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିଛି। ମାଉଣ୍ଟ ମାନୁଗାନୁଇରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ଖେଳିବା ଅବସରରେ ଇଂଲଣ୍ଡ ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କୁ ଗ୍ୟାଲେରୀରେ ଉପସ୍ଥିତ କେତେକ ଦର୍ଶକ ବର୍ଣ୍ଣବୈଷମ୍ୟ ଆକ୍ଷେପ କରିଥିଲେ। ଏଭଳି ଆକ୍ଷେପ ଗ୍ରହଣୀୟ ନୁହେଁ ଓ ଏହା ନିହାତି ଅଶୋଭନୀୟ ବୋଲି ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ କହିଛନ୍ତି। ସିସିଟିଭି ଫୁଟେଜରେ ଏମାନଙ୍କୁ ଚିହ୍ନଟ କରାଯିବା ପାଇଁ ପୋଲିସ ଚେଷ୍ଟା ଜାରି ରଖିଛି। ଚିହ୍ନଟ ହେଲେ ଏମାନଙ୍କୁ କ୍ରିକେଟ ଗ୍ରାଉଣ୍ଡରୁ ବାରଣ କରାଯିବ ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ ତରଫରୁ କୁହାଯାଇଛି।

ଏଭଳି ଘଟଣା ଦୁର୍ଭାଗ୍ୟଜନକ ଓ ଏହା ଆଦୌ ଗ୍ରହଣୀୟ ନୁହେଁ। ଏହାକୁ ଆମେ ବରଦାସ୍ତ କରିବୁ ନାହିଁ ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଡେଭିଡ୍ ହ୍ୱାଇଟ୍ କହିଛନ୍ତି। ପୂର୍ବରୁ ଆର୍ଚର ଟୁଇଟ କରି ଏ ନେଇ ଜଣାଇଥିଲେ। ବ୍ୟାଟିଂ କରୁଥିବା ବେଳେ କେତେକ ବର୍ଣ୍ଣବୈଷମ୍ୟ ଆକ୍ଷେପ କରିଥିଲେ ବୋଲି ସେ ଉଲ୍ଲେଖ କରିଥିଲେ। ଆଉଟ ହୋଇ ପ୍ୟାଭିଲିୟନ ଯାଉଥିବା ବେଳେ ଜଣେ ନ୍ୟୁଜିଲାଣ୍ଡ ପ୍ରଶଂସକ ମୋ ଦେହର ରଙ୍ଗ ନେଇ ଟିପ୍ପଣୀ ଦେଇଥିଲେ। ଏହି ଟେଷ୍ଟରେ ନ୍ୟୁଜିଲାଣ୍ଡ ଏକ ଇନିଂସ ଓ ୬୫ ରନରେ ବିଜୟୀ ହୋଇଥିଲା। ତେବେ ଏହି ଘଟଣା ବିଜୟକୁ ଫିକା କରିଦେଇଥିଲା। ତେବେ ଏଭଳି ଘଟଣାକୁ ରୋକିବା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବ ବୋଲି ହ୍ୱାଇଟ୍ ଜଣାଇଛନ୍ତି। ଆବଶ୍ୟକ ପଡିଲେ ଆର୍ଚରଙ୍କୁ ଆମେ କ୍ଷମା ମାଗିବାକୁ ପଛାଇବୁ ନାହିଁ ବୋଲି ସେ କହିଛନ୍ତି।

> ପ୍ରଥମ ଟେଷ୍ଟରେ ୪ ରନରେ ଆଉଟ୍ ହେବାପରେ ନିଜକୁ ଦଣ୍ଡସ୍ୱରୂପ ଟିମ୍ ବସରେ ନ ଯାଇ ୩ କିମି ଚାଲିକି ହୋଟେଲକୁ ଆସିଥିଲି ।
> –ଷ୍ଟିଭ ସ୍ମିଥ୍, ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ



> ଯଶପ୍ରୀତ୍ ବୁମ୍ରାଙ୍କ ବିନା ବର୍ତ୍ତମାନ ଭାରତୀୟ ଦଳର ଦ୍ରୁତ ବୋଲିଂ ବାହିନୀ ବିଶ୍ୱ କ୍ରିକେଟ୍‌କୁ ରୋମାଞ୍ଚିତ କରୁଛନ୍ତି ।
> –ଫିଲ୍ ସିମନ୍ସ, ପୂର୍ବତନ ୱେଷ୍ଟଇଣ୍ଡିଜ କ୍ରିକେଟର୍



## ସଂକ୍ଷେପରେ

### ଶବର କପ : ମା' ଭୁଆସୁଣୀ କ୍ଲବ ବିଜୟୀ

ଯାଁଳା,୨୬।୧୧(ଡି.ଏନ.ଏ.) : ଯାଁଳା ରାଧାଚରଣପୁର ଖେଳପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ଶବରକପ କ୍ରିକେଟ୍ ଟୁର୍ନାମେଣ୍ଟର ମଙ୍ଗଳବାର ମ୍ୟାଚ୍‌ରେ ଭୁବନେଶ୍ୱର ଏଜି ଓଡ଼ିଶା ଦଳକୁ ୧-୦ ଗୋଲ୍‌ରେ ପରାସ୍ତ କରି କଟକ ବିଡାନାସୀର ମା' ଭୁଆସୁଣୀ କ୍ଲବ ବିଜୟୀ ହୋଇଛି। ପ୍ରଥମାର୍ଦ୍ଧ ଖେଳର ୨୬ ମିନିଟ୍‌ରେ ମା' ଭୁଆସୁଣୀ ଦଳର ରାଜେଶ ନାୟକ ଦଳ ପକ୍ଷରୁ ଗୋଲ୍ ଦେଇଥିଲେ। ଦିଗ୍‌ବିଜୟ ଦାସ ରେଫରୀ ରହିଥିବା ବେଳେ ପ୍ରିୟବ୍ରତ ବାହିନୀପତି ଓ ଲକ୍ଷ୍ମୀପ୍ରସାଦ ଦାସ ଲାଇନ୍‌ରେ ସହାୟତା କରିଥିଲେ। ବୁଧବାର କଟକର ଦୁଇଦଳ ମା' ଭୁଆସୁଣି କ୍ଲବ ଓ ମଙ୍ଗଳା କ୍ଲବ ମଧ୍ୟରେ ପ୍ରଥମ ସେମିଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହେବ।

## ■ ନେହେରୁ କପ୍ ହକି ଫାଇନାଲରେ ହାତାହାତି ଘଟଣା

# ଓଡ଼ିଶାର ସୁମିତ ଗୁରୁତର ଆହତ

**ଭୁବନେଶ୍ୱର, ୨୬।୧୧ (କ୍ରୀଡ଼ା ପ୍ରତିନିଧି)**

ନୂଆଦିଲ୍ଲୀର ନ୍ୟାଶନାଲ ଷ୍ଟାଡିୟମରେ ସୋମବାର ଜାତୀୟ ସ୍ତରୀୟ ହକି ଟୁର୍ନାମେଣ୍ଟ ନେହେରୁ କପ୍‌ର ଫାଇନାଲ ଅବସରରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ପଞ୍ଜାବ ପୋଲିସ ଓ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ମଧ୍ୟରେ ଅନୁଷ୍ଠିତ ଫାଇନାଲ ଅବସରରେ ଆରମ୍ଭ ହୋଇଥିଲା ଗଣ୍ଡଗୋଳ। ପଞ୍ଜାବ ପୋଲିସ ଖେଳାଳିଙ୍କ ପକ୍ଷରୁ ଏହା ଆରମ୍ଭ ହୋଇଥିଲା ଏବଂ କିଛି ସମୟ ପାଇଁ ଖେଳ ପଡ଼ିଆ ରଣକ୍ଷେତ୍ରରେ ପରିଣତ ହୋଇଥିଲା। ଏଥିରେ ଶିକାର ହୋଇଥିଲେ ପିଏନ୍‌ବି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ସୁମିତ୍ ଟପ୍ପୋ। ପଞ୍ଜାବ ପୋଲିସ ଖେଳାଳିଙ୍କ ଆକ୍ରମଣରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କ ମୁଣ୍ଡର ଏକାଧିକ ସ୍ଥାନରେ କ୍ଷତ ହୋଇଥିବାରୁ ସେ ବର୍ତ୍ତମାନ ଚିକିତ୍ସିତଥିବା ଜଣାଯାଇଛି। ଓଡ଼ିଶା ସରକାର ହକିକୁ ପ୍ରୋତ୍ସାହନ ଯୋଗାଇ ଦେଇ ଆସୁଥିବାବେଳେ ରାଜ୍ୟ ବାହାରେ ଓଡ଼ିଶା ଖେଳାଳିଙ୍କୁ ଆକ୍ରମଣକୁ ନେଇ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ଖେଳାଳିଙ୍କ ଅଣଖେଳୁଆଡ଼ ମନୋଭାବ ଯୋଗୁ ରେଫରି ଉଭୟ ଦଳର ୩ ଲେଖାଏ ଖେଳାଳି ଓ ପଞ୍ଜାବ ପୋଲିସ ମ୍ୟାନେଜରଙ୍କୁ ରେଡ କାର୍ଡ ଦେଇଥିଲେ। ଫଳରେ ଅବଶିଷ୍ଟ ସମୟରେ ଦୁଇ ଦଳକୁ ୮ ଜଣ ଖେଳାଳିରେ ଖେଳିବାକୁ ପଡ଼ିଥିଲା। ଏଥିରେ ପିଏନ୍‌ବି ୬-୩ ବ୍ୟବଧାନରେ ମ୍ୟାଚ ଜିତି ଟାଇଟଲ ହାସଲ କରିଥିଲା। ହକି ଇଣ୍ଡିଆ ଘଟଣାକୁ ଗୁରୁତ୍ୱର ସହ ନେଇଛି। ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଟୁର୍ନାମେଣ୍ଟ ଆୟୋଜକଙ୍କୁ କୁହାଯାଇଛି। ରିପୋର୍ଟ ଆସିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ହକି ଇଣ୍ଡିଆ ସିଇଓ ଏଲିନା ନର୍ମାନ କହିଛନ୍ତି। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍ଆଇଏଚ୍) ମୁଖ୍ୟ ନରିନ୍ଦର ବାତ୍ରା ସମ୍ପୃକ୍ତ ଖେଳାଳି ଓ ଅଫିସିଆଲଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଘଟଣା ଘଟିଥିଲା ମ୍ୟାଚର ୪୩ତମ ମିନିଟରେ। ଉଭୟ ଦଳ ୩ଟି ଲେଖାଏ ଗୋଲ ଦେଇଥିବାରୁ ମ୍ୟାଚ ସଂଘର୍ଷପୂର୍ଣ୍ଣ ସ୍ଥିତିରେ ଥିଲା। ଏହି ସମୟରେ ପିଏନ୍‌ବି ଖେଳାଳିମାନେ ବଲ୍ ନେଇ ପଞ୍ଜାବ ପୋଲିସ ସର୍କଲରେ ପ୍ରବେଶ କରିଥିଲେ। ବଲ୍ ପାଇଁ ସଂଘର୍ଷ ଅବସରରେ ପଞ୍ଜାବ ପୋଲିସର ହରଦୀପ ସିଂ ଓ ପିଏନବିର ଓଡ଼ିଆ ଖେଳାଳି ସୁମିତଙ୍କ ମଧ୍ୟରେ ସାମାନ୍ୟ ଠେଲାପେଲା ହୋଇଥିଲା। ଏଥିରେ ହରଦୀପ ହଠାତ ରାଗିଯାଇ ସୁମିତଙ୍କ ଗୋଡ଼କୁ ହକି ଷ୍ଟିକ୍‌ରେ ପିଟିବାରେ ଲାଗିଥିଲେ। ସୁମିତ ପ୍ରତିରୋଧ କରିବାରୁ ପଞ୍ଜାବ ପୋଲିସ ପକ୍ଷରୁ ଅନ୍ୟ ଖେଳାଳିମାନେ ସୁମିତଙ୍କୁ ମିଳିତ ଆକ୍ରମଣ କରିଥିଲେ। ଫଳରେ ଉଭୟ ଦଳର ଖେଳାଳିଙ୍କ ମଧ୍ୟରେ ମାରପିଟ ଆରମ୍ଭ ହୋଇ ଯାଇଥିଲା। ହକି ଷ୍ଟିକ୍‌ରେ ଆଘାତ ପାଇଥିବା ସୁମିତଙ୍କ ମୁଣ୍ଡର କ୍ଷତସ୍ଥାନରେ ପାଖାପାଖି ୧୦ଟି ଷ୍ଟିଚ୍ ପଡ଼ିଥିବା ଜଣାଯାଇଛି। ସୁନ୍ଦରଗଡ଼ ଜିଲା ରାଇରଙ୍ଗପୁରର ସୁମିତ ଓଡ଼ିଶା ପକ୍ଷରୁ ଜୁନିୟର ସ୍ତରରେ ଅନେକ ଜାତୀୟ ସ୍ତରୀୟ ଟୁର୍ନାମେଣ୍ଟରେ ପ୍ରତିନିଧିତ୍ୱ କରିଛନ୍ତି।

### ସମ୍ପୃକ୍ତ ଖେଳାଳି ଓ ଦଳକୁ ବାସନ୍ଦ କରାଯାଉ

ଖେଳ ମଝିରେ ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି ଭାରତୀୟ ଦଳର ପୂର୍ବତନ ଅଧିନାୟକ ପ୍ରବୋଧ ତିର୍କୀ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ହଁ ଉତ୍ତେଜନା ସମୟରେ କଥା କଟାକଟି ହୋଇପାରେ, ମାତ୍ର ହକି ଷ୍ଟିକ୍‌ରେ ଆକ୍ରମଣ ଆଦୌ ଗ୍ରହଣୀୟ ନୁହେଁ। ଏଭଳି କାମ କରିଥିବା ଖେଳାଳିଙ୍କୁ ଏବଂ ପଞ୍ଜାବ ପୋଲିସକୁ ୧୦ ବର୍ଷ ପାଇଁ ବାସନ୍ଦ କରାଯିବା ଆବଶ୍ୟକ ବୋଲି ପ୍ରବୋଧ ମତ ଦେଇଛନ୍ତି।




ମୁଣ୍ଡରେ ଆଘାତ ପାଇଥିବା ଓଡ଼ିଆ ଖେଳାଳି ସୁମିତ ଟପ୍ପୋ।


## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବିଜୟ ଗୋପାଳ ନନ୍ଦ**
(ପୂର୍ବତନ ଓଡ଼ିଶା ପ୍ରଶାସନିକ ଅଫିସର)
ଗୋଇଲୁଣ୍ଡି, ମେନ୍ ରୋଡ୍, ବ୍ରହ୍ମପୁର
ଆବିର୍ଭାବ: ୨୫।୧୨।୧୯୪୯
ତିରୋଧାନ: ୧୭।୧୧।୨୦୧୯

ତୁମର ଅନୁପସ୍ଥିତି ଆମ ଜୀବନରେ ଅପୂରଣୀୟ କ୍ଷତି ଘଟାଇବା ସହ ଶୂନ୍ୟତା ଭରି ଦେଇଛି। ତୁମର ସ୍ମୃତି ଆମ ହୃଦୟରେ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ବିଦ୍ୟମାନ ହେବ। ପବିତ୍ର ଦ୍ୱାଦଶାହରେ ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ:**
ପୁଅ: ଚନ୍ଦନ (ଜିତୁ), ଝିଅ: ଶୁଭଶ୍ରୀ (ଜଲି), ଭାଇ: ଅଶୋକ ଓ ଗଙ୍ଗାଧର, ନାତିନାତୁଣୀ, ଝିଆରୀ, ପୁତୁରା ଓ ବନ୍ଧୁବର୍ଗ ।
ଧ-୬୬୬୨୫


















ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ନଭେମ୍ବର ୨୭/୨୦୧୯ Sambalpur, Wednesday, November 27 / 2019

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ପ୍ରଦୀପ



ପ୍ରସନ୍ନ



ଶ୍ରବଣ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

### ବଲାଙ୍ଗୀର ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ

# ସମନ୍ୱିତ ବିଏଡ୍, ଏମ୍ଏଡ୍ ଛାତ୍ରୀଛାତ୍ରଙ୍କ ଧାରଣା

**ବଲାଙ୍ଗୀର ଅଫିସ, ୨୬।୧୧**

ବଲାଙ୍ଗୀର ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ତିନିବର୍ଷିଆ ସମନ୍ୱିତ ବିଏଡ ଓ ଏମ୍ଏଡ ପଢୁଥିବା ଶତାଧିକ ଛାତ୍ରୀଛାତ୍ର ମଙ୍ଗଳବାର କଲେଜ ଗେଟ୍ ସମ୍ମୁଖରେ ଧାରଣାରେ ବସିଥିଲେ। ସରକାରଙ୍କ ଭୁଲ ନିଷ୍ପତ୍ତି ଯୋଗୁ ଯୋଗ୍ୟତା ହାସଲ ସତ୍ତ୍ୱେ ଏହି ଛାତ୍ରୀଛାତ୍ରମାନେ ଚାକିରିରୁ ବଞ୍ଚିତ ହେଉଥିବା କହିଥିଲେ । ସେମାନେ ଅଭିଯୋଗ କରିଥିଲେ, ସମନ୍ୱିତ ବିଏଡ୍, ଏମଏଡ୍ ପାଠ୍ୟଖସଡା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଏଡ୍ ଓ ଏମଏଡ୍ ପାଠ୍ୟଖସଡା ସହ ସମାନ ଓ ଏହା ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବୈଷୟିକ ଶିକ୍ଷା ଓ ଷ୍ଟେଟ୍ କାଉନସିଲ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଟ୍ରେନିଂ (ଏସ୍‌ସିଇଆରଟି) ଦ୍ୱାରା ପରିକଳ୍ପିତ। ମାତ୍ର ସମନ୍ୱିତ ବିଏଡ, ଏମ୍ଏଡ୍ ଯୋଗ୍ୟତାଧାରୀଙ୍କୁ ଏମ୍ଏଡ୍ ଯୋଗ୍ୟତା ବିଶିଷ୍ଟ ସରକାରୀ ନିଯୁକ୍ତି ଦେବାକୁ ରାଜ୍ୟ ସରକାରଙ୍କ ଅନୁମତି ମିଳିଥିବାବେଳେ ବିଏଡ୍ ଯୋଗ୍ୟତା ବିଶିଷ୍ଟ ସରକାରୀ ନିଯୁକ୍ତି ସମ୍ବନ୍ଧୀୟ ଯୋଗ୍ୟତା ପରୀକ୍ଷାରୁ ବଞ୍ଚିତ କରାଯାଉଛି । ଏହା ସହିତ ଟ୍ରେନ୍ଡ ଗ୍ରାଜୁଏଟ୍ ଟିଚର (ଟିଜିଟି) ଓ ପୋଷ୍ଟ ଗ୍ରାଜୁଏଟ୍ ଟିଚର (ପିଜିଟି) ପଦବୀରେ ନିଯୁକ୍ତିରୁ ବଞ୍ଚିତ କରାଯାଉଛି ।



ବଲାଙ୍ଗୀର ରାଜେନ୍ଦ୍ର କଲେଜ ଗେଟ୍ ସମ୍ମୁଖରେ ସମନ୍ୱିତ ବିଏଡ୍ ଓ ଏମ୍ଏଡ୍ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି ।

ଓଡିଶାର ୪ଟି ପ୍ରମୁଖ ଶିକ୍ଷା ଅନୁଷ୍ଠାନ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ସମନ୍ୱିତ ବିଏଡ୍ ଓ ଏମଏଡ୍ ପାଠ୍ୟକ୍ରମ ଚାଲିଛି । ଅଦ୍ୟାବଧି ଓଡିଶାରେ ଏହି ପାଠ୍ୟକ୍ରମରେ ୧ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇସାରିଛନ୍ତି ଏବଂ ସମସ୍ତ ଶିକ୍ଷା ଚୟନ ପରୀକ୍ଷାରୁ ଏହି ପାଠ୍ୟକ୍ରମର ଛାତ୍ରୀଛାତ୍ରମାନଙ୍କୁ ବଞ୍ଚିତ କରାଯାଇଛି। ଏ ନେଇ ବିଭିନ୍ନ ସମୟରେ ଯୋଗ୍ୟତାଧାରୀ ଛାତ୍ରୀଛାତ୍ରମାନେ ଏ ଦିଗରେ ଗଣଶିକ୍ଷା ବିଭାଗ ଓ ଉଚ୍ଚଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ।

ଚଳିତବର୍ଷ ଓଡିଶାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ୬ ଶହ ଛାତ୍ରୀଛାତ୍ର ଏହି ପାଠ୍ୟକ୍ରମରେ ପାଠ ପଢୁଛନ୍ତି। ସେମାନେ ଯୋଗ୍ୟତା ହାସଲ କରିବା ପରେ ସେମାନଙ୍କୁ ଯଦି ଚାକିରି ସୁଯୋଗ ମିଳିବ ନାହିଁ ତେବେ ସେମାନେ ଏହି ପାଠ୍ୟକ୍ରମ ପଢ଼ି କ'ଣ ଲାଭ ପାଇଲେ ବୋଲି ପ୍ରଶ୍ନ କରିଛନ୍ତି । ଏ ସଂକ୍ରାନ୍ତରେ ଛାତ୍ରୀଛାତ୍ରମାନେ ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ କୁମାର ସାହୁ, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି କ୍ରମରେ ସୋମବାର ରାଜେନ୍ଦ୍ର କଲେଜର ପ୍ରାୟ ୧୫୦ ଛାତ୍ରୀଛାତ୍ର କଲେଜ ଗେଟ୍ ସମ୍ମୁଖରେ ଧାରଣାରେ ବସିଥିଲେ । ଆଗାମୀ ଦିନରେ ସେମାନଙ୍କ ଦାବିପୂରଣ ନ ହେଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟହେବେ ବୋଲି ଚେତାବନୀ ଦେଇଛନ୍ତି । ଧାରଣାରତ ଛାତ୍ରୀଛାତ୍ରମାନେ ସେମାନଙ୍କ ୫ ଦଫା ସମ୍ବଳିତ ଦାବିପତ୍ରକୁ ରାଜେନ୍ଦ୍ର ଆଲୁମନି ଆସୋସିଏଶନ ସଭାପତି ଲଳିତ କୁମାର ନାୟକଙ୍କୁ ପ୍ରଦାନ କରି ଏ ନେଇ ଶିକ୍ଷା ବିଭାଗ ମନ୍ତ୍ରୀ ଓ ସଚିବ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଦାବି କରିଥିଲେ । ଏ ଦିଗରେ ମନ୍ତ୍ରୀ ଓ ସଚିବଙ୍କ ସହ ଆସୋସିଏଶନ ପକ୍ଷରୁ ଆଲୋଚନା କରାଯିବ ବୋଲି ନାୟକ ପ୍ରତିଶ୍ରୁତି ଦେଇଥିଲେ ।

## ଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର

**ବରଗଡ଼ ଅଫିସ୍,୨୬।୧୧**

ବରଗଡ଼ ସଦର ଥାନା ଅନ୍ତର୍ଗତ ଜି. ଡୁମ୍ବେରପାଲି ଗ୍ରାମର ଏକ ଗଛରୁ ମଙ୍ଗଳବାର ପୋଲିସ ଜଣେ ଲୋକଙ୍କ ମୃତଦେହକୁ ଉଦ୍ଧାର କରିଛି। ମୃତକ ହେଲେ ଉକ୍ତ ଗ୍ରାମର ମାଧବ ପାଣ୍ଡେ(୪୩)। ତେବେ କେଉଁ ପରିସ୍ଥିତିରେ ତାଙ୍କ ମୃତ୍ୟୁ ହୋଇଛି, ତାହା ଜଣାପଡ଼ି ନାହିଁ । ବରଗଡ଼ ସଦର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଜିଲା ମୁଖ୍ୟ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇ ଏହାର ତଦନ୍ତ କରୁଛି ।

## ଦେଶଭଟଲିରେ ବ୍ୟାପୁଛି ଝାଡ଼ାବାନ୍ତି

**ଅତାବିରା/ ଭେଡ଼େନ, ୨୬।୧୧**

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ଦେଶଭଟଲି ଗ୍ରାମରେ ଝାଡ଼ାବାନ୍ତି ବ୍ୟାପୁଛି। ଇତିମଧ୍ୟରେ ଝାଡାବାନ୍ତିରେ ୪ଜଣ ଅସୁସ୍ଥ ହୋଇ ପଡ଼ିଛନ୍ତି । ଅସୁସ୍ଥମାନେ ହେଲେ ଗଦାଧର ନାୟକ(୬୫), ସୁଶ ଭୋଇ(୬୦), ରାକେଶ ସେଣ(୨୩) ଏବଂ ସୁରୁବାବୁ ଦୀପ(୨୫) । ଗଦାଧରଙ୍କୁ ଭୀମସାର୍, ବୁର୍ଲା ଡାକ୍ତରଖାନା ଏବଂ ସୁଶଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଖବର ପାଇଁ ଭେଡ଼େନ ମେଡ଼ିକାଲ ଅଫିସର ଡା. ସୁଶାନ୍ତ କୁମାର କରଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗ୍ରାମକୁ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିବା ସୂଚନା ମିଳିଛି ।

### ଭିମ୍ସାରରେ ଉନ୍ନୟନ ସଚିବ ସୁରେଶ ମହାପାତ୍ର

# ରୋଗୀସେବା ବ୍ୟାହତ ନ କରିବାକୁ ପରାମର୍ଶ

**ସମ୍ବଲପୁର, ୨୬।୧୧ (ବ୍ୟୁରୋ)**

ସମ୍ବଲପୁର ବୁର୍ଲା ସ୍ଥିତ ଭିମ୍ସାରକୁ ମଙ୍ଗଳବାର ଉନ୍ନୟନ ସଚିବ ସୁରେଶ ମହାପାତ୍ର ଦିନିକିଆ ଗସ୍ତ କରି ପରିଦର୍ଶନ କରିଛନ୍ତି। ଏହି ଅବସରରେ ଭିମ୍ସାର ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ସେ ସମୀକ୍ଷା କରିଛନ୍ତି । ନିରାମୟ କେନ୍ଦ୍ର ସଂଖ୍ୟା ବୃଦ୍ଧି କରିବା ସହିତ ଯେଉଁ ସବୁ ଔଷଧ କାଉଣ୍ଟରରେ ମହଜୁଦ ନ ଥିବ ବାହାରୁ କିଣି ରୋଗୀଙ୍କୁ ଦେବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରୋଗୀସେବା ଯେଭଳି ପ୍ରଭାବିତ ନ ହେବ ସେ ଦିଗରେ ସମସ୍ତ ଡାକ୍ତର ଓ କର୍ମଚାରୀମାନେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ବହୁ ଦିନରୁ ଖାଲି ଥିବା ନେଫ୍ରୋଲୋଜି ବିଭାଗକୁ ଜଣେ ଡାକ୍ତରଙ୍କୁ ଡେପୁଟେସନ୍‌ରେ ଦିଆଯିବ ବୋଲି ସେ କହିଛନ୍ତି। ଭିମ୍ସାରରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାମ ଶୀଘ୍ର ସାରିବାକୁ ସେ ଜିଲାପାଳ ଶୁଭମ୍ ସକସେନାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖାଲି ପଡିଥିବା ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦଗୁଡିକ ପୂରଣ କରିବାକୁ କର୍ତ୍ତୃପକ୍ଷଙ୍କୁ କହିଥିଲେ । ଯଦି ଆବଶ୍ୟକ ପଡେ କର୍ତ୍ତୃପକ୍ଷ ବାହାରୁ ଅସ୍ଥାୟୀ ଭାବେ ଫାର୍ମାସିଷ୍ଟ ଓ ଅନ୍ୟ କର୍ମଚାରୀ ନିଯୁକ୍ତି ଦେଇପାରିବେ ବୋଲି ସଚିବ କହିଥିଲେ। ଏହି ଅବସରରେ କନିଷ୍ଠ ଡାକ୍ତର ସଂଘ (ଜେଡିଏ) ପକ୍ଷରୁ ବିଭିନ୍ନ ସମସ୍ୟା ଉପରେ ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଖୁବ୍ ଶୀଘ୍ର ଦାବିଗୁଡିକ ପୂରଣ କରାଯିବ ବୋଲି ସଚିବ କନିଷ୍ଠ ଡାକ୍ତର ସଂଘକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ସଚିବ ମହାପାତ୍ର କହିଛନ୍ତି ଯେ, ବୁର୍ଲା ମେଡିକାଲରେ ଥିବା ସମସ୍ୟା ଗୁଡିକ ସମ୍ପର୍କରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଯଥା ସମ୍ଭବ ସବୁ ସମସ୍ୟାର ସମାଧାନ କରାଯିବ। ସ୍ଥାୟୀ ନିର୍ଦ୍ଦେଶକ ପଦ ପାଇଁ ମଧ୍ୟ ବିଜ୍ଞାପନ ପ୍ରକାଶ ପାଇଛି । ହେଲେ ସେ ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ଜଣେ ଡାକ୍ତରଙ୍କୁ ନିର୍ଦ୍ଦେଶକ ପଦ ସମ୍ଭାଳିବାକୁ ଦାୟିତ୍ୱ ଦିଆଯାଇଛି ବୋଲି ସଚିବ ମହାପାତ୍ର କହିଥିଲେ ।



ଉନ୍ନୟନ ସଚିବ ସୁରେଶ ମହାପାତ୍ର ମଙ୍ଗଳବାର ବୁର୍ଲା ଭିମ୍ସାରରେ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରୁଛନ୍ତି।

# ପ୍ରଦୀପ କୁମାର ନୂଆ ଡିଆରଏମ

**ସମ୍ବଲପୁର, ୨୬।୧୧ (ବ୍ୟୁରୋ)**

ପୂର୍ବତଟ ରେଳବାଇର ସମ୍ବଲପୁର ରେଳ ମଣ୍ଡଳରେ ମଙ୍ଗଳବାର ନୂତନ ମଣ୍ଡଳ ରେଳ ପ୍ରବନ୍ଧକ (ଡିଆରଏମ୍) ଭାବେ ପ୍ରଦୀପ କୁମାର ଯୋଗ ଦେଇଛନ୍ତି। ଏହି ଅବସରରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି। ପ୍ରଦୀପ କୁମାର ଏହା ପୂର୍ବରୁ ଭାରତୀୟ ରେଳବାଇ ମେକାନିକାଲ ଓ ଇଞ୍ଜିନିୟରିଂ ପ୍ରତିଷ୍ଠାନରେ ବରିଷ୍ଠ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ। ସେ ଭାରତୀୟ ରେଳବାଇ ମେକାନିକାଲ ଇଞ୍ଜିନିୟରିଂ ସେବାର ୧୯୮୯ ବ୍ୟାଚର ଅଧିକାରୀ। ଦିଲ୍ଲୀ କଲେଜ ଅଫ୍ ଇଞ୍ଜିନିୟରିଂରୁ ସେ ମେକାନିକାଲ ଇଞ୍ଜିନିୟରିଂରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେ ୧୯୯୧ରେ ଭାରତୀୟ ରେଳବାଇରେ ଯୋଗ ଦେଇଥିଲେ। ପଶ୍ଚିମ ରେଳବାଇର ରତଲାମ, ଆଜମେର, କୋଟା, ମୁମ୍ବାଇ ମଣ୍ଡଳ ଓ ଦକ୍ଷିଣପୂର୍ବ ରେଳବାଇ କଲିକତାରେ ବିଭିନ୍ନ ପଦ ପଦବୀରେ କାର୍ଯ୍ୟ କରିଛନ୍ତି। ମାଲେସିଆ, ସିଙ୍ଗାପୁର ଓ ଚାଇନାରେ ରେଳବାଇ ସମ୍ବନ୍ଧୀୟ ପ୍ରଶିକ୍ଷଣ ନେଇଛନ୍ତି। ତେବେ ସମ୍ବଲପୁର ରେଳ ମଣ୍ଡଳର ସମସ୍ତ ବିକାଶମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯିବ ବୋଲି କୁମାର କହିଛନ୍ତି । ସୂଚନାଯୋଗ୍ୟ, ପୂର୍ବରୁ ଏଠାରେ ଜୟଦୀପ ଗୁପ୍ତା ଡିଆରଏମ୍ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ସ୍ଥାନରେ ପ୍ରଦୀପ କୁମାର ଯୋଗ ଦେଇଛନ୍ତି ।



ପ୍ରଦୀପ କୁମାର ।

## ଓଏସ୍ଓୟୁର ସମାବର୍ତ୍ତନ ଉତ୍ସବ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

**ସମ୍ବଲପୁର,୨୬।୧୧ (ବ୍ୟୁରୋ)**

ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍ଓୟୁ)ର ତୃତୀୟ ସମାବର୍ତ୍ତନ ଉତ୍ସବ ଆସନ୍ତା ୨୯ ତାରିଖରେ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଉତ୍ସବକୁ କିପରି ଆକର୍ଷଣୀୟ ଓ ଶୃଙ୍ଖଳିତ କରାଯିବ ସେ ନେଇ ବିଶ୍ୱବିଦ୍ୟାଳୟର ଅଧିକାରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଲାଗି ପଡିଛନ୍ତି । ଏହି ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ ପୌରୋହିତ୍ୟ କରିବେ । ଏହି କାର୍ଯ୍ୟକ୍ରମରେ ଡ. ବାବା ସାହେବ ଆମ୍ବେଡ଼କର ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଆମିୟ ଉପାଧ୍ୟାୟ ମୁଖ୍ୟଅତିଥି ଭାବେ ଯୋଗ ଦେବେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ଓ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ ବୋଲି ମଙ୍ଗଳବାର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।












Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଆମକୁ ପାପ କାର୍ଯ୍ୟ କରିବାରେ ଯିଏ ବାଧାଦିଏ,
ସେ ପ୍ରକୃତରେ ବନ୍ଧୁ।
- ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ସମ୍ବିଧାନ ଦିବସ ଅବସରରେ ଶପଥ ପାଠ

ପଦ୍ମପୁର, ୨୬।୧୧ (ଡି.ଏନ.ଏ)
ସମ୍ବିଧାନ ଦିବସ ପାଳନ ଅବସରରେ ମଙ୍ଗଳବାର ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭା ଗୃହରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ କାର୍ଯ୍ୟାଳୟର ଉପସ୍ଥିତ ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସମ୍ବିଧାନ ଦିବସର ଶପଥ ପାଠ କରାଇଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ବିର୍ସାମୁଣ୍ଡା ଜୟନ୍ତୀ, ସମ୍ବିଧାନ ଦିବସ ପାଳିତ

ଗାଇସିଲେଟ, ୨୬।୧୧ (ଡି.ଏନ.ଏ)
ଗାଇସିଲେଟ ବ୍ଲକ ଆଦିବାସୀ, ଦଳିତ ଓ ପଛୁଆ ବର୍ଗ ସେନା ତରଫରୁ କଲଙ୍ଗାପାଲିରେ ବିର୍ସାମୁଣ୍ଡା ଜୟନ୍ତୀ ଓ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ସଭାରେ ଓଡିଶା ଆଦିବାସୀ ଦଳିତ ସେନା ସଭାପତି ଗୋବର୍ଦ୍ଧନ ଭୋଏ ମୁଖ୍ୟଅତିଥି, ଶୁଭ୍ର ମୁନି ଅଭିଯାନ ସମିତି ସଭାପତି ରାଜ୍ୟ ସାଂସ୍କୃତିକ ସଂଯୋଜକ ଶ୍ରୀପତି କୁମାର, ଗୋବର୍ଦ୍ଧନ ଛତର, ରାଜ୍ୟ ଏମଏସୱାଇସି ସଭାପତି ଗୋପବନ୍ଧୁ ଶିକା, ପଦ୍ମପୁର ବ୍ଲକ ଅଧକ୍ଷ କୁମରମଣି ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ପଞ୍ଚାନନ ମହାନନ୍ଦ ସଭା ପରିଚାଳନା କରିଥିଲେ । ନୀଳମଣି ବରିହା ଧନ୍ୟବାଦ ଅର୍ପଣ କରିଥିଲେ ।

### ଦାସ, ଧୀବର ସମାଜର କର୍ମକର୍ତ୍ତା ଚୟନ

ବାଉଁଶୁଣୀ, ୨୬।୧୧ (ଡି.ଏନ.ଏ)
ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ମାଳିସାହି ବାସେଲି ମନ୍ଦିର ପରିସରରେ ମଙ୍ଗଳବାର ଦାସ, ଧୀବର ସମାଜର କର୍ମକର୍ତ୍ତା ଚୟନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ହନୁମାନ ବେହେରାଙ୍କ ଅଧକ୍ଷତାରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା ଓ ଅସ୍ଥାୟୀ କର୍ମକର୍ତ୍ତା ଚୟନ ହୋଇଥିଲା। ସଭାପତି ହନୁମାନ ବେହେରା, ଉପସଭାପତି ଶମ୍ଭୁପ୍ରସାଦ ବେହେରା, ସମ୍ପାଦକ ଭାବେ ଶେଷଦେବ ବେହେରା, ଗୋକୁଳା ବେହେରା, ମାରୁତି ବେହେରା, ଲାଲା ବେହେରା ପ୍ରମୁଖ ଚୟନ ହୋଇଥିଲେ । ଶେଷରେ ସୁରମଣି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

### ବରଗଡ଼ ୟୁନାଇଟେଡ୍ କ୍ଲବ ବିଜୟୀ

ବରଗଡ଼ ଅଫିସ୍,୨୬।୧୧
ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ବରଗଡ଼ର ୟୁନାଇଟେଡ୍ କ୍ଲବ ପ୍ରତିପକ୍ଷ ଜାଣ୍ଡୋଲକୁ ୨-୦ ଗୋଲରେ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଜାଣ୍ଡୋଲର ମଧ୍ୟ ବରିହା ଓ ରିଙ୍କୁ ଭୁଏ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିବାବେଳେ ପ୍ରତିପକ୍ଷର ଖେଳାଳିମାନେ ଗୋଲ ସ୍କୋର କରି ପାରି ନ ଥିଲେ । ଏହି ବିଜୟରେ ୟୁନାଇଟେଡ୍ କ୍ଲବର ସେମିଫାଇନାଲରେ ପ୍ରବେଶ କରିଛି। ଶ୍ରୀନିବାସ ରାଓ, ସୁରେଶ ବେହେରା, ଶୁଭମ ପାତ୍ର, ସନ୍ତୋଷ ଗଡ଼ତିଆ ମ୍ୟାଚ ପରିଚାଳନା କରିଥିଲେ। ବୁଧବାର ସାହାଜବାହାଲ ଓ କଳାପାଣି ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡ଼ିଛି ।

## ବରଗଡ଼ରେ ସମ୍ବିଧାନ ଦିବସ

# ସେବା ପାଇଁ ଶପଥ ନେଲେ

ବରଗଡ଼ ଅଫିସ୍,୨୬।୧୧

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ଅଧିକାରୀ, କର୍ମଚାରୀ ଯୋଗଦେଇ ଥିବାବେଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସେମାନଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟରେ ସ୍ୱଚ୍ଛତା ରଖି ଜନସାଧାରଣଙ୍କ ସେବା କରିବା ପାଇଁ ଅଧିକାରୀ, କର୍ମଚାରୀବୃନ୍ଦ ଶପଥ ଗ୍ରହଣ କରିଥିଲେ । ବିକାଶ ଡିଗ୍ରୀ କଲେଜ ଆଇନ ବିଭାଗ ଦ୍ୱାରା ମଙ୍ଗଳବାର ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଛି। ଏହି ଅବସରରେ ଆଡ଼ଭୋକେଟ୍ ଡଃ ରମାକାନ୍ତ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ବିକାଶ ଡିଗ୍ରୀ କଲେଜ ଆଇନ ବିଭାଗର କୋ ଅର୍ଡ଼ିନେଟର ଅଧ୍ୟାପକ ଶିବାନନ୍ଦ ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ସାମ୍ପ୍ରତିକ ସ୍ଥିତିରେ ସମ୍ବିଧାନର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିକାଶ ଗ୍ରୁପ୍ର ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ଛାତ୍ରୀଛାତ୍ରଙ୍କୁ ସମ୍ବିଧାନର ମୂଲ୍ୟବୋଧ ଉପରେ ଅବଗତ କରାଇବା ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ। ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ସମ୍ବିଧାନର ବିଚାରଧାରାକୁ ନିଜ ଜୀବନରେ ପ୍ରୟୋଗ କରିବା ସହିତ ଆଇନ ପାଠ୍ୟକ୍ରମର ମର୍ଯ୍ୟାଦାକୁ ବଞ୍ଚାଇ ରଖିବା ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ କୁମାର ପ୍ରଧାନ, ଆଇନ ବିଭାଗର ଅଧ୍ୟାପକ ନୟନଜ୍ୟୋତି ଦାସ, ଅଭିନନ୍ଦନ ଖୁଣ୍ଟିଆ, ଅଧ୍ୟାପିକା ତୁଳସୀ ରଏ, ସଂଘମିତ୍ରା ଆଚାଯର୍ୟ୍ୟ, ବିକାଶ ଡିଗ୍ରୀ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ସହଯୋଗ କରିଥିଲେ । ଅଧ୍ୟାପକ ଜୈମିନୀ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ସେହିପରି ବରଗଡ଼ ପଞ୍ଚାୟତ କଲେଜରେ ଅନୁଷ୍ଠିତ ସମ୍ବିଧାନ ଦିବସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଡଃ କମଳପ୍ରଭା କାପାନୀ, ଅଧ୍ୟାପକ ପତିତପାବନ ସାହୁ, ପ୍ରଭାସ କୁମାର ସାହୁ, ସୁବଳ ମେହେର, ଅଧ୍ୟାପିକା କ୍ରୀଷ୍ଟାରାଣୀ ସାସମଲ୍ ପ୍ରମୁଖ ଯୋଗଦେଇ ସମ୍ବିଧାନ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଅଧ୍ୟାପକ ସୁରେଶ ମାଝି ଧନ୍ୟବାଦ ଅର୍ପଣ କରିଥିଲେ । ବରଗଡ଼ ଜିଲା ଗଣ୍ଡା ସମାଜ ମହାସଂଘ ପକ୍ଷରୁ ଅନୁଷ୍ଠିତ ସମ୍ବିଧାନ ଦିବସ ପାଳନ କାର୍ଯ୍ୟକ୍ରମରେ ସଭାପତି ଚୈତନ୍ୟ ପାଇକଙ୍କ ନେତୃତ୍ୱରେ ଅମ୍ବାପାଲିସ୍ଥିତ ଡଃ ବି.ଆର ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମହାସଂଘର ସମ୍ପାଦକ ଧର୍ମରାଜ ବିଭାର, ଉପସଭାପତି ସୁରେନ୍ଦ୍ର ଭୋସାଗର, ସହ ସମ୍ପାଦକ ଟଙ୍କଧର ଭେସ୍ରା, ରାଧେଶ୍ୟାମ ଭେସ୍ରା, ପ୍ରହଲ୍ଲାଦ ଭେସ୍ରା, କୋଷାଧ୍ୟକ୍ଷ ନିତ୍ୟାନନ୍ଦ ବାଗ, ବେଣୁଧର ସୁନା ପ୍ରମୁଖ ଉପସ୍ଥିତ ରହି ଡଃ ଆମ୍ବେଡ଼କରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ବରଗଡ଼ ଜିଲା ଭୀମ ମାନବବାଦ ପରିବାର ସଂଘ ପକ୍ଷରୁ ବରଗଡ଼ ଗାନ୍ଧୀଛକରେ ସମ୍ବିଧାନ ଦିବସ ପାଳନ କରାଯାଇଥିଲା। ମହାସଂଘର ସଭାପତି ସୁରେନ୍ଦ୍ର କୁମାର ତାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଡା. ବିଦ୍ୟାଧର ନାଗ ମୁଖ୍ୟଅତିଥି, ସମାଜସେବୀ ଚନ୍ଦ୍ରଶେଖର ବାଗ, ଗୁଡ୍ଡି ରାଓ, ଆଡ଼ଭୋକେଟ୍ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଜ୍ୟୋତ୍ସା ପାଇକ, ରାଜ ଶର୍ମା, ଅର୍ଜୁନ ଲାଲ ଅଗ୍ରୱାଲ ପ୍ରମଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମହାସଂଘର ଉପସଭାପତି ଯୁଧିଷ୍ଠିର ବିଭାର, କୋଷାଧ୍ୟକ୍ଷ ବାଳମୁକୁନ୍ଦ ଜଗଦଲା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ଅଭିମନ୍ୟୁ ଭୋସାଗର ଧନ୍ୟବାଦ ଅର୍ପଣ କରିଥିଲେ।




ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ସମ୍ବିଧାନ ଦିବସ ।

## ଫୁଟବଲ: ସେମିରେ ଜାଙ୍ଗେଡ

ଭେଡ଼େନ,୨୬।୧୧(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ରେମଣ୍ଡା ଖେଳ ପଡ଼ିଆରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲକୁ ଜାଙ୍ଗେଡ଼ ଦଳ ପ୍ରବେଶ କରିଛି। ମଙ୍ଗଳବାର ଖେଳାଯାଇଥିବା ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ଏହି ଦଳ ଗଣ୍ଡିଆପାଲି ଏକାଦଶକୁ ଟାଇବ୍ରେକର ଯୋଗେ ୪-୩ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ବିଜୟୀ ଦଳର ମିଳନ ମାଝୀଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ସାଗର ରାଉତ, ଏସ. କେ ସ୍ୱାଇଁ, ପିତାମ୍ବର ଖମାରୀ, ବିମଳ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଖେଳକୁ ରେଫରୀ ଶିବାନନ୍ଦ ଦାଶ, ଅନୀଲ ବାଗ ଏବଂ ପଞ୍ଚାନନ ପାତ୍ର ପ୍ରମୁଖ ପରିଚାଳନା କରିଥିବା ବେଳେ ସଞ୍ଜୟ ନନ୍ଦ ଧାରା ବିବରଣୀ ପ୍ରଦାନ କରିଥିଲେ। ବୁଧବାର ବହଲପାଲି ଓ ଅମଲିପାଲି ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

## ବାଉଁଶୁଣୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବାଉଁଶୁଣୀ, ୨୬।୧୧ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ହାଇସ୍କୁଲ ଖେଳ ପଡିଆରେ ମଙ୍ଗଳବାର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚରେ ଗୋଲ୍ଡେନ ଷ୍ଟାର ଓ ବହିରା ମଧ୍ୟରେ ଖେଳ ହୋଇଥିଲା । ଉଦ୍‌ଘାଟନୀ ମ୍ୟାଚ୍‌ରେ ବ୍ଲକ ଚେୟାରମ୍ୟାନ ରେବତି ମହାଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚରେ ଗୋଲ୍ଡେନ୍ ଷ୍ଟାର ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚରେ କଣ୍ଟାମାଳ ଓ ଜେବିସିସି ମଧ୍ୟରେ ୧୦ ଓଭର ବିଶିଷ୍ଟ ଖେଳ ହୋଇ କଣ୍ଟାମାଳ ବିଜୟୀ ହୋଇଥିଲା । ପରେ କଣ୍ଟାମାଳ ଓ ଗୋଲ୍ଡେନ ଷ୍ଟାର ମଧ୍ୟରେ ଖେଳ ହୋଇଥିଲା । ଏଥିରେ କଣ୍ଟାମାଳ ଦଳ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ରିଖୁ ତରିଆ, ଦେବାଶିଷ ନେପାକ, ଟୁକୁନ ମହାରଣା, ଲିପୁନ ସାହି, ଚନ୍ଦନ ମେହେର, ଗଙ୍ଗା ମେହେର ପ୍ରମୁଖ ସହଯୋଗ କରିଥିଲେ ।



ଖେଳ ପଡିଆରେ ଅତିଥିମାନଙ୍କ ସହିତ ଖେଳାଳିମାନେ ।

## ପତ୍ରାଗୁଡା ଗ୍ରାମରେ କିଡ୍‌ନୀ ରୋଗୀ ମୃତ୍ୟୁ ଘଟଣା

# ପରୀକ୍ଷା ପାଇଁ ପଠାଗଲା ପାଣି ନମୁନା



ପ୍ରଶାସନିକ ଅଧିକାରୀମାନେ ଗ୍ରାମବାସୀଙ୍କ ସହିତ ଆଲୋଚନା କରୁଛନ୍ତି ।

ପାଇକମାଳ,୨୬।୧୧(ଡି.ଏନ.ଏ)
ପାଇକମାଳ ବ୍ଲକ ଝାରବନ୍ଧ ପଞ୍ଚାୟତ ପତ୍ରାଗୁଡା ଗ୍ରାମରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଗତ ୨ବର୍ଷରେ ୨୦ ଜଣ ପ୍ରାଣ ହରାଇବା ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ମଙ୍ଗଳବାର ଏକ ଡାକ୍ତରୀ ଦଳ ଉକ୍ତ ଗ୍ରାମକୁ ଯାଇ ସେଠାରେ ଆଲୋଚନା କରିଛନ୍ତି। ବୁକ୍ରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ନାରାୟଣ ପ୍ରସାଦ ପଶାୟତ, ପିଏଚ୍‌ଇଓ ତୁଷ କୁମାର ଚନ୍ଦ୍ରକାର, ବିପିଏମ ବିଜୟ କୁମାର ସରାପ, ବିଡିଏମ ସଞ୍ଜୀବ ମେହେର ଘର ଘର ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ । ପରେ ସେମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଅନ୍ୟପକ୍ଷେ ବରଗଡ ଜିଲାପାଳ ଜ୍ୟୋତି ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ପାଇକମାଳ ବିଡିଓ ସଦାଶିବ ନାୟକ, ଆରଡବ୍ଲୁଏସଏସର କନିଷ୍ଠ ଯନ୍ତ୍ରୀ ସତ୍ୟବ୍ରତ ମାଝୀ ପ୍ରମୁଖ ଗ୍ରାମକୁ ଯାଇ ପାଣି ନମୂନା ସଂଗ୍ରହ କରି ପରୀକ୍ଷା ପାଇଁ ପଦ୍ମପୁର ପଠାଇଥିବା ଜଣାପଡିଛି ।

## ଜାତୀୟ ଆଇନ ଦିବସ

ବୌଦ୍ଧ/ ବାଉଁଶୁଣୀ, ୨୬।୧୧ (ସ୍ୱ.ପ୍ର./ଡି.ଏନ.ଏ.)

ବୌଦ୍ଧ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲା ଅଦାଲତ ପରିସରରେ ମଙ୍ଗଳବାର ଜାତୀୟ ଆଇନ ଦିବସ ପାଳିତ ହୋଇଛି। ଅତିରିକ୍ତ ଜିଲା ଦୌରାଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ପ୍ରଭୁରାମଦାସ ଅଧିକାରୀ, ସବ୍ ଜଜ୍ ଦୁର୍ବାଶା ଦୁର୍ଗା, ରେଜିଷ୍ଟ୍ରାର ପ୍ରୀତୀଶ କୁମାର ରାଉତରାୟ, ଏସ୍‌ଡିଜେଏମ ସୂର୍ଯ୍ୟ ଦାସ, ଜେଏମ୍‌ଏଫସି ଶିବାନୀ ବିଶ୍ୱାଳ ଓ ସୁନୀତା ବିଶ୍ୱାଳ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ସେହିଭଳି ବରିଷ୍ଠ ଆଇନଜୀବୀ ନବ ମିଶ୍ର, ସୁଧୀର କର୍ଣ୍ଣ ଓ ଅନ୍ୟମାନେ ଯୋଗ ଦେଇଥିଲେ। ସେହିଭଳି ବାଉଁଶୁଣୀସ୍ଥିତ ମାଁ ମାହେଶ୍ୱରୀ ଡିଗ୍ରୀ କଲେଜରେ ମଧ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଛି। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ମନୋରଞ୍ଜନ ଘଡେଇଙ୍କ ଅଧକ୍ଷତାରେ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କୁ ନେଇ ଏକ ସଭାର ଆୟୋଜନ କରାଯାଇଥିଲା। ଶେଷରେ ବାବାରାମ ଦେହୁରୀ ଧନ୍ୟବାଦ ଦେଇଥିଲେ।

## ଶ୍ରାଦ୍ଧବାର୍ଷିକୀରେ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ

ଭେଡ଼େନ,୨୬।୧୧(ଡ଼ି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ସଂଗ୍ରାମୀ ପୀଠ ରେମଣ୍ଡାର ସ୍ୱାଧୀନତା ସଂଗ୍ରାମୀ କର୍ମଯୋଗୀ ମଙ୍ଗଲୁ ପ୍ରଧାନଙ୍କ ୪୯ତମ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ରେମଣ୍ଡାରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ରେମଣ୍ଡାର ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଅତିଥିମାନଙ୍କ ସହିତ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଗ୍ରାମ ମଧ୍ୟସ୍ଥଳରେ ଥିବା ସଂଗ୍ରାମୀ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ରେମଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ପୀତବାସ ସାହୁଙ୍କ ସଭାପତିତ୍ୱରେ ହୋଇଥିବା ଶ୍ରାଦ୍ଧ ବାର୍ଷିକୀ ସଭାରେ ବରଗଡ଼ ଉପଜିଲାପାଳ ପ୍ରଭାସ କୁମାର ଡ଼ନସନା ମୁଖ୍ୟଅତିଥି, ପ୍ରଫେସର ଡ଼. ମାନଭଞ୍ଜନ ପ୍ରଧାନ ମୁଖ୍ୟବକ୍ତା, ଭେଡ଼େନ ବିଡ଼ିଓ ମୁରଲିଧର ନାୟକ, ବିଇଓ ମଛିନ୍ଦ୍ର ମଲିକ, ଅଧ୍ୟାପକ ଝସକେତନ ପ୍ରଧାନ, ନାରାୟଣ ସାହୁ, କୋଠଚାଷ ସଭାପତି ଲଳିତ ଦୋରା, ତୁଷବନ୍ତ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂଗ୍ରାମୀ ପ୍ରଧାନଙ୍କ କର୍ମମୟ ଜୀବନର ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଜୟ କୁମାର ଜୈଶ୍ୱାଲ ସ୍ୱାଗତ ଭାଷଣ ଏବଂ ବୀରେନ୍ଦ୍ର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।




ରେମଣ୍ଡାରେ ମଙ୍ଗଲୁ ପ୍ରଧାନ ଶ୍ରାଦ୍ଧସଭାରେ ଅତିଥିଗଣ ।



ବରଗଡ଼ ଜିଲ୍ଲା ଭେଡେନ ବ୍ଲକ କେନ୍ଦପାଲି ଅଞ୍ଚଳର ଚାଷୀମାନେ ବିଲରୁ ଧାନ କାଟି ଅମଳ ପାଇଁ ଘରକୁ ଆଣୁଛନ୍ତି ।

# ଚାଷୀ ଘେରିଲେ କୃଷି କାର୍ଯ୍ୟାଳୟ

ବୌଦ୍ଧ,୨୬।୧୧(ସ୍ୱ.ପ୍ର.)

ବୌଦ୍ଧ ଜିଲା ଏକ କୃଷି ପ୍ରଧାନ ଜିଲା। କିନ୍ତୁ ଏହି ଜିଲାର ଚାଷୀ ବିଭିନ୍ନ ସମସ୍ୟାରେ ରହୁଛନ୍ତି। ପ୍ରତିବର୍ଷ ସ୍ୱଳ୍ପ ବର୍ଷା, ବନ୍ୟା, ମରୁଡି ଓ ରୋଗପୋକରେ ଚାଷୀ କ୍ଷତିଗ୍ରସ୍ତ ହେଉଛି। ହେଲେ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉନାହିଁ। ଏଭଳି ଆପତ୍ତି ଅଭିଯୋଗ ନେଇ ବୌଦ୍ଧ ଜିଲା ଭାରତୀୟ କିଷାନ ସଂଘ ମଙ୍ଗଳବାର କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅନଶନରେ ବସିଥିଲା। ସଂଘର ସଭାପତି ପ୍ରମୋଦ କୁମାର ଦେହୁରୀ ଓ ଚାଷୀନେତା ସୂର୍ଯ୍ୟନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ପୁରୁଷ ଓ ମହିଳା ଚାଷୀ ସାମିଲ ହୋଇ କୃଷି କାର୍ଯ୍ୟାଳୟ ଘେରାଉ କରିବା ସହ ଅନଶନରେ ବସିଥିଲେ। ଏହି ଅବସରରେ ଚାଷୀମାନେ ଏକ ରାଲିରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ତୁରନ୍ତ ପଦକ୍ଷେପ ନେବାକୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଏଥିରେ ଚାଷୀ ନେତା ବିଶିକେସନ ପ୍ରଧାନ, ଜନ୍ମେଜୟ ପ୍ରଧାନଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଚାଷୀ ସାମିଲ ଥିଲେ।



ବୌଦ୍ଧରେ ଚାଷୀମାନେ କୃଷି କାର୍ଯ୍ୟାଳୟ ଘେରାଉ କରି ବସି ରହିଛନ୍ତି।



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ମୁଖ୍ୟ ପର୍ଯ୍ୟାୟରେ ତନଭୀ, ଋତୁପର୍ଣ୍ଣା

**ଲକ୍ଷ୍ନୌ, ୨୬।୧୧ (ପି.ଟି.):** ଭାରତୀୟ ମହିଳା ଶଟ୍ଲର ତନଭୀ ଲାଡ୍ ଓ ଋତୁପର୍ଣ୍ଣା ଦାସ ଏଠାରେ ଅନୁଷ୍ଠିତ ସୟଦ ମୋଦି ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମୁଖ୍ୟ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ଯୋଗ୍ୟତା ପର୍ଯ୍ୟାୟର ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ତନଭୀ ୧୯-୨୧, ୨୧-୧୮, ୨୧-୮ ଗେମ୍‌ରେ ସାଥୀ ଖେଳାଳି ପ୍ରଶି ଜୋଶୀଙ୍କୁ ପରାସ୍ତ କରିଥିଲେ। ସେହିଭଳି ଋତୁପର୍ଣ୍ଣା ୨୧-୧୦, ୨୧-୧୨ ସିଧାସଳଖ ଗେମ୍‌ରେ ଶିଖା ଗୌତମଙ୍କୁ ହରାଇଛନ୍ତି। ମୁଖ୍ୟ ପର୍ଯ୍ୟାୟର ପ୍ରଥମ ରାଉଣ୍ଡରେ ତନଭୀ ରୁଷିଆର ନାତାଲିଆ ପେର୍ମିନୋଭାଙ୍କୁ ଭେଟିବେ। ସେହିଭଳି ଋତୁପର୍ଣ୍ଣା ହଂକଂର ୟିପ୍ ପୁଇ ୟିନଙ୍କ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବେ।

### ସିଜନର ପ୍ରଥମ ବିଜୟ ହାସଲ କଲା ଚେନ୍ନାଇନ

**ଚେନ୍ନାଇ, ୨୬।୧୧ (ପି.ଟି.):** ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ରେ ସୋମବାର ଖେଳାଯାଇଥିବା ଏକ ରୋମାଞ୍ଚକ ମ୍ୟାଚ୍‌ରେ ଚେନ୍ନାଇନ ଏଫ୍‌ସି ୨-୧ ଗୋଲରେ ହାଇଦ୍ରାବାଦ ଏଫ୍‌ସିକୁ ପରାସ୍ତ କରିଛି। ଏଥିସହ ଚେନ୍ନାଇନ ସିଜନର ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଏକଦା ମ୍ୟାଚ୍ ଗୋଲଶୂନ୍ୟ ଭାବରେ ଡ୍ର ହେବା ସ୍ଥିତିରେ ରହିଥିଲା। କିନ୍ତୁ ମ୍ୟାଚ୍‌ର ଅତିରିକ୍ତ ସମୟ ହିଁ ରୋମାଞ୍ଚ ଭରିଦେଇଥିଲା। ଏହି ଅତିରିକ୍ତ ସମୟରେ ୩ଟି ଯାକ ଗୋଲସ୍କୋର ଦେଖିବାକୁ ମିଳିଥିଲା। ୯୦+୨ ମିନିଟ୍‌ରେ ଆନ୍ଦ୍ରେ ଶ୍ରେମ୍ବ୍ରିଙ୍କ ଗୋଲ ବଳରେ ଚେନ୍ନାଇନ ୧-୦ ଗୋଲରେ ଅଗ୍ରଣୀ ଲାଭ କରିଥିଲା। କିନ୍ତୁ ଏହାର ୩ ମିନିଟ୍ ପରେ ହାଇଦ୍ରାବାଦର ଇଂଲିଶ ମଧଭାଗ ଖେଳାଳି ମାଥ୍ୟୁ କିଲଗାଲୋନ (୯୦+୫) ଏକ ଶକ୍ତିଶାଳୀ ହେଡ୍ କରି ହାଇଦ୍ରାବାଦ ଶିବିରର ଖୁସିର ଲହରି ଖେଳାଇ ଦେଇଥିଲେ। ମ୍ୟାଚ୍ ୧-୧ର ବରାବର୍‌ସ୍ଥିତିକୁ ଚାଲି ଆସିଥିଲା। ଅତିରିକ୍ତ ସମୟର ଅନ୍ତିମ କ୍ଷଣରେ ହାଇଦ୍ରାବାଦ ଗୋଲକିପରଙ୍କୁ ଚକ୍‌ମା ଦେଖାଇ ନେରିଜୁସ ଭଲସ୍କି ଚେନ୍ନାଇନ ପାଇଁ ୨ୟ ଗୋଲଟି ଦେଇଥିଲେ।

### ଏସିଆନ ଆର୍ଚେରି: ଭାରତକୁ ୩ ବ୍ରୋଞ୍ଜ

**ବ୍ୟାଙ୍କକ୍, ୨୬।୧୧ (ପି.ଟି.):** ଏଠାରେ ଚାଲିଥିବା ଏସିଆନ ଆର୍ଚେରି ଚାମ୍ପିୟନଶିପ୍‌ରେ ମଙ୍ଗଳବାର ଭାରତ ପାଇଁ ସଫଳତାର ଦିବସ ରହିଥିଲା। ଭାରତୀୟ ତୀରନ୍ଦାଜ ୩ଟି ବ୍ରୋଞ୍ଜ ପଦକ ଜିତିବାରେ ସଫଳ ହୋଇଛନ୍ତି। ତୀରନ୍ଦାଜ ଅତନୁ ଦାସଙ୍କୁ ଦିବସର ପ୍ରଥମ ବ୍ରୋଞ୍ଜ ପଦକ ମିଳିଥିଲା। ପୁରୁଷ ରିକର୍ଭ ବ୍ୟକ୍ତିଗତ ଇଭେଣ୍ଟରେ ଅତନୁ ଏହି ସଫଳତା ପାଇଛନ୍ତି। ଭାରତୀୟ ତୀରନ୍ଦାଜୀ ମହାସଂଘକୁ ବାସନ୍ଦ କରାଯାଇଥିବାରୁ ଅତନୁ ବିଶ୍ୱ ତୀରନ୍ଦାଜୀ ମହାସଂଘର ନିରପେକ୍ଷ ପତାକା ତଳେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ଅତନୁ ୬-୫ରେ କୋରିଆର ଜିନ୍ ହେୟକଙ୍କୁ ପରାସ୍ତ କରିଥିଲେ। ଏଥିପୂର୍ବରୁ ଦୀପିକା କୁମାରୀଙ୍କୁ ସାଥୀ କରି ଅତନୁ ରିକର୍ଭ ମିକ୍ସଡ ଟିମ୍ ଇଭେଣ୍ଟରେ ମଧ ବ୍ରୋଞ୍ଜ ପଦକ ଜିତିଥିଲେ। ଏହାପରେ ମଙ୍ଗଳବାର ପୁରୁଷ ରିକର୍ଭ ଟିମ୍ ଇଭେଣ୍ଟରେ ମଧ ବ୍ରୋଞ୍ଜ ପଦକ ଜିତି ଅତନୁ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଏଥିରେ ସେ ସିନିୟର ତୀରନ୍ଦାଜ ତରୁଣଦୀପ ରାଇ ଓ ଜୟନ୍ତ ତାଲୁକଦାରଙ୍କୁ ସାଥୀ କରି ବ୍ରୋଞ୍ଜ ପଦକ ଲଢ଼େଇରେ ୬-୨ରେ ବିଜୟୀ ହୋଇଥିଲେ। ସେହିଭଳି ଦୀପିକା, ଲାଇଶରାମ ବୋମ୍ବଲ୍ୟା ଦେବୀ ଓ ଅଙ୍କିତା ଭକତଙ୍କୁ ନେଇ ଗଠିତ ଭାରତୀୟ ମହିଳା ରିକର୍ଭ ଟିମ୍ ୫-୧ରେ ଜାପାନକୁ ପରାସ୍ତ କରି ୩ୟ ସ୍ଥାନରେ ରହିଥିଲା। ଏହି ୩ଜଣ ପୂର୍ବରୁ ସେମିଫାଇନାଲରେ କୋରିଆ ନିକଟରୁ ୬-୨ରେ ହାରିଯାଇଥିଲେ। ସେହିଭଳି ୩ଟି କମ୍ପାଉଣ୍ଡ ଇଭେଣ୍ଟରେ ଭାରତୀୟ ତୀରନ୍ଦାଜମାନେ ଫାଇନାଲର ପ୍ରବେଶ କରିଛନ୍ତି। କମ୍ପାଉଣ୍ଡ ପୁରୁଷ ଟିମ୍ ଇଭେଣ୍ଟରେ ଅଭିଷେକ ବର୍ମା, ରଜତ ଚୌହାନ ଓ ମୋହନ ଭରଦ୍ୱାଜ ୨୨୯-୨୨୧ ସ୍କୋରରେ ଇରାନକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଛନ୍ତି। ମହିଳା କମ୍ପାଉଣ୍ଡ ଟିମ୍ ଇଭେଣ୍ଟରେ ମଧ ଭାରତର ଜ୍ୟୋତି ସୁରେଖା ବର୍ମନ, ମୁସ୍କାନ କିରାର ଓ ପ୍ରିୟା ଗୁରଜାର ୨୨୭-୨୨୧ରେ ଇରାନକୁ ମାତ୍ ଦେଇଛନ୍ତି।

### ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଖଡିଆଲ,,୨୬।୧୧(ଡି.ଏନ.ଏ.)** ନୂଆପଡା ଜିଲା ଖଡିଆଲ ବ୍ଲକ ଚନାବେଡା ପଞ୍ଚାୟତ ରୋହେନପଦର ଗ୍ରାମ ନିକଟରେ ଏକ ବାଇକ୍ ଏବଂ ସାଇକେଲ ମଧରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଚନାବେଡା ଗ୍ରାମର ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ ରୁଦ୍ର ମାଝି (୪୭)ଙ୍କ ମୃତ୍ୟୁ ହୋଇଥିବା ବେଳେ ସାଇକେଲ ଆରୋହୀଙ୍କୁ ଗୁରୁତର ଆହତ ହୋଇଛନ୍ତି।



ଆଇନ ଦିବସ ପାଳନ ଅବସରରେ ଉପସ୍ଥିତ ବିଚାରପତି ଓ ଆଇନଜୀବୀ ବୃନ୍ଦ ।

### ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନ ଦିବସ ପାଳନ

# ସମ୍ବିଧାନ ସବୁଠୁ ବଡ଼ ଆଇନ

**ସୋନପୁର,୨୬।୧୧(ନି.ପ୍ର.)**

ଭାରତର ସମ୍ବିଧାନ ଦେଶର ସବୁଠୁ ବଡ ଆଇନ। ଏହା ରାଜନୈତିକ ସଂରଚନା, ପ୍ରକ୍ରିୟା, କ୍ଷମତା, ସରକାରୀ ସଂସ୍ଥାର କାର୍ଯ୍ୟ, ମୌଳିକ ଅଧିକାର ଓ ନାଗରିକ ମାନଙ୍କର କର୍ତ୍ତବ୍ୟର ଢାଞ୍ଚା ନିର୍ଦ୍ଧାରଣ କରିଥାଏ। ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଓକିଲ ସଂଘ ସମ୍ମିଳନୀ କକ୍ଷରେ ଆୟୋଜିତ ଜାତୀୟ ଆଇନ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜିଲାଜଜ ଅରୁଣ କୁମାର ମଲ୍ଲିକ ଏହି ମତବ୍ୟକ୍ତ କରିଛନ୍ତି। ପରିବାର ଅଦାଲତର ବିଚାରପତି ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ଏଡିଜେ ମାନସ କୁମାର ପଣ୍ଡା, ସିଜେଏମ ମାନସ ରଞ୍ଜନ ରଥ, ସିନିଅର ସିଭିଲ ଜଜ ଚିନ୍ମୟ ଗୋଛାୟତ, ରେଜିଷ୍ଟ୍ରାର ସୁବ୍ରତ ଆଚାର୍ଯ୍ୟ, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସୀମା ତ୍ରିପାଠୀ, ଏସଡିଜେଏମ ସୁକାନ୍ତ କିଶୋର ଜେନା, ଜେଏମଏଫସି ଅଙ୍କିତା ଶର୍ମା, ଜେଏମଏସସି ପ୍ରିୟଦର୍ଶିନୀ କୁମ୍ଭାର, ପ୍ରତ୍ୟାଶା ରାୟ ଆଇନ ଦିବସ ପାଳନ ସମ୍ପର୍କରେ ବୁଝାଇଥିଲେ । ଅନ୍ୟମାନଙ୍କ ମଧରେ କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରା, ସରକାରୀ ଓକିଲ ବ୍ୟୋମକେଶ ଦାଶ, ଜିଲା ଓକିଲ ସଂଘର ସଭାପତି ସର୍ବେଶ୍ୱର ପୁରୋହିତ, ସମ୍ପାଦକ ଗଦାଧର ନେଗୀ, ବରିଷ୍ଠ ଆଇନଜୀବୀ ଚନ୍ଦ୍ରେଶ୍ୱର ଥନାପତି, ବାବୁଲାଲ ଦାଶ, ମଧୁସୂଦନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତର ସମ୍ବିଧାନ ସାରା ବିଶ୍ୱରେ ଗୁରୁତ୍ୱ ବହନ କରେ

**ସୋନପୁର,୨୬।୧୧(ନି.ପ୍ର.)**

ଭାରତର ସମ୍ବିଧାନ ସାରା ବିଶ୍ୱରେ ଗୁରୁତ୍ୱ ବହନ କରେ। ଏହା ପ୍ରତ୍ୟେକ ଭାରତୀୟଙ୍କ ଲାଗି ଗର୍ବର କଥା। ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲା ଜଜ୍‌କୋର୍ଟ ପରିସରରେ ମଙ୍ଗଳବାର ଆୟୋଜିତ ଭାରତୀୟ ସମ୍ବିଧାନ ଦିବସ ପାଳନ ଅବସରରେ ଅତିଥିବୃନ୍ଦ ଏହି ମତପ୍ରକାଶ କରିଛନ୍ତି। ପରିବାର ଅଦାଲତର ବିଚାରପତି ଜ୍ୟୋତିର୍ମୟୀ ଆଚାର୍ଯ୍ୟ ସଭାରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲା ଦୌରାଜଜ ମାନସ କୁମାର ପଣ୍ଡା ଅତିଥିଭାବେ ଯୋଗଦାନ କରି ୨୦୧୫ମସିହାରୁ ନଭେମ୍ବର ୨୬କୁ ସମ୍ବିଧାନ ଦିବସ ଭାବେ ପାଳନ କରାଯାଉଛି। ସମ୍ବିଧାନର ମହତ୍ତ୍ୱ ପ୍ରସାର କରିବା ଏହି ଦିବସର ଲକ୍ଷ୍ୟ ବୋଲି ସେ କହିଥିଲେ। ସିଜେଏମ ମାନସ ରଞ୍ଜନ ରଥ କହିଥିଲେ ଯେ, ଦେଶର ସମସ୍ତ ନାଗରିକଙ୍କୁ ନ୍ୟାୟ ନିଶ୍ଚିତ କରାଇବା ମୂଳ ଲକ୍ଷ୍ୟ । ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ମିଳିବା ନାଗରିକଙ୍କ ମୌଳିକ ଅଧିକାର ବୋଲି ରଥ କହିଥିଲେ। ସିନିୟର ସିଭିଲ ଜଜ ଚିନ୍ମୟ ଗୋଛାୟତ, ରେଜିଷ୍ଟ୍ରାର ସୁବ୍ରତ ଆଚାର୍ଯ୍ୟ, ଜିଲା ଓକିଲ ସଂଘର ସଭାପତି ସର୍ବେଶ୍ୱର ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସୀମା ତ୍ରିପାଠୀ ସଭାକୁ ସଂଯୋଜନା କରି ସମ୍ବିଧାନ ପ୍ରସ୍ତୁତ କରିବାରେ ଡ. ଭୀମରାଓଙ୍କ ଯୋଗଦାନକୁ ସ୍ମରଣ କରିବା ଓ ତାଙ୍କ ବିଚାର ଆଦର୍ଶ ସମ୍ପର୍କରେ ପ୍ରସାର କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଥିବା କହିଥିଲେ। ଏସଡିଜେଏମ ସୁକାନ୍ତ କିଶୋର ଜେନା, ଜେଏମଏଫସି ଅଙ୍କିତା ଶର୍ମା, ପ୍ରିୟଦର୍ଶିନୀ କୁମ୍ଭାର, ଜେଏମଏସସି ପ୍ରତ୍ୟାଶା ରାୟ, କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରାଙ୍କ ସମେତ ଆଇନଜୀବୀ ବୃନ୍ଦ ଉପସ୍ଥିତ ଥିଲେ ।

# ସମ୍ବିଧାନର ମର୍ଯ୍ୟାଦା ରକ୍ଷା କରିବା ସମସ୍ତଙ୍କ କର୍ତ୍ତବ୍ୟ

**ଅମରପାଲି, ୨୬।୧୧ (ଡି.ଏନ.ଏ)**

ଭାରତର ସମ୍ବିଧାନ ବିଶ୍ୱର ସବୁଠୁ ବଡ ଲିଖିତ ସମ୍ବିଧାନ। ଏହା ସମସ୍ତ ଦେଶର ସମ୍ବିଧାନଠାରୁ ସ୍ୱତନ୍ତ୍ର । ଏହା ଜାତି, ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଏକତାର ବାର୍ତ୍ତା ବହନ କରୁଛି। ତେଣୁ ସମ୍ବିଧାନର ମର୍ଯ୍ୟାଦା ରକ୍ଷା କରିବା ସମସ୍ତ ଭାରତୀୟ ନାଗରିକଙ୍କ କର୍ତ୍ତବ୍ୟ । ବୀରମହାରାଜପୁର ମୈତ୍ରୀ ସଦନଠାରେ ବ୍ଲକସ୍ତରୀୟ ସମ୍ବିଧାନ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ ଏହି ମତପ୍ରଦାନ କରିଛନ୍ତି। ବିଡିଓ ଶାନ୍ତନୁ କୁମ୍ଭକାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏସ୍‌ଡିପିଓ ଧିରୋଜ ଚୌପଦାର ମୁଖ୍ୟଅତିଥି, ଏମଫିଲ ସ୍କୋଲାର ସମ୍ବଲପୁର ବିଶ୍ୱବିଦ୍ୟାଳୟ ବରୁଣ କୁମ୍ଭକାର ମୁଖ୍ୟବକ୍ତା, ସମ୍ମାନୀତ ଅତିଥି ଭାବେ ଉପଖଣ୍ଡୀୟ ସାମ୍ବାଦିକ ସଂଘର ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଲକ୍ଷ୍ମୀନାରାୟଣ ସାହୁ ସଭାକାର୍ଯ୍ୟ ସଂଯୋଜନା କରିଥିବା ବେଳେ ଏବିଓ ବାର୍ଣ୍ଣା ଡୁଙ୍ଗଡୁଙ୍ଗ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅଭିମନ୍ୟୁ ବରଗଡ଼ି ଉଦ୍ଦେଶ୍ୟ ଜ୍ଞାପନ ଓ ମୁଖବନ୍ଧ ପାଠ କରିଥିଲେ। ଅକ୍ଷୟ କୁମାର ରାଏ ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ବିଧାନକୁ ମାନିବା ନିମନ୍ତେ ଏକ ଦସ୍ତଖତ ଅଭିଯାନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତା ମଧ କରାଯାଇଥିଲା । ସେହିପରି ସୋନପୁର ନେହେରୁ ଯୁବକେନ୍ଦ୍ର ଓ ସ୍ଥାନୀୟ ଆମ୍ବେଡକର ସେବା ସଂଘ ଆନୁକୂଲ୍ୟରେ ସଂଘର କାର୍ଯ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ଆଶ୍ରୟ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଡିଓ ନିରଞ୍ଜନ ନାଏକ ମୁଖ୍ୟଅତିଥି, ସାମାଜିକ କର୍ମୀ କିଶୋର ହୋତା ମୁଖ୍ୟବକ୍ତା ଏବଂ ନେହେରୁ ଯୁବକେନ୍ଦ୍ରର ଆଶିଷ ସାହୁ, ପ୍ରତିଷ୍ଠାତା ସଦସ୍ୟ କିଶୋର ଭୋଇ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ସମ୍ବିଧାନର ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ସମ୍ପାଦକ ନବୀନ ଭୋଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ଗଦାଧର ବାଦି ସଂଯୋଜନା କରିଥିଲେ । ଯଜ୍ଞେଶ୍ୱର ପେରା ଧନ୍ୟବାଦ ଅର୍ପଣ କରିଥିଲେ ।



ମୈତ୍ରୀସଦନରେ ଅନୁଷ୍ଠିତ ସମ୍ବିଧାନ ଦିବସ ପାଳନ ସଭାରେ ମଞ୍ଚାସୀନ ଅତିଥି ।

# ଅବକାରୀ ଚଢାଉ, ୭ ଗିରଫ

**ସୋନପୁର,୨୬।୧୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଅବକାରୀ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ ସ୍ଥାନରେ ଚଢାଉ କରାଯାଇ ତିନି ଦିନରେ ୭ ଜଣଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ଏକ ମାରୁତି ୧୦୦ କାର, ଗଞ୍ଜେଇ ଓ ଚୋରା ଦେଶୀ ମଦ ଜବତ କରାଯାଇଛି। ଅବକାରୀ ଅଧୀକ୍ଷକ ସାମୁଏଲ ଏକ୍କାଙ୍କ ନିର୍ଦ୍ଦେଶ କ୍ରମେ ନିରୀକ୍ଷକ ପ୍ରଶାନ୍ତ କହଁରଙ୍କ ନେତୃତ୍ୱରେ ମଙ୍ଗଳବାର ତରଭା ଥାନା ଅନ୍ତର୍ଗତ ପଣ୍ଡକିମାଲ, ବଲାଡି ଓ ଡୁଲୁଣ୍ଡା ଅଞ୍ଚଳରେ ଚଢାଉ କରାଯାଇଥିଲା। ପଣ୍ଡକିମାଲର ଛବିଳ ଭଣ୍ଡାଙ୍କ ନିକଟରୁ ୧୦ଲିଟର, ବଲାଡିର ବନମାଳି ସାହୁଙ୍କଠାରୁ ୨୫ଲିଟର ଓ ଡୁଲୁଣ୍ଡାର ଅବିର ସାହୁଙ୍କ ନିକଟରୁ ୫ଲିଟର ଦେଶୀ ମହୁଲି ରନ୍ଧା ମଦ ଜବତ ହୋଇଛି। ସେହିପରି ସୋମବାର ବୀରମହାରାଜପୁର ଥାନା ଭାଲିଆପଡାର ନିରଞ୍ଜନ ମହାନନ୍ଦ, ସାଲେଜୁରୀର ସନାତନ ବରଗଡ଼ି ଓ ବେଦମତି ମିର୍ଦ୍ଧାଙ୍କ ନିକଟରୁ ଚୋରା ଦେଶୀ ମଦ ଜବତ ହୋଇଛି। ରବିବାର ସୋନପୁର ବ୍ଲକ ଛକଠାରେ ଚଢାଉ ବେଳେ ଗଞ୍ଜେଇ ଚୋରାଚାଲାଣ କରୁଥିବା ମାରୁତି କାର ନଂ ସିଜେ୦୪ଏଚ-୩୪୭୮କୁ ଜବତ କରାଯାଇଛି। କାରରୁ ୧୮କିଲୋ ଗଞ୍ଜେଇ ଜବତ ହୋଇଥିଲା ବେଳେ ଅଭିଯୁକ୍ତ ବୌଦ୍ଧ ଜିଲା ମନମୁଣ୍ଡାର ପଦ୍ମନାଭ ପ୍ରଧାନ(୨୭)ଙ୍କୁ ଗିରଫ କରାଯାଇଛି । ଏହି ସମସ୍ତ ଚଢାଉରେ ଅବକାରୀ ବିଭାଗର କର୍ମଚାରୀ ସାମିଲ ଥିଲେ ।



ଗଞ୍ଜେଇ ବସ୍ତା ଓ କାର ସହିତ ଗିରଫ ଅଭିଯୁକ୍ତ ।

### ଗଛରୁ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଅମରପାଲି, ୨୬।୧୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଲାଡୁରପେଟ ଗ୍ରାମ ନିକଟସ୍ଥ ବାବା ମଠ ପାଖରେ ଥିବା ଏକ ଗଛରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଲାଡୁରପେଟ ଗ୍ରାମର ସୌମିତ୍ର ପାତ୍ର(୫୪) । ସେ ବିବାହିତ ଏବଂ ତାଙ୍କର ୪ ପୁଅ ଅଛନ୍ତି। ସକାଳୁ ତାଙ୍କର ମୃତଦେହ ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ବୀରମହାରାଜପୁର ଥାନା ଅଧିକାରୀ ପ୍ରଭା ଧନ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରିଥିଲେ। ବୀରମହାରାଜପୁରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୋଲିସ ମୃତଦେହ ହସ୍ତାନ୍ତର କରିଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ। ଏ ନେଇ ବୀରମହାରାଜପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୯/୧୯)ରୁଜୁ କରାଯାଇଛି ।

# ଜାନୁୟାରୀ ୧୭ରୁ ପୁସ୍ତକ ମେଳା ଇଙ୍କ୍‌ଫେଷ୍ଟ

**ସୋନପୁର,୨୬।୧୧(ନି.ପ୍ର.)**

ଆସନ୍ତା ଜାନୁୟାରୀ ୧୭ରୁ ୨୩ତାରିଖ ସୁବର୍ଣ୍ଣପୁର ପୁସ୍ତକ ମେଳା ଇଙ୍କଫେଷ୍ଟର ଚତୁର୍ଥ ସଂସ୍କରଣ ଆୟୋଜିତ ହେବାକୁ ଯାଉଛି। ଏହି ବାର୍ଷିକ ପୁସ୍ତକ ଓ ସାରସ୍ୱତ ମେଳା ସ୍ଥାନୀୟ ରୟାଲ ପଡିଆଠାରେ ଅନୁଷ୍ଠିତ ହେବ। ମେଳାରେ ୫୦ରୁ ଊର୍ଦ୍ଧ୍ୱ ଷ୍ଟଲ ରହିବ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରକାଶକ ଓ ପୁସ୍ତକ ବିକ୍ରେତାମାନେ ଅଂଶଗ୍ରହଣ କରିବେ ବୋଲି ଇଙ୍କଫେଷ୍ଟର ସଭାପତି ସ୍ୱାଧୀନ କୁମାର ମେହେର କହିଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ ଆୟୋଜିତ ହେବାକୁ ଥିବା ଆଲୋଚନାଚକ୍ରରେ ସ୍ଥାନୀୟ ସମସ୍ୟା, ସଂସ୍କୃତି, ଶିକ୍ଷା, ବିକାଶ ପ୍ରକ୍ରିୟା ଓ ସାହିତ୍ୟର ବିଷୟ ବସ୍ତୁ ଉପରେ ବିଶେଷଜ୍ଞ ବକ୍ତାମାନେ ଆଲୋଚନା କରିବେ । ସେହିଭଳି ଛାତ୍ରୀଛାତ୍ରଙ୍କ ପାଇଁ ଅପରାହ୍ନରେ ବିଶେଷ ଧରଣର ପ୍ରତିଯୋଗିତା ତଥା ଶିକ୍ଷଣ ଧର୍ମୀ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବା ବୋଲି ସମ୍ପାଦକ ଅମ୍ବୁଜ ବିହାରୀ ଶତପଥୀ ଜଣାଇଛନ୍ତି । ଏହି ସାରସ୍ୱତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜନସାଧାରଣ, ଶିକ୍ଷୟିତ୍ରୀ ଶିକ୍ଷକ, ବୁଦ୍ଧିଜୀବୀ ସହଯୋଗ କରିବାକୁ ଅନୁଷ୍ଠାନ ଉପସଭାପତି ଗତିକୃଷ୍ଣ ମିଶ୍ର, ଯୁଗ୍ମ ସମ୍ପାଦକ ଡ. ଦେବାଶିଷ ପାଣିଆ, କୋଷାଧ୍ୟକ୍ଷ ପ୍ରଭୁଦତ୍ତ ରଥ, ବରିଷ୍ଠ ସଭ୍ୟ ବ୍ରଜମୋହନ ଦାନୀ, ଗୌରିଶ୍ୟାମ ପଣ୍ଡା, ଡ.ଜ୍ୟୋତିରଞ୍ଜନ ବହିଦାର, ଆର୍ତ୍ତତ୍ରାଣ ବାବୁ, ପ୍ରଦୀପ ପୁରୋହିତ, ଗୋବିନ୍ଦ ମହାରଣା, ଗଦାଧର ବାରିକ, ଡ. ପୁରୁଷୋତ୍ତମ ମିଶ୍ର, ସୌରଭ ରଞ୍ଜନ ଖାମରୀ, ଶ୍ୟାମା ଓଁ ପ୍ରସାଦ ମିଶ୍ର, ରଘୁମଣି ଦେହୁରୀ, ଲକ୍ଷ୍ମୀନାରାୟଣ ସାହୁ, ବେଣୁଧର ପ୍ରଧାନ, ଘାସିରାମ ପଣ୍ଡା, ରଞ୍ଜିତା ପଣ୍ଡା ପ୍ରମୁଖ ସଭ୍ୟାସଭ୍ୟ ଅନୁରୋଧ କରିଛନ୍ତି ।

### ସିର୍ଜାପାଲି ଗ୍ରାମପଞ୍ଚାୟତ ସମିତି ସଭ୍ୟ ଉପନିର୍ବାଚନ ଆଜି

**କେସିଙ୍ଗା,୨୬।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ସିର୍ଜାପାଲି ଗ୍ରାମପଞ୍ଚାୟତରେ ବୁଧବାର ସମିତି ସଭ୍ୟ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥି ସକାଶେ ମଙ୍ଗଳବାର କର୍ମଚାରୀମାନେ ବାଲେଟ ବକ୍ସ, ଆବଶ୍ୟକୀୟ ଉପକରଣ ଧରି ସିର୍ଜାପାଲି ଗ୍ରାମଞ୍ଚାୟତର ୩ଟି ଗ୍ରାମର ସେଣ୍ଟରରେ ପହଞ୍ଚିଛନ୍ତି। ଏହି ଗ୍ରାମପଞ୍ଚାୟତ ଅଧୀନରେ ଥିବା ସିର୍ଜାପାଲି, ଦିଗଶିରା ଓ ବାଦିପଡା ଗ୍ରାମରେ ୨୭୮୨ ଜଣ ଭୋଟର ବୁଧବାର ସମିତି ସଭ୍ୟ ପାଇଁ ମତଦାନ କରିବେ। ଏହି ସମିତି ଉପନିର୍ବାଚନରେ କଳିଙ୍ଗ ଭୋଏ, ଚୌଧୁରୀ ଭୋଏଙ୍କ ମଧରେ ଜୋରଦାର ଲଢ଼େଇ ହେବ। ଏଥି ସକାଶେ ବ୍ଲକ ଓ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ କର୍ମଚାରୀଙ୍କୁ ନିୟୋଜିତ କରିଥିବା ଜଣାପଡିଛି ।



ଭୋଟ ବାକ୍ସ ଓ ଆବଶ୍ୟକ ଉପକରଣ ଧରି କର୍ମଚାରୀମାନେ କେସିଙ୍ଗା ବ୍ଲକରୁ ଯାଉଛନ୍ତି।

# ଆଇପିଏଲ୍ ପରେ ନିଷ୍ପତ୍ତି ନେବେ ଧୋନୀ

**ନୂଆଦିଲ୍ଲୀ, ୨୬।୧୧(ପି.ଟି.)**

ଆସନ୍ତାବର୍ଷ ଖେଳାଯିବାକୁ ଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପରେ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ କ୍ୟାରିୟରର ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନେବେ। ଧୋନୀଙ୍କ ନିକଟତମ ସୂତ୍ରରୁ ଏହା ଜାଣିବାକୁ ମିଳିଛି। ଧୋନୀଙ୍କ କ୍ୟାରିୟର ଓ ଅବସର ସମ୍ପର୍କରେ ଚର୍ଚ୍ଚା ଚାଲୁରହିଥିବା ବେଳେ ଏ ଭଳି ଖବର ମିଳିଛି। ଇଂଲଣ୍ଡରେ ଖେଳାଯାଇଥିବା ଗତ ବିଶ୍ୱକପ୍ ସେମିଫାଇନାଲରେ ଭାରତ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହେବା ପରେ ଧୋନୀ ବିଶ୍ରାମ ନେଇଛନ୍ତି। ସେ ୱେଷ୍ଟଇଣ୍ଡିଜ ଗସ୍ତ ଏବଂ ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ବିପକ୍ଷ ଘରୋଇ ସିରିଜରେ ସାମିଲ ହୋଇ ନ ଥିଲେ। ଆଇପିଏଲ୍ ପରେ ସେ କ୍ୟାରିୟରର ଭବିଷ୍ୟତ ସମ୍ପର୍କରେ ଯାହା କିଛି ନିଷ୍ପତ୍ତି ନେବେ। ତେବେ ଏ ନେଇ ହେଉଥିବା ଚର୍ଚ୍ଚାକୁ ରୋକି ହେବ ନାହିଁ ବୋଲି କୁହାଯାଇଛି। ତେବେ ସେ ଆଇପିଏଲ୍ ପୂର୍ବରୁ କେତୋଟି ମ୍ୟାଚ୍ ଖେଳୁଛନ୍ତି ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

ଚେନ୍ନାଇ ସୁପର କିଙ୍ଗ୍ସର ନେତୃତ୍ୱ ନେଇ ଆସୁଥିବା ୩୮ ବର୍ଷୀୟ ଧୋନୀ ଆଗାମୀ ୱେଷ୍ଟଇଣ୍ଡିଜ ବିପକ୍ଷ ସୀମିତ ଓଭର ସିରିଜରେ ମଧ ସାମିଲ ହେବେ ନାହିଁ। ଆସନ୍ତା ୬ ତାରିଖରୁ ୩ଟି ଟି୨୦ ଓ ୩ଟି ଦିନିକିଆ ମ୍ୟାଚ୍ ବିଶିଷ୍ଟ ସିରିଜ ଖେଳାଯିବ।

ଉଲ୍ଲେଖଥାଉ କି, ଧୋନୀଙ୍କ ନେତୃତ୍ୱରେ ଭାରତ ଦିନିକିଆ ବିଶ୍ୱକପ୍, ଟି୨୦ ବିଶ୍ୱକପ୍ ଟାଇଟଲ ହାସଲ କରିଛି। ସେ ଏପର୍ଯ୍ୟନ୍ତ ୯୦ଟି ଟେଷ୍ଟ, ୩୫୦ଟି ଦିନିକିଆ ଓ ୯୮ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳି ମୋଟ ଉପରେ ୧୭,୦୦୦ ରନ ସଂଗ୍ରହ କରିଛନ୍ତି।




### ‘ବାହାଘର ପର୍ଯ୍ୟନ୍ତ ପୁରୁଷମାନେ ସିଂହ’

ଇଂଲଣ୍ଡରେ ଅନୁଷ୍ଠିତ ଗତ ଆଇସିସି ବିଶ୍ୱକପ୍ ପରେ ଭାରତୀୟ କ୍ରିକେଟ୍ ଦଳର ଅଭିଜ୍ଞ ଖେଳାଳି ମହେନ୍ଦ୍ର ସିଂ ଧୋନୀଙ୍କୁ ଆଉ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଦେଖିବାକୁ ମିଳୁନାହିଁ। କ୍ରିକେଟରୁ ସାମୟିକ ଭାବେ ଦୂରେଇ ଯାଇଥିଲେ ମଧ ଧୋନୀ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାଧ୍ୟମରେ ନିଜକୁ ବ୍ୟସ୍ତ ରଖୁଛନ୍ତି। ତେବେ ନିକଟରେ ବିବାହ ପୂର୍ବ ଜୀବନକୁ ନେଇ ଧୋନୀ ଦେଇଥିବା ଏକ ମଜାଦାର ମନ୍ତବ୍ୟ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଚେନ୍ନାଇରେ ଏକ ଅନ୍‌ଲାଇନ ମ୍ୟାଟ୍ରିମୋନିଆଲ ସଂସ୍ଥା ପକ୍ଷରୁ ଆୟୋଜିତ ଇଭେଣ୍ଟ ଅବସରରେ ଧୋନୀ କହିଥିଲେ ଯେ, ପୁରୁଷମାନେ ଯେ ପର୍ଯ୍ୟନ୍ତ ବିବାହ କରିନାହାନ୍ତି ସେ ପର୍ଯ୍ୟନ୍ତ ସିଂହ ହୋଇ ରହିଥାନ୍ତି। ସେହିଭଳି ୨୦୧୦ରେ ସାକ୍ଷୀଙ୍କୁ ବିବାହ କରିଥିବା ଧୋନୀ ‘ସେ କାହିଁକି ଆଦର୍ଶ ସ୍ୱାମୀ’ ତାହାକୁ ନେଇ ଏକ ମଜାଳିଆ ବ୍ୟାଖ୍ୟା କରିଥିଲେ। ‘ଖୁସି ରହିବା ପାଇଁ ତାଙ୍କ ସ୍ତ୍ରୀ ଯାହା କିଛି କରିବାକୁ ଚାହୁଁଛନ୍ତି ସେ ତାହା କରିବାକୁ ଦେଉଛନ୍ତି’ ବୋଲି କହିଛନ୍ତି। ଧୋନୀଙ୍କ ଏହି ଭିଡିଓକୁ ତାଙ୍କର କିଛି ପ୍ରଶଂସକ ସୋସିଆଲ ମିଡିଆରେ ଶେୟାର କରିବାପରେ ଏହା ଏବେ ଭାଇରାଲ ହୋଇଯାଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୭ ନଭେମ୍ବର,୨୦୧୯



କୃପଣ ହେଉଛି ପ୍ରକୃତରେ ଦରିଦ୍ର, କାରଣ ପ୍ରାଚୁର୍ଯ୍ୟ ଭିତରେ ବି ସେ ଅନାହାରରେ ଥାଏ।
-ଜନ୍ ଡ୍ରାଇଡେନ୍



## ସଂକ୍ଷେପରେ



### କୃଷି ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଖୋଲିଲା

**ବୋଡେନ,୨୬।୧୧(ଡି.ଏନ.ଏ.):** ନୂଆପଡା ଜିଲା ବୋଡେନ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଉଦ୍‌ଘାଟନ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସମବାୟ ସମିତି ସଭାପତି ଲଛମନ ମାଝି ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ପ୍ରଜାପତି ବାଗ, ସୁଗ୍ରିବ ଦଣ୍ଡସେନା, ଅରୁଣ ମାଝି, ଅନ୍ତରାମ ନାଏକ, ନିଲମ ନାଏକ, ହିରାଲାଲ ମାଝି, ସୌଦାଗର ସାହୁ, ମଧୁ ସୁଦନ ଦଣ୍ଡସେନା, ପ୍ରଜେଶ କୁମାର ହଂସ ପ୍ରମୁଖ ଉପସ୍ଥିତ ହୋଇଥିଲେ। ପ୍ରଥମ ଦିନରେ ଚାଷୀମାନେ ୨୪୩ କୁଇଣ୍ଟାଲ ୬୩ କିଲୋଗ୍ରାମ ଧାନ ଆଣିଥିଲେ। ଧାନକୁ ମଣ୍ଡିରେ ମିଲର୍ସମାନଙ୍କ ଦ୍ୱାରା କିଣା ହେଉ ଥିବାବେଳେ ଧାନର ମାନ ଯାଞ୍ଚ କରି କିଣାଯାଉଛି। କୁଇଣ୍ଟାଲ ପ୍ରତି ଉଚିତ ମୂଲ୍ୟ ୨୪ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟରେ ଜମା ହୋଇଯିବ ହେବାଲି ସୂଚନା ମିଳିଛି।

### ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଖଡିଆଳ,,୨୬।୧୧(ଡି.ଏନ.ଏ.)** ନୂଆପଡା ଜିଲା ଖଡିଆଳ ବ୍ଲକ ଚନାବେଡା ପଞ୍ଚାୟତ ରୋହେନପଦର ଗ୍ରାମ ନିକଟରେ ଏକ ବାଇକ୍ ଏବଂ ସାଇକେଲ ମଧରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଚନାବେଡା ଗ୍ରାମର ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ ରୁଦ୍ର ମାଝି (୪୭)ଙ୍କ ମୃତ୍ୟୁ ହୋଇଥିବା ବେଳେ ସାଇକେଲ ଆରୋହୀଙ୍କୁ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଗ୍ରାମବାସୀ ଉଦ୍ଧାର କରି ଖଡିଆଳ ମିଶନ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି । ରୁଦ୍ର ଚାଷ ଜମିରୁ ଧାନ ଅମଳ କରି ଫେରୁଥିବା ବେଳେ ରୋହେନପଦର ଗ୍ରାମ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ । ଏ ନେଇ ଖଡିଆଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

### ପତାକା ଦିବସ ପାଳିତ

**ନୂଆପଡା ଅଫିସ,୨୬।୧୧ :** ସ୍ଥାନୀୟ ନୂଆପଡା ନ୍ୟାଶନାଲ କଲେଜରେ ଅଧ୍ୟକ୍ଷ ସମରେନ୍ଦ୍ର ନାରାୟଣ ଦାସଙ୍କ ସଭାପତିତ୍ୱରେ ପତାକା ଦିବସ ପାଳିତ ହୋଇଯାଇଛି। ରାଜନୀତି ବିଜ୍ଞାନର ପ୍ରାଧ୍ୟାପକ ସୁରେନ୍ଦ୍ର ମୋହନ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବାବେଳେ ପ୍ରାଧ୍ୟାପକ ଦୁର୍ଲଭ ଚରଣ ବେହେରା, ଜାତୀୟ ସେବା ଯୋଜନା ଅଧିକାରୀ ଡ. ପ୍ରଣତି ପଣ୍ଡା, ଶିବ ପ୍ରସାଦ ସା, ସଚିନ କୁମାର ବାବୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପତାକା ଦିବସ ପାଳନ ଉଦ୍ଦେଶ୍ୟ ଏବଂ ଆବଶ୍ୟକତା ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ କପିଳଦେବ ପାଣିଗ୍ରାହୀ ସଂଯୋଜନା କରିଥିବାବେଳେ ସଚିନ କୁମାର ବାବୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ମଦ ପାଉଚରେ ଗାନ୍ଧୀଙ୍କ ଚଷମା ଚିହ୍ନକୁ ନେଇ ଅସନ୍ତୋଷ

**ସିନାପାଲି,୨୬।୧୧(ଡି.ଏନ.ଏ.)**

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରିୟ ଚଷମାକୁ ଆଜି ସ୍ୱଚ୍ଛ ଭାରତ ନାମରେ ଚିହ୍ନିତ କରାଯାଇଛି। କିନ୍ତୁ ଏହି ପ୍ରିୟ ଚଷମା ଚିହ୍ନକୁ ମଦ ପାଉଚରେ ମଧ୍ୟ ସ୍ଥାନିତ କରାଯାଇଛି। ଯାହାକୁ ଲୋକେ ପିଇ ସାରିବା ପରେ ରାସ୍ତାଘାଟ ଅଳିଆ ଆବର୍ଜନାରେ ଫିଙ୍ଗୁଛନ୍ତି। ଏହା ମହାତ୍ମାଙ୍କ ପ୍ରତି ସମ୍ମାନ ନା ଅସମ୍ମାନ ବୋଲି ବୁଦ୍ଧିଜୀବୀ ମହଲରେ ବେଶ ଚର୍ଚ୍ଚା ହେଉଛି। ନୂଆପଡା ଜିଲା ଖରିଆର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୋଡେନ, ସିନାପାଲି, ଖଡିଆଳ ବ୍ଲକ ଅଞ୍ଚଳରେ ଥିବା ଦେଶୀ ମଦଭାଟିଗୁଡିକରେ ବିକ୍ରି ହେଉଥିବା ପଲିଥିନ ମଦ ପାଉଚରେ ଏହି ଚିହ୍ନ ଦେଖିବାକୁ ମିଳୁଛି । ଗତ କିଛି ଦିନ ତଳେ ବୋଡେନ ବ୍ଲକ ବୋଏରଗାଁ ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ମଦ ବିରୋଧରେ ଆନ୍ଦୋଳନ କରିବା ସହ ଗାନ୍ଧୀଙ୍କ ଚଷମା




ଚିହ୍ନକୁ ହଟାଇବା ପାଇଁ ଦାବି କରିଥିଲେ। ସ୍ୱଚ୍ଛତା ନାମରେ ମଦ ପାଉଚରେ ମହାତ୍ମା ଗାନ୍ଧୀଙ୍କ ଚଷମା ରହିବା ତାଙ୍କ ପ୍ରତି ଘୋର ଅସମ୍ମାନ ବୋଲି ମତ ପ୍ରକାଶ ପାଇବା ସହ ପାଉଚରୁ ଚିହ୍ନକୁ ହଟା ନ ଗଲେ ବ୍ୟାପକ ଆନ୍ଦୋଳନ କରାଯିବ

**ଆନ୍ଦୋଳନ ଦାନା ବାନ୍ଧୁଛି**
- ମହାତ୍ମା ଗାନ୍ଧୀଙ୍କୁ ଅସମ୍ମାନ
- ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା କରିବେ ଆନ୍ଦୋଳନ

ବୋଲି ଚେତାବନୀ ଦିଆଯାଇଛି। ଖଡିଆଳ ନିର୍ବାଚନ ମଣ୍ଡଳୀର ଅନେକ ବ୍ଲକରେ ମହୁଲି ମଦ ଭାଟିରେ ଏପରି ମଦ ପାଉଚ ପ୍ରସ୍ତୁତ କରାଯାଉଥିବା ବେଳେ ଭାଟିର ମାଲିକ ରାଜେଶ ସାହୁ ନାମରେ ଲାଇସେନ୍ସ ଥିବା ଲିଖିତ ରହିଛି। ଏଥିସହ ବିଭିନ୍ନ ଭାଟିର ନାମ ସବସେଣ୍ଟର ବୋଲି ମଧ ଉଲ୍ଲେଖ ରହିଛି। ଏହି ଚିହ୍ନକୁ ନେଇ ବିଭିନ୍ନ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ, ସାମାଜିକ କର୍ମୀ, ରାଜନୈତିକ ନେତୃବର୍ଗ ଏହାର ତୀବ୍ର ନିନ୍ଦା କରିବା ସହ ଏଭଳି ଅପବ୍ୟବହାରକୁ ନାପସନ୍ଦ କରିଛନ୍ତି । ବର୍ତ୍ତମାନ ଏହିଭଳି ଅସମ୍ମାନକୁ ନେଇ ସବୁ ମହଲରେ ଜୋର ଚର୍ଚ୍ଚା ଧରିଛି ।

**ସେମାନେ ଯାହା କୁହନ୍ତି...**

ଯେଉଁ ଗାନ୍ଧୀଜୀଙ୍କ ପାଇଁ ଦେଶ ସ୍ୱାଧୀନ ପାଇଲା। ପୁଣି ଯାହାଙ୍କ ପାଇଁ ଆମେ ବିଶ୍ୱ ଦରବାରରେ ପରିଚିତ, ତାଙ୍କର ଚଷମା ମଦ ପାଉଚରେ ରହିବା ସବୁଠାରୁ ଲଜ୍ୟା ଓ ଅପମାନର ବିଷୟ। ତୁରନ୍ତ ନ ହଟିଲେ ବିଧାନସଭାରେ ପ୍ରଶ୍ନ ଉଠାଯିବ।
**ଅଧିରାଜ ମୋହନ ପାଣିଗ୍ରାହୀ, ବିଧାୟକ, ଖଡିଆଳ**

ଗାନ୍ଧୀଙ୍କୁ ନେଇ ସମଗ୍ର ଭାରତ ବର୍ଷ ଗର୍ବ କରେ। ତାଙ୍କ ଚଷମା ଚିହ୍ନ ମଦ ପାଉଚରେ ରହିବା ଦୁର୍ଭାଗ୍ୟ ଜନକ। ଏହା ଶୀଘ୍ର ହଟିବାର ଆବଶ୍ୟକତା ରହିଛି। ଏହା ଉପରେ ମୁଁ ମଧ ବିଭାଗୀୟ ଅଧିକାରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରାଯିବ ।
**ଲମ୍ବୋଦର ନିଆଲ, ବିଜେଡି ଜିଲା ସଭାପତି**

ମହାତ୍ମା ଗାନ୍ଧୀ ନିଶା ନିବାରଣ ଉପରେ କାମ କରୁଥିଲେ । ନିଶାମୁକ୍ତି ଦେଶ ଓ ସ୍ୱଚ୍ଛତା ଉପରେ ଲୋକଙ୍କୁ ବାର୍ତ୍ତା ଦେଇଥିଲେ ଏହା ସାରା ଦୁନିଆ ଜାଣେ। ଏହିଭଳି ଜନନାୟକ ଜାତିର ପିତାଙ୍କ ଚଷମା ଚିହ୍ନକୁ ମଦ ପାଉଚରେ ସ୍ଥାନିତ କରିବା ଅତି ଲଜ୍ୟା ଓ ପରିତାପର ବିଷୟ । ଏହା ହଟା ନ ଗଲେ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ବିରାଟ ଜନଆନ୍ଦୋଳନ କରିବୁ ।
**ଦିପ୍ତୀମୟୀ ନାଏକ, ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ, ଗୋଡାଳ ଗ୍ରାମପଞ୍ଚାୟତ**

ମଦ ପାଉଚରେ ଗାନ୍ଧୀଙ୍କ ଚଷମା ରହିବା ତାଙ୍କ ପ୍ରତି ଘୋର ଅପମାନ ଓ ଅସମ୍ମାନ। ଏଭଳି ଆଚରଣ ଯିଏବି କରିଛି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।
**ମେଘନାଥ ଖର୍ସେଲ, ସାମାଜିକ କର୍ମୀ**

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**କୋମନା,୨୬।୧୧(ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ବୁଢିକୋମନାସ୍ଥିତ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଛାତ୍ରୀମାନଙ୍କ ୧୨ ଦିନିକିଆ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀରେ ଅଧ୍ୟକ୍ଷ୍ୟ ଶୀତିକଣ୍ଠ ପଣ୍ଡା ମୁଖ୍ୟଅତିଥି ଭାବେ, ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ସଂଘମିତ୍ରା ନାଏକ, ଅଧ୍ୟାପକ ପରିତୋଷ ସାହୁ, ଅଧ୍ୟାପକ ରାଜକୁମାର ସୁନାନୀ ପ୍ରମୁଖ ଯୋଗଦେଇ ଆତ୍ମସୁରକ୍ଷା ତାଲିମ ଆବଶ୍ୟକତା ଉପରେ ବୁଝାଇଥିଲେ। ଖେଳ ଶିକ୍ଷକ ପ୍ରକାଶ ଚନ୍ଦ୍ର ହୋତା ଶିବିରକୁ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଦୁର୍ଯ୍ୟୋଧନ ସାହୁ ସ୍ୱାଗତ ସମ୍ଭାଷଣ ଦେଇ ସଭା ପରିଚାଳନା କରିଥିଲେ। ଚାଲିଥିବା ତାଲିମ ଶିବିରରେ ମାଷ୍ଟର ଟ୍ରେନର ଅନୁସୂୟା ଶବର ତାଲିମ ପ୍ରଦାନ କରିଥିଲେ। ଅଧ୍ୟାପିକା ଲତା ବାଗ, ଅଧ୍ୟାପକ ଅଜୟ କୁମାର ପଣ୍ଡା, କିରାଣୀ ସୁଳୟା ମଞ୍ଜରୀ ଠାକୁର, ଲୋକନାଥ ବାଗ ଓ ଜ୍ୟୋତିରଞ୍ଜନ ସିଂଦେଓ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଧାଡ଼ି ପ୍ରଣାଳୀରେ ଧାନଚାଷର କ୍ଷେତ୍ର ଦିବସ

**କର୍ଲାମୁଣ୍ଡା,୨୬।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡ ବ୍ଲକ ରିଷିଡା କୁମ୍ଭାରପଡାଠାରେ କୃଷି ବିଭାଗ ପକ୍ଷରୁ ମଙ୍ଗଳବାର ପୂର୍ବ ଭାରତରେ ସବୁଜ ବିପ୍ଳବ ଯୋଜନାରେ ଧାଡି ପ୍ରଣାଳୀରେ ଧାନ ଚାଷର କ୍ଷେତ୍ର ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ କୃଷି ଅଧିକାରିଣୀ ମୋନାଲିଷା ଜେନା, ବିହନ ଉତ୍ପାଦକ ଅଧିକାରୀ ସୁବାଷ ଚନ୍ଦ୍ର ବେହେରା, ନିତି ଆୟୋଗର (ଆଇଟିସି) କର୍ମଚାରୀ କୁବେର ବୁଡେକ, ଆତ୍ମା ବ୍ଲକ ଟେକ୍‌ନିକାଲ ମ୍ୟାନେଜର ଧବଳେଶ୍ୱର ସାହୁ, ଗ୍ରାମ୍ୟ କୃଷି କର୍ମଚାରୀ ନବୀନ କୁମାର ମାଝି, ଘନଶ୍ୟାମ ଜାନି, ପିତାମ୍ବର ମାଝି, ସୁରଜ ଶେଖର ସାହୁ, ସୁଶାନ୍ତ କୁମାର ମହାରଣା ପ୍ରମୁଖ ଯୋଗଦେଇ ଧାଡିରଆ ଚାଷର ଉପକାରିତା ତଥା ଅଧିକ ଅମଳ ଉପରେ ଚର୍ଚ୍ଚା କରିଥିଲେ। ଗ୍ରାମ୍ୟ କୃଷି କର୍ମଚାରୀ ଧର୍ମେନ୍ଦ୍ର ଶବର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଚାଷୀ ପ୍ରହଲ୍ଲାଦ ବାରିକଙ୍କ କ୍ଷେତରେ ଶଷ୍ୟ କାଟ କରାଯାଇଥିଲା। ଧାଡିରେ ଧାନ ଚାଷ କରି ଅଧିକ ଅମଳ କରିଥିବା ୪ ଜଣ ଚାଷୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ସମସ୍ତ ଚାଷୀମାନେ ଯୋଗଦେଇ ଥିଲେ।

## ଶିକ୍ଷକଙ୍କ ବିନା ସମାଜରେ ଉନ୍ନତି ପରିକଳ୍ପନା କରିବା ଅସମ୍ଭବ

**କର୍ଲାମୁଣ୍ଡା/ତୁଣ୍ଡଲା, ୨୬।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ସିଟି ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ନବନିର୍ମିତ କର୍ମକର୍ତ୍ତାଙ୍କ ଶପଥପାଠ ଉତ୍ସବ ଓ ସାମ୍ବିଧାନିକ ସମ୍ମିଳନୀ ରବିବାର ବେଲଖଣ୍ଡିଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ଗୌରହରି ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭାପତି ପ୍ରଦୀପ କୁମାର ସାହୁ, ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ଜିଲା ସଭାପତି ବରୁଣ ସୁନା, କାର୍ଯ୍ୟକାରୀ ସଭାପତି ଭୁକୁଟି ଗଉଡ, ସାଧାରଣ ସମ୍ପାଦକ ଧନଞ୍ଜୟ ସାହୁ, ଉପଦେଷ୍ଟା ମୋହନଲାଲ ରଣା, କର୍ଲାମୁଣ୍ଡା ପ୍ରେସ କ୍ଲବ ସଭାପତି ନରୋତ୍ତମ ସେଲମା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାଧାମୋହନ ପାଢୀ ଯୋଗଦେଇଥିଲେ। ଶିକ୍ଷକଙ୍କ ବିନା ସମାଜରେ ଉନ୍ନତି ପରିକଳ୍ପନା କରିବା ଅସମ୍ଭବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସତ୍ୟନାରାୟଣ ରାଜପୁତ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ବିଶିଷ୍ଟ କଳାକାର ଓ ସାମାଜିକ କର୍ମୀ ମଧୁସୂଦନ ବାଗଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କର୍ଲାମୁଣ୍ଡା ପ୍ରେସକ୍ଲବ ସଭାପତି ନରୋତ୍ତମ ସେଲମା, ଅତିରିକ୍ତ ଗୋଷ୍ଠୀ ଶୀକ୍ଷାଧିକାରୀ ରାଧାମୋହନ ପାଢୀ ଓ ରାଜ୍ୟସଭାପତି ପ୍ରଦୀପ କୁମାର ସାହୁଙ୍କୁ ମଧ୍ୟ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ ସମ୍ପାଦକ ରିଟର୍ନ ନାଗ,କିଶୋର କୁମାର, ମଧୁସୂଦନ ଧରୁଆ, ସଚ୍ଚିଦାନନ୍ଦ କୁମାର, ବାସୁଦେବ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



ସମ୍ବିଧାନ ଦିବସ ପାଳନ ଅବସରରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନେ।

## ସମ୍ବିଧାନ ଦିବସ

**କୋମନା,୨୬।୧୧(ଡି.ଏନ.ଏ.)**

ନୂଆପଡା ଜିଲା କୋମନା ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ପ୍ରଭାସ କୁମାର ପଣ୍ଡା ସଭାପତିତ୍ୱ କରିଥିବାବେଳେ ଏନଏସଏସ ପ୍ରୋଗ୍ରାମ ଅଫିସର ଦେବେନ୍ଦ୍ର ସୁନାନୀ, ନଳିନୀ କାନ୍ତି ସା, ଫକୀର ଚରଣ ପାଢୀ, ମହେନ୍ଦ୍ର କୁମାର ମେହେର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପାଳନ ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ଉପରେ ବକ୍ତାମାନେ କହିଥିଲେ। ଏହି ଅବସରରେ କଲେଜ ସମସ୍ତ ଛାତ୍ରୀଛାତ୍ର, କର୍ମଚାରୀ ଯୋଗଦେଇଥିଲେ।



ସମାଡପଦର ଗ୍ରାମବାସୀଙ୍କ ସହ କଳାକାରମାନେ।

## ଜଙ୍ଗଲ ଉପରେ ସମାଡ଼ପଦର ମହୋତ୍ସବ

**ନୂଆପଡା ଅଫିସ/ଖଡିଆଳ, ୨୬।୧୧(ଡି.ଏନ.ଏ.)**

ନୂଆପଡା ଜିଲାର ଏକଦା ପ୍ରଥମ ମହିଳା ଜିଲାପାଳ ଦୁର୍ଗମ ସମାଡପଦର ଗାଁକୁ ଯାଇ ମୌଳିକ ସୁବିଧା ସମାଧାନ କରିବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା କେବଳ କାଗଜକଲମରେ ସୀମିତ ହୋଇ ରହିଗଲା। ହେଲେ ସେହିଦିନଠାରୁ ଜଣେ ଉଚ୍ଚଶିକ୍ଷିତା ଯୁବତୀ ନିଜ ବଳିଷ୍ଠ ଉଦଯୋଗ ଏବଂ ଗ୍ରାମବାସୀଙ୍କ ସହଯୋଗ ଫଳରେ ସମସ୍ତ ଅସୁବିଧାକୁ ଲଙ୍ଘନ କରି ସ୍ମାର୍ଟ ଗାଁର ମାନ୍ୟତା ଦେବାକୁ ପଦକ୍ଷେପ ଆରମ୍ଭ କରିଛନ୍ତି। ଗାଁକୁ ବାହାର ଦୁନିଆଁରେ ଏକ ମାଇଲଖୁଣ୍ଟ ଭଳି ଛିଡା କରିବାକୁ ଯାଇ ଏଠାରେ ସମାଡପଦର ମହୋତ୍ସବ ପାଳନ

**ଗାଁକୁ ସ୍ମାର୍ଟ କରିବାର ସ୍ୱପ୍ନ**

କରାଯାଇଛି। ଏଥିରେ ଆୟୋଜକ ରଞ୍ଜିତା ପ୍ରିୟଦର୍ଶିନୀ ସଭାପତିତ୍ୱ କରିଥିବାବେଳେ ପଶ୍ଚିମ ଓଡିଶା ବିକାଶ ପରିଷଦ ସକ୍ରିୟ ସଦସ୍ୟ ଲମ୍ବୋଦର ନିଆଲ ମୁଖ୍ୟଅତିଥି, ସାମାଜିକ କର୍ମୀ ମମତା ମଞ୍ଜରୀ ଥପା, ଶାଶ୍ୱତ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଇଂ ପ୍ରିୟଦର୍ଶିନୀ ଉତ୍ସବ ପାଳନର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ସମ୍ପର୍କରେ ସମ୍ୟକ ଧାରଣା ଦେଇଥିଲେ। ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଗାଁରେ ଯେ କୌଣସି ପ୍ରକାର ଉନ୍ନୟନ କାର୍ଯ୍ୟ କରାଯାଏ । ତେବେ ସେଥିରେ ଅକୁଣ୍ଠିତ ସହଯୋଗ କରିବେ ବୋଲି କହିଥିଲେ। କଣ୍ଠ ଶିଳ୍ପୀ ଓ ସାଂସ୍କୃତିକ ବିଭାଗର ଷ୍ଟେଟ ରିସୋର୍ସପର୍ସନ ଶାଶ୍ୱତ ତ୍ରିପାଠୀ ଗାଁରେ ଏକ ସାଂସ୍କୃତିକ ଦଳ ଗଠନ କରିବେ ବୋଲି କହିଥିଲେ। ଗଣ୍ଡ ସମାଜର ଜିଲା ସଭାପତି ପ୍ରସନ୍ନ କୁମାର ମାଝି ସମାଜର ଉନ୍ନତି ସକାଶେ ଯାହା କିଛି ଦରକାର ପଡିବ ସେଥିପାଇଁ ଆଗଭର ରହିଛନ୍ତି ବୋଲି କହିଥିଲେ। ଗାଁର ଆଗଧାଡିର ସମାଡପଦର ଗ୍ରାମବାସୀ ବିକ୍ରମ ମାଝି ଓ ମହେନ୍ଦ୍ର ମାଝି ଧନ୍ୟବାଦ ଜ୍ଞାପନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗ୍ରାମବାସୀ ଝୁମିଥିଲେ। କାର୍ଯ୍ୟକ୍ରମରେ ଖଡିଆଳ ସମେତ ଆଖପାଖ ବ୍ଲକର ବହୁ ଦର୍ଶକ ଯୋଗଦେଇଥିଲେ।

■ ରାସ୍ତା ନିର୍ମାଣରେ ବିଳମ୍ବ ଅଭିଯୋଗ

# କଲମପୁର-ଥୁ.ରାମପୁର ରାସ୍ତା ଅବରୋଧ

**କଲମପୁର,୨୬।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁରଠାରୁ ଥୁ.ରାମପୁରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ଅଧୀନ ରାସ୍ତା ଉନ୍ନତିକରଣ ଓ ରାସ୍ତା ନିର୍ମାଣ କାମରେ ବିଳମ୍ବ ଯୋଗୁ ଲୋକେ ଯାତାୟାତ ଓ ଧୂଳିରେ ଅତିଷ୍ଠ ହୋଇଛନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାର ଗ୍ରାମବାସୀ ଉକ୍ତ ରାସ୍ତାରେ ଟାୟାର ଜାଳିବା ସହ ଗାଡି ରଖି ରାସ୍ତା ଅବରୋଧ କରିଥିଲେ। ସୂଚନା ଯେ, କଲମପୁର ଥୁ.ରାମପୁରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ଅଧୀନ ୭ କି.ମି. ରାସ୍ତାର ଉନ୍ନତିକରଣ ପାଇଁ ୫ କୋଟି ଟଙ୍କା ବ୍ୟୟବରାଦରେ ଗତ ମାର୍ଚ୍ଚ ମାସଠାରୁ କାର୍ଯ୍ୟ ଆରମ୍ଭ ହୋଇଥିଲା। ଠିକା ସଂସ୍ଥା ଓ ପୂର୍ତ୍ତ ବିଭାଗର ଦୂରଦୃଷ୍ଟିର ଅଭାବରୁ ସମସ୍ତ ରାସ୍ତାକୁ ଖୋଲି ଦିଆଯାଇଥିଲା। କିନ୍ତୁ ବର୍ଷା ପୂର୍ବରୁ କିଛି କାର୍ଯ୍ୟ ହୋଇପାରି ନ ଥିଲା। ବର୍ଷା ଛାଡିବାର ଦୀର୍ଘ ଦିନ ବିତିଯିବା ପରେ ମଧ ଠିକା ସଂସ୍ଥା କାର୍ଯ୍ୟ ଆରମ୍ଭ କରିନାହିଁ। ଫଳରେ ଲୋକେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖିନ ହେବା ସହ ଧୂଳି ଦ୍ୱାରା ଲୋକେ ପ୍ରଭାବିତ ହେଉଛନ୍ତି। ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କୌଣସି ସମାଧାନ ହୋଇ ନ ଥିବାରୁ ମଙ୍ଗଳବାର ଅଞ୍ଚଳବାସୀଙ୍କ ଦ୍ୱାରା କଲମପୁର ଆଦର୍ଶ ବିଦ୍ୟାଳୟ ଛକଠାରେ ରାସ୍ତା ଅବରୋଧ କରିଥିଲେ। ରାସ୍ତା ଅବରୋଧ ଖବର ପାଇ କଲମପୁର ବିଡିଓ ହେମସାଗର ଭୋଇ, କଲମପୁର ଫାଣ୍ଡି ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟ ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କ ସହ ଆଲୋଚନା କରିଥିଲେ। ଲୋକେ ରାସ୍ତା ନିର୍ମାଣ ନ ହେବା ପର୍ଯ୍ୟନ୍ତ ଧୂଳି ଗୁଣ୍ଡରୁ ରକ୍ଷା ପାଇବା ପାଇଁ ଦିନକୁ ୩ଥର ରାସ୍ତାରେ ପାଣି ସିଞ୍ଚନ କରିବା ପାଇଁ ଦାବି କରିଥିଲେ। ଏହା ସହ ତୁରନ୍ତ ରାସ୍ତା କାର୍ଯ୍ୟ ନିର୍ମାଣ କରିବା ସହ ବିଭାଗୀୟ ଅଧିକାରୀଙ୍କ ପ୍ରତିଶ୍ରୁତି ଲୋଡିଥିଲେ। ଘଟଣାସ୍ଥଳରେ ଜୁନାଗଡ ଉପବିଭାଜନ ସହକାରୀ ଯନ୍ତ୍ରୀ ସୁନାରାମ ମୁର୍ମୁ ଲୋକଙ୍କ ଦାବି ମୁତାବକ ରାସ୍ତାରେ ପାଣି ସିଞ୍ଚନ ପ୍ରତିଶ୍ରୁତି ଦେବା ସହ ଦୁଇ ତିନି ଦିନ ମଧ୍ୟରେ ରାସ୍ତା କାମ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ଅଞ୍ଚଳର ଚିତରଞ୍ଜନ ମିଶ୍ର, କଲମପୁର ବ୍ଲକ ଉପାଧ୍ୟକ୍ଷ ଦୁଃଖିରାମ ମାଝି, ସଦାଶିବ ମାଝି, ରାହୁଲଦେବ ମାଝି, ଇନ୍ଦ୍ରମଣୀ ସାହୁ ପ୍ରମୁଖ ଉପସ୍ଥିତ ରାସ୍ତା ଅବରୋଧରେ ସାମିଲ ହୋଇଥିଲେ।



ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛକଠାରେ ଲୋକେ ରାସ୍ତା ଅବରୋଧ କରିଛନ୍ତି।

■ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଅରାଜକତା

# ଗୁରୁ, ଛାତ୍ରୀଛାତ୍ର ଜିଲାପାଳଙ୍କୁ ଗୁହାରି କଲେ

**ନୂଆପଡା ଅଫିସ,୨୬।୧୧**

ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଏକ ସୁସ୍ଥ ବାତାବରଣ ମଧ୍ୟରେ ଶିକ୍ଷାଦାନ କରାଯିବା ନିୟମ ରହିଛି । କିନ୍ତୁ ଅଧ୍ୟକ୍ଷ ଗୁରୁଛାତ୍ରୀଛାତ୍ରଙ୍କୁ ବାରମ୍ବାର ମାନସିକ ଭାବେ ନିର୍ଯାତନା ଦେଉଥିବା ବେଳେ ବିଭିନ୍ନ ଅସୁବିଧାରେ ରହିବାକୁ ବାଧ୍ୟ କରୁଥିବା କଥା ଜିଲା ମୁଖ୍ୟାଳୟରେ ଚର୍ଚ୍ଚାର ବିଷୟ ହୋଇଛି। ଏହାକୁ ନେଇ ଶତାଧିକ ସଂଖ୍ୟାରେ ଗୁରୁଛାତ୍ରୀଛାତ୍ର କଲେକ୍ଟୋରେଟକୁ ଯାଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

ଜିଲାପାଳଙ୍କ କାର୍ଯ୍ୟାଳୟରୁ ମାତ୍ର ୨ ଶହ ମିଟର ଦୂରରେ ଥିବା ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ବିଭିନ୍ନ ସମୟରେ ବହୁ ସମସ୍ୟାରେ ରହୁଥିବା ବେଳେ ଗୁରୁଛାତ୍ରୀଛାତ୍ରମାନେ ମୁହଁ ବନ୍ଦ କରି ରହିଥିଲେ। ହେଲେ ଶେଷରେ ଅସହ୍ୟହେବାରୁ ମଙ୍ଗଳବାର ପୂର୍ବାହ୍ନ ସାଢେ ୧୦ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ ଅଭିଯୋଗଗୁଡିକୁ ପ୍ରଥମ ଥର ପାଇଁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ ହଷ୍ଟେଲ ମଧ୍ୟରେ ଗୁରୁଛାତ୍ରମାନେ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁଛାତ୍ରୀଛାତ୍ରମାନେ ଛିଡା ହୋଇଛନ୍ତି ।

**ଅନୁଷ୍ଠାନ ଅଧ୍ୟକ୍ଷଙ୍କ ବହିଷ୍କାର ଚେତାବନୀ**

ରହୁଥିବାବେଳେ ଏଠାରେ ବଳ ପୂର୍ବକ ଦୁଇଟି କୋଠରୀକୁ ଅଧ୍ୟକ୍ଷ ମହୋଦୟ ଅକ୍ତିଆର କରି ରହୁଛନ୍ତି। ପିଲାଙ୍କ ଖାଦ୍ୟକୁ ଖାଉଥିବାବେଳେ ନିଜ ଘରକୁ ମଧ୍ୟ ନେଉଛନ୍ତି। ଗୁରୁ ଛାତ୍ରମାନଙ୍କୁ ନିଜର ବ୍ୟକ୍ତିଗତ କାର୍ଯ୍ୟକରିବାକୁ ବାଧ୍ୟ କରୁଛନ୍ତି। ଦିବ୍ୟାଙ୍ଗ ଛାତ୍ରମାନଙ୍କୁ ବିଭିନ୍ନ ଇଙ୍ଗିତ କରି ଉପହାସ କରିଥାନ୍ତି। ଅନୁସୂଚିତ ଜାତିବର୍ଗର ଛାତ୍ରମାନଙ୍କୁ ଅସ୍ପୃଶ୍ୟତା ଦେଖାଇଥାନ୍ତି। ତାଙ୍କ କାର୍ଯ୍ୟକାଳ ସମୟରେ କୌଣସି ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇପାରିବ ନାହିଁ। ଯଦି ତାଙ୍କ କଥା କେହି ନ ମାନନ୍ତି ତେବେ ଏଠାରୁ ବାହାରିଯିବାକୁ ଧମକ ଦେଇଥାନ୍ତି। ଏପରିକି ଛାତ୍ରୀମାନଙ୍କୁ ମଧ୍ୟ ଅଶ୍ଳିଳ ଭାବେ ଗାଳିଗୁଲଜ କରିଥାନ୍ତି। ହଷ୍ଟେଲ ଆଡମିସନ ବାବଦକୁ ଜଣ ପିଛା ୬ ହଜାର ଟଙ୍କା ନେଉଥିବାବେଳେ ମାତ୍ର ୩୨ ଶହ ଟଙ୍କାର ରସିଦ ଦେଇଥାନ୍ତି। ଏକଥା ବାବଦକୁ ପଚାରିଲେ ମୁହଁ ବନ୍ଦ କରିବାକୁ ଚେତାବନୀ ଦେଉଥିବା ଅଭିଯୋଗ ହୋଇଛି। ଏହିଭଳି ଅଫିସରେ ନିୟୋଜିତ ମୋହନ ପ୍ରଧାନ ନାମକ ଜଣେ କିରାଣି ମଧ୍ୟ ଦୁର୍ବ୍ୟବହାର କରୁଥିବା ଅଭିଯୋଗ କରାଯାଇଛି। ତେବେ ଏହି ଦାବିପତ୍ରକୁ ଜିଲାପାଳଙ୍କ ତରଫରୁ ଉପଜିଲାପାଳ ତରଣୀସେନ ନାଏକ ଗ୍ରହଣ କରିଥିଲେ। ଏହା ଉପରେ ତୁରନ୍ତ କର୍ଯ୍ୟାନୁଷ୍ଠାନ କରିବାକୁ ଗୁରୁଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ଏହି ଅନୁଷ୍ଠାନରେ ଆଗରୁ ମଧ୍ୟ ଗୁରୁଛାତ୍ରୀଛାତ୍ରଙ୍କ ଉପରେ ଅମାନୁଷିକ ଭାବେ ନିର୍ଯାତନା ଦିଆଯାଇ ଆସୁଥିଲା ବୋଲି କିଛି ପ୍ରାକ୍ତନ ଗୁରୁଛାତ୍ରୀଛାତ୍ର ନାମ ଗୋପନ ରଖି କହିଛନ୍ତି। ଏହାର ନିରପେକ୍ଷ ତଦନ୍ତ ହେବା ଜରୁରୀ ବୋଲି ମତ ରଖିଛନ୍ତି।

## ସଂକ୍ଷେପରେ

### ତାମିଲନାଡୁରୁ ଅପହୃତା ନାବାଳିକା ଉଦ୍ଧାର

**ରୂପ୍‌ସା, ୨୬।୧୧(ଡି.ଏନ.ଏ.)-** ବାଲେଶ୍ୱର ସଦର ଥାନା ପରିକ୍ଷୀ ଫାଣ୍ଡି ଅଞ୍ଚଳର ଜଣେ ଅପହୃତା ନାବାଳିକାଙ୍କୁ ପୋଲିସ ତାମିଲନାଡୁରୁ ଉଦ୍ଧାର କରିଛି। ୧୦ଦିନ ପୂର୍ବରୁ ନାବାଳିକା ଜଣକ ଟ୍ୟୁଶନ ଯାଉଥିବା ବେଳେ କମର୍ଦ୍ଦା ଥାନା ଅଞ୍ଚଳର ଯୁବକ ବିବେକ ବେହେରା ଅପହରଣ କରିନେଇଥିବା ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ. ୩୭୮/୧୯) ରୁଜୁ କରି ପୋଲିସ ତଦନ୍ତ ଜାରି କରିଥିଲା। ଫାଣ୍ଡି ଅଧିକାରୀ ଉମାକାନ୍ତ ଧଳ ତାମିଲନାଡୁର ପଲାଟୀ ଜିଲା ଗୋମଙ୍ଗଲ ଥାନା ଅଞ୍ଚଳରେ ଚଢ଼ାଉ କରି ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିବାରେ ସମର୍ଥ ହୋଇଥିଲେ। ଉଦ୍ଧାର ନାବାଳିକାଙ୍କୁ ବୁଧବାର ମେଡ଼ିକାଲରେ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା ପୂର୍ବକ କୋର୍ଟରେ ହାଜର କରାଯାଇ ବୟାନ ରେକର୍ଡ଼ ହେବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ଅଲ୍ ଓଡ଼ିଶା କ୍ରିକେଟ ଟୁର୍ନାମେଣ୍ଟ: ରାଉରକେଲା ଚାମ୍ପିୟନ

**ବଲାଙ୍ଗୀର ଅଫିସ,୨୬।୧୧**

ବଲାଙ୍ଗୀର ଖୁଜେନ୍‌ପାଲି ଖେଳ ପଡିଆରେ ସିଦ୍ଧି ବିନାୟକ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ୪ ଦିନ ଧରି ଚାଲିଥିବା ଅଲ୍ ଓଡିଶା କ୍ରିକେଟ ଟୁର୍ନାମେଣ୍ଟରେ ରାଜ୍ୟର ୧୨ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ ସଇଁତଳା ବ୍ଲକର ଡୁମେରବାହାଲ ଓ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ରାଉରକେଲା ଟସ୍ ଜିଣି ପ୍ରଥମ ବ୍ୟାଟିଂ କରି ୧୦ ଓଭରରେ ୧୫୬ ରନ୍ ସଂଗ୍ରହ କରିଥିଲା । ଜବାବରେ ଡୁମେରବାହାଲ ଦଳ ୮ ଓଭରେ ସମସ୍ତ ଉକେଟ ହରାଇ ୮୭ରନ୍ କରି ପରାସ୍ତ ହୋଇଥିଲା । ଟୁର୍ନାମେଣ୍ଟ କମିଟି ସଭାପତି କୁନାଲ ଖାଁନ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ବାର ଆସୋସିଏଶନ ସମ୍ପାଦକ ଅମନ ନାଗ ଯୋଗଦେଇଥିଲେ । ଅଶୋକ କୁମାର ରାଉତ, ସୁରେଶ ସେଠ୍, ସରୋଜ ମାଝି ଓ ସୁନୀଲ କୁମାର ମହାନ୍ତି, କ୍ଲବ ଉପସଭାପତି ରିସଭ କୁମାର, ସମ୍ପାଦକ ଭରତ ନାଏକ, କୋଷାଧ୍ୟକ୍ଷ ବିଜୟ କୁମାର ମିଶ୍ର ଓ କୁନା ଷାଣ୍ଡ ପ୍ରମୁଖ ମଞ୍ଚାସୀନ ଥିଲେ । ଆଜିର ମ୍ୟାଚରେ ମ୍ୟାନ୍ ଅଫ ଦି ମ୍ୟାଚ ଓ ମ୍ୟାନ୍ ଅଫ ଦି ସିରିଜ୍ ରାଉରକେଲା ଦଳର ସଞ୍ଜୟ ବିଶ୍ୱାଳଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଶେଷରେ ଅକ୍ଷୟ ପୁଟେଲ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିଙ୍କ ଗହଣରେ ବିଜୟୀ ଦଳର ଖେଳାଳିମାନେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆହା କି ହେଲା**
**ସଞ୍ଚି ରଖିଥିଲି ଖଣ୍ଟ ଖାଇଲା ।**
**କା ପାଇଁ ରଖିଲି କିଏ ଖାଇଲା ?**
**କିଏ କମେଇଲା କିଏ ସେ ନେଲା ?**

ସଞ୍ଚିତ ଧନ ଖଣ୍ଟ ଖାଇବା ପରି ଜଣକୁ ଭକୁଆ ବନେଇ ଅନ୍ୟ ଜଣେ ସୁଖ ସୁବିଧା କୌଶଳ କରି ହାତେଇ ନିଏ ଅଥଚ କଷ୍ଟ କରିବା ଲୋକର ଫଳ ପ୍ରାପ୍ତିରେ ଦାବି ନ ଥାଏ। ସୁବିଧାବାଦୀ ଲୋକ ହିଁ ଏ ଫଳ ଅନାୟାସରେ ଭୋଗ କରି ଚାଲିଥାଏ। ଜଣକର କଷ୍ଟାର୍ଜିତ ଫଳ ଆଉ ଜଣେ ଭୋଗ କରିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଆଲ ବୋଇଲେ କାଲ ଶୁଭେ**
**ଘର ପୋଡ଼ି ବୋଇଲେ ବଣ ପୋଡ଼ି ଶୁଭେ ।**

କିଛି ବ୍ୟକ୍ତିଙ୍କ କାନକୁ ଭଲ ଶୁଭି ନ ଥାଏ। ଗୋଟିଏ କଥା କହିଲେ ତାଙ୍କ କାନକୁ ଅନ୍ୟ କିଛି କଥା ଶୁଭିଥାଏ। ଘରପୋଡ଼ିକୁ ବଣପୋଡ଼ି ଭାବିବା ଭଳି ଗୋଟିଏ ବିଷୟ କହିଲେ ଅନ୍ୟ ବିଷୟ ଧରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସେକ୍ସ ର୍‍ୟାକେଟ ଧରିଲେ ମହିଳା ଗୋଷ୍ଠୀ

**ବଲାଙ୍ଗୀର ଅଫିସ,୨୬।୧୧**

ବଲାଙ୍ଗୀର ଗୋପବନ୍ଧୁନଗରରେ ଦୀର୍ଘଦିନରୁ ଚାଲିଥିବା ଏକ ସେକ୍ସ ରାକେଟ୍‌କୁ ପଡାର ଶତାଧିକ ମହିଳା ମଙ୍ଗଳବାର ଠାବ କରିଛନ୍ତି। ପଡାର ଏକ ନିର୍ଦ୍ଦିଷ୍ଟ ଘରେ ଦୀର୍ଘଦିନ ହେଲା ଦେହ ବ୍ୟବସାୟ ଚଳାଇଥିବା ନେଇ ଲୋକେ ସନ୍ଦେହ କରୁଥିଲେ । ପ୍ରତିଦିନ ଏଠାରେ ନୂଆ ନୂଆ ଅଚିହ୍ନା ଯୁବତୀଙ୍କ ସହ ଯୁବକଙ୍କ ଭିଡ ଲାଗିବା ପରେ ଲୋକଙ୍କ ସନ୍ଦେହ ବଢ଼ିଥିଲା । ଏହାକୁ ନେଇ ପଡାରେ ଅଶାନ୍ତି ଓ ଅସନ୍ତୋଷ ବଢ଼ିଥିଲା । ପଡାର ମହିଳାମାନେ ଏ ନେଇ ବାରମ୍ବାର ତାଗିଦ୍ କରୁଥିଲେ ଏହି ସେକ୍ସ ର୍‍ୟାକେଟ୍‌ର କିଙ୍ଗ୍‌ପିନ୍ କୁହାଯାଉଥିବା ପଡାର ଜଣେ ମହିଳା ଏହାକୁ ଅବାଧରେ ଚାଲୁ ରଖିଥିଲେ । ମଙ୍ଗଳବାର ଉକ୍ତ ଘରେ ଗ୍ରାହକ ଜମିବା ନେଇ ସୂଚନା ପାଇବା ପରେ ପଡାର ଶତାଧିକ ମହିଳା ସଂଘବଦ୍ଧ ଭାବେ ଉକ୍ତ ଘରକୁ ଘେରି ଯାଇଥିଲେ । କେତେକ ମହିଳା ଘର ଭିତରକୁ ପଶିଯିବାରୁ ସେଠାରେ ସେକ୍ସ ର୍‍ୟାକେଟ୍ ଚାଲିଥିବା ଜଣାପଡିଥିଲା । ଘର ଭିତରକୁ ପଶିଯିବା ପରେ କୁକର୍ମରେ ଲିପ୍ତଥିବା ଜଣେ ଝିଅ ଓ ପୁଅ ସେଠାରେ ଫେରାର ମାରିବାକୁ ସକ୍ଷମ ହୋଇଥିଲେ । ତେବେ ଜଣେ ଗ୍ରାହକ ଓ ସେକ ର୍‍ୟାକେଟ୍‌ର କିଙ୍ଗପିନ୍ ଘରେ ରହିଯାଇଥିଲେ । ସେମାନଙ୍କୁ ପଡାର ଶତାଧିକ ମହିଳା ଘେରାଉ କରି ରଖିଥିଲେ । ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଯାଇଥିଲା। ପଡାବାସୀଙ୍କଠାରୁ ଖବର ପାଇ ଟାଉନ୍ ଥାନା ପୋଲିସ ସେଠାରେ ପହଞ୍ଚିଥିଲା। ବୁଇ ସାହୁ ଓ ଗ୍ରାହକ ଚାରବାହାଲି ଗାଁର ସଞ୍ଜୀବ ପ୍ରଧାନଙ୍କୁ ସେଠାରୁ ଗିରଫ କରିବା ସହ ଅନ୍ୟ ଜଣେ ଯୁବକଙ୍କୁ ଥାନାକୁ ନେଇ ଯାଇଥିଲେ । ଉକ୍ତ ଘରୁ ବହୁ ଆପତ୍ତିଜନକ ଜିନିଷ ଓ ସାମଗ୍ରୀ ମିଳିଥିବା ଜଣାପଡିଛି । ପଡାବାସୀଙ୍କ ଲିଖିତ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ୬୪୮/୧୯)ରୁଜୁ ହୋଇଛି। ଫେରାର ହୋଇଯାଇଥିବା ଝିଅ ଓ ପୁଅଙ୍କୁ ପୋଲିସ ଖୋଜିବା ଆରମ୍ଭ କରିଛି । ପଡାରେ ସେକ୍ସ ର୍‍ୟାକେଟ୍ ଚଲାଇଥିବା ମହିଳା ଓ ତାଙ୍କ ପରିବାରକୁ ଉଚିତ୍ ଦଣ୍ଡବିଧାନ କରାଯାଉ ବୋଲି ପଡାବାସୀ ଦାବି ଜଣାଇଛନ୍ତି । କିଛିଦିନ ତଳେ ମେଡିକାଲ କଲେଜ ନିକଟରେ ସେକ୍ସ ର୍‍ୟାକେଟ୍ ଠାବ କରାଯାଇଥିବାବେଳେ ସେଠାରୁ ମଧ୍ୟ ଗ୍ରାହକ ସହ ଜଣେ ଝିଅଙ୍କୁ ଗିରଫ କରାଯାଇଥିଲା । ଦିନକୁ ଦିନ ସହରରେ ସେକ୍ସ କାରବାର ବୃଦ୍ଧି ପାଉଥିବାରୁ ସହରରେ ଅଶାନ୍ତି ଦେଖାଦେଇଛି ।

**ମହିଳା କିଙ୍ଗ୍‌ପିନ୍ ସହ ଗ୍ରାହକ ଗିରଫ**


ମଙ୍ଗଳବାର ସକାଳେ ବଲାଙ୍ଗୀର ସହରରେ ଦୃଶ୍ୟମାନ ହୋଇଥିବା ଘନ କୁହୁଡି ।

### ବିବାହ ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ବଳାତ୍କାର

**କଣ୍ଟାବାଞ୍ଜି, ୨୬।୧୧ (ଡି.ଏନ.ଏ.)**

କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ବୁରୋମାଲ ଅଞ୍ଚଳରେ ଜଣେ ନାବାଳିକା(୧୭)ଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡିତା କଣ୍ଟାବାଞ୍ଜି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଦଫା ୩୬୩, ୩୭୯ରେ ଏକ ମାମଲା(ନଂ.୨୪୪/୧୯) ରୁଜୁ କରି ପୋଲିସ ଅଭିଯୁକ୍ତ ପ୍ରଦୀପ ମହାପାତ୍ର(୩୫)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବଲାଙ୍ଗୀର ଜିଲା କାରାଗାରକୁ ପଠାଇ ଦିଆଯାଇଛି। ଏଥିପୂର୍ବରୁ ପୀଡିତା ଓ ଅଭିଯୁକ୍ତଙ୍କର କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀମାଇନା କରାଯାଇଥିଲା।

ଘଟଣାରୁ ପ୍ରକାଶ ଯେ, ଥାନା ଅନ୍ତର୍ଗତ କର୍ଲାବାହାଲି ଗ୍ରାମର ପ୍ରଦୀପ ସମ୍ପୃକ୍ତ ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବିଭିନ୍ନ ସମୟରେ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଏପରିକି ବିମାନ ଯୋଗେ ରାୟପୁରରୁ ବାଙ୍ଗାଲୋର ନେଇ ମାସାଧିକ କାଳ ଏକ ହୋଟେଲରେ ରଖିଥିଲେ। ସେଠାରେ ରହଣି କାଳରେ ଅଭିଯୁକ୍ତ ବଳପୂର୍ବକ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲେ ବୋଲି ପୀଡିତା ଅଭିଯୋଗରେ ଦର୍ଶାଇଛନ୍ତି। ଗତ ୨୨ତାରିଖ ଦିନ ପ୍ରଦୀପ ବାଙ୍ଗାଲୋରରୁ ଆଣି ରାତିରେ ନାବାଳିକାଙ୍କୁ ତାଙ୍କ ଗାଁରେ ଛାଡି ଦେବା ସହ ବିବାହ ପାଇଁ ମନା କରି ଦେଇଥିଲେ। ପ୍ରତାରଣାର ଶିକାର ନାବାଳିକା ଜଣକ ଏ ନେଇ ୨୩ତାରିଖ ଦିନ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କଣ୍ଟାବାଞ୍ଜି ଏସ୍‌ଡିପିଓ ସରୋଜ କୁମାର ମହାପାତ୍ର ଅଭିଯୋଗକୁ ଭିତ୍ତି କରି ଘଟଣାର ଅନୁସନ୍ଧାନ କରିଥିଲେ। ଅଭିଯୁକ୍ତ ଜେଲ ହାଜତକୁ ଯିବା ପରେ ପୀଡିତାଙ୍କୁ ତାଙ୍କ ନିଜ ଘରକୁ ପଠାଇ ଦିଆଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ । ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
MOB - 9853098838, 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଆପଣଙ୍କ ସ୍ୱପ୍ନକୁ କରେ ସାକାର
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ ସବୁ ଯୋଜନା ଅଧୀନରେ
ମୁଦ୍ରା ଫାଇନାନ୍ସ
କମ୍ କିମ୍ବା ଖରାପ CIBIL ସ୍କୋର୍‌ଧାରୀ ବ୍ୟକ୍ତିମାନଙ୍କୁ ମଧ୍ୟ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ବ୍ୟବସାୟ
ଏଗ୍ରିକଲ୍‌ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 40% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
ମହିଳାଙ୍କ ପାଇଁ ବିଶେଷ ରିହାତି
7289999543, 8929619951
SCF-14, Aggarwal Estate, South Delhi

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଖର୍ଚ୍ଚ ଋଣରୁ କଟିବ
BALA JI FINANCE
1 ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
063986-75974
ADDRESS: T-51, GAUTAMPURI, DELHI

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155, 9911786154

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397, 9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଳି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

BUSINESS

ATC TOWER COMPANY (REGD.)
All Odisha
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ, ଅଗ୍ରିମ ୨୦ ଲକ୍ଷ/- ଭଡ଼ା - ୨୦ ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ + ମୋବାଇଲ + ବାଇକ୍ + ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address : - Head Office G-79, Adarsh Nagar, Karol Bagh
7082322494, 7496805598

ଭାରତର ନଂ.1 COMPANY
AMERICAN TOWER CORPORATION
ନିଜର ଖାଲି ଜମି, କ୍ଷେତ, ଛାତ, ଘର, ଦୋକାନରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ 50 ଲକ୍ଷ + ଭଡ଼ା 45 ହଜାର + ଏକ ପଲ୍‌ସର୍ ବାଇକ୍ (ମାସିକ 25,000 – 30,000ର ଅନ୍ୟାନ୍ୟ ସୁବିଧା)
atc4gnetwork@gmail.com
MOB - 9471965297

EDUCATION

LISAS'IAS CELEBRATES 27th YEAR OF SUCCESS
FREE MOCK INTERVIEW SESSIONS FOR OAS (VIVA-VOCE)
JOIN IMMEDIATELY
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
9338222113, 9337594620
CORRESPONDENCE COURSE ALSO AVAILABLE

DHARITRI Career appointment Every Wednesday and Saturday

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday



ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
-ଈଶ୍ୱରଚନ୍ଦ୍ର ବିଦ୍ୟାସାଗର

## ସଂକ୍ଷେପରେ

### ଜୁନିୟର ରେଡକ୍ରସ୍ ତାଲିମ ଶିବିର

**କଣ୍ଟାବାଞ୍ଜି, ୨୬।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁରେକେଲା ଓ ବେଲପଡା ବ୍ଲକସ୍ତରୀୟ ଜୁନିୟର ରେଡକ୍ରସର ତାଲିମ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ତୁରେକେଲା ବ୍ଲକ ଚଟୁଅନକା ପଞ୍ଚାୟତର ମାଝିପଡା ପ୍ରାଥମିକ ବିଦ୍ୟାଳୟର ପରିସରରେ ଅନୁଷ୍ଠିତ ଶିବିରର ପ୍ରଥମ ପର୍ଯ୍ୟାୟ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ଦାସ ଅଧକ୍ଷତା କରିଥିଲେ। ଅନୁଷ୍ଠିତ ସଭାରେ ତୁରେକେଲା ବିଇଓ ଭୋଲାନାଥ କୁମ୍ଭାର ମୁଖ୍ୟ ଅତିଥି, ଜୁନିୟର ରେଡକ୍ରସ ଅଧିକାରୀ ସୋନପୁର ରବିଚନ୍ଦ୍ର ପଶାୟତ, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଚିତରଞ୍ଜନ ପଣ୍ଡା, ଘନଶ୍ୟାମ ମେହେର ଉପସ୍ଥିତ ଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ସଭାରେ ତୁରେକେଲା ବ୍ଲକ ସଂଯୋଜକ ରାଜେନ୍ଦ୍ର ଦୋରା ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଦୀପ କୁମାର ବାଗ ପ୍ରୋଗ୍ରାମ ଅଫିସର ବେଲପଡା, ସାଧନକର୍ମୀ ରବିଚନ୍ଦ୍ର ପଶାୟତ ଫାଷ୍ଟଏଡ ଉପରେ ଶିକ୍ଷା ଦେଇଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ନିର୍ଝରିଣୀ ସାହିତ୍ୟ ଓ ସଂସ୍କୃତି ପରିଷଦ ତରଫରୁ ଶିଶୁ ସାହିତ୍ୟ ପତ୍ରିକା ପ୍ରଦର୍ଶନୀ କରାଯାଇ ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ନିଆଲ ଓ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

ଲୋୟର ସୁକ୍ତେଲ ପ୍ରକଳ୍ପ

# ପ୍ରଭାବିତଙ୍କ ସମସ୍ୟା ବୁଝିବାକୁ କେହି ନାହିଁ

**ବଲାଙ୍ଗୀର ଅଫିସ,୨୬।୧୧**

- ୭ ଦିନରେ ଦାବିପୂରଣ ନହେଲେ ଅଫିସରେ ତାଲା ମରାଯିବ
- ଖୁଣ୍ଟପାଲି, କୁଟେନସିଲେଟ୍ ଗାଁର ଲୋକେ ଦେଲେ ଚେତାବନୀ
- ଲୋୟର ସୁକ୍ତେଲ ଅଫିସରେ ଅଫିସର, କର୍ମଚାରୀ ନାହାନ୍ତି

ବଲାଙ୍ଗୀର ଜିଲାରେ ଦୀର୍ଘ ୧୯ବର୍ଷ ହେଲା କାର୍ଯ୍ୟକାରୀ ହେଉଥିବା ଲୋୟର ସୁକ୍ତେଲ ପ୍ରକଳ୍ପ ଅନେକ ଦିଗରୁ ବିବାଦୀୟ ହୋଇରହିଛି। ୨୦୧୩ ଭୂମି ଅଧିଗ୍ରହଣ ଆଇନ କାର୍ଯ୍ୟକାରୀ କରିବା ଏବଂ ଏହି ଆଇନ ଅନୁସାରେ କ୍ଷତିପୂରଣ ଓ ଥଇଥାନ ଦାବି କରି ଦୀର୍ଘ ୧୫ ମାସ ହେଲା ପ୍ରକଳ୍ପ ପ୍ରଭାବିତ ଲୋକେ ଲୋୟର ସୁକ୍ତେଲ ଡ୍ୟାମ କାମକୁ ବନ୍ଦ କରିଛନ୍ତି। ଏଭଳି ସମୟରେ ଲୋୟର ସୁକ୍ତେଲ ପ୍ରକଳ୍ପ କ୍ରିୟାନୁଷ୍ଠାନ କମିଟି ପ୍ରକଳ୍ପ ପ୍ରଭାବିତ ଲୋକଙ୍କ ସହ ବିଭିନ୍ନ ସମୟରେ ଆଲୋଚନା କରି କାମକୁ ଯଥାଶୀଘ୍ର ଆରମ୍ଭ କରିବାକୁ ଦାବି କରୁଛନ୍ତି। ଅନ୍ୟପକ୍ଷେ ଆକ୍ସନ କମିଟି ମଧ୍ୟ ସୁକ୍ତେଲ ଡ୍ୟାମ ଶୀଘ୍ର କାମ ଆରମ୍ଭ କରିବାକୁ ଦାବି କରି ଆନ୍ଦୋଳନ କରୁଛି। ଏତିକି ବେଳେ ପ୍ରକଳ୍ପକୁ ନେଇ ସମାଧାନର ବାଟ ବାହାରୁ ନାହିଁ।

ମଙ୍ଗଳବାର ପ୍ରକଳ୍ପ ପ୍ରଭାବିତ ଖୁଣ୍ଟପାଲି ଓ କୁଟେନସିଲେଟ ଗ୍ରାମର ବହୁ ବ୍ୟକ୍ତି ବଲାଙ୍ଗୀର ଲାଲଟିକ୍ରାସ୍ଥିତ ଲୋୟର ସୁକତେଲ ପ୍ରକଳ୍ପ କାର୍ଯ୍ୟାଳୟକୁ ଆସି ସେମାନଙ୍କ ନ୍ୟାର୍ଯ୍ୟ ଅଧିକାର, ଥଇଥାନ ଓ କ୍ଷତିପୂରଣ ନେଇ ବିଭିନ୍ନ ପ୍ରଶ୍ନ କରିଥିଲେ। ବଲାଙ୍ଗୀର ଠିକାଦାର ମହାସଂଘ ପକ୍ଷରୁ ଲୋୟର ସୁକ୍ତେଲ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତାଲା ପକାଯାଇଥିବାରୁ ପ୍ରକଳ୍ପ ପ୍ରଭାବିତମାନେ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଜୋନ୍ ଅଫିସର ଡ. ନୂତନ ସେଠ୍‌ଙ୍କ ସହ ଆଲୋଚନା କରିଥିଲେ। ଏହି ପ୍ରକଳ୍ପ ପ୍ରଭାବିତଙ୍କୁ କିଭଳି ଅବିଚାର କରାଯାଉଛି ତାର ବିଭିନ୍ନ ଉଦାହରଣ ଦେଇ ଜୋନ୍ ଅଫିସରଙ୍କୁ ବିଭିନ୍ନ ତଥ୍ୟ ମାଗିଥିଲେ। ୧ ଜାନୁଯାରୀ ୨୦୧୭ ପର୍ଯ୍ୟନ୍ତ ଯେଉଁମାନଙ୍କୁ ୧୮ବର୍ଷ ବୟସ ହୋଇଛି ସେମାନଙ୍କୁ ଥଇଥାନ୍ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ଏ ନେଇ ଅଧିକାରୀମାନଙ୍କ ସର୍ଭେ ପରେ ପ୍ରାୟ ୬୧୫ଜଣଙ୍କୁ ଚିହ୍ନଟ କରାଯାଇ ରିପୋର୍ଟ ପ୍ରସ୍ତୁତ କରାଯାଇ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ପାଖକୁ ପଠାଯାଇଥିଲା। ସେମାନଙ୍କ ମଧ୍ୟରୁ ୪୭୪ଜଣଙ୍କ ପ୍ରଥମ ପର୍ଯ୍ୟାୟ ଥଇଥାନ କ୍ଷତିପୂରଣ ଟଙ୍କା ଆସିଥିବା କୁହାଯାଇଛି। ଅନ୍ୟ ୧୪୧ଜଣଙ୍କ କୌଣସି ଥଇଥାନ କ୍ଷତିପୂରଣ ଟଙ୍କା ଏ ପର୍ଯ୍ୟନ୍ତ ଆସିନାହିଁ। ଇତିମଧ୍ୟରେ ଦୁଇବର୍ଷରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇଯାଇଥିବାରୁ ଅନେକ ପ୍ରକଳ୍ପ ପ୍ରଭାବିତ ଯୁବତୀ, ଯୁବକ ୧୮ ବର୍ଷ ବୟସ୍କ ହୋଇଗଲେଣି। ଏବେ ସେମାନଙ୍କ ସର୍ଭେ କରାଯାଇନାହିଁ। ଏଣୁ ଉକ୍ତ ଯୋଗ୍ୟ ୧୮ ବର୍ଷ ପ୍ରକଳ୍ପ ପ୍ରଭାବିତ ଯୁବତୀଯୁବକଙ୍କୁ କେବେ ଥଇଥାନ୍ କ୍ଷତିପୂରଣ ମିଳିବ ବୋଲି ପ୍ରଶ୍ନ କରିଥିଲେ। ବିଭାଗୀୟ ଅଧିକାରୀମାନେ ପ୍ରକଳ୍ପ ପ୍ରଭାବିତ ଲୋକଙ୍କୁ ଶୀଘ୍ର ପ୍ଲଟ୍ ଦିଆଯିବ ବୋଲି କହୁଥିଲେ ମଧ ଏ ପର୍ଯ୍ୟନ୍ତ ଖୁଣ୍ଟପାଲି ଗାଁର ମାତ୍ର ୮୦ ଜଣଙ୍କୁ ପ୍ଲଟ୍ ଦିଆଗଲା ବୋଲି କାଗଜପତ୍ର ଦେଇଛନ୍ତି। ଅନ୍ୟମାନଙ୍କୁ କେବେ ପ୍ଲଟ୍ ମିଳିବ ସେ ନେଇ କିଛି ବି ଅଗ୍ରଗତି ହେଉନାହିଁ। ଏବେ ଲୋୟର ସୁକତେଲ କାର୍ଯ୍ୟାଳୟରେ ଅଫିସର ଓ କର୍ମଚାରୀଙ୍କ ମରୁଡି ପଡିଛି। ଦୀର୍ଘଦିନ ହେଲା ଏଠାରେ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ନାହାନ୍ତି। ବଲାଙ୍ଗୀର ତହସିଲଦାରଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ତୁଲାଇବାକୁ କୁହାଯାଇଛି। ଅନ୍ୟପକ୍ଷେ ସର୍ଭେ କରିବାକୁ ଅମିନ୍, ଆରଆଇଙ୍କ ଅଭାବ ପରିଲକ୍ଷିତ ହେଉଛି। ଏଭଳି ସମୟରେ ଲୋକେ ପ୍ରକଳ୍ପକୁ ସମର୍ଥନ କରିବାକୁ ଚାହୁଁଥିଲେ ମଧ ସରକାର ଜାଣିଶୁଣି ବିରୋଧୀ କରିବା ପରିସ୍ଥିତି ସୃଷ୍ଟି କରୁଛନ୍ତି ବୋଲି ପ୍ରକଳ୍ପ ପ୍ରଭାବିତମାନେ କହିଛନ୍ତି। ଆଗାମୀ ୭ ଦିନ ମଧ୍ୟରେ ପ୍ରକଳ୍ପ ପ୍ରଭାବିତ ଲୋକଙ୍କ ଦାବିପୂରଣ ନହେଲେ ସେମାନେ ଅଫିସରେ ତାଲା ଦେବାକୁ ବାଧହେବେ ବୋଲି କହିଛନ୍ତି। ମଙ୍ଗଳବାର ଖୁଣ୍ଟପାଲିର ଉମାକାନ୍ତ ଖୁଆସ, ମହେନ୍ଦ୍ର ଖୁଆସ୍ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଲୋୟର ସୁକ୍ତେଲ ଅଫିସର ଜୋନ୍ ଅଫିସରଙ୍କ ସହ ଖୁଣ୍ଟପାଲି ଗ୍ରାମବାସୀ ଆଲୋଚନା କରୁଛନ୍ତି।

### ଦେଶକୁ ଏକତା ସୂତ୍ରରେ ବାନ୍ଧି ରଖିଛି ସମ୍ବିଧାନ

**ମୁରିବାହାଲ, ୨୬।୧୧(ଡି.ଏନ.ଏ)**

ବଲାଙ୍ଗିର ଜିଲା ମୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟ ସଭାଗୃହଠାରେ ମଙ୍ଗଳବାର ଜାତୀୟ ସାମ୍ବିଧାନିକ ଦିବସ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ସରୋଜ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶ୍ରୀବତ୍ସ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଭାରତୀୟ ସାମ୍ବିଧାନ ପ୍ରଣୟନରେ ବିଆର ଆମ୍ବେଡକରଙ୍କର ଭୂମିକା ସମ୍ବନ୍ଧରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥି ଭାବେ ପରିଚାଳନା କମିଟି ସଭ୍ୟ ନାରାୟଣ ସାହୁ, ସାମାଜିକ କର୍ମୀ ଭଗବାନ ମହାନ୍ତି, ଅଧାପକ ଗୁଣସାଗର ମେହେର ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତା ଅଧାପକ ଛନ୍ଦାଚରଣ ଖୁଣ୍ଟିଆ ତାଙ୍କ ବକ୍ତବ୍ୟରେ ଭାରତୀୟ ସମ୍ବିଧାନ ଦେଶକୁ ଏକତାର ସୂତ୍ରରେ ବାନ୍ଧି ରଖିଛି ବୋଲି କହିଥିଲେ। ଏହି ଅବସରରେ ସମ୍ବିଧାନ ଉପରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗୀତା କରାଯାଇଥିଲା। ଅଧାପକ ଦିଲୀପ କୁମାର ପଶାୟତ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧାପକ ଭୀମରାଜ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଘନଶ୍ୟାମ ଖମାରୀ. ସୋମେଶଦତ୍ତ ହୋତା, ଶୈଳିକା ନାଏକ, ମୀରାବାଇ ଗଡତିଆ, ଯୁଗଳ କିଶୋର ଛତ୍ରିଆ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ସମ୍ବିଧାନର ପବିତ୍ରତା ରକ୍ଷା କରିବାକୁ ଆହ୍ୱାନ

**ଟିଟିଲାଗଡ଼, ୨୬।୧୧ (ଡି.ଏନ.ଏ.)**

ତାଲୁକ ଆଇନ ସେବା କମିଟି ଟିଟିଲାଗଡ ପକ୍ଷରୁ ଜାତୀୟ ଆଇନ ଦିବସ ତଥା ସମ୍ବିଧାନ ଦିବସ ପାଳନ ହୋଇଯାଇଛି। ସନ୍ଧ୍ୟାରେ ବାର ହଲଠାରେ ଆୟୋଜିତ ସଭାରେ ତାଲୁକ କମିଟି ଅଧକ୍ଷ ତଥା ଟିଟିଲାଗଡ ଅତିରିକ୍ତ ଜିଲା ଦୌରା ଏବଂ ସେସନ ଜଜ ରାଜେଶ କୁମାର ନାୟାର ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶର ସମ୍ବିଧାନ ଦିବସର ମହତ୍ୱ, ନାଗରିକଙ୍କ ମୌଳିକ ଅଧିକାର ତଥା ଆଇନ ପ୍ରଣୟନ ସମ୍ପର୍କରେ ଆଲୋକପାତ କରିଥିଲେ। ସବଜଜ୍ ରାଜୀବ ଲୋଚନ ସାହୁ ସମ୍ବିଧାନର ପବିତ୍ରତା ତଥା ଅଖଣ୍ଡତା ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ଆଇନଜୀବୀ ମୋହନଲାଲ ଜୈନ ଦେଶର ସ୍ୱାଧିନତାଠାରୁ ଏଯାବତ ସମ୍ବିଧାନର ପୃଷ୍ଠଭୂମି ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ଏସ୍‌ଡିଜେଏମ ରଶ୍ମିତା ସାହୁ, ସରକାରୀ ଅଧିବକ୍ତା ରାଧାକାନ୍ତ ପାଢୀ, ବରିଷ୍ଠ ଆଇନଜୀବୀ ରବିକିରଣ ସ୍ୱାଇଁ, ତାଲୁକ କମିଟି ସଦସ୍ୟ ଉତ୍ତମା ନାଏକ ମଞ୍ଚାସୀନ ଥିଲେ। ତାଲୁକ କମିଟି ଫ୍ରଣ୍ଟ ରିଟେନର ସୁରେନ ପଣ୍ଡା, ବାର ସଂଘ ସମ୍ପାଦକ ମହେଶ ମହାନ୍ତି ସଭା ପରିଚାଳନା କରିଥିଲେ। ପୂର୍ବରୁ ସମ୍ବିଧାନ ଦିବସ ନେଇ ପୂର୍ବାହ୍ନରେ କୋର୍ଟ ପରିସରରେ କୋର୍ଟ କର୍ମଚାରୀ, ପେନାଲର, ପାରା ଲିଗାଲ ଭଲେଣ୍ଟିୟର ସମ୍ବିଧାନ ପ୍ରସ୍ତାବନା ପାଠ କରିବା ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ବଲାଙ୍ଗୀର ଏଡିଜେ (୧) ତଥା ସ୍ୱତନ୍ତ୍ର ପୋସ୍କୋ ଜଜ୍ ଦେବାଶିଷ ରାଉତ ନିମନ୍ତ୍ରୀତ ଅତିଥି ଭାବେ ଉପସ୍ଥିତ ଥିଲେ। ସେହିପରି ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଉପଜିଲାପାଳ ସୁଧାକର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା ଯୋଗଦେଇ ତହସିଲ, ଟ୍ରେଜେରୀ, ଯୋଗାଣ, ରେଜିଷ୍ଟ୍ରୀ କାର୍ଯ୍ୟାଳୟର କର୍ମଚାରୀଙ୍କୁ ସମ୍ବିଧାନ ପ୍ରସ୍ତାବନା ପାଠ କରାଇଥିଲେ। ସହକାରୀ ଜିଲାପାଳ ଦେବାଶିଷ ସାମଲ, ଭାରପ୍ରାପ୍ତ ତହସିଲଦାର କର୍ଣ୍ଣ ମଲ୍ଲିକ, ସବରେଜିଷ୍ଟ୍ରାର ଏସ. କୁମ୍ଭାର, ଉପଖଣ୍ଡ ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀ ଉପସ୍ଥିତ ଥିଲେ।




ତାଲୁକ ଆଇନ ସେବା କମିଟି ପକ୍ଷରୁ ସମ୍ବିଧାନ ଦିବସ ପାଳନ ସଭାରେ ମଞ୍ଚାସୀନ ଅତିଥିମାନେ।




ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମାନସ ରଞ୍ଜନ ପଧାନ ବକ୍ତବ୍ୟ ଦେଉଛନ୍ତି।

## ସାମ୍ବିଧାନିକ କର୍ତ୍ତବ୍ୟ ପାଳନ କଲେ ରାଷ୍ଟ୍ରର ମଙ୍ଗଳ

**ଲୋଇସିଂହା, ୨୬।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ସିଭିଲ କୋର୍ଟ ପରିସରରେ ତାଲୁକ ଆଇନସେବା ସମିତି ପକ୍ଷରୁ ସମ୍ବିଧାନ ଦିବସ ତଥା ଆଇନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମାନସ ରଞ୍ଜନ ପଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ସେ ତାଙ୍କ ସଭାପତୀୟ ବକ୍ତବ୍ୟରେ ସାମ୍ବିଧାନିକ କର୍ତ୍ତବ୍ୟକୁ ସୁଚାରୁରୂପେ ପାଳନ କଲେ ସମାଜ ତଥା ରାଷ୍ଟ୍ରର ମଙ୍ଗଳ ସାଧନ ହେବ ବୋଲି କହିଥିଲେ। ସଭାରେ ଓକିଲ ସଂଘ ସଭାପତି ରାଜକିଶୋର ମିଶ୍ର, ଉପସଭାପତି ଶଶାଙ୍କ ଶେଖର ଭୋଇ, ସମ୍ପାଦକ ରମାକାନ୍ତ ନାଏକଙ୍କ ସମେତ ସମସ୍ତ ଆଇନଜୀବୀ, କୋର୍ଟ କର୍ମଚାରୀ, ପାରାଲିଗାଲ ସ୍ୱେଚ୍ଛାସେବୀ, ଜନସାଧାରଣ ଉପସ୍ଥିତ ଥିଲେ। ସଭାରେ ଉପସ୍ଥିତ ସଦସ୍ୟ ସମ୍ବିଧାନର ପ୍ରସ୍ତାବନା ପାଠ କରିବା ସହ ମୌଳିକ କର୍ତ୍ତବ୍ୟକୁ ଠିକ ଭାବେ ସମ୍ପାଦନା କରିବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିଲେ। ସଭାକୁ ଆଇନ ସେବା ସମିତିର କର୍ମଚାରୀ ବିବୁଲ ମହାକୁର ପରିଚାଳନା କରିଥିଲେ।

## ସୁରକ୍ଷା ପାଇଁ ଶପଥ ପାଠ




କଣ୍ଟାବାଞ୍ଜି ଓକିଲ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ସମ୍ବିଧାନ ଦିବସ ସଭାରେ ମଞ୍ଚାସୀନ ଅତିଥିମାନେ।

**କଣ୍ଟାବାଞ୍ଜି, ୨୬।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଓକିଲ ସଂଘ କାର୍ଯ୍ୟାଳୟରେ ସ୍ଥାନୀୟ ତାଲୁକ ଆଇନ ସେବା କମିଟି ପକ୍ଷରୁ ୭୦ତମ ସମ୍ବିଧାନ ଦିବସ ମଙ୍ଗଳବାର ପାଳିତ ହୋଇଛି। ଏହି ଅବସରରେ ଓକିଲ ସଂଘର ସମସ୍ତ ସଭ୍ୟାସଭ୍ୟ, କୋର୍ଟ କର୍ମଚାରୀ, ବୁଦ୍ଧିଜୀବୀ, ସାମାଜିକ କର୍ମୀଙ୍କ ସହିତ ପାରା ଲେଗାଲ ଭଲେଣ୍ଟିୟରମାନେ ସାମିଲ ଥିଲେ। ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଡ଼କରଙ୍କ ତୈଳଚିତ୍ରରେ ମାଲ୍ୟର୍ପଣ ପରେ ସମ୍ବିଧାନ ଅଧିକାର ଉପରେ ଶପଥ ପାଠ କରାଯାଇଥିଲା। ଏହି ଦିବସ ପାଳନ ଅବସରରେ ସ୍ଥାନୀୟ ସବ୍‌ଜଜ୍ ବିନୋଦ ବିହାରୀ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶପଥ ପାଠ କରାଇଥିଲେ। ଏହି ସଭାରେ ଓକିଲ ସଂଘର ବରିଷ୍ଠ ସଭ୍ୟ ବିଷ୍ଣୁପ୍ରସାଦ ଶର୍ମା, ଲୋକନାଥ ମେହେର, ସମ୍ପାଦକ ସହଦେବ ନାଗ, ଉପସଭାପତି ପର୍ଶୁ ସଗରିଆ ମଞ୍ଚାସୀନ ଥିଲେ। ସମ୍ବିଧାନ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ବରିଷ୍ଠ ଆଇନଜୀବୀ ମୋହନଲାଲ ଶର୍ମା, କାନନ କିଶୋର ପଣ୍ଡା, ଦୁଃଖିଶ୍ୟାମ ଗୁରୁ, ବ୍ରଜଶ୍ୟାମ ଗୁରୁ ମତ ରଖିଥିଲେ।

## ନାଗରିକ ମଞ୍ଚ ପାଳିଲା ସମ୍ବିଧାନ ଦିବସ

**ଟିକ୍ରାପଡ଼ା, ୨୬।୧୧(ଡି.ଏନ.ଏ.)**

ସଇଁତଳା ବ୍ଲକ ଟିକ୍ରାପଡାଠାରେ ସଚେତନ ନାଗରିକ ମଞ୍ଚ ଆନୁକୂଲ୍ୟରେ ୭୦ତମ ସମ୍ବିଧାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ଚନ୍ଦ୍ରମଣି ରାଜପଲିଆ ଅଧକ୍ଷତା କରିଥିଲେ। ରମାକାନ୍ତ ରାଜପଲିଆ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସୁରେନ୍ଦ୍ର ବଗର୍ତ୍ତୀ, ଦିଲ୍ଲୁ ବାଗ, ରସନ୍ତି ପୁଟେଲ, ଭାର୍ଗବୀ ରାଜପଲିଆ, ଭାରତୀ ପ୍ରଧାନ, ଜୟନ୍ତୀ ସେଠ, ମିଲି ପଧାନ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶ୍ୱର ବୃହତ ଗଣତନ୍ତ୍ରକୁ ନେଇ ଦେଶବାସୀ ଗର୍ବିତ। ସମ୍ବିଧାନର ସୁରକ୍ଷା ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ ବୋଲି ବକ୍ତାମାନେ ମତପୋଷଣ କରିଥିଲେ। ଶେଷରେ ପତ୍ୟେକ ବ୍ୟକ୍ତିର ଗରିମା ଏବଂ ରାଷ୍ଟ୍ରର ଏକତା ଓ ଅଖଣ୍ଡତା ସୁନିଶ୍ଚିତ କରାଉଥିବା ଭ୍ରାତୃଭାବ ବଢାଇବା ଏବଂ ଦୃଢ ସଂକଳ୍ପବାନ ହେବା ପାଇଁ ଶପଥ ପାଠ କରାଯାଇଥିଲା।

## ସମ୍ବିଧାନର ସୁରକ୍ଷା ସମସ୍ତଙ୍କ କର୍ତ୍ତବ୍ୟ ହେବା ଉଚିତ

**ଦେଓଗାଁ,୨୬।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନୀଙ୍କ ସଭାପତିତ୍ୱରେ ୭୦ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଅଧ୍ୟାପିକା ରିଙ୍କି ସେଠଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ଅତିଥିଭାବେ ଇତିହାସ ବିଭାଗ ମୁଖ୍ୟ ମଞ୍ଜରୀ ପୋଢ଼, ରାଜନୀତି ବିଜ୍ଞାନ ଅଧ୍ୟାପକ ମହେଶ କୁମାର ମେହେର ଯୋଗଦେଇ ସମ୍ବିଧାନର ପ୍ରଣୟନ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ମଣ୍ଟୁ ରଞ୍ଜନ ସା, ଅଲେଖ ପ୍ରସାଦ ସାହୁ, ସରୋଜ ମହାନ୍ତି, ରିଙ୍କି ସାହୁ, ବବିତା ଠାକୁର, ଶୁଭସ୍ମିତା ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ଜରାସିଂହା ଯୁକ୍ତଦୁଇ କଲେଜରେ ଅଧକ୍ଷ ବିମଳ କିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ଅଚ୍ୟୁତରାମ ମେହେର ଛାତ୍ରୀଛାତ୍ର, ଅଧାପିକାଅଧ୍ୟାପକଙ୍କୁ ସମ୍ବିଧାନର ପ୍ରସ୍ତାବନାକୁ ଶପଥ ପାଠ କରାଇଥିଲେ।

## ଭାଜପାର ମଣ୍ଡଳସ୍ତରୀୟ ବୈଠକ

**ଖପ୍ରାଖୋଲ, ୨୬।୧୧(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଘୁନସର ହାଟପଦାଠାରେ ଭାଜପାର ଜୋନ ନଂ ୩ର ମଣ୍ଡଳସ୍ତରୀୟ ସାଂଗଠନିକ ବୈଠକ ମଣ୍ଡଳ ସଭାପତି ଶଶୀ ପୂଝାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏମପି ପ୍ରତିନିଧି ଅଭୟ ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ବିପ୍ର ବିଶି, ମଣ୍ଡଳସାଧାରଣ ସମ୍ପାଦକ ତଥା ଲାଠୋର ସରପଞ୍ଚ ପ୍ରବୀଣ କୁମାର ଅଗ୍ରଓାଲ ପ୍ରମୁଖ ଯୋଗଦେଇ ଦଳକୁ ତୃଣମୂଳସ୍ତରରୁ ସଂଗଠିତ କରିବାକୁ ଆହ୍ୱାନ ଦେଇଥିଲେ। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ଲୋକାଭିମୁଖୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ ନେତୃବୃନ୍ଦ କର୍ମୀଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଲକ୍ଷେସିଂ ଜାଲ, ସରୋଜ ବିଶ୍ୱାଳ, ଜିବର୍ଦ୍ଧନ ବିଶ୍ୱାଳ, କାଶୀନାଥ ମେହେର, ସୁଦାମ ସାହୁ, ଶିର ନାଗ, ମଧୁ ପଧାନ, ରୁପା ରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋରେ ଖବର



ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସମ୍ବିଧାନ ଦିବସ ଉପଲକ୍ଷେ ମଙ୍ଗଳବାର ଜିଲାପାଳ ଅରିନ୍ଦମ ଡାକୁଆ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବିଧାନ ଦିବସର ଶପଥ ପାଠ କରାଉଛନ୍ତି।



ସମ୍ବିଧାନ ଦିବସ ଉପଲକ୍ଷେ ସମ୍ବିଧାନ ସଚେତନତା ଅଭିଯାନ ପକ୍ଷରୁ କଚେରିଛକ ସ୍ଥିତ ଭାରତରତ୍ନ ଡ. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏକ ଶୋଭାଯାତ୍ରା ସହର ପରିକ୍ରମା କରୁଛି।




ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଠିକାଦାର ମାରଣ ନୀତିକୁ ବିରୋଧ କରି ବଲାଙ୍ଗୀର ଠିକାଦାର ସଂଘର ଆହ୍ୱାନରେ ଦ୍ୱିତୀୟ ଦିନରେ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟକୁ ବନ୍ଦ କରାଯାଇଛି। (ଫଟୋ- ସୁନୀଲ)



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ



### ଖମ୍ବପଡା ଶୈବପୀଠରେ ରତ୍ନମୁଦ ଉତ୍ସବ

**ପଲମ,୨୬।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରା ପଞ୍ଚାୟତସ୍ଥିତ ଖମ୍ବପଡାସ୍ଥିତ ନବନିର୍ମିତ ଶିବ ମନ୍ଦିରର ରତ୍ନମୁଦ ଉତ୍ସବ ପାଳିତ ହୋଇଯାଇଛି । ପୂର୍ବ ନିର୍ଦ୍ଧାରିତ ଲଗ୍ନ ଅନୁଯାୟୀ ପାରମ୍ପରିକ ଭାବେ ପୂଜା ପାଠ କରାଯାଇ ଅପରାହ୍ନରେ ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ତ୍ତା ଭାବେ ପ୍ରାଣବନ୍ଧୁ ସାହୁ ଓ ଲତା ସାହୁ ପୂଜାର୍ଚ୍ଚନା କରିଥିଲେ। ପୂଜକ ଭାବେ ପଣ୍ଡି ମହେଶ୍ୱର ଶତପଥୀ ଓ ତାଙ୍କ ଦୁଇ ସହଯୋଗୀ ମଧ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଏହି ଉପଲକ୍ଷେ ଅଞ୍ଚଳର ପ୍ରାୟ୨ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦାନ କରି ରତ୍ନମୁଦ ଗର୍ଭରେ ଧାନ, ଟଙ୍କା, ସୁନା, ରୁପା, ତମ୍ବା ଆଦି ବିଭିନ୍ନ ଧାତୁ ଅର୍ପଣ କରିଥିଲେ । ସମସ୍ତ ଭକ୍ତମାନଙ୍କ ପାଇଁ ଅନୁଷ୍ଠାନ ପକ୍ଷରୁ ଅନ୍ନ ଭୋଗ ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗିଧାମାଳ ଗ୍ରାମର ସଂକିର୍ତ୍ତମ ଦଳ ହରିନାମ ଗାନ କରିଥିଲେ। ରତ୍ନମୁଦ ଉତ୍ସବକୁ ଶିବଶକ୍ତି ସଂକ୍ରାନ୍ତି କମିଟି, ଆଞ୍ଚଳିକ ଦୋଳ ଯାତ୍ରା କମିଟି, ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ ତଥା ଆଖପାଖ ଅଞ୍ଚଳର ଜନସାଧାରଣ ସହଯୋଗ କରିଥିଲେ।

### ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟିଲେ ଡକାୟତ

**ଭବାନୀପାଟଣା,୨୬।୧୧(ଡି.ଏନ.ଏ.)** କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଧନଶୁଳୀ ଗ୍ରାମର ବସୁଦେବ ସାହୁଙ୍କ ଘରେ ରବିବାର ବିଳମ୍ବିତ ରାତିରେ ଡକାୟତ ଦଳ ପଶି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ ରବିବାର ରାତି ପ୍ରାୟ ସାଢେ ଗୋଟାଏ ଡକାୟତିମାନେ ଅସ୍ତ୍ରଶସ୍ତ୍ର ସହ ବାସୁଦେବଙ୍କ ଘରେ ପଶି ତାଙ୍କୁ ଘରୁ ଉଠାଇ ଜୀବନରେ ମାରି ଦେବା ଧମକ ଦେଇଥିଲେ। ଘରେ ଲୋକେ ଜାଣି ପାରି କବାଟ ବନ୍ଦ କରି ରହିଥିଲେ । ଡକାୟତମାନେ ଜବରଦସ୍ତି କବାଟ ଖୋଲି ଖଣ୍ଡା ଭୁଜାଲି ଦେଖାଇ ଲକ୍ଷାଧିକ ଟଙ୍କାର ସୁନାରୂପା ଓ ଅନ୍ୟାନ୍ୟ ଦାମି ଜିନିଷ ନେଇ ଫେରାର ହୋଇଯାଇଥିଲେ। ଡକାୟତଙ୍କ ଧମକ ଚମକ ଓ ମାରଣାସ୍ତ୍ର ଦେଖି ଘର ଲୋକେ ଆତଙ୍କିତ ଅବସ୍ଥାରେ ରହିଥିଲେ। ଧନଶୂଳୀ ଗ୍ରାମର ମଧ ଭାଗରେ ଥିବା ଏହି ଘରେ ପ୍ରାୟ ୧୫/୨୦ ଜଣ ଡକାୟତ ପଶି ବହୁ ମୂଲ୍ୟର ସମ୍ପତ୍ତି ଲୁଟ କରିବା ଘଟଣା ଅଞ୍ଚଳବାସୀଙ୍କ ମଧରେ ଆତଙ୍କ ଖେଳେଇ ଦେଇଛି। ଖବର ପ୍ରଚାରିତ ହେବା ପରେ ସରପଞ୍ଚ ପ୍ରତିନିଧି ଡମ୍ବରୁଧର ବେହେରା ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

■ କନିଷ୍ଠଯନ୍ତ୍ରୀ, ଜିପିଟିଏଙ୍କୁ ବାରମ୍ବାର ବିଭିନ୍ନ ପଞ୍ଚାୟତକୁ ବଦଳିର ପ୍ରତିବାଦ

# ସରପଞ୍ଚ, ସମିତିସଭ୍ୟାଙ୍କ ଧାରଣା

**କର୍ଲାମୁଣ୍ଡା,୨୬।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡ ବ୍ଲକ କାର୍ଯ୍ୟାଳୟ ପରିସରଠାରେ ବିଭିନ୍ନ ପଞ୍ଚାୟତ ସଭ୍ୟା/ସଭ୍ୟ, ସରପଞ୍ଚମାନେ ଜେଇ, ଜିପିଟିଏମାନଙ୍କ ବ୍ଲକର ବିଭିନ୍ନ ପଞ୍ଚାୟତକୁ ଖାମଖିଆଲି ଭାବେ ବାରମ୍ବାର ବଦଳି କରାଯାଉଛି। ଏହାର ପ୍ରତିବାଦରେ ମଙ୍ଗଳବାର ସରପଞ୍ଚ ଓ ସମିତିସଭ୍ୟା ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ଧାରଣାରତ ସରପଞ୍ଚ, ସମିତି ସଭ୍ୟା/ସଭ୍ୟଙ୍କ କହିବା ଅନୁସାରେ ବ୍ଲକରେ କମ ଦିନ ଭିତରେ ଜେଇ, ଜିପିଟିଏମାନଙ୍କ ତରବରିଆ ଭାବେ ପୂର୍ବରୁ ଥିବା ପଞ୍ଚାୟତକୁ ବାଦ କରି ଅନ୍ୟାନ୍ୟ ପଞ୍ଚାୟତକୁ ବଦଳି କରାଯାଉଛି। ଫଳରେ ଉନ୍ନୟନ କାର୍ଯ୍ୟଗୁଡିକ ବାଧା ସୃଷ୍ଟି ହେଉଛି। ଏଥିପାଇଁ କର୍ଲାମୁଣ୍ଡା ବିଡିଓଙ୍କୁ ଜଣାଇଥିଲେ ମଧ କୌଣସି ପଦକ୍ଷେପ ନେଇ ନ ଥିବାରୁ ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣାକୁ ଜାରି ରଖିବାକୁ ସମିତି ସଭ୍ୟ ଅରବିନ୍ଦ ଚୌଧୁରୀ, ଉପାଧ୍ୟକ୍ଷା ଆନନ୍ଦିନୀ ଭୋଇ ପ୍ରକାଶ କରିଛନ୍ତି। ଏ ନେଇ ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧାଙ୍କୁ ପଚାରିବାରୁ ଏକ ମାସ ତଳେ ୩ ଜଣ ଜେଇ, ଜିପିଟିଏ କର୍ଲାମୁଣ୍ଡା ବ୍ଲକରେ ଯୋଗଦେଇଛନ୍ତି, ସେମାନଙ୍କୁ ବିଭିନ୍ନ ପଞ୍ଚାୟତରେ ଯୋଗଦେବାକୁ ମୁଁ ନିର୍ଦ୍ଦେଶ ଦେଇଛି, ଏଥିରେ ଆମର କ'ଣ ଭୁଲ ରହିଲା । ସମିତି ସଭ୍ୟା/ସଭ୍ୟ, ସରପଞ୍ଚମାନଙ୍କୁ ଅନେକ ପୂର୍ବରୁ ମୁଁ ବୁଝେଇବାକୁ ଚେଷ୍ଟା କରିଛି। ସେମାନେ ତାଙ୍କ ଜିଦ୍‌ରେ ଅଟଳ ମୁଁ କ'ଣ କରିପାରିବି ବୋଲି କହିଛନ୍ତି। ଏହି ଧାରଣାରେ କର୍ଲାମୁଣ୍ଡା ସରପଞ୍ଚ କୃଷ୍ଣଚନ୍ଦ୍ର ବାଗ, ସମିତି ସଭ୍ୟା ଦୀପା ବାଗ, ରେଗେଡା ସରପଞ୍ଚ ସୁଶାନ୍ତ ପରିଡା, ସମିତି ସଭ୍ୟ ଅରବିନ୍ଦ ଚୌଧୁରୀ, ରାଜପୁର ସରପଞ୍ଚ ମହେନ୍ଦ୍ର ରଣା, ରିଞ୍ଜା ସରପଞ୍ଚ ଭୋଜବନ୍ତି ସାହୁ, ତେରେସିଂହା ସରପଞ୍ଚ ହନୁମାନ ଦାସ, ସ.ମାଲପଡା ସମିତି ସଭ୍ୟ ଯଶୋବନ୍ତ ସାହୁ, ଗଜବାହାଲ ସରପଞ୍ଚ ପୂଜାରାଣୀ ସାହୁ, ସାପଲହରା ସରପଞ୍ଚ ପୃଥିରାଜ ମାଝୀ, ସମିତି ସଭ୍ୟ ନିରଞ୍ଜନ ମାଝି, ପୌରକେଲା ସରପଞ୍ଚ କେତକୀ ରଣା, ସମିତି ସଭ୍ୟ ସୀମାଞ୍ଚଳ ଭୋଇ, ଯୋରାଡବରା ସମିତି ସଭ୍ୟ କିଶୋର ନାଗ, ବୋରପଦର ସରପଞ୍ଚ ମାଧବ ସାହୁ, ରିଷିଡା ସମିତି ସଭ୍ୟ ତଥା ଉପାଧ୍ୟକ୍ଷା ଆନନ୍ଦିନୀ ଭୋଇ ପ୍ରମୁଖ ନେତୃତ୍ୱ ନେଇଥିଲେ।




କନିଷ୍ଠଯନ୍ତ୍ରୀ, ଜିପିଟିଏଙ୍କ ବଦଳି ପ୍ରତିବାଦରେ ସରପଞ୍ଚ, ସମିତି ସଭ୍ୟାସଭ୍ୟଙ୍କ ଧାରଣା ।



ଭୋଟ ବାକ୍ସ ଓ ଆବଶ୍ୟକ ଉପକରଣ ଧରି କର୍ମଚାରୀମାନେ କେସିଙ୍ଗା ବ୍ଲକରୁ ଯାଉଛନ୍ତି।

# ସିର୍ଜାପାଲି ଗ୍ରାମପଞ୍ଚାୟତ ସମିତି ସଭ୍ୟ ଉପନିର୍ବାଚନ ଆଜି

**କେସିଙ୍ଗା,୨୬।୧୧(ଡି.ଏନ.ଏ.)**

**ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ସିର୍ଜାପାଲି ଗ୍ରାମପଞ୍ଚାୟତରେ ବୁଧବାର ସମିତି ସଭ୍ୟ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥି ସକାଶେ ମଙ୍ଗଳବାର କର୍ମଚାରୀମାନେ ବାଲେଟ ବକ୍ସ, ଆବଶ୍ୟକୀୟ ଉପକରଣ ଧରି ସିର୍ଜାପାଲି ଗ୍ରାମଞ୍ଚାୟତର ୩ଟି ଗ୍ରାମର ସେଣ୍ଟରରେ ପହଞ୍ଚିଛନ୍ତି। ଏହି ଗ୍ରାମପଞ୍ଚାୟତ ଅଧୀନରେ ଥିବା ସିର୍ଜାପାଲି, ଦିଗଶିରା ଓ ବାଦିପଡା ଗ୍ରାମରେ ୨୭୮୨ ଜଣ ଭୋଟର ବୁଧବାର ସମିତି ସଭ୍ୟ ପାଇଁ ମତଦାନ କରିବେ। ଏହି ସମିତି ଉପନିର୍ବାଚନରେ କଳିଙ୍ଗ ଭୋଏ, ଚୌଧୁରୀ ଭୋଏଙ୍କ ମଧରେ ଜୋରଦାର ଲଢ଼େଇ ହେବ। ଏଥି ସକାଶେ ବ୍ଲକ ଓ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ କର୍ମଚାରୀଙ୍କୁ ନିୟୋଜିତ କରିଥିବା ଜଣାପଡିଛି ।

# ଜାତୀୟ ନାଟକ ମହୋତ୍ସବ ଉଦ୍‌ଯାପିତ

**ଭବାନୀପାଟଣା,୨୬।୧୧(ଡି.ଏନ.ଏ.)**

ଓଡିଶାର ପ୍ରଖ୍ୟାତ ନାଟ୍ୟକାର ନିର୍ଦ୍ଦେଶକ ଉପେନ୍ଦ୍ର ଭଞ୍ଜ ପୁରସ୍କାରପ୍ରାପ୍ତ ସ୍ୱର୍ଗତ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଯାପିତ ହୋଇଛି। ସ୍ମାରକୀ ନାଟ୍ୟ ସଂସ୍ଥା ପକ୍ଷରୁ ସ୍ଥାନୀୟ କଳାହାଣ୍ଡି ଲେଖକ କଳା ପରିଷଦ ରଙ୍ଗମଞ୍ଚରେ ମହୋତ୍ସବ ଆୟୋଜିତ ହୋଇଥିଲା। ଗତ ୨୨ ତାରିଖରୁ ଆରମ୍ଭ ହୋଇଥିବା ଏହି ନାଟକ ମହୋତ୍ସବ ଗତ ୨୫ ତାରିଖରେ ଶେଷ ହୋଇଥିଲା। ସ୍ମାରକୀ ନାଟ୍ୟ ସଂସ୍ଥା ସଭାପତି ପ୍ରବୋଧ ରଥଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଔପନ୍ୟାସିକ ତଥା ପୂର୍ବତନ ମନ୍ତ୍ରୀ ରାହାସ ବିହାରୀ ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ତଥା ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ ଓ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ରଜନୀରେ ମନୋଜ ରଥଙ୍କ ରଚିତ ଓ ନିର୍ଦ୍ଦେଶିତ ଏବଂ ସ୍ମାରକୀ ନାଟ୍ୟ ସଂସ୍ଥା ଦ୍ୱାରା ପ୍ରସ୍ତୁତ ନାଟକ 'ଡେଣା' ମଞ୍ଚସ୍ଥ ହୋଇଥିଲା।



ଜାତୀୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଯାପନୀରେ ପରିବେଷିତ ନାଟକର ଏକ ଦୃଶ୍ୟ ।

### ତାଲୁକ ଆଇନ ସେବା ସମିତି ପକ୍ଷରୁ ସମ୍ବିଧାନ ଦିବସ ପାଳିତ

**ଧର୍ମଗଡ,୨୬।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡଠାରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ସିଭିଲ କୋର୍ଟ ପରିସରରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲା ଦୌରା ଜଜ୍ ରାଜେଶ ଏକ୍କାଙ୍କ ଅଧ୍ୟକ୍ଷତାରେ ସାମ୍ବିଧାନିକ ଶପଥ ପାଠ କରାଯାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ଅତିରିକ୍ତ ଜିଲା ଦୌରା ଜଜ୍ ରାଜେଶ ଏକ୍କା ଭାରତୀୟ ସମ୍ବିଧାନ ପ୍ରଣୟନରେ ସମ୍ବିଧାନର ଜନକ ଡା.ବି.ଆର ଆମ୍ବେଡକରଙ୍କ ଭୂମିକା ଉପରେ ଆଲୋକପାତ କରିବା ସହ ଆଇନ ଆଗରେ ଆମେ ସମସ୍ତେ ଭାରତୀୟ ସମାନ ବୋଲି ପ୍ରକାଶ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଦେବାନୀ ବିଚାରପତି କିରଣ କୁମାର ପ୍ରଧାନ,ବିଚାରପତି ଅଞ୍ଜୁ ସାହୁ, ସରକାରୀ ଓକିଲ ଚିନ୍ତାମଣି ପାତ୍ର, ବରିଷ୍ଠ ଆଇନଜୀବୀ ତୁଷାର ରଞ୍ଜନ ପାଟ୍ଟଯୋଷି, ସୁବାସ ପାଣିଗ୍ରାହୀ, ବାର ସଭାପତି ମନୋଜ ମୁଣ୍ଡ, ମହିର ପାଟ୍ଟଯୋଷୀ ପ୍ରମୁଖ ନିଜ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ଆଇନଜୀବୀ ସଂଜୁକ୍ତା ପଣ୍ଡା ପରିଚାଳନା କରିଥିବା ବେଳେ ବାରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



କ୍ରୀଡ଼ା ପ୍ରତିଯୋଗୀତାରେ ଭାଗ ନେଇଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ।

# ଜିଲାସ୍ତରୀୟ ଦିବ୍ୟାଙ୍ଗ କ୍ରୀଡ଼ା ପ୍ରତିଯୋଗିତା

**ଭବାନୀପାଟଣା,୨୬।୧୧(ଡି.ଏନ.ଏ.)**

ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡିଶା ସରକାର ପକ୍ଷରୁ କଳାହାଣ୍ଡି ଜିଲାସ୍ତରୀୟ ଦିବ୍ୟାଙ୍ଗ କ୍ରୀଡା ପ୍ରତିଯୋଗିତା ଭବାନୀପାଟଣା ପରମାନନ୍ଦପୁରସ୍ଥିତ ରେଡକ୍ରସ ମୂକ ଓ ବଧିର ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଗତ ସୋମବାର ପୂର୍ବାହ୍ନରେ ଜିଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ଉଦ୍‌ଘାଟନ କରିଥିଲେ। ଉକ୍ତ ଉତ୍ସବରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା ପୌରାହିତ୍ୟ କରିଥିଲେ। ଜିଲା ଭିନ୍ନକ୍ଷମ ପୁନର୍ବାସ ଅଧରକାରୀ ଶୁଭାଶିଷ ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡା ପ୍ରତିଯୋଗିତାରେ ରେଡକ୍ରସ ଦୃଷ୍ଟିହୀନ ବିଦ୍ୟାଳୟ, ରେଡକ୍ରସ ମୂକ, ବଧିର ବିଦ୍ୟାଳୟ, ବିଜୁ ପଟ୍ଟନାୟକ, ସ୍ୱତନ୍ତ୍ର ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଏବଂ ବିଭିନ୍ନ ବ୍ଲକ ସଦର ମହକୁମାରୁ ଆସିଥିବା ପ୍ରତିଯୋଗୀମାନେ ଭାଗ ନେଇଥିଲେ। କେବଳ ୬ରୁ ୧୮ ବର୍ଷ ମଧରେ ଥିବା ଭିନ୍ନକ୍ଷମମାନେ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଦୃଷ୍ଟିହୀନ, ମୂକ ଓ ବଧିର, ଚଳନଗତ ଭିନ୍ନକ୍ଷମ, ମାନସିକ ଅନଗ୍ରସର, ପ୍ରମସ୍ତିଷ୍କ ପକ୍ଷାଘାତ ଏହିପରି ୫ ବିଭାଗରେ ସିନିୟର (୧୩-୧୮ବର୍ଷ) ଓ ଜୁନିୟର (୬-୧୨ବର୍ଷ) ବର୍ଗରେ ପ୍ରାୟ ଶତାଧିକ ପ୍ରତିଯୋଗିତା ହୋଇଥିଲା। ଦୌଡକୁଦ ସଙ୍ଗୀତ ଚିତ୍ରାଙ୍କନ, ତର୍କ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ୫ଟାରେ ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନ ଉତ୍ସବରେ ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଡେପୁଟି କଲେକ୍ଟର ସୁରେନ୍ଦ୍ର ତ୍ରିପାଠୀ, ଜିଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ଓ ଜିଲା ଭିନ୍ନକ୍ଷମ ପୁନର୍ବାସ ଅଧିକାରୀ ଶୁଭାଶିଷ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ ଉତ୍ସବରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା ପୌରହିତ୍ୟ କରିଥିଲେ। କୃତି ପ୍ରତିଯୋଗିମାନଙ୍କୁ ପୁରସ୍କାର ବାବଦରେ ନଗଦ ଅର୍ଥ ପ୍ରଥମ ସ୍ଥାନ ପାଇଁ ୧୦୦୦ ଟଙ୍କା, ଦ୍ୱିତୀୟ ସ୍ଥାନ ପାଇଁ ୭୫୦ ଟଙ୍କା ଓ ତୃତୀୟ ସ୍ଥାନ ପାଇଁ ୫୦୦ ଟଙ୍କା ପ୍ରଦାନ କରାଯାଇଥିଲା।

■ ଉପର ଇନ୍ଦ୍ରାବତୀ ଦକ୍ଷିଣ କେନାଲ ବିଭାଜନ-୧

# ମରାମତି କିଛିଦିନ ପରେ ରାସ୍ତାରୁ ଉଠିଲା ମେଟାଲ

**ଜୁନାଗଡ,୨୬।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଉପର ଇନ୍ଦ୍ରାବତୀ ଦକ୍ଷିଣ କେନାଲ ବିଭାଜନ ୧ ଅଧୀନରେ ଥିବା ଜୁନାଗଡ ବ୍ଲକ ତେନ୍ତୁଲିଖୁଣ୍ଟି-ପିତାଗୁଡା କେନାଲ ହୁଡ ରାସ୍ତା ଗତ କିଛି ଦିନ ତଳେ ମରାମତି କରାଯାଇଛି। ଏହି ମରାମତି କାମରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ରାସ୍ତା ମରାମତି ହେବାର କିଛି ଦିନ ନ ହଉଣୁ ମେଟାଲଗୁଡିକ ବାହାରି ପଡିଥିବା ଦେଖିବାକୁ ମିଳିଛି। ସେହିପରି ଅନେକ ସ୍ଥାନରେ ରାସ୍ତା ସମତୁଳ ନ ହେବା ସହ ଗୋଟିଏ ସ୍ଥାନରେ ମେଟାଲ, ମୋରୁମ ଦବିଯାଇ ଖାଲ ହୋଇଯାଇଛି। ଅନ୍ୟପଟେ ମୋରୁମ ମେଟାଲ ହୋଇଥିବା ଏହି ରାସ୍ତାରେ ମୋରୁମ କମ୍ ପଡିଥିବାବେଳେ ମାଟି ଅଧିକ ପଡିଥିବା ଦେଖିବାକୁ ମିଳିଛି। ଫଳରେ ରାସ୍ତାର ସ୍ଥାୟିତ୍ୱକୁ ନେଇ ଏବେ ପ୍ରଶ୍ନବାଚୀ ଉଠିଛି। ଏହି ରାସ୍ତା ଗତ କିଛି ମାସ ତଳେ ଟେଣ୍ଡର ହୋଇଥିଲା। ଏହାକୁ ଗୋଲାମୁଣ୍ଡା ବ୍ଲକ ଜଣେ ଠିକାଦାର ଟେଣ୍ଡର ପାଇ କାମ କରିଥିଲେ। ଏଥିରେ ତେନ୍ତୁଲିଖୁଣ୍ଟି-ପିତାଗୁଡା ପର୍ଯ୍ୟନ୍ତ ୧ କି.ମି. ୧୫୦ ମିଟର ପାଇଁ ପ୍ରାୟ ୧୫ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବା ବିଭାଗୀୟ ଯନ୍ତ୍ରୀଙ୍କଠାରୁ ଜଣାପଡିଛି। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁ ଏହି ରାସ୍ତା କାମ ନିମ୍ନମାନର ସମ୍ପାଦନା ହୋଇଥିବା ଅଭିଯୋଗ ହୋଇଛି। ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଯେକୌଣସି ଉନ୍ନୟନ କାମ ଆରମ୍ଭ ପୂର୍ବରୁ ସୂଚନା ଫଳକ ରହିଥିବା ବେଳେ ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବର୍ତ୍ତମାନ ସୁଦ୍ଧା ମଧ ଏଠାରେ କୌଣସି ସୂଚନା ଫଳକ ଲଗାଯାଇନାହିଁ। ଯଦ୍ୱାରା ସ୍ଥାନୀୟ ଲୋକେ ଏହି କାମ ବଷୟରେ କୌଣସି ତଥ୍ୟ ଜାଣିପାରିନାହାନ୍ତି। ଏହି ରାସ୍ତା କାମର ଏକ ଉଚ୍ଚସ୍ତରୀୟ ତଦନ୍ତ ତଥା ଭିଜିଲାନ୍ସ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ଶ୍ୟାମସୁନ୍ଦର ମାରାଣ୍ଡିଙ୍କୁ ପଚାରିବାରୁ କାମ ଠିକ୍ ହୋଇଥିବା କହିବା ସହ ଆମ ବିଭାଗରେ ସୂଚନା ଫଳକ ଲାଗେନାହିଁବୋଲି ସଫେଇ ଦେଇଥିଲେ।

■ମୋରମ ବଦଳରେ ମାଟି ବେଶି ପଡ଼ିଥିବା ଅଭିଯୋଗ, ଭିଜିଲାନ୍ସ ତଦନ୍ତ ଦାବି

■ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ



ରାସ୍ତାରୁ ମେଟାଲ ଉଠି ଦବିଯାଇଛି।

# ଧାନ ପରେ ମକାର ଅଭାବୀ ବିକ୍ରି

**ପର୍ଲା,୨୬।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଦଣପାଟ ଅଞ୍ଚଳରେ ଚାଷୀଙ୍କ ଧାନ ପରେ ଏବେ ଦଲାଲଙ୍କ କବଜାରେ ମକା ରହିଥିବା ଜଣାପଡିଛି। ମକାର ଅଭାବୀ ବିକ୍ରି ସାଙ୍ଗକୁ ଚୋରାଚାଲଣା ରୋକିବାରେ ପ୍ରଶାସନ ବିଫଳ। ସରକାର ଓ ପ୍ରଶାସନଙ୍କ ଉଦାସିନତା ନିତୀ ଯୋଗୁ ସାଧାରଣ ଚାଷୀ ହନ୍ତସନ୍ତ ହେଉଛନ୍ତି । ଅଞ୍ଚଳର ବିଭିନ୍ନ ଗ୍ରାମରେ ଦଲାଲମାନେ ସକ୍ରିୟ ହୋଇ ନିରୀହ ଚାଷୀଙ୍କଠାରୁ କମ ଦାମରେ ମକା କିଣୁଛନ୍ତି । ସରକାରଙ୍କ ନିର୍ଦ୍ଧାରିତ କୁଇଣ୍ଟାଲ ପ୍ରତି ୧୭୬୦ ଟଙ୍କା ଥିବା ବେଳେ ତାକୁ ଦଲାଲମାନେ ବିଭିନ୍ନ ଗ୍ରାମରେ ବିଭିନ୍ନ ଦରରେ କିଣୁ ଥିବା ଦେଖିବାକୁ ମିଳୁଛି। ପ୍ରାୟ ଅଞ୍ଚଳର ଅଧିକାଂଶ ଚାଷୀ ଖଣ୍ଡେ ଅଧେ ଜମିରେ ମକା ଚାଷ କରିଥିବା ଜଣାପଡେ। ତାକୁ ବିକ୍ରି କରିବା ପାଇଁ ପ୍ରଶାସନ କୌଣସି ବଜାର କିମ୍ବା ମଣ୍ଡିର ବ୍ୟବସ୍ଥା କରିନାହାନ୍ତି। ଫଳରେ କମ୍ ମୂଲ୍ୟରେ ଦଲାଲ ହାତକୁ ଟେକି ଦେଉଥିବା ଚାଷୀ କାର୍ତ୍ତିକ ମାଝି, ରୁପା ମାଝି, ରୋଦନ ମେହେର, ଶ୍ୱେତରାମ ନାଏକ, ଭକ୍ତରାମ ମେହେର ପ୍ରମୁଖ ପ୍ରକାଶ କରିଛନ୍ତି । ଧର୍ମଗଡ ବ୍ଲକରେ ମୋଟ ୪୮୦ ହେକ୍ଟର ଜମିରେ ମକା ଚାଷ ହୋଇଥିବା କୃଷି ବିଭାଗ ସୂତ୍ରରୁ ଜଣାପଡିଛି। ଦଣ୍ଡପାଟ ଅଞ୍ଚଳର ପର୍ଲା ପଞ୍ଚାୟତ ୭ ହେକ୍ଟର, କଦଳିମୁଣ୍ଡା ୮ ହେକ୍ଟର, ଛଞ୍ଚାଣବାହାଲି ୧୩ ହେକ୍ଟର, ଧଅାଁରପୁର ୧୧ ହେକ୍ଟର ଜମିରେ ଚାଷ ହୋଇଛି। ସେମହିପରି ଜୟନ୍ତପୁର ୧୧ ହେକ୍ଟର, ବେହେରା ୪ ହେକ୍ଟର, ତେଣ୍ଡାପାଲି ୬ ହେକ୍ଟର, ଖୁଣ୍ଟିଆ ୬ ହେକ୍ଟର, ଗୋତମୁଣ୍ଡା ୧୫ ହେକ୍ଟର, ଡାଳଗୁମା ୪ ହେକ୍ଟର, ମୁଷାପାଲି ୬ ହେକ୍ଟର, ଗଡିଆଜୋର ୯ ହେକ୍ଟର, ଘୁମର ୭ ହେକ୍ଟର ଓ ତରାପୁର ପଇଚାୟତ ୬ ହେକ୍ଟର ଜମିରେ ମକାଚଷ ହୋଇଥିବା ଲୋକଙ୍କ ସୂତ୍ରରୁ ଜଣାପଡିଛି। ପର୍ଲା, କଦଳିମୁଣ୍ଡା, ଘୁମର ଓ ଗଡିଆଯୋର ପଞ୍ଚାୟତରେ ମକା କୁଇଣ୍ଟାଲ ପ୍ରତି ୧୪-୧୫ ଶହ ଟଙ୍କାରେ ଦଲାଲମାନେ କିଣୁଥିବା ବେଳେ ଜୟନ୍ତପୁର, ଛଞ୍ଚାଣବାହାଲି, ଧଅାଁରପୁର ଅଞ୍ଚଳରେ ୧୩-୧୪ ଶହ ଟଙ୍କାରେ ବିକ୍ରି ହେଉଥିବା ଜଣାପଡିଛି। ସେହିପରି ବେହେରା, ଖୁଣ୍ଟିଆ, ଡାଳଗୁମା, ଗୋତମୁଣ୍ଡା ଅଞ୍ଚଳରେ ୧୫ ଶହରୁ ୧୫୫୦ରେ ବିକ୍ରି ହେଉଥିବା ଦେଖାଯାଉଛି। ଏସବୁ ଅଞ୍ଚଳରେ ସ୍ଥାନୀୟ ଦଲାଙ୍କ ସହ ଛତିଶଗଡ, ନବରଙ୍ଗପୁର, କୋରାପୁଟ ଦଲାଲ ସକ୍ରିୟ ରହି ଖୁଲମଖୁଲା ଶହ ଶହ କୁଇଣ୍ଟାଲ ଚାଲଣା କରୁଥିବା ଜଣାପଡୁଛି। ଏହାକୁ ରୋକିବା ସହ ମକା ବିକ୍ରି ପାଇଁ ମଣ୍ଡି ବ୍ୟବସ୍ଥା କରବାକୁ ଚାଷୀମାନଙ୍କ ଦାବି ହେଉଛି। ଏ ନେଇ ଧର୍ମଗଡ କୃଷୀ ସହକାରୀ ଅଧିକାରୀ ହେମାନନ୍ଦ ମାଝିଙ୍କୁ ପଚାରିବାରୁ ମଣ୍ଡି ଖୋଲିବା ପାଇଁ ୧-୨ ହଜାର ହେକ୍ଟର ଜମିରେ ଚାଷ କରିବା ଆବଶ୍ୟକତା ରହିଛି । ଗ୍ରାମୀୟ କୃଷୀ ସେବକଙ୍କ ସହ ଚାଷୀମାନେ ଯୋଗାଯୋଗ କଲେ ସରକାରୀ ମୂଲ୍ୟରେ ମକା ବିକ୍ରି କରି ପାରିବେ ବୋଲି କହିଛନ୍ତି ।



**ଦଲାଲ ମାଲାମାଲ, ଚିନ୍ତାରେ ଚାଷୀ**

## ସଂକ୍ଷେପରେ

### ଷ୍ଟିଲ ସିଟିରେ ଜିଏସ୍‌ଟି ଚଢ଼ାଉ ଦ୍ୱିତୀୟ ଦିନରେ ଜାରି

ରାଉରକେଲା ଅଫିସ,୨୬।୧୧

ରାଉରକେଲା ସହରକୁ ଜିଏସ୍‌ଟି ଠକେଇର ପେଣ୍ଠସ୍ଥଳୀ କହିଲେ ଅତ୍ୟୁକ୍ତି ହେବନାହିଁ। ୨୦୧୮ରେ ରାଉରକେଲାରେ ଏକ ବଡଧରଣର ଜିଏସ୍‌ଟି ଠକେଇ ନଜରକୁ ଆସିବା ପରେ ସହରରେ ଏହା କମିବା ପରିବର୍ତ୍ତେ ଦିନକୁଦିନ ଏହା ବୃଦ୍ଧି ପାଇବାରେ ଲାଗିଛି। ଲୌହ ଇସ୍ପାତ କାରବାରରେ ଜଡିତ ଥିବା ବ୍ୟକ୍ତି ବିଶେଷ ସବୁଠୁ ଅଧିକ ଏହି ଜିଏସ୍‌ଟି ଠକେଇ କରୁଥିବା ଦେଖାଯାଉଛି। ବିଗତ ଦିନରେ ସହରର ବହୁ ବ୍ୟବସାୟୀ ଠକେଇ ଅଭିଯୋଗରେ ଥିବା ବେଳେ ସୋମବାର ଭୁବନେଶ୍ୱର ଜିଏସ୍‌ଟି ବିଭାଗର ଏକ ଟିମ ଆସି ରାଉରକେଲା ସହର ତଥା ଏହାର ଅଶଖପାଖ ଅଞ୍ଚଳରେ ଥିବା ବିଭିନ୍ନ ଶିଳ୍ପାନୁଷ୍ଠାନ ସହ ୫ଟି ସ୍ଥାନରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉରେ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ବିଭାଗୀୟ ଅଧିକାରୀଙ୍କ ହସ୍ତଗତ ହୋଇଥିବା ବେଳେ ଏହି ଘଟଣାରେ ୨ ଜଣଙ୍କୁ ବିଭାଗ ପକ୍ଷରୁ ଅଟକ ରଖାଯାଇ ପଚରା ଉଚୁରା କରୁଥିବା ସୂଚନା ମିଳିଛି। ଅପରପକ୍ଷରେ ମଙ୍ଗଳବାର ମଧ ଜିଏସ୍‌ଟି ବିଭାଗର ୪ଟି ଟିମ ପକ୍ଷରୁ ରାଉରକେଲାର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢ଼ାଉ ଜାରି ରହିଛି।

## ପରୀକ୍ଷା ଦେବାରୁ ବଞ୍ଚିତ ହେବା ନେଇ ଅସନ୍ତୋଷ

# ଆର୍‌ଆଇଟି ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

ରାଉରକେଲା ଅଫିସ,୨୬।୧୧

କଳୁଙ୍ଗା ସ୍ଥିତ ରାଉରକେଲା ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି (ଆର୍‌ଆଇଟି)ରେ ବିବାଦ ପିଛା ଛାଡୁନାହିଁ। ପୂର୍ବରୁ କର୍ମଚାରୀଙ୍କ ବକେୟା ଦରମା ପ୍ରଦାନ ନେଇ ଥିବା ବିବାଦର ସମାଧାନ ହୋଇ ନ ଥିବାବେଳେ ବର୍ତ୍ତମାନ ପରୀକ୍ଷାରୁ ବଞ୍ଚିତ ହୋଇଥିବା ଛାତ୍ରୀଛାତ୍ରମାନେ ମଙ୍ଗଳବାର କଲେଜ ସମ୍ମୁଖରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ଆର୍‌ଆଇଟିରେ ପଢୁଥିବା ଛାତ୍ରୀଛାତ୍ର ଉପସ୍ଥାନ କମ ଥିବା କାରଣରୁ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ତେବେ କଲେଜ କର୍ତ୍ତୃପକ୍ଷ ପରୀକ୍ଷାରେ ବସିବାକୁ ଅନୁମତି ଦେବାକୁ ଦାବିକରି ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର କଲେଜ ସମ୍ମୁଖରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବରପାଇ ବ୍ରାହ୍ମଣୀତରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀ ଛାତ୍ରୀଛାତ୍ରଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ନେଇ କଲେଜର ସମ୍ପାଦକ ପ୍ରଭାତ ମହାପାତ୍ରଙ୍କୁ ପଚାରିବାରୁ କଲେଜରେ ବାୟୋମେଟ୍ରିକ ବ୍ୟବସ୍ଥା ଲାଗୁ କରାଯାଇଛି। ଏଥିରେ ଛାତ୍ରୀଛାତ୍ର ପଢ଼ିବାକୁ ଆସିଲେ ତାଙ୍କର ଉପସ୍ଥାନ ସିଧାସଳଖ ସରକାରଙ୍କ ବିଭାଗୀୟ ଅଧିକାରୀମାନଙ୍କ ପାଖରେ ପହଞ୍ଚେ। ପରୀକ୍ଷା ବଞ୍ଚିତ ଛାତ୍ରୀଛାତ୍ରଙ୍କୁ କଲେଜ କର୍ତ୍ତୃପକ୍ଷ ବଞ୍ଚିତ କରିନାହାନ୍ତି ତାହା ସରକାରଙ୍କ ବୈଷୟିକ ବିଭାଗ ପକ୍ଷରୁ ହୋଇଛି। ଏଣୁ ସେମାନେ କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ନ କରି ସରକାରଙ୍କୁ ଲିଖିତ ଜଣାଇବାକୁ କୁହାଯାଇଛି ବୋଲି କହିଥିଲେ।



ଆର୍‌ଆଇଟି ସମ୍ମୁଖରେ ପରୀକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ମୋଟରଯାନ ଆଇନ ଲାଗୁ ଭୟ

# ଯୁବକ ଜାଳିଦେଲେ ନିଜ ବାଇକ୍

ରାଉରକେଲା ଅଫିସ, ୨୬।୧୧

ଗତ ଅଗଷ୍ଟ ମାସରେ ସାରା ଦେଶରେ ନୂତନ ମୋଟରଯାନ ଆଇନ ଲାଗୁ ହେଲା। ତେବେ ରାଜ୍ୟ ସରକାର ଆବଶ୍ୟକୀୟ କାଗଜପତ୍ର ତିଆରି କରିବା ପାଇଁ ଜନସାଧାରଣଙ୍କୁ ୩ ମାସ ସମୟ ଦେଇଥିଲେ। ଯାହାକି ନଭେମ୍ବର ୩୦ ତାରିଖରେ ଶେଷ ହେବାକୁ ଯାଉଛି। ଫଳରେ ଡିସେମ୍ବର ୧ରୁ ମୋଟରଯାନ ଆଇନ ରାଜ୍ୟରେ କଡ଼ାକଡି ଭାବେ ଲାଗୁ ହେବ। ଏହା ପୂର୍ବରୁ ମଙ୍ଗଳବାର ବାସନ୍ତୀ କଲୋନୀ ଅଞ୍ଚଳରେ ରହୁଥିବା ଜଣେ ଯୁବକ ଏହି ଆଇନକୁ ନେଇ ମାନସିକ ଦୁଶ୍ଚିନ୍ତାରେ ନିଜ ବାଇକକୁ ଜାଳି ଦେଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଉକ୍ତ ଯୁବକ ଜଣକ ଗତ କିଛିମାସ ହେଲା ଜନୈକ ବ୍ୟକ୍ତିଙ୍କଠାରୁ ଏକ ବାଇକ କିଣିଥିଲେ। ତେବେ ବାଇକ୍ ବିକ୍ରି କରିଥିବା ବ୍ୟକ୍ତି ଜଣକ ରାଉରକେଲାରେ ନ ଥିବାରୁ ବାଇକର କାଗଜପତ୍ର ସ୍ଥାନାନ୍ତର ହୋଇପାରୁନାହିଁ। ଅନ୍ୟପଟେ ଡିସେମ୍ବର ୧ରୁ ମୋଟରଯାନ ଆଇନ ଲାଗୁ ପରେ ଆବଶ୍ୟକୀୟ କାଗଜପତ୍ର ନ ଥିବାରୁ ଗାଡି ଚଳାଇବା ସମ୍ଭବପର ନୁହେଁ ବୋଲି ଭାବି ଉକ୍ତ ଯୁବକ ଜଣକ ମାନସିକ ଦୁଶ୍ଚିନ୍ତାରେ ମଙ୍ଗଳବାର ଅପରାହ୍ନରେ ନିଜ ବାଇକକୁ ଜାଳି ଦେଇଥିବା ସୂଚନା ମିଳିଛି।



ବାଇକ୍ ଜଳୁଛି।

# ଦଳିତ ବିକାଶ ପରିଷଦ ପକ୍ଷରୁ ବୈଠକ

ରାଉରକେଲା ଅଫିସ,୨୬। ୧୧

ପଶ୍ଚିମ ଓଡିଶା ଦଳିତ ବିକାଶ ପରିଷଦ ବୈଠକ ସୋମବାର ସେକ୍ଟର ୬ ପୁରୁଣା କମ୍ୟୁନିଟି ସେଣ୍ଟର ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ବଳିରାମ ନନ୍ଦଙ୍କ ତତ୍ତ୍ୱାବଧାରେ ଆୟୋଜିତ କାର୍ଯ୍ୟକ୍ରମରେ ସହଦେବ ପାଲ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସଙ୍ଗଠନର ଅଭିବୃଦ୍ଧି ଓ ସାମାଜିକ କାର୍ଯ୍ୟକ୍ରମ ନେଇ ଉପସ୍ଥିତ ସଦସ୍ୟ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ବିମଳ ବିଶିଙ୍କୁ ଚୟନ କରାଯାଇଥିବା ବେଳେ କାର୍ଯ୍ୟକାରୀ ସଭାପତି ପ୍ରଭାକର କୁମ୍ଭାର, ଉପସଭାପତି ଭାବେ ଭକ୍ତ ନନ୍ଦ, ସାଧାରଣ ସମ୍ପାଦକ ଶିବପ୍ରସାଦ ନନ୍ଦ, ସମ୍ପାଦକ ରଘୁମଣି ସିକା, ସହ ସମ୍ପାଦକ ଗାଡୁ ବାଗ, ସଙ୍ଗଠନ ସମ୍ପାଦକ ପରମାନନ୍ଦ କୁମ୍ଭାର, ଯୁଗ୍ମ ସଙ୍ଗଠନ ସମ୍ପାଦକ ମହେଶ୍ୱର ନାଗ, କୋଷାଧ୍ୟକ୍ଷ ନରହରି ଦୀପ, ସହ କୋଷାଧ୍ୟକ୍ଷ ଜଗବନ୍ଧୁ ନନ୍ଦ, କ୍ରୀଡା ବିଭାଗ ସମ୍ପାଦକ ସଂଜୀଭ ନାଗ ଓ ସହ କ୍ରୀଡା ସମ୍ପାଦକ କାର୍ତ୍ତିକ କୁମ୍ଭାର ପ୍ରମୁଖ ନୂତନ କାର୍ଯ୍ୟକର୍ତ୍ତା ଭାବେ ଶପଥ ପାଠ କରିଥିଲେ। କାର୍ଯ୍ୟକାରିଣୀକୁ ମନୋନୀତ ସଦସ୍ୟ କହିଥିଲେ ଆଗାମୀ ଦିନରେ ସଙ୍ଗଠନକୁ ମଜବୁତ କରିବାକୁ ବ୍ୟାପକ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏଥିରେ ସମାଜର ସବୁ ବର୍ଗର ଲୋକେ ସହଯୋଗ କରିବାକୁ ନୂତନ କର୍ମକର୍ତ୍ତା ନିବେଦନ କରିଥିଲେ।

## ଆମାଜନ, ଫ୍ଲିପ୍‌କାର୍ଟର ଅନ୍‌ଲାଇନ କାରବାରର ପ୍ରତିବାଦ

# ରାଉରକେଲା ବ୍ୟବସାୟୀ ମହାସଂଘର ବିକ୍ଷୋଭ




ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ରାଉରକେଲା ଅଫିସ,୨୬।୧୧

ଇ-କର୍ମସ କମ୍ପାନୀ ପକ୍ଷରୁ କରାଯାଉଥିବା ଅନଲାଇନ କାରବାରରେ ଦେଶର ଏଫ୍‌ଡିଆଇ ନୀତିର ଖୋଲାଖୋଲି ଉଲଙ୍ଘନ କରାଯାଉଛି ବୋଲି ସର୍ବଭାରତୀୟ ମହାସଂଘ (କେଟ) ପକ୍ଷରୁ ଅଭିଯୋଗ କରାଯାଇଛି। ଏହାକୁ ନେଇ ରାଉରକେଲା ବ୍ୟବସାୟୀ ସଂଘ ଓ ବଣିକ ସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଛି। ସଂଘ ପକ୍ଷରୁ ପ୍ରଦାନ କରାଯାଇଥିବା ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଆମାଜନ ଓ ଫ୍ଲିପଫକାର୍ଟ ଭଳି ସଂସ୍ଥା ଅନଲାଇନ ପୋର୍ଟାଲ ଜରିଆରେ କରୁଥିବା ବ୍ୟବସାୟିକ କାରବାରରେ ସମସ୍ତ ନୀତିନିୟମକୁ ଉଲଙ୍ଘନ କରୁଛନ୍ତି। ଏହି କାରବାରରେ ସରକାରଙ୍କ ରାଜସ୍ୱହାନୀ ହେଉଛି। ଏହାସହ ଦେଶର ବ୍ୟବସାୟୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଦେଶର ଏଫଡିଆଇ ନିତୀ ଅନୁସାରେ ମାର୍କେଟ ଭିତ୍ତିଭୂମିର ବିକାଶ ପାଇଁ ଇ-କର୍ମସ କାରବାର ଜରିଆରେ ସୂଚନା ପ୍ରଯୁକ୍ତି ବିଦ୍ୟାକୁ ମାଧ୍ୟମ କରି କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ଏକ ସୁବିଧା ସୁଯୋଗ ଭାବେ ବ୍ୟବହାର କରାଯିବା ଉଚିତ। କିନ୍ତୁ ଏହି ସଂସ୍ଥାଗୁଡ଼ିକ ଅନଲାଇନ କାରବାରରେ ବ୍ୟାପକ ରିହାତି ବ୍ୟବସ୍ଥା ସହିତ ସମସ୍ତ ନିୟମକୁ ଉଲଙ୍ଘନ କରୁଛନ୍ତି। ଏଣୁ ଏହି କମ୍ପାନୀର କାରବାରକୁ ବନ୍ଦ କରିବା ପାଇଁ ଦାବି କରାଯାଇଛି। ଆମାଜନ ଓ ଫ୍ଲିଂଫକାର୍ଟ ଚକ୍ରାନ୍ତରୁ ଇ-କର୍ମସ ବ୍ୟବସ୍ଥାକୁ ମୁକ୍ତ କରିବା ପାଇଁ ଦାବି କରାଯାଇଛି। ପ୍ରାରମ୍ଭରେ ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ଆମ୍ବେଡକର ଛକ ନିକଟରୁ ବାହାରି ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳନ ନିକଟରେ ପହଞ୍ଚିଥିଲା। କେଟର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବ୍ରିଜମୋହନ ଅଗ୍ରୱାଲ, ବଣିକ ସଂଘର ଉପାଧ୍ୟକ୍ଷ ବିଷ୍ଣୁଦୟାଲ ଅଗ୍ରୱାଲ, ରାଜେଶ ଗର୍ଗ, ପ୍ରବୀଣ ଜୈନ, ନିତେଶ ଜୈନ, କେଟର ରାଉରକେଲା ଅଧ୍ୟକ୍ଷ ସୁନୀଲ ପ୍ରସାଦ,ସଞ୍ଜୟ ପୋଦ୍ଦାର, ଅମିତ ବାଙ୍ଗା ପ୍ରମୁଖଙ୍କ ସମେତ ବିଭିନ୍ନ ବ୍ୟବସାୟିକ ସଙ୍ଗଠନର କର୍ମକର୍ତ୍ତା ଓ ବ୍ୟବସାୟୀ ଉପସ୍ଥିତ ଥିଲେ।

# ରେଳ ଚଳାଚଳ ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

ରାଉରକେଲା ଅଫିସ, ୨୬। ୧୧

ରାଜ୍ୟର ଭଦ୍ରକ, ବାଲେଶ୍ୱର ଓ କେନ୍ଦ୍ରାପଡାକୁ ରାଉରକେଲାରୁ ରେଳ ସୁବିଧା କରାଯିବା ନେଇ ବିଭିନ୍ନ ସମୟରେ ଦାବି ହୋଇ ଆସୁଛି। ଏବେ ଓଡିଶା ରେଳ ବିକାଶ ସମନ୍ୱୟ ସମିତି ଓ ରେଳ ୟୁଜର୍ସ ଆସୋସିଏସନ ପକ୍ଷରୁ ନୂଆଦିଲ୍ଲୀଠାରେ ଏକ ପ୍ରତିନିଧି ମଣ୍ଡଳୀ ସାଂସଦ ଜୁଏଲ ଓରାମଙ୍କ ସହାୟତାରେ ବିଭାଗୀୟ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ପ୍ରତିନିଧି ମଣ୍ଡଳୀ ମନ୍ତ୍ରୀଙ୍କୁ କହିଥିଲେ ଯେ, ଷ୍ଟିଲ ସିଟିରେ ବସବାସ କରୁଥିବା କେନ୍ଦୁଝର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, ବାଲେଶ୍ୱର, ଜଗତସିଂପୁର ଓ କଟକ ଜିଲାର ଲକ୍ଷାଧିକ ଲୋକ ରେଳ ସୁବିଧା ଉପଯୋଗରୁ ବଞ୍ଚିତ ହୋଇ ରହିଛନ୍ତି। ରାଉରକେଲାରୁ ଭଦ୍ରକ ଇଣ୍ଟରସିଟି, ବାଲେଶ୍ୱରକୁ ଏକ ରାତ୍ରିକାଳୀନ ଏକ୍ସପ୍ରେସ ରାଉରକେଲାରୁ ଚକ୍ରଧରପୁର କେନ୍ଦୁଝର ରୋଡ, ଯାଜପୁର ଦେଇ କେନ୍ଦ୍ରାପଡା, ପାରାଦ୍ୱୀପକୁ ଏକ ଟ୍ରେନ ଚଳାଚଳ ପାଇଁ ଦାବି କରାଯାଇ ଥିଲା। ଏହା ଦ୍ୱାରା ଧାମରା ଓ ପାରାଦ୍ୱୀପ ବନ୍ଦରକୁ ବିକଳ୍ପ ରେଳ ସଂଯୋଗ ହୋଇ ପାରିବ। ଉତ୍ତର ଓ ପୂର୍ବ ଓଡିଶା ସହ ରେଳ ଯୋଗାଯୋଗରେ ବୃଦ୍ଧି ଘଟିଲେ ରାଜ୍ୟର ଅର୍ଥନୈତିକ ଅଗ୍ରଗତି ଘଟିବ। ଏହା ପରେ ପ୍ରତିନିଧି ମଣ୍ଡଳୀ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀଙ୍କ ସହ ସାକ୍ଷାତ କରି ଉପରୋକ୍ତ ରେଳ ସଂଯୋଗ କିପରି ଅର୍ଥନୈତିକ ପରିବର୍ତ୍ତନରେ ସହାୟକ ହେବ ସେନେଇ ଆଲୋଚନା କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁପସ୍ଥିତିରେ ତାଙ୍କ କାର୍ଯ୍ୟାଳୟରେ ଏସମ୍ପର୍କିତ ଦାବି ପତ୍ର ପ୍ରଦାନ କରାଯାଇ ଥିଲା। ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ, ଭଦ୍ରକ ଏମପି ମଂଜୁଲତା ମଣ୍ଡଳ, ଜଗତସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ନବରଙ୍ଗପୁର ଏମ୍‌ପି ରମେଶ ମାଝି, ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଓ ଆସିକା ଏମ୍‌ପି ପ୍ରମିଳା ବିଶୋୟୀଙ୍କୁ ମଧ ପ୍ରତିନିଧି ମଣ୍ଡଳୀଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଉରକେଲାବାସୀଙ୍କ ବହୁ ପ୍ରତିକ୍ଷିତ ଏହି ଦାବି ପ୍ରତି ଏମ୍‌ପିମାନେ ଯଥା ସମ୍ଭବ ଦୃଷ୍ଟି ଦେବେ ବୋଲି ପ୍ରକାଶ କରିଛନ୍ତି। ପ୍ରତିନିଧି ମଣ୍ଡଳୀରେ ଉପେନ୍ଦ୍ର ନାୟକ, ଅକ୍ଷୟ ଦାସ, ଶମ୍ଭୂନାଥ ପରିଡା, ସଂଗ୍ରାମ କେଶରୀ ମହାନ୍ତି ଓ ମନୋଜ ରାଉଳ ପ୍ରମୁଖ ସାମିଲ ଥିଲେ।

# ମୋବାଇଲ ହେଲା କାଳ : ଟ୍ରେନରୁ ପଡ଼ି ଯୁବକ ଗୁରୁତର

ରାଉରକେଲା ଅଫିସ,୨୬।୧୧

ଟ୍ରେନ ଗେଟ ସମ୍ମୁଖରେ ଛିଡ଼ା ହୋଇ ମୋବାଇଲ ଦେଖିବା ଅବସ୍ଥାରେ ଜଣେ ଯୁବକ ଟ୍ରେନରୁ ଖସିପଡ଼ି ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକଙ୍କୁ ପ୍ରଥମେ ରାଜଗାଙ୍ଗପୁର ଡାକ୍ତରଖାନାରେ ଏବଂ ଅବସ୍ଥା ଗୁରୁତର ହେବାରୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଏ ନେଇ ଜିଆରପି ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ ବିହାର ରାଜ୍ୟର ରାଜୁ କୁମାର ଝାରସୁଗୁଡ଼ାକୁ କାମ କରିବାକୁ ଆସିଥିଲେ। ତେବେ ମଙ୍ଗଳବାର ସାଉଥବିହାର ଏକ୍ସପ୍ରେସ ଟ୍ରେନ ଯୋଗେ ରାଜୁ ବିହାର ସ୍ଥିତ ନିଜ ଗାଁକୁ ଫେରୁଥିଲେ। ଟ୍ରେନକୁ ସିଗନାଲ ମିଳି ନ ଥିବାରୁ ସୁନ୍ଦରଗଡ ଜିଲା କାଂଶବାହାଲ ଷ୍ଟେସନରେ ଟ୍ରେନଟି କିଛି ସମୟ ପାଇଁ ଅଟକିଥିଲା। ଫଳରେ ରାଜୁ ବସିଥିବା ସ୍ଥାନରୁ ଉଠି ଗେଟ ପାଖକୁ ଆସି ନିଜ ମୋବାଇଲ ଚଳାଉଥିଲେ। ଠିକ ଏହି ସମୟରେ ଟ୍ରେନଟି ହଠାତ ଚାଲିବା ଆରମ୍ଭ କରିଥିଲା। ଏତିକିବେଳେ ରାଜୁ ଭାରସାମ୍ୟ ହରାଇ ଟ୍ରେନରୁ ଖସିପଡ଼ିଥିଲେ। ତେବେ ତାଙ୍କର ଗୋଟିଏ ହାତ ଟ୍ରେନ ଲାଇନରେ ରହିଯାଇଥିଲା। ଫଳରେ ଟ୍ରେନର ଚକ ରାଜୁର ହାତ ଉପରେ ମାଡି ଯିବାରୁ ଗୋଟିଏ ହାତ ଛିଣ୍ଡି ଯାଇଥିଲା। ରାଜୁ ଯନ୍ତ୍ରଣାରେ ଚିତ୍କାର କରିବା ଫଳରେ ସ୍ଥାନୀୟ ଲୋକେ ଏବଂ ଜିଆରପି ପୋଲିସ ତୁରନ୍ତ ଚିକିତ୍ସା ପାଇଁ ରାଜଗାଙ୍ଗପୁର ଡାକ୍ତରଖାନାକୁ ନେଇଥିଲା। ତେବେ ଅବସ୍ଥା ଗୁରୁତର ହେବାରୁ ରାଜୁକୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏ ନେଇ ଜିଆରପି ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ହାଇଡ୍ରା - ବାଇକ ମୁହାମୁହିଁ ଧକ୍କା : ୧ ମୃତ

# କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ

ରାଉରକେଲା ଅଫିସ,୨୬।୧୧

ରଘୁନାଥପାଲି ଥାନା ଜଳଦା ଫାଣ୍ଡି ଅନ୍ତର୍ଗତ କାର୍ମେଲ ସ୍କୁଲ ସମ୍ମୁଖରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟା ୩୦ରେ ହାଇଡ୍ରା ଓ ଏକ ବାଇକ ମୁହାମୁହିଁ ଧକ୍କା ହୋଇଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଯୁବକ ଆହତ ହୋଇ ଆର୍‌ଜିଏଚ୍‌ରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁକୁ ନେଇ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ୧୪୩ନଂ. ଜାତୀୟ ରାଜପଥକୁ ଟାୟାର ଜାଳି ଅବରୋଧ କରିଥିଲେ। ପରେ ରଘୁନାଥପାଲି ପୋଲିସ ସଦଳବଳ ଘଟଣାସ୍ଥଳକୁ ଯାଇ ଉପସ୍ଥିତ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଜଳଦା ଫାଣ୍ଡି ଅନ୍ତର୍ଗତ ବାଲିଜୋଡି ଗ୍ରାମର ଜେମସ୍ ଫ୍ରାନସିସ ଓ ଜଳଦା 'ସି' ବ୍ଲକରେ ରହୁଥିବା ପିଟର ଲାକ୍ରା ଏକ ବାଇକ ନଂ.ଓଡି୧୪ଏଫ୍-୭୦୮୮ ଯୋଗେ କୌଣସି କାମରେ ଲାଠିକଟାକୁ ଆସିଥିଲେ। ତେବେ ନିଜ କାମ ସାରି ଉଭୟ ବନ୍ଧୁ ଘରକୁ ଫେରୁଥିବା ବେଳେ କାର୍ମେଲ ସ୍କୁଲ ସମ୍ମୁଖରେ ବିପରୀତ ଦିଗରୁ ଆସୁଥିବା ଏକ ହାଇଡ୍ରା ନଂ. ଓଡି୧୪ପି-୭୫୨୪ ଗାଡି ସହ ମୁହାମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଜେମସ୍‌ଙ୍କ ମୃତ୍ୟୁ ହୋଇଥିଲା। ପିଟର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଆହତ ପିଟରଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ। ଏହାସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ୧୪୩ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଶହଶହ ଭାରିଯାନ ଅଟକି ରହିଥିଲା। ଖବରପାଇ ଜଳଦା ଫାଣ୍ଡି ପୋଲିସ ସହ ରଘୁନାଥପାଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ହାଇଡ୍ରା ମାଲିକ ମୃତକଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରି କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେବା ପରେ ସ୍ଥାନୀୟ ଲୋକେ ରାସ୍ତାରୋକୋ ପ୍ରତ୍ୟାହାର କରିଥିଲେ। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ହାଇଡ୍ରା ଓ ବାଇକକୁ ଜବତ କରିଛି। ପୋଲିସ ହାଇଡ୍ରା ଡ୍ରାଇଭରକୁ ଗିରଫ କରି ତଦନ୍ତ ଜାରି ରଖିଛି।



କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

# ଆର୍‌ଏସ୍‌ପିରେ ସମ୍ବିଧାନ ଦିବସ ପାଳିତ

ରାଉରକେଲା ଅଫିସ,୨୬।୧୧

ରାଉରକେଲା ଇସ୍ପାତ କାରଖାନାରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କାରଖାନାର ବିଭିନ୍ନ ଅଫିସ ଏବଂ ୟୁନିଟ ଗଡ଼ିକରେ ସମ୍ବିଧାନ ମୁଖବନ୍ଧ ପାଠ ଓ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସିଇଓଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ସିଇଓ ଦୀପକ ଚଟ୍ଟରାଜ ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଶପଥ ଗ୍ରହଣ କରିଥିଲେ। ଏହାସହ କାରଖାନାର ବିଭିନ୍ନ ୟୁନିଟରେ ମଧ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ କାରଖାନାର ବରିଷ୍ଠ ଅଧିକାରୀ ରାଜବୀର ସିଂ, ଗୌତମ ବାନାର୍ଜୀ, ଦିଲୀପ ମହାପାତ୍ର, ପଙ୍କଜ କୁମାର ପ୍ରମୁଖଙ୍କ ସହ କର୍ମଚାରୀମାନେ ଶପଥ ଗ୍ରହଣ କରିଥିଲେ। ଏହି ଅବସରରେ ପାଠ କରାଯାଇଥିବା ସମ୍ବିଧାନର ମୁଖବନ୍ଧ ଥିଲା 'ଆମେ ଭାରତର ଜନସାଧାରଣ ଦୃଢ଼ ସଂକଳ୍ପ କରୁଛୁ ଯେ ଭାରତକୁ ଏକ ସାର୍ବଭୌମ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ରାଷ୍ଟ୍ର ରୁପେ ଗଠନ କରିବୁ। ଏହାର ସମସ୍ତ ନାଗରିକ ମାନଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ, ଚିନ୍ତା, ଅଭିବ୍ୟକ୍ତି, ବିଶ୍ୱାସ ଓ ଉପାସନାର ସ୍ୱାଧୀନତା, ସ୍ଥିତି ଓ ସୁଯୋଗର ସମାନତା ଦେଇ ସେମାନଙ୍କ ମଧ୍ୟରେ ବ୍ୟକ୍ତିର ମର୍ଯ୍ୟାଦା ତଥା ଜାତୀୟ ଐକ୍ୟ ଓ ସଂହତି ପ୍ରତିଷ୍ଠା କରି ଭାତୃଭାବ ଉଦ୍ରେକ ରଖିବୁ। ଆମ ସମ୍ବିଧାନ ପ୍ରଣୟନ ସଭାରେ ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଏହି ସମ୍ବିଧାନକୁ ଅବଲମ୍ବନ ଓ ପ୍ରଣୟନ କରି ଆମ୍ଭ ମାନଙ୍କ ଠାରେ ଅର୍ପଣ କରୁଛୁ।'



ଆମକୁ ପାପ କାର୍ଯ୍ୟ କରିବାରେ ଯିଏ ବାଧାଦିଏ,
ସେ ପ୍ରକୃତରେ ବନ୍ଧୁ।
- ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ସମ୍ବିଧାନ ଦିବସ ଅବସରରେ ଶପଥ ପାଠ

ପଦ୍ମପୁର, ୨୬।୧୧ (ଡି.ଏନ.ଏ)
ସମ୍ବିଧାନ ଦିବସ ପାଳନ ଅବସରରେ ମଙ୍ଗଳବାର ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭା ଗୃହରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ କାର୍ଯ୍ୟାଳୟର ଉପସ୍ଥିତ ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସମ୍ବିଧାନ ଦିବସର ଶପଥ ପାଠ କରାଇଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ବିର୍ସାମୁଣ୍ଡା ଜୟନ୍ତୀ, ସମ୍ବିଧାନ ଦିବସ ପାଳିତ

ଗାଇସିଲେଟ, ୨୬।୧୧ (ଡି.ଏନ.ଏ)
ଗାଇସିଲେଟ ବ୍ଲକ ଆଦିବାସୀ, ଦଳିତ ଓ ପଛୁଆ ବର୍ଗ ସେନା ତରଫରୁ କଲଙ୍ଗାପାଲିରେ ବିର୍ସାମୁଣ୍ଡା ଜୟନ୍ତୀ ଓ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ସଭାରେ ଓଡିଶା ଆଦିବାସୀ ଦଳିତ ସେନା ସଭାପତି ଗୋବର୍ଦ୍ଧନ ଭୋଏ ମୁଖ୍ୟଅତିଥି, ଶୁଭ୍ର ମୁନି ଅଭିଯାନ ସମିତି ସଭାପତି ରାଜ୍ୟ ସାଂସ୍କୃତିକ ସଂଯୋଜକ ଶ୍ରୀପତି କୁମ୍ଭାର, ଗୋବର୍ଦ୍ଧନ ଛତର, ରାଜ୍ୟ ଏମଏସଓ୍ୱାଇସି ସଭାପତି ଗୋପବନ୍ଧୁ ଶିକା, ପଦ୍ମପୁର ବ୍ଲକ ଅଧକ୍ଷ କୁମରମଣି ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ପଞ୍ଚାନନ ମହାନନ୍ଦ ସଭା ପରିଚାଳନା କରିଥିଲେ । ନୀଳମଣି ବରିହା ଧନ୍ୟବାଦ ଅର୍ପଣ କରିଥିଲେ ।

### ଦାସ, ଧୀବର ସମାଜର କର୍ମକର୍ତ୍ତା ଚୟନ

ବାଉଁଶୁଣୀ, ୨୬।୧୧ (ଡି.ଏନ.ଏ)
ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ମାଳିସାହି ବାସେଲି ମନ୍ଦିର ପରିସରରେ ମଙ୍ଗଳବାର ଦାସ, ଧୀବର ସମାଜର କର୍ମକର୍ତ୍ତା ଚୟନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ହନୁମାନ ବେହେରାଙ୍କ ଅଧକ୍ଷତାରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା ଓ ଅସ୍ଥାୟୀ କର୍ମକର୍ତ୍ତା ଚୟନ ହୋଇଥିଲା। ସଭାପତି ହନୁମାନ ବେହେରା, ଉପସଭାପତି ଶମ୍ଭୁପ୍ରସାଦ ବେହେରା, ସମ୍ପାଦକ ଭାବେ ଶେଷଦେବ ବେହେରା, ଗୋକୁଳା ବେହେରା, ମାରୁତି ବେହେରା, ଲାଲା ବେହେରା ପ୍ରମୁଖ ଚୟନ ହୋଇଥିଲେ । ଶେଷରେ ସୁରମଣି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

### ବରଗଡ଼ ୟୁନାଇଟେଡ୍ କ୍ଲବ ବିଜୟୀ

ବରଗଡ଼ ଅଫିସ୍,୨୬।୧୧
ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ବରଗଡ଼ର ୟୁନାଇଟେଡ୍ କ୍ଲବ ପ୍ରତିପକ୍ଷ ଜାଣ୍ଡୋଲକୁ ୨-୦ ଗୋଲରେ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଜାଣ୍ଡୋଲର ମଧ୍ୟ ବରିହା ଓ ରିଙ୍କୁ ଭୁଏ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିବାବେଳେ ପ୍ରତିପକ୍ଷର ଖେଳାଳିମାନେ ଗୋଲ ସ୍କୋର କରି ପାରି ନ ଥିଲେ । ଏହି ବିଜୟରେ ୟୁନାଇଟେଡ୍ କ୍ଲବର ସେମିଫାଇନାଲରେ ପ୍ରବେଶ କରିଛି। ଶ୍ରୀନିବାସ ରାଓ, ସୁରେଶ ବେହେରା, ଶୁଭମ ପାତ୍ର, ସନ୍ତୋଷ ଗଡ଼ତିଆ ମ୍ୟାଚ ପରିଚାଳନା କରିଥିଲେ। ବୁଧବାର ସାହାଜବାହାଲ ଓ କଳାପାଣି ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡ଼ିଛି ।

### ବରଗଡ଼ରେ ସମ୍ବିଧାନ ଦିବସ

# ସେବା ପାଇଁ ଶପଥ ନେଲେ

ବରଗଡ଼ ଅଫିସ୍,୨୬।୧୧

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ଅଧିକାରୀ, କର୍ମଚାରୀ ଯୋଗଦେଇ ଥିବାବେଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସେମାନଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟରେ ସ୍ୱଚ୍ଛତା ରଖି ଜନସାଧାରଣଙ୍କ ସେବା କରିବା ପାଇଁ ଅଧିକାରୀ, କର୍ମଚାରୀବୃନ୍ଦ ଶପଥ ଗ୍ରହଣ କରିଥିଲେ । ବିକାଶ ଡିଗ୍ରୀ କଲେଜ ଆଇନ ବିଭାଗ ଦ୍ୱାରା ମଙ୍ଗଳବାର ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଛି। ଏହି ଅବସରରେ ଆଡ଼ଭୋକେଟ୍ ଡଃ ରମାକାନ୍ତ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ବିକାଶ ଡିଗ୍ରୀ କଲେଜ ଆଇନ ବିଭାଗର କୋ ଅର୍ଡ଼ିନେଟର ଅଧ୍ୟାପକ ଶିବାନନ୍ଦ ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ସାମ୍ପ୍ରତିକ ସ୍ଥିତିରେ ସମ୍ବିଧାନର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିକାଶ ଗ୍ରୁପ୍‌ର ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ଛାତ୍ରୀଛାତ୍ରଙ୍କୁ ସମ୍ବିଧାନର ମୂଲ୍ୟବୋଧ ଉପରେ ଅବଗତ କରାଇବା ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ। ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ସମ୍ବିଧାନର ବିଚାରଧାରାକୁ ନିଜ ଜୀବନରେ ପ୍ରୟୋଗ କରିବା ସହିତ ଆଇନ ପାଠ୍ୟକ୍ରମର ମର୍ଯ୍ୟାଦାକୁ ବଞ୍ଚାଇ ରଖିବା ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ କୁମାର ପ୍ରଧାନ, ଆଇନ ବିଭାଗର ଅଧ୍ୟାପକ ନୟନଜ୍ୟୋତି ଦାସ, ଅଭିନନ୍ଦନ ଖୁଣ୍ଟିଆ, ଅଧ୍ୟାପିକା ତୁଳସୀ ରଏ, ସଂଘମିତ୍ରା ଆଚାଯର୍ୟ, ବିକାଶ ଡିଗ୍ରୀ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ସହଯୋଗ କରିଥିଲେ । ଅଧ୍ୟାପକ ଜୈମିନୀ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ସେହିପରି ବରଗଡ଼ ପଞ୍ଚାୟତ କଲେଜରେ ଅନୁଷ୍ଠିତ ସମ୍ବିଧାନ ଦିବସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଡଃ କମଳପ୍ରଭା କାପାନୀ, ଅଧ୍ୟାପକ ପତିତପାବନ ସାହୁ, ପ୍ରଭାସ କୁମାର ସାହୁ, ସୁବଳ ମେହେର, ଅଧ୍ୟାପିକା କ୍ରୀଷ୍ଣାରାଣୀ ସାସମଲ୍ ପ୍ରମୁଖ ଯୋଗଦେଇ ସମ୍ବିଧାନ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଅଧ୍ୟାପକ ସୁରେଶ ମାଝି ଧନ୍ୟବାଦ ଅର୍ପଣ କରିଥିଲେ । ବରଗଡ଼ ଜିଲା ଗଣ୍ଡା ସମାଜ ମହାସଂଘ ପକ୍ଷରୁ ଅନୁଷ୍ଠିତ ସମ୍ବିଧାନ ଦିବସ ପାଳନ କାର୍ଯ୍ୟକ୍ରମରେ ସଭାପତି ଚୈତନ୍ୟ ପାଇକଙ୍କ ନେତୃତ୍ୱରେ ଅମ୍ବାପାଲିସ୍ଥିତ ଡଃ ବି.ଆର ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମହାସଂଘର ସମ୍ପାଦକ ଧର୍ମରାଜ ବିଭାର, ଉପସଭାପତି ସୁରେନ୍ଦ୍ର ଭୋସାଗର, ସହ ସମ୍ପାଦକ ଟଙ୍କଧର ଭେସ୍ରା, ରାଧେଶ୍ୟାମ ଭେସ୍ରା, ପ୍ରହଲ୍ଲାଦ ଭେସ୍ରା, କୋଷାଧ୍ୟକ୍ଷ ନିତ୍ୟାନନ୍ଦ ବାଗ, ବେଣୁଧର ସୁନା ପ୍ରମୁଖ ଉପସ୍ଥିତ ରହି ଡଃ ଆମ୍ବେଡ଼କରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ବରଗଡ଼ ଜିଲା ଭୀମ ମାନବବାଦ ପରିବାର ସଂଘ ପକ୍ଷରୁ ବରଗଡ଼ ଗାନ୍ଧୀଛକରେ ସମ୍ବିଧାନ ଦିବସ ପାଳନ କରାଯାଇଥିଲା। ମହାସଂଘର ସଭାପତି ସୁରେନ୍ଦ୍ର କୁମାର ତାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଡା. ବିଦ୍ୟାଧର ନାଗ ମୁଖ୍ୟଅତିଥି, ସମାଜସେବୀ ଚନ୍ଦ୍ରଶେଖର ବାଗ, ଗୁଞ୍ଜି ରାଓ, ଆଡ଼ଭୋକେଟ୍ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଜ୍ୟୋତ୍ସା ପାଇକ, ରାଜ ଶର୍ମା, ଅର୍ଜୁନ ଲାଲ ଅଗ୍ରୱାଲ ପ୍ରମଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମହାସଂଘର ଉପସଭାପତି ଯୁଧିଷ୍ଠିର ବିଭାର, କୋଷାଧ୍ୟକ୍ଷ ବାଳମୁକୁନ୍ଦ ଜଗଦଳା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ଅଭିମନ୍ୟୁ ଭୋସାଗର ଧନ୍ୟବାଦ ଅର୍ପଣ କରିଥିଲେ।



ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ସମ୍ବିଧାନ ଦିବସ ।

### ବୀରେନ୍ ମିତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

# ସେବା, ମାନବୀୟ ମୂଲ୍ୟବୋଧ ପାଇଁ ସେ ଚିରସ୍ମରଣୀୟ

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)

ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ରଙ୍କ ଘଟଣାବହୁଳ ଜୀବନ ସଂଘର୍ଷ ଓ ନେତୃତ୍ୱର କାହାଣୀ ଥିଲା। ଏହି ବିପ୍ଳବୀ ବ୍ୟକ୍ତିତ୍ୱ ଛାତ୍ରନେତାରୁ ସାମାଜିକକର୍ମୀ, ସମାଜସେବାରୁ ରାଜନୀତିଜ୍ଞ ହୋଇ ସଫଳତା ଆରୋହଣ କରିଥିଲେ ମଧ ପ୍ରାଚୁର୍ଯ୍ୟ ସ୍ପର୍ଶ କରି ନ ଥିଲା। ତାଙ୍କ ସେବା ଓ ମାନବୀୟ ମୂଲ୍ୟବୋଧ ଉତ୍ତରପିଢ଼ି ପାଇଁ ଚିରସ୍ମରଣୀୟ ବୋଲି ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବୀରେନ୍ ମିତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କ ଅକ୍ଷୁଣ୍ଣ ଖ୍ୟାତି ଓ ଲୋକପ୍ରିୟତାକୁ ଦୃଷ୍ଟାନ୍ତ ଭାବରେ ବର୍ଣ୍ଣନା କରିଛନ୍ତି।

ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ବୀରେନ୍ ମିତ୍ର ଫାଉଣ୍ଡେଶନ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସୂଚନା ଭବନଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ତ୍ରିଲୋଚନ କାନୁନ୍‌ଗୋ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ, ରାଜନୈତିକ ବାଛ ବିଚାର ନ ରଖି ବୀରେନ୍ ମିତ୍ର ଲୋକଙ୍କ ସେବା କରିବାକୁ ସର୍ବଦା ଆଗେଇ ଆସୁଥିଲେ। କଟକ ଭଳି ପୁରାତନ ସହରରେ ତାଙ୍କର କେହି ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ନ ଥିଲେ। ଗରିବ ଲୋକଙ୍କୁ ସାହାଯ୍ୟ ଓ ସହାନୁଭୂତି ତାଙ୍କ ଜୀବନର ମୂଳମନ୍ତ୍ର ଥିଲା। ଜନତା ଜନାର୍ଦ୍ଦନଙ୍କ ସେବାରେ ସେ ବ୍ରତୀ ଥିଲେ ବୋଲି କାନୁନ୍‌ଗୋ କହିଥିଲେ।

କାର୍ଯ୍ୟକ୍ରମରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ବୀରେନ୍ ମିତ୍ରଙ୍କ ଜୀବନରେ ରାଜନୈତିକ ଉଦ୍ଦୀପନାର ମଳିନତା ପରିଦୃଷ୍ଟ ହୋଇ ନ ଥିଲା ବୋଲି କହିଥିଲେ। ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଅଧକ୍ଷ ଓ ବୀରେନ୍ ମିତ୍ର ଫାଉଣ୍ଡେଶନ ଅଧକ୍ଷ ପ୍ରିୟଦର୍ଶୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଫାଉଣ୍ଡେଶନର ସାଧାରଣ ସମ୍ପାଦକ ସୌମିତ୍ ମିତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଉତ୍ସର୍ଗୀକୃତ ସମାଜ ସେବା ପାଇଁ ସୁଧୀର ରଞ୍ଜନ ତ୍ରିପାଠୀ ଓ ଯୁବ ଆଇନଜୀବୀ ତଥା ସ୍ତମ୍ଭକାର ଏସ୍. ଜ୍ୟୋତିରଞ୍ଜନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବରୁ ଅନୁଷ୍ଠିତ ଆନ୍ତଃସ୍କୁଲ ଓ କଲେଜସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସକାଳେ ସ୍ଥାନୀୟ ଜୟଦେବ ବିହାର ଛକସ୍ଥିତ ବୀରେନ୍ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ବିଭାଗ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା।

# ଫୁଟବଲ: ସେମିରେ ଜାଙ୍ଗେଡ

ଭେଡ଼େନ,୨୬।୧୧(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ରେମଣ୍ଡା ଖେଳ ପଡ଼ିଆରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲକୁ ଜାଙ୍ଗେଡ଼ ଦଳ ପ୍ରବେଶ କରିଛି। ମଙ୍ଗଳବାର ଖେଳାଯାଇଥିବା ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ଏହି ଦଳ ଗଣ୍ଡିଆପାଲି ଏକାଦଶକୁ ଟାଇବ୍ରେକର ଯୋଗେ ୪-୩ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ବିଜୟୀ ଦଳର ମିଳନ ମାଝୀଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା।

### ପତ୍ରାଗୁଡା ଗ୍ରାମରେ କିଡ୍‌ନୀ ରୋଗୀ ମୃତ୍ୟୁ ଘଟଣା

# ପରୀକ୍ଷା ପାଇଁ ପଠାଗଲା ପାଣି ନମୁନା


ପ୍ରଶାସନିକ ଅଧିକାରୀମାନେ ଗ୍ରାମବାସୀଙ୍କ ସହିତ ଆଲୋଚନା କରୁଛନ୍ତି ।

ପାଇକମାଳ,୨୬।୧୧(ଡି.ଏନ.ଏ)
ପାଇକମାଳ ବ୍ଲକ ଝାରବନ୍ଧ ପଞ୍ଚାୟତ ପତ୍ରାଗୁଡା ଗ୍ରାମରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଗତ ୨ବର୍ଷରେ ୨୦ ଜଣ ପ୍ରାଣ ହରାଇବା ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ମଙ୍ଗଳବାର ଏକ ଡାକ୍ତରୀ ଦଳ ଉକ୍ତ ଗ୍ରାମକୁ ଯାଇ ସେଠାରେ ଆଲୋଚନା କରିଛନ୍ତି। ବୁକ୍ରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ନାରାୟଣ ପ୍ରସାଦ ପଶାୟତ, ପିଏଚ୍‌ଇଓ ତୁଷ କୁମାର ଚନ୍ଦ୍ରକାର, ବିପିଏମ ବିଜୟ କୁମାର ସରାପ, ବିଡିଏମ ସଞ୍ଜୀବ ମେହେର ଘର ଘର ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ସେମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଅନ୍ୟପକ୍ଷେ ବରଗଡ ଜିଲାପାଳ ଜ୍ୟୋତି ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ପାଇକମାଳ ବିଡିଓ ସଦାଶିବ ନାୟକ, ଆରଡବ୍ଲ୍ୟୁଏସଏସର କନିଷ୍ଠ ଯନ୍ତ୍ରୀ ସତ୍ୟବ୍ରତ ମାଝୀ ପ୍ରମୁଖ ଗ୍ରାମକୁ ଯାଇ ପାଣି ନମୂନା ସଂଗ୍ରହ କରି ପରୀକ୍ଷା ପାଇଁ ପଦ୍ମପୁର ପଠାଇଥିବା ଜଣାପଡିଛି ।

# ଜାତୀୟ ଆଇନ ଦିବସ

ବୌଦ୍ଧ/ ବାଉଁଶୁଣୀ,
୨୬।୧୧ (ସ୍ୱ.ପ୍ର./ଡି.ଏନ.ଏ.)

ବୌଦ୍ଧ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲା ଅଦାଲତ ପରିସରରେ ମଙ୍ଗଳବାର ଜାତୀୟ ଆଇନ ଦିବସ ପାଳିତ ହୋଇଛି। ଅତିରିକ୍ତ ଜିଲା ଦୌରାଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ପ୍ରଭୁରାମଦାସ ଅଧିକାରୀ, ସବ୍ ଜଜ୍ ଦୁର୍ବାଶା ଦୁର୍ଗା, ରେଜିଷ୍ଟ୍ରାର ପ୍ରୀତୀଶ କୁମାର ରାଉତରାୟ, ଏସ୍‌ଡିଜେଏମ ସୂର୍ଯ୍ୟ ଦାସ, ଜେଏମ୍‌ଏଫସି ଶିବାନୀ ବିଶ୍ୱାଳ ଓ ସୁନୀତା ବିଶ୍ୱାଳ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ସେହିଭଳି ବରିଷ୍ଠ ଆଇନଜୀବୀ ନବ ମିଶ୍ର, ସୁଧୀର କର୍ଣ୍ଣ ଓ ଅନ୍ୟମାନେ ଯୋଗ ଦେଇଥିଲେ। ସେହିଭଳି ବାଉଁଶୁଣୀସ୍ଥିତ ମାଁ ମାହେଶ୍ୱରୀ ଡିଗ୍ରୀ କଲେଜରେ ମଧ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଛି। ରାଜନୀତି ବିଜ୍ଞାନ ବିଭାଗର ଅଧାପକ ଡ. ମନୋରଞ୍ଜନ ଘଡେଇଙ୍କ ଅଧକ୍ଷତାରେ ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଓ କର୍ମଚାରୀଙ୍କୁ ନେଇ ଏକ ସଭାର ଆୟୋଜନ କରାଯାଇଥିଲା। ଶେଷରେ ବାବାରାମ ଦେହୁରୀ ଧନ୍ୟବାଦ ଦେଇଥିଲେ।

### ଅନୁସୂଚିତ ଜନଜାତିଙ୍କ ଜମିରେ ନିର୍ମାଣ ମାମଲା

# କାର୍ଯ୍ୟ ବନ୍ଦ ରଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ ଅଫିସ,୨୬।୧୧

ରାଉରକେଲା ହାମିରପୁର ଅଞ୍ଚଳର ସୁବୋଧ କୁଲୁଙ୍କ ଜମି ଉପରେ ରାଉରକେଲା ମ୍ୟୁନିସିପାଲିଟିର ଚାଲିଥିବା ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ମଙ୍ଗଳବାର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କ ଖଣ୍ଡପୀଠ ଉକ୍ତ ମାମଲାରେ ରାଜ୍ୟ ସରକାରଙ୍କ ସହ ସୁନ୍ଦରଗଡ଼ ଜିଲାପାଳ, ସୁନ୍ଦରଗଡ଼ ଏଡିଏମ୍, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ(ସେଲ୍)ର ମୁଖ୍ୟ ନିର୍ବାହୀ ଅଧିକାରୀ, ସୁନ୍ଦରଗଡ଼ ସବ୍ କଲେକ୍ଟର, ଉଦିତ ନଗର ତହସିଲ୍‌ଦାର, ଅନୁସୂଚିତ ଜନଜାତି ଜାତୀୟ ଆୟୋଗଙ୍କ ଅଧକ୍ଷଙ୍କୁ ମଧ ନୋଟିସ୍ ଜାରି କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ହାମିରପୁର ଅଞ୍ଚଳରେ ସୁବୋଧଙ୍କ ଘର ଜମି ରହିଛି। ୧୯୫୬ରେ ସରକାର ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ ପାଇଁ ଏହି ଜମିକୁ ଅଧିଗ୍ରହଣ କରିଥିଲେ। ତେବେ ସୁବୋଧ ଏହି ଜମିରେ ବାସ କରି ଆସୁଥିବାବେଳେ ଆଜିପର୍ଯ୍ୟନ୍ତ ଷ୍ଟିଲ୍‌ପ୍ଲାଣ୍ଟ ଏହି ଜମିକୁ ବ୍ୟବହାର କରି ନ ଥିଲା। ଜମି ଅଧିଗ୍ରହଣ ନିୟମ ୨୦୧୩ ଅନୁଯାୟୀ, ଯଦି କୌଣସି ଅଧିଗୃହୀତ ଜମି ୫ବର୍ଷ ପର୍ଯ୍ୟନ୍ତ ବ୍ୟବହୃତ ନ ହୁଏ ତେବେ ତାହା ସମ୍ପୃକ୍ତ ଜମି ମାଲିକଙ୍କ ଖାତାକୁ ଫେରିଯିବ। ତେବେ ଦୀର୍ଘ ୬୩ ବର୍ଷ ହେବ ଅବ୍ୟବହୃତ ହୋଇ ରହିଥିବା ଉକ୍ତ ଜମିକୁ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ କର୍ତ୍ତୃପକ୍ଷ ରାଉରକେଲା ମ୍ୟୁନିସିପାଲିଟିକୁ ଏକ ହେଲ୍‌ଥ ସେଣ୍ଟର ନିର୍ମାଣ କରିବା ପାଇଁ ଦେଇଥିଲେ। ଏହି ଜମି ମଧ ରାଉରକେଲା ମ୍ୟୁନିସିପାଲିଟି ଅଧୀନ ନ ଥିବାବେଳେ ନିକଟରେ ମ୍ୟୁନିସିପାଲିଟି ପକ୍ଷରୁ ଏଠାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକୁ ବେଆଇନ ଦର୍ଶାଇ ସୁବୋଧ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ଡବ୍ଲ୍ୟୁପି(ସି) ୨୨୫୪୨ରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଘନଶ୍ୟାମ ନାମତୋଆର ଏହି ମାମଲା ପରିଚାଳନା କରୁଛନ୍ତି।


ବରଗଡ଼ ଜିଲା ଭେଡେନ ବ୍ଲକ କେନ୍ଦପାଲି ଅଞ୍ଚଳର ଚାଷୀମାନେ ବିଲରୁ ଧାନ କାଟି ଅମଳ ପାଇଁ ଘରକୁ ଆଣୁଛନ୍ତି ।

# ଚାଷୀ ଘେରିଲେ କୃଷି କାର୍ଯ୍ୟାଳୟ

ବୌଦ୍ଧ,୨୬।୧୧(ସ୍ୱ.ପ୍ର.)

ବୌଦ୍ଧ ଜିଲା ଏକ କୃଷି ପ୍ରଧାନ ଜିଲା। କିନ୍ତୁ ଏହି ଜିଲାର ଚାଷୀ ବିଭିନ୍ନ ସମସ୍ୟାରେ ରହୁଛନ୍ତି। ପ୍ରତିବର୍ଷ ସ୍ୱଳ୍ପ ବର୍ଷା, ବନ୍ୟା, ମରୁଡ଼ି ଓ ରୋଗପୋକରେ ଚାଷୀ କ୍ଷତିଗ୍ରସ୍ତ ହେଉଛି। ହେଲେ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉନାହିଁ। ଏଭଳି ଆପତ୍ତି ଅଭିଯୋଗ ନେଇ ବୌଦ୍ଧ ଜିଲା ଭାରତୀୟ କିଷାନ ସଂଘ ମଙ୍ଗଳବାର କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅନଶନରେ ବସିଥିଲା। ସଂଘର ସଭାପତି ପ୍ରମୋଦ କୁମାର ଦେହୁରୀ ଓ ଚାଷୀନେତା ସୂର୍ଯ୍ୟନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ପୁରୁଷ ଓ ମହିଳା ଚାଷୀ ସାମିଲ ହୋଇ କୃଷି କାର୍ଯ୍ୟାଳୟ ଘେରାଉ କରିବା ସହ ଅନଶନରେ ବସିଥିଲେ। ଏହି ଅବସରରେ ଚାଷୀମାନେ ଏକ ରାଲିରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ତୁରନ୍ତ ପଦକ୍ଷେପ ନେବାକୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଏଥିରେ ଚାଷୀ ନେତା ବିଶିକେସନ ପ୍ରଧାନ, ଜନ୍ମେଜୟ ପ୍ରଧାନଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଚାଷୀ ସାମିଲ ଥିଲେ।


ବୌଦ୍ଧରେ ଚାଷୀମାନେ କୃଷି କାର୍ଯ୍ୟାଳୟ ଘେରାଉ କରି ବସି ରହିଛନ୍ତି।



ଜ୍ଞାନ, ଉପାସନା ଓ କର୍ମ ଏହି ତିନୋଟି ହେଲା ଈଶ୍ୱରପ୍ରାପ୍ତିର ବିଭିନ୍ନ ମାର୍ଗ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବାଇକ୍ ଧକ୍କାରେ ଜଣେ ଗୁରୁତର

ବଡ଼ଗାଁ, ୨୬।୧୧ (ଡି.ଏନ.ଏ): ବଡ଼ଗାଁ ମହାବୀର ଛକ ନିକଟ ଓଭରବ୍ରିଜ ପାର୍ଶ୍ୱ ରାସ୍ତାରେ ମଙ୍ଗଳବାର ଅପରାହ୍ନ ସାଢ଼େ ୫ଟାରେ ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି। ଇତମା ଖଡିଆପଡାର ଜନ୍ମ ଡନସନା ସାଇକେଲରେ ଯାଉଥିଲାବେଳେ ବାଇକ ଧକ୍କା ଦେବାରୁ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି । ପୋଲିସ ବାଇକକୁ ଜବତ କରିଛି।



### ଲୁହା ଛଡ଼ ବୋଝେଇ ଟ୍ରକ ଓଲଟି ଖଲାସି ଆହତ

ଲହୁଣୀପଡା, ୨୬।୧୧ (ଡି.ଏନ.ଏ)- ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ- ବାହାଡାପକ୍ଷି ୧୦ (କ) ରାଜ୍ୟ ରାଜପଥର ସାଧୁବାହାଲ ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ଲୁହା ଛଡ ବୋଝେଇ ଟ୍ରକ ଓଲଟି ପଡିଛି। ଏଥିରେ ଥିବା ଖଲାସି ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ପ୍ରାପ୍ତସୂଚନା ଅନୁସାରେ ଓଆର୍ ୧୪ପି- ୪୭୦୩ ନଂ. ଟ୍ରକ ରାଉରକେଲାରୁ ଲୁହାଛଡ ବୋଝେଇ କରି ଅନୁଗୋଳ ପଟେ ଯାଉଥିବାବେଳେ ଖୁଣ୍ଟଗାଁ ନିକଟସ୍ଥ ସାଧୁବାହାଲଠାରେ ସୋମବାର ବିଳମ୍ବିତ ରାତିରେ ଓଲଟି ପଡିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି

### ଜୁଆଆଡ୍ଡାରେ ଚଢାଉ: ୭ଗିରଫ

ସୁନ୍ଦରଗଡ, ୨୬।୧୧ (ଡି.ଏନ୍.ଏ)
ଭଷ୍ମା ଥାନା ଅନ୍ତର୍ଗତ ଧଉଁରଅଡାଠାରେ ୨ଟି ସ୍ଥାନରେ ଚାଲିଥିବା ଘୁଡୁଘୁଡି ପଟି (ଜୁଆଖେଳ) ଉପରେ ସୋମବାର ବିଳମ୍ବିତ ରାତିରେ ପୋଲିସ ଚଢାଉ କରି ୭ଜଣଙ୍କୁ ଗିରଫ କରିଛି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ସେମାନଙ୍କ ନିକଟରୁ ୨ଟି ଘୁଡୁଘୁଡିପଟି, ୨ଟି ଗୋଟି, ନଗଦ ୬ହଜାର ୪୦ଟଙ୍କା ଓ ୮ଟି ମୋବାଇଲ ଫୋନ୍ ଜବତ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ଝାରସୁଗୁଡା ଲଇକେରା ଥାନା କାଲୋପଡା ଗ୍ରାମର କାର୍ତ୍ତିକ କାଲୋ (୪୦), ସୁନ୍ଦରଗଡ ଭଷ୍ମା ଥାନା ଧଉରାଅଡା ଗ୍ରାମର ମନୋଜ ଜେନା (୩୫), ସୁନ୍ଦରଗଡ଼ ଥାନା ରେଣ୍ଡା ଗ୍ରାମର ଶିବ ନେଟି (୩୨), ଝାରସୁଗୁଡା ବେଲପାହାଡର କୃଷ୍ଣଚନ୍ଦ୍ର ମେହେର (୩୮), କବାଙ୍ଗ ଗ୍ରାମର ନୂତନ ମେହେର (୩୮), ସୁଜିତ ରୋହିଦାସ (୨୩) ଓ ଅନନ୍ତ ଭୈଷାଁଲ (୪୫)। ଗିରଫ ବ୍ୟକ୍ତିମାନଙ୍କ ବିରୋଧରେ ଭଷ୍ମା ଥାନାରେ ଏକ ମାମଲା (ନଂ. ୧୧୬/୧୯) ରୁଜୁ କରାଯାଇଛି। ଏହି ଜୁଆଖେଳ ସମ୍ପର୍କରେ ସୂଚନା ପାଇ ଭଷ୍ମା ଥାନା ଅଧିକାରୀ ରମେଶ ଚନ୍ଦ୍ର ମାହାନାଙ୍କ ନେତୃତ୍ୱରେ ପୋଲିସ ସ୍କ୍ୱାଡ଼ ଚଢାଉ କରିଥିଲା।

## ବିଦ୍ୟୁତ୍ ଗ୍ରୀଡ ଷ୍ଟେଶନରେ କର୍ମଚାରୀ ନିଯୁକ୍ତିରେ ପ୍ରିୟାପ୍ରୀତି ତୋଷଣ

# ଗ୍ରୀଡ ଷ୍ଟେସନରେ ତାଲା ପକାଇ ଧାରଣା

ସୁନ୍ଦରଗଡ଼, ୨୬।୧୧ (ଡି.ଏନ୍.ଏ)

ସୁନ୍ଦରଗଡ଼ ୱେସ୍କୋ ବିଦ୍ୟୁତ୍ ଡିଭିଜନ ଅନ୍ତର୍ଗତ ବିଭିନ୍ନ ବିଦ୍ୟୁତ୍ ଗ୍ରୀଡ ସବଷ୍ଟେସନଗୁଡିକରେ କର୍ମଚାରୀ ନିଯୁକ୍ତିରେ ବ୍ୟାପକ ପ୍ରିୟାପ୍ରୀତି ତୋଷଣ ନୀତି ଅବଲମ୍ବନ କରାଯାଇଥିବା ଅଭିଯୋଗ ହୋଇଛି। ପୂର୍ବରୁ ଠିକାକର୍ମଚାରୀ ଭାବେ କାର୍ଯ୍ୟକରି ଆସୁଥିବା ଓ ସ୍ଥାନୀୟ ଆଇଟିଆଇ ଡିପ୍ଲୋମାଧାରୀମାନଙ୍କୁ ଉପେକ୍ଷା କରାଯାଇ ଗ୍ରୀଡକୋ ନିର୍ଦ୍ଦେଶନାମାକୁ ଉଲଘଂନ କରାଯାଇ ଅନଭିଜ୍ଞମାନଙ୍କୁ ନିଯୁକ୍ତି ଦିଆଯାଇଥିବା ପ୍ରତିବାଦରେ ଗତ ୨୪ ତାରିଖରୁ ସୁନ୍ଦରଗଡ ମଝାପଡାସ୍ଥିତ ବିଦ୍ୟୁତ୍ ସବଷ୍ଟେସନକୁ ତାଲା ପକାଇ ଧାରଣା ଦେଇଛନ୍ତି ଠିକା କର୍ମଚାରୀ ଓ ସ୍ଥାନୀୟ ଆଶାୟୀ ଯୁବକ। ଏନେଇ ୱେସ୍କୋ ନିର୍ବାହୀ ଯନ୍ତ୍ରୀଙ୍କ ଠାରେ ଲିଖିତ ଅଭିଯୋଗ ମଧ୍ୟ କରାଯିବା ସହ ଏଭଳି ଅନିୟମିତତା ଓ ପ୍ରିୟାପ୍ରୀତି ତୋଷଣ ବିରୋଧରେ ଧରୁଆଡିହି ଥାନାରେ ଲିଖିତ ଭାବେ ଅବଗତ କରାଯାଇଛି। ସ୍ଥାନୀୟ ଡିପ୍ଲୋମାଧାରୀ ବେକାର ଯୁବକ ଓ ପୂର୍ବରୁ ଅସ୍ଥାୟୀ ଭାବେ



ବିଦ୍ୟୁତ୍ ସବଷ୍ଟେଶନକୁ ତାଲା ପକାଇ ଧାରଣାରେ ଠିକା କର୍ମଚାରୀ ଓ ସ୍ଥାନୀୟ ଆଶାୟୀ ଯୁବକ।

କାର୍ଯ୍ୟ କରୁଥିବା ଯୁବକମାନଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ମଝାପଡା ୩୩/୧୧ କେଭି ବିଦ୍ୟୁତ୍ ସବ ଷ୍ଟେସନରେ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗତ ୫/୬ବର୍ଷ ହେବ ଏହି ଯୁବକମାନେ ବିଦ୍ୟୁତ୍ ତାରଟଣା ଟ୍ରାନ୍ସଫର୍ମର ଓ ବିଦ୍ୟୁତ୍ ବିଭାଗର ଅନ୍ୟାନ୍ୟ ଆନୁସାଙ୍ଗିକ କାର୍ଯ୍ୟ କରିଆସୁଥିଲେ। ବିଦ୍ୟୁତ୍ ବିଭାଗର କର୍ତ୍ତୃପକ୍ଷ ସେମାନଙ୍କୁ ଭବିଷ୍ୟତରେ ସ୍ଥାୟୀ ନିଯୁକ୍ତିର ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଗତ କିଛିଦିନ ତଳେ ଗ୍ରୀଡ ସବଷ୍ଟେସନର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିବା ବଲାଙ୍ଗୀରର ଏକ କମ୍ପାନୀ ଏଠାରେ ୭ଟି ଆଟିଆଇ ଓ ହେଲପର ପଦବୀରେ ଏହି ଯୁବକମାନଙ୍କ ବଦଳରେ ଅନ୍ୟ ଯୁବକମାନଙ୍କୁ ବିନା ବିଜ୍ଞାପନ ଓ ଅନ୍ୟାନ୍ୟ ନିୟମାବଳୀକୁ ଉଲଘଂନ କରି ନିଯୁକ୍ତି ଦେଇଛି। କମ୍ପାନୀ ତରଫରୁ କୌଣସି ନିର୍ଦ୍ଦିଷ୍ଟ ବିଜ୍ଞାପନ କିମ୍ବା ଆବେଦନପତ୍ର ମଧ୍ୟ ଆହ୍ୱାନ କରାଯାଇନାହିଁ। ଏଥିରେ କେବଳ ନିଯୁକ୍ତି ପାଇଁ ବ୍ୟାପକ ପ୍ରିୟାପ୍ରୀତି ତୋଷଣ କରାଯାଇ ବିଭାଗର ଜଣେ ଅବସରପ୍ରାପ୍ତ କର୍ମଚାରୀ ତଥା ବିଦ୍ୟୁତ୍ କର୍ମଚାରୀ ସଙ୍ଗଠନର ଜଣେ ନେତାଙ୍କ ଜରିଆରେ ଅର୍ଥ କାରବାର ମଧ୍ୟ ହୋଇଥିବା ଏହି ଯୁବକମାନେ ଖୋଲାଖୋଲି ଅଭିଯୋଗ କରିଛନ୍ତି। ଏଣୁ ଦୀର୍ଘଦିନର ପରିଶ୍ରମ ପରେ ମଧ୍ୟ ନିଯୁକ୍ତି ବେଳେ ଏହି ଯୁବକମାନଙ୍କୁ ଉପେକ୍ଷା କରାଯାଇଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଅନିର୍ଦ୍ଦିଷ୍ଟ କାଳପାଇଁ ବିଦ୍ୟୁତ୍ କାଟ କରି ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

## ସ୍କୁଲରୁ ମଧ୍ୟାହ୍ନଭୋଜନ ଚାଉଳ, ସାମଗ୍ରୀ ଚୋରି

ବଡ଼ଗାଁ, ୨୬।୧୧ (ଡି.ଏନ.ଏ)

ବଡ଼ଗାଁ ଥାନା ଅନ୍ତର୍ଗତ ମୁଣ୍ଡାଗାଁ ସ୍ଥିତ ମିଶନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତାଲା ଭାଙ୍ଗି ସୋମବାର ରାତିରେ ଚୋରମାନେ ପିଲାଙ୍କ ପାଇଁ ଥିବା ମଧ୍ୟାହ୍ନଭୋଜନ ଚାଉଳ, ୨ଟି ଚେୟାର, ଗୋଟିଏ କାଚ୍ଚ ଘଣ୍ଟା ନେଇଯାଇଛନ୍ତି। ବିଦ୍ୟାଳୟ ହଷ୍ଟେଲର ଛାତ୍ରୀମାନେ ଖାତା ନେବାକୁ ଅଫିସ କୋଠରୀ ଆସିଥିଲା ବେଳେ କୋଠରୀ ଖୋଲାଥିବା ଦେଖି ପ୍ରଧାନଶିକ୍ଷୟିତ୍ରୀ ପ୍ରୀତିଜେମା ବାଡା ଓ ଗ୍ରାମବାସୀଙ୍କୁ ଜଣାଇଥିଲେ । ଏ ସମ୍ପର୍କରେ ଥାନାରେ ମଙ୍ଗଳବାର ଲିଖିତ ଅଭିଯୋଗ ହୋଇଛି । ସେଥିରେ ଚୋରମାନେ ସ୍କୁଟିରେ ଆସି ଚୋରି କରିଥିବା ଓ ଆଖପାଖର ହୋଇଥିବା ଆଶଙ୍କା କରାଯାଇଛି। ଚୋରମାନେ ବ୍ୟବହାର କରିଥିବା ୨ଚକିଆ ଯାନର ଚକଚିହ୍ନ ଘାସରେ ଜଣାପଡୁଥିବା ଉଲ୍ଲେଖ କରାଯାଇଛି।


ମୁଣ୍ଡାଗାଁ ସ୍ଥିତ ମିଶନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତାଲା ଭଙ୍ଗା ଯାଇଛି।

## ମଦ୍ୟପାନ କରି ବାଇକ ଚଳାଇ ଧରାପଡ଼ିଲେ

ଲହୁଣୀପଡା, ୨୬।୧୧ (ଡି.ଏନ.ଏ):

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଦର୍ଜିଂ ପଞ୍ଚାୟତ ମଧୁପୁର ଗ୍ରାମଠାରେ ମଦ୍ୟପାନ କରି ବାଇକ୍ ଚଳାଇ ଜଣେ ଯୁବକ ଧରାପଡ଼ିଛନ୍ତି। ଚାନ୍ଦିପୋଷ ପୋଲିସ ଗାଡ଼ି ଯାଞ୍ଚ କରୁଥିବା ବେଳେ ସାହେବ ମାହାନ୍ତ (୩୮) ନାମକ ଜଣେ ଯୁବକ ମଦ୍ୟପାନ କରି ବାଇକ ଚଳାଉଥିବାବେଳେ ଧରାପଡିଥିଲେ। ପୋଲିସ ଏନେଇ ଏକ ମାମଲା ରୁଜୁ କରିଛି।

## ପଞ୍ଚାୟତସ୍ତରୀୟ ପରାମର୍ଶ ଶିବିର

ହେମଗିର, ୨୬।୧୧ (ଡି.ଏନ.ଏ)

ବେକାର ଯୁବତୀ ଯୁବକଙ୍କୁ ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ନୂତନ ରୋଜଗାର ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ଏହାକୁ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା ନାମରେ ନାମିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଙ୍କେଲବିରାଠାରେ ଏକ ପଞ୍ଚାୟତ ସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଚ୍ଚିଦାନନ୍ଦ ପଟେଲ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ସୁନିଲ ବିଶ୍ୱାସ ଟପ୍ପୋ ମଧ ଯୋଗଦେଇଥିଲେ। ଏଥିରେ ଆଙ୍କେଲବିରା, କନିକା ଓ ଜଲୁମବାହାଲ ପଞ୍ଚାୟତର ଯୁବତୀଯୁବକ ଯୋଗଦାନ କରିଥିଲେ। ସେମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ମାର୍ଗଦର୍ଶନ ତଥା ସୁଯୋଗ ଦେବା ପାଇଁ ୯ଟି ପ୍ରକଳ୍ପ ପ୍ରୟୋଗ ସଂସ୍ଥା (ପିଆଇଏ) ଶିବିରରେ ଯୋଗଦେଇ ସେମାନଙ୍କୁ ବୁଝାଇଥିଲେ। ସଂସ୍ଥାମାନଙ୍କ ଭିତରେ ଓରମାସ, ବିଦ୍ୟାଭରତୀ ଏଜୁକେଶନାଲ ଟ୍ରଷ୍ଟ, ସାହି ଏକ୍ସପୋର୍ଟର୍ସ ପ୍ରାଇଭେଟ ଲିମିଟେଡ, ଏଟିଡିସି, ବଳରାମ ପଣ୍ଡା ଟ୍ରଷ୍ଟ, ଗ୍ରାମ ତରଙ୍ଗ ଏମ୍ପ୍ଲୋୟାବିଲିଟି ଟ୍ରେନିଂ ସର୍ଭିସେସ୍, ଜେଆରଜି ଏଜୁକେଶନାଲ ଟ୍ରଷ୍ଟ ପ୍ରଭୃତି ଅନ୍ତର୍ଭୁକ୍ତ ଥିଲେ। କାର୍ଯ୍ୟକ୍ରମକୁ ଓରମାସ ଏବଂ ଓଏଲଏମ ତରଫରୁ ଆୟୋଜନ କରାଯାଇଥିବା ବେଳେ ମହିଳା ସଂଗ୍ରାମ ସମିତି ପକ୍ଷରୁ ସହଯୋଗ କରାଯାଇଥିଲା। ଏଥିରେ ଆଙ୍କେଲବିରା ସରପଞ୍ଚ ଥଇଚରଣ ସା, କନିକା ସରପଞ୍ଚ ସୁନିତା ମାଝୀ, ନାଏବ ସରପଞ୍ଚ ଲକ୍ଷ୍ମୀ କୁମୁରା, ମୂରଲୀ ବନଛୋର, ଜିପିଏମ ପ୍ରଭାତ କେର୍କେଟା, କ୍ଷେତ୍ରମୋହନ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବିପଦସଙ୍କୁଳ ଅବସ୍ଥାରେ ଡୁମେରମୁଣ୍ଡା ପୋଲ

ଲେଫ୍ରିପଡା,୨୬।୧୧(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ମଶାବିରା ପଞ୍ଚାୟତର ଡୁମେରମୁଣ୍ଡା ପୋଲ ବିପଦଶଙ୍କୁଳ ଅବସ୍ଥାରେ ରହିଛି। ଏହି ପୋଲ ଅତି ଦୟନୀୟ ଅବସ୍ଥାରେ ରହିଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ବହୁବର୍ଷ ପୂର୍ବେ ପୋଲ ନିର୍ମାଣ କରାଯାଇଥିଲା। ଲେଫ୍ରିପଡା ବ୍ଲକ୍‌ର ଗୁଣ୍ଠିଆଡିହି, ଅଲାପକା, ହୁର୍ମେଇ ପଞ୍ଚାୟତର ଜନସାଧାରଣ ପ୍ରତ୍ୟହ ଏହି ପୋଲ ଉପରେ ବ୍ଲକ ମୁଖ୍ୟାଳୟକୁ ଯିବା ଆସିବା କରିଥାନ୍ତି। ଏହା ବ୍ୟତୀତ ଏହି ପୋଲ ଉପର ଦେଇ ରାସ୍ତା ବାଲିଶଙ୍କରା ବ୍ଲକ୍ ଏବଂ ଛତିଶଗଡ ରାଜ୍ୟକୁ ସଂଯୋଗ କରିଥିବା ଯୋଗୁଁ ବର୍ତ୍ତମାନ ବ୍ୟସ୍ତ ବହୁଳ ଭାବେ ରହିଛି। ପୋଲଟି ବିପଦଶଙ୍କୁଳ ହୋଇଯାଇଥିବା ବେଳେ ଏହାର ଦୁଇ ମୁଣ୍ଡରେ ଗତ ବର୍ଷାଋତୁରେ ରାସ୍ତାର ଅଧା ଅଂଶ ଲେଖାଏଁ ଖାଇଯାଇଥିବା ଦେଖାଦେଇଛି। ରାସ୍ତାରେ ଅନେକ ଯାତ୍ରୀବାହୀ ବସ୍ ସମେତ ବିଭିନ୍ନ ଯାତ୍ରୀବାହୀ ଯାନ ଚଳାଚଳ କରିଥାଏ। ଅଞ୍ଚଳର ଜନସାଧାରଣ ପ୍ରାୟତଃ ସବୁବେଳେ ବାଇକ୍ ଯୋଗେ ଯାତାୟତ କରିଥାନ୍ତି। ପୋଲର ପରିସ୍ଥିତିକୁ ଆଖି ଆଗରେ ରଖି କୌଣସି ସମୟରେ ବି ଦୁର୍ଘଟଣାକୁ ଏଡାଇ ଦିଆଯାଇ ନ ପାରେ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। ଅଞ୍ଚଳବାସୀଙ୍କ ପକ୍ଷରୁ ଅନେକଥର ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଜନସାଧାରଣ ପ୍ରକାଶ କରିଛନ୍ତି।


ବିପଦସଙ୍କୁଳ ଅବସ୍ଥାରେ ଥିବା ଡୁମେରମୁଣ୍ଡା ପୋଲ।

ସୂଚନା ଅନୁଯାୟୀ ଏହି ରାସ୍ତା ଏବଂ ପୋଲ ସୁନ୍ଦରଗଡ ପିଡବ୍ଲୁଡ଼ି ବିଭାଗ ଅଧୀନରେ ରହିଛି ବୋଲି ଜଣାପଡିଛି। ଏ ସମ୍ପର୍କରେ ବିଭାଗୀୟ ପକ୍ଷରୁ ଲେଫ୍ରିପଡା ବ୍ଲକ୍ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ବଡେଇଙ୍କୁ ପଚାରିବାରୁ ପୋଲ ନିର୍ମାଣ ପାଇଁ ଅନୁଦାନ ଅଟକଳ କରାଯାଇ ଏହାର ଟେଣ୍ଡର ପ୍ରକ୍ରିୟା ସରିଯାଇଛି। କାର୍ଯ୍ୟ କରିବା ପାଇଁ ମଧ୍ୟ ଠିକା ସଂସ୍ଥାକୁ ବିଭାଗ ପକ୍ଷରୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ବିଭାଗ ପକ୍ଷରୁ ସମ୍ପୃକ୍ତ ଠିକା ସଂସ୍ଥାକୁ ତାଗିଦ୍ କରାଯାଇଥିଲା। କିନ୍ତୁ ଠିକା ସଂସ୍ଥା ପକ୍ଷରୁ ପୋଲ ଏବଂ ରାସ୍ତାରେ ପାଣି ଜମି ରହିଥିବାରୁ ବର୍ତ୍ତମାନ କାର୍ଯ୍ୟ ହୋଇପାରୁ ନାହିଁ ବୋଲି ବିଭାଗକୁ ପତ୍ର ପ୍ରଦାନ କରିଥିବା ଜଣାପଡିଛି। ଅନ୍ୟପକ୍ଷରେ ରାସ୍ତା ଏବଂ ପୋଲର ପରିସ୍ଥିତିକୁ ଆଖି ଆଗରେ ରଖି ନିର୍ମାଣ କାର୍ଯ୍ୟକୁ ଅତିଶୀଘ୍ର ତ୍ୱରାନ୍ୱିତ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ବିନା ପରମିଟରେ ଚଳାଚଳ କରୁଥିବା ବସ୍ ଜବତ

ସୁନ୍ଦରଗଡ଼, ୨୬।୧୧ (ଡି.ଏନ୍.ଏ.)

ବାରିପଦାରୁ ସୁନ୍ଦରଗଡ ମଧ୍ୟରେ ଚଳାଚଳ କରୁଥିବା ଏକ ରାତ୍ରିକାଳୀନ ଯାତ୍ରୀବାହୀ ବସ୍‌କୁ ମଙ୍ଗଳବାର ସୁନ୍ଦରଗଡ ଜିଲା ପରିବହନ ବିଭାଗ ଜବତ କରିଛି। ବିନା ପରମିଟରେ ଏହି ବସ୍ ସୁନ୍ଦରଗଡକୁ ଚଳାଚଳ କରୁଥିବା ସମ୍ପର୍କରେ ପରିବହନ ବିଭାଗକୁ ସୂଚନା ମିଳିଥିଲା। ଖବରପାଇ ଅତିରିକ୍ତ ଜିଲା ପରିବହନ ଅଧିକାରୀ ସୁସ୍ମିତା ବେହେରାଙ୍କ ନେତୃତ୍ୱରେ ମୋଟରଯାନ ନିରୀକ୍ଷକ (ଏମ୍‌ଭିଆଇ) ରାମଦାସ ଟୁଡୁ ସଦଳବଳ ଚଢାଉ କରିଥିଲେ। ଓଆର ୧୧ଏଚ୍ –୨୨୬୧ ନଂ. ବିଶିଷ୍ଟ ଏହି ବସ୍‌ଟି ସକାଳ ୮ଟାବେଳେ ସୁନ୍ଦରଗଡ଼ରେ ପହଞ୍ଚିବା ପରେ ସେମାନେ କାଗଜପତ୍ର ଯାଞ୍ଚ କରିଥିଲେ। ବସର ନିୟମିତ ପରମିଟ୍ ନ ଥିବା ଜଣାଯାଇଥିଲା। କେବଳ ଏକ ସ୍ୱତନ୍ତ୍ର ପରମିଟ ମୟୁରଭଞ୍ଜର ବାରିପଦାରୁ ସମ୍ବଲପୁର ପର୍ଯ୍ୟନ୍ତ ଥିବା ବେଳେ ସମ୍ବଲପୁରରୁ ସୁନ୍ଦରଗଡ଼ ପରମିଟ ନ ଥିବା ଜଣାପଡିଥିଲା। ଏହା ପରେ ବସ୍‌କୁ ଜବତ କରାଯିବା ସହ ଏହି ମାମଲା କୋର୍ଟକୁ ପଠାଇ ଦିଆଯାଇଛି।

## ରେସିଡେନ୍ସିଆଲ ସ୍କୁଲ, ବଙ୍ଗୋମୁଣ୍ଡା ଅପର ପ୍ରାଇମେରୀ ସ୍କୁଲ ବିଜୟୀ

ସୁନ୍ଦରଗଡ଼, ୨୬।୧୧ (ଡି.ଏନ୍.ଏ)

ଜିଲା କ୍ରୀଡା ସଂସଦ ଓ ନବଜୀବନ କ୍ଲବର ମିଳିତ ଆନୁକୂଲ୍ୟରେ ସୁନ୍ଦରଗଡ ଷ୍ଟାଡିୟମ ଠାରେ ଚାଲିଥିବା ଆନ୍ତଃଜିଲା ବିଦ୍ୟାଳୟସ୍ତରୀୟ ନେକ୍ସଜେନ କପ୍ କ୍ରିକେଟ ପ୍ରତିଯୋଗିତାର ଚତୁର୍ଥ ଦିବସରେ ବରଗଡ ବିକାଶ ରେସିଡେନ୍ସିଆଲ ସ୍କୁଲ ଓ ବଲାଙ୍ଗୀର ବଙ୍ଗୋମୁଣ୍ଡା ଅପର ପ୍ରାଇମେରୀ ସ୍କୁଲ ବିଜୟୀ ହୋଇଛି। ସୁନ୍ଦରଗଡ ଏଜୁକେଶନାଲ ଟ୍ରଷ୍ଟର ସମ୍ପାଦକ ତଥା ପୂର୍ବତନ ନଗରପାଳ ରାଜକିଶୋର ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ଦେଶୀ ମହୁଲି ମଦ ଜବତ: ଜଣେ ଗିରଫ

ଲହୁଣୀପଡା, ୨୬।୧୧ (ଡି.ଏନ.ଏ):

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଦର୍ଜିଂ ପଞ୍ଚାୟତ ବିରତୋଳା ଗ୍ରାମରେ ପ୍ରେମ କୁମାର ଝା ବେନିୟମ ଭାବେ ଦେଶୀ ମହୁଲି ମଦ କାରବାର କରୁଥିବା ଅଭିଯୋଗ ହୋଇ ଆସୁଥିଲା । ଅଭିଯୋଗକୁ ଭିତ୍ତିକରି ଚାନ୍ଦିପୋଷ ପୋଲିସ ଚଢ଼ାଉ କରିଥିଲେ। ତାଙ୍କ ପାଖରୁ ଦେଶୀ ମହୁଲି ମଦ ଜବତ କରିବା ସହିତ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି।


ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ବୁଡାବାହାଲ ଧାନକ୍ରୟ କେନ୍ଦ୍ର ଠାରେ ସୋମବାର ଅତିରିକ୍ତ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ଜିଲାରେ ଧାନକ୍ରୟର ଶୁଭାରମ୍ଭ କରୁଛନ୍ତି।

## ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି ଶିବିର

କୁଆଁରମୁଣ୍ଡା,୨୬।୧୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ସଭାଗୃହରେ ମଙ୍ଗଳବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଜାତୀୟ ସାମାଜିକ ସୁରକ୍ଷା ଯୋଜନା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ର ଉପସ୍ଥିତ ରହି ଉକ୍ତ ଯୋଜନା ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ହୋଇଥିବା କାର୍ଯ୍ୟଗୁଡିକର ସମୀକ୍ଷା କରିଥିଲେ। କେତେକ ପଞ୍ଚାୟତରେ ସୃଷ୍ଟି ହୋଇଥିବା ଅନିୟମିତତାଗୁଡିକୁ ସମୀକ୍ଷା କରି ଉପଜିଲାପାଳ ମହାପାତ୍ର ସମ୍ପୃକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜେଇ ଓ ଜିଆର୍‌ଏସ୍‌ମାନଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିସହ ପ୍ରତ୍ୟେକ କାର୍ଯ୍ୟ ଆରମ୍ଭରୁ ପ୍ରଥମେ ଇଟାରେ ସୂଚନା ଫଳକ ଲେଖିବାକୁ ଏହି ଅବସରରେ ତାଗିଦ୍ କରିଛନ୍ତି। ସେହିପରି ପଞ୍ଚାୟତରେ ୭ଟି ପଞ୍ଜିକା ବ୍ୟବହାର ଉପରେ ଆଗାମୀ ଦିନରେ



ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିରରେ ମଞ୍ଚାସୀନ ଅଧିକାରୀ।

ବିଶେଷ ଗୁରୁତ୍ୱ ଦେବାକୁ ସମସ୍ତ ପଞ୍ଚାୟତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଯେଉଁ ସବୁ ପଞ୍ଚାୟତଗୁଡିକରେ ଅନିୟମିତତା ଦେଖାଦେଇଛି ସେଗୁଡିକୁ ତୁରନ୍ତ ସମାଧାନ କରିବାକୁ ମଧ୍ୟ ସୂଚନା ଦେଇଛନ୍ତି। ଏହା ସହ ଓଡ଼ିଶା–ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ଏହି ବ୍ଲକ ଅନ୍ତର୍ଗତ ପଞ୍ଚାୟତବାସୀଙ୍କ ବୃହତ୍ତର ସ୍ୱାର୍ଥ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କୁ ଉପଜିଲାପାଳ ମହାପାତ୍ର ସତର୍କ କରାଇଛନ୍ତି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମାଗଦାଲି କୋନଗାଡି, ଉପାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ବିଡିଓ ଭବାନୀଶଙ୍କର ପାଢୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ନିତ୍ୟାନନ୍ଦ ସିଂ, ଏପିଓ ବିଷ୍ଣୁମୋହନ ନାୟକ, ଜିଲା ସାମାଜିକ ସମୀକ୍ଷା ଅଧିକାରୀ ଅମିତାଭ ମେଣ୍ଡଲି ପ୍ରମୁଖ ମଞ୍ଚାସୀନ ଥିଲେ। କୁଆଁରମୁଣ୍ଡା ବ୍ଲକ ସାମାଜିକ ସୁରକ୍ଷା ଅଡିଟର ଅନ୍ନପୂର୍ଣ୍ଣା ଚକ୍ରବର୍ତ୍ତୀ ବିଭିନ୍ନ ପଞ୍ଚାୟତରେ ହୋଇଥିବା କାର୍ଯ୍ୟଗୁଡିକ କିଭଳି ଭାବେ ସମ୍ପାଦିତ ହୋଇଛି, ସେଗୁଡିକର ବିଶଦ ବିବରଣୀ ପାଠକରି ମଞ୍ଚାସୀନ ଅଧିକାରୀମାନଙ୍କର ଅବଗତି ନିମନ୍ତେ ସମସ୍ତ ସୂଚନା ପ୍ରଦାନ କରିଥିଲେ। ଏହି ଶିବିରରେ ବ୍ଲକ କର୍ମଚାରୀମାନଙ୍କ ସହ ଜଙ୍ଗଲ, ମୃତ୍ତିକା, ଜଳ ସଂରକ୍ଷଣ ଇତ୍ୟାଦି ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ନିଜ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଯୋଜନାଗୁଡିକ ସମ୍ପର୍କରେ ମଧ୍ୟ ସୂଚନା ଦେଇଥିଲେ।